# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୪/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, November 4/2024 Page 16 ₹ 7.00 | RAYAGADA

୫୦ଶ ଭାଗ ୩୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 339 ମୂଲ୍ୟ ₹୭/-




**ଅଭିନେତ୍ରୀଙ୍କୁ ବାଛନ୍ତି ଅଭିନେତା**

ବଲିଉଡ୍‌ର ଅଧିକାଂଶ ଫିଲ୍ମରେ ଷ୍ଟାର୍ ଅଭିନେତାମାନେ ନିଜ ନାୟିକାଙ୍କୁ ଚୟନ କରିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ଏକ ସାକ୍ଷାତ୍‌କାରରେ କହିଛନ୍ତି।

୧୩

୧୪

**ପ୍ରତ୍ୟାଶାଙ୍କୁ ଏକଲବ୍ୟ ପୁରସ୍କାର**

ଓଡ଼ିଶାର ତାରକା ସୁଇମର ପ୍ରତ୍ୟାଶା ରାୟ ରବିବାର ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।



# ବାଣରୁ କ୍ଷାନ୍ତ

**ତଥାଗତ ସତପଥୀ**

ପ୍ରତିବର୍ଷ ଦୀପାବଳି ଆସିଲେ ଦିଲ୍ଲୀର ବାୟୁ ପ୍ରଦୂଷଣ ବିଷୟରେ ଗମ୍ଭୀର ଆଲୋଚନା ହୋଇଥାଏ। ପାରମ୍ପରିକ ଗଣମାଧ୍ୟମରେ ବିତର୍କ ହୁଏ ଓ ସୋସିଆଲ ମିଡିଆରେ ଏ ସମ୍ବନ୍ଧୀୟ ଅସଂଖ୍ୟ ପୋଷ୍ଟ ହେଉଥିବା ଦେଖିବାକୁ ମିଳେ। ମନେହୁଏ ଯେପରି ଅନ୍ୟ କୌଣସି ଜାଗାରେ ଦୀପାବଳି ସହିତ ସମ୍ପୃକ୍ତ ପ୍ରଦୂଷଣ ସମସ୍ୟା ସୃଷ୍ଟି ହୁଏ ନାହିଁ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବାୟୁ ପ୍ରଦୂଷଣକୁ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅନୁଯାୟୀ ଦିଲ୍ଲୀରେ ଏହା 'ଅତ୍ୟଧିକ କ୍ଷତିକାରକ' ସ୍ତରରେ ପହଞ୍ଚିଥିବା ଦର୍ଶାଇଛି। ଏହି ପରିପ୍ରେକ୍ଷୀରେ ଦେଖିଲେ, ଓଡ଼ିଶାର ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ଏହା ମଧ୍ୟମଧରଣକୁ ଅତିକ୍ରମ କରି ଖରାପ ଆଡ଼କୁ ଯାଇଥିବାର ତଥ୍ୟ ମିଳିଛି। ଚଳିତ ଥର ଓଡ଼ିଶାରେ ଦୀପାବଳି ଅକ୍ଟୋବର ୩୧ ଓ ନଭେମ୍ବର ୧ରେ ପାଳନ ହୋଇଥିବାରୁ ବାଣଫୁଟା ଦୁଇଗୁଣା ବଢ଼ି ଯାଇଥିଲା। ଗୋଟେ ଉତ୍ସବ ଦୁଇ ଦିନ ପଡ଼ିବାରୁ ଲୋକେ ଖୁସିରେ ଆତସବାଜି କାର୍ଯ୍ୟକ୍ରମରେ ମାତିଯିବାରୁ ଏଠାକାର ଆକାଶ ବହଳିଆ ବାୟୁ ପ୍ରଦୂଷଣରେ ଆଚ୍ଛାଦିତ ହୋଇଯାଇଥିଲା। ଜ୍ୟୋତିର୍ବିଦ୍ୟା ଗଣନାକୁ ମାନିବାକୁ ପଡ଼ିବ ବୋଲି ଲୋକେ କୁହାକୁହି ହେଲେଣି। ଆଗରୁ ଏଭଳି ପଡୁ ନ ଥିବା ବେଳେ ଏହା ପଛରେ ବ୍ୟବସାୟିକ ଦିଗକୁ ସନ୍ଦେହ କରାଯାଉଛି।

ଓଡ଼ିଶାର ଯେଉଁ ବିଶେଷତା ଥିଲା ତାହା ଉଭୟ ଦକ୍ଷିଣ ଭାରତ ଓ ଉତ୍ତର ଭାରତର ହିନ୍ଦୁ ଚିନ୍ତାଧାରା ତୁଳନାରେ ଭିନ୍ନ । ସମ୍ଭବତଃ ରାଜନୈତିକ ପରିବର୍ତ୍ତନ ସହ ଏକ ଧାର୍ମିକ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା ଆରମ୍ଭ ହୋଇଗଲାଣି। ଖୋଲାଖୋଲି ଡାକି କହି ଧର୍ମରେ ପରିବର୍ତ୍ତନ ଆଣିବା କେବେ ହେଲେ ସମ୍ଭବପର ହୁଏ ନାହିଁ। ଓଡ଼ିଆଙ୍କୁ ଭୁଆଁ ବୁଲାଇବା ପାଇଁ ପାଞ୍ଜିର ବାଟ ସବୁଠୁ ସହଜ। ଏଠାରେ ମନେରଖିବାକୁ ହେବ ଯେ, ଓଡ଼ିଶାରୁ ପ୍ରକାଶ ପାଉଥିବା ବିଭିନ୍ନ ପାଞ୍ଜିର ଅର୍ଥନୈତିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ। ସମସ୍ତ ପାଞ୍ଜି ବିଭିନ୍ନ ଘରୋଇ ଜ୍ୟୋତିଷୀ ଓ ପ୍ରକାଶକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ତେଣୁ ଗୋଟିଏପଟେ ଓଡ଼ିଶାର ହିନ୍ଦୁଙ୍କୁ ଉତ୍ତର ଭାରତ ସହ ମିଶାଇବାରେ ୨୦୨୪ ଦୀପାବଳି ଏକ ଆଖିଦୃଶିଆ ପ୍ରୟାସକୁ ପଦାରେ ପକାଇଛି। ଏହି ମନ୍ଦ ରାଜନୈତିକ ଚିନ୍ତାଧାରା ପଛରେ ବ୍ୟବସାୟିକ ଉଦ୍ଦେଶ୍ୟ ଅବିଶ୍ୱସନୀୟ ମନେ ହେଉନାହିଁ। ପାଞ୍ଜି ପ୍ରସ୍ତୁତକର୍ତ୍ତାଙ୍କୁ କିଛି ଅର୍ଥ ଦାନକରି ତାରିଖ ବଦଳାଇବା ଆଦୌ କଷ୍ଟକର ନୁହେଁ। ଛପା ହୋଇଥିବା ପାଞ୍ଜି ଏକପ୍ରକାର ବେଦର ଗାର ଭାବେ ଓଡ଼ିଆଙ୍କୁ ପ୍ରଭାବିତ କରିଥାଏ। ବାଣ ବ୍ୟବସାୟୀଙ୍କ ପାଇଁ ଦୁଇ ଦିନର ଦୀପାବଳିର ଅର୍ଥ ହେଉଛି ଦୁଇଗୁଣା ବିକ୍ରି। ଅର୍ଥାତ୍ ଦୁଇଗୁଣା ଲାଭ। ସେହି ଲାଭରୁ ପଞ୍ଜିକା ପ୍ରସ୍ତୁତ ପାଇଁ ଅଳ୍ପ କିଛି ଅର୍ଥ ଦେଲେ ତାହାକୁ କେବେହେଲେ କେହି ସିବିଆଇ କିମ୍ବା ଭିଜିଲାନ୍ସ ଲଗାଇ ଧରିବେ ନାହିଁ। ଧର୍ମ ବଦଳିଯିବ, ଅର୍ଥ ଲାଭ ଦୁଇଗୁଣ ହୋଇଯିବ ଏବଂ ତା'ସହିତ ପ୍ରଦୂଷଣ ମଧ୍ୟ ଦୁଇଗୁଣା ବଢ଼ିଗଲା।

> **ଛପା ହୋଇଥିବା ପାଞ୍ଜି ଏକପ୍ରକାର ବେଦର ଗାର ଭାବେ ଓଡ଼ିଆଙ୍କୁ ପ୍ରଭାବିତ କରିଥାଏ। ବାଣ ବ୍ୟବସାୟୀଙ୍କ ପାଇଁ ଦୁଇ ଦିନର ଦୀପାବଳିର ଅର୍ଥ ହେଉଛି ଦୁଇଗୁଣା ବିକ୍ରି। ଅର୍ଥାତ୍ ଦୁଇଗୁଣା ଲାଭ। ସେହି ଲାଭରୁ ପଞ୍ଜିକା ପ୍ରସ୍ତୁତ ପାଇଁ ଅଳ୍ପ କିଛି ଅର୍ଥ ଦେଲେ ତାହାକୁ କେବେହେଲେ କେହି ସିବିଆଇ କିମ୍ବା ଭିଜିଲାନ୍ସ ଲଗାଇ ଧରିବେ ନାହିଁ। ଧର୍ମ ବଦଳିଯିବ, ଅର୍ଥ ଲାଭ ଦୁଇଗୁଣ ହୋଇଯିବ ଏବଂ ତା'ସହିତ ପ୍ରଦୂଷଣ ମଧ୍ୟ ଦୁଇଗୁଣା ବଢ଼ିଗଲା।**

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନର କୁପ୍ରଭାବ ସମ୍ପୂର୍ଣ୍ଣ ଭାବେ ଆମ୍ଭେମାନେ ସ୍ଥାନୀୟ ସ୍ତରରେ ଅନୁଭବ କଲେଣି। ନଭେମ୍ବର ପ୍ରଥମ ସପ୍ତାହ ଆଡ଼କୁ ଶୋଇଲା ବେଳେ ଘୋଡ଼ାଇ ହେବା ପାଇଁ କମ୍ବଳ ଦରକାର ପଡୁଥିଲା। ବିଶେଷକରି ନେପାଳୀ ବିକ୍ରେତାମାନେ ହାଟବଜାର, ରାସ୍ତାକଡ଼ରେ ସେମାନଙ୍କ ଗରମ ବସ୍ତ୍ରର ପସରା ମେଲେଇ ଦେଉଥିଲେ। ହେଲେ ଏବେ ଖରାଦିନ ଭଳି ପଙ୍ଖା ଓ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଟିକୁ ବିରାମ ମିଳୁ ନାହିଁ। ଏହା ସତ୍ତ୍ୱେ ଧର୍ମ ଓ ପରମ୍ପରା ବଜାୟ ରଖିବା ଜିଦ୍‌ରେ ଲୋକେ ବାୟୁ ପ୍ରଦୂଷଣ କରିବାରେ ବ୍ୟସ୍ତ। ଯଦି କେହି ସଚେତନ ଲୋକ କମ୍ ବାଣ ଫୁଟାଇବା ଦରକାର ବୋଲି କହି ଦେଉଥାଆନ୍ତି, ଶିକ୍ଷିତ ଲୋକମାନେ ହେଉଥିଲେ ମଧ୍ୟ ତାଙ୍କ ସହ ଉଚ୍ଚବାଚ କରୁଥିବା ଦେଖିବାକୁ ମିଳୁଛି। ଏଥିସହିତ ଜାତୀୟ ସବୁଜ ଟ୍ରିବ୍ୟୁନାଲ ଯେଉଁଭଳି ଓଡ଼ିଶାକୁ ତାଗିଦ୍ କରିଛି, ତାହା ଅତ୍ୟନ୍ତ ଚିନ୍ତାର ବିଷୟ। ଓଡ଼ିଶାର ବିଶେଷକରି ସହରାଞ୍ଚଳର କଠିନ ବର୍ଜ୍ୟବସ୍ତୁ ସହିତ ପାଇଖାନା ମଇଳା ପରିଚାଳନାରେ ଆମ ରାଜ୍ୟ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହିସବୁର ଗଦାଗଦା ପାହାଡ଼ ସୃଷ୍ଟି ହେଉଛି। ଏହା ନିକଟରେ ବାସ କରୁଥିବା ନାଗରିକଙ୍କ ସମସ୍ୟା ସମ୍ପର୍କରେ ଶୁଣିବାକୁ କୌଣସି ବ୍ୟବସ୍ଥା ନାହିଁ। ସେଥିପାଇଁ ଏହା ହେଉଛି ଉପଯୁକ୍ତ ସମୟ ଯେତେବେଳେ ଓଡ଼ିଆ ଜାତି ତା'ର ଭବିଷ୍ୟତ ପିଢ଼ିର ସ୍ୱାସ୍ଥ୍ୟ ଓ ଏହି ମାଟିର ସୁରକ୍ଷା ସକାଶେ ସବୁ ପ୍ରକାର ପ୍ରଦୂଷଣ ବିରୋଧରେ ସଚେତନ ହୋଇ ସ୍ୱର ଉତ୍ତୋଳନ କରିବା ଦରକାର।

# ଓଡ଼ିଶାରେ ବର୍ଜ୍ୟ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଲେ ଏନ୍‌ଜିଟି

**ବର୍ଜ୍ୟ ପରିଚାଳନା ଦିଗରେ ଓଡ଼ିଶାର ଅଗ୍ରଗତି ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)। କଠିନ ବର୍ଜ୍ୟ ପରିଚାଳନା ନିୟମ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବା ଏବଂ ପର୍ଯ୍ୟାପ୍ତ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି) ସ୍ଥାପନ ନିମନ୍ତେ ଓଡ଼ିଶା ଏବଂ ଗୁଜରାଟ ସରକାର ବିଭିନ୍ନ ପଦକ୍ଷେପ ନେଇଥିବା ରିପୋର୍ଟରେ ଦର୍ଶାଇଥିଲେ ମଧ୍ୟ ବାସ୍ତବରେ ତାହା ଅନୁପାଳନ କରାଯାଉ ନ ଥିବା ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ କହିଛନ୍ତି। ଫଳରେ ଓଡ଼ିଶାରେ ୨୬.୫୮ ଲକ୍ଷ ଟନ୍ ଏବଂ ଗୁଜରାଟର ୧.୨୪ ଲକ୍ଷ ଟନ୍ ବର୍ଜ୍ୟ ପରିଚାଳନା ହୋଇପାରୁନାହିଁ। ବିଶେଷକରି ଓଡ଼ିଶାର ପ୍ରମୁଖ ସହର କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁରରେ ବର୍ଜ୍ୟ ପରିଚାଳନାକୁ ନେଇ ଦିଆଯାଉଥିବା ତଥ୍ୟ ଏବଂ ବାସ୍ତବତା ମଧ୍ୟରେ ତାଳମେଳ ନ ଥିବା ଏନ୍‌ଜିଟି ଖଣ୍ଡପୀଠଙ୍କ ରିପୋର୍ଟରୁ ସ୍ପଷ୍ଟ ହୋଇଛି।**

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ବର୍ଜ୍ୟ ପରିଚାଳନାରେ ତ୍ରୁଟିକୁ ନେଇ ଗତବର୍ଷ ଟ୍ରିବ୍ୟୁନାଲ ବିଭିନ୍ନ ରାଜ୍ୟ ଉପରେ ପରିବେଶୀୟ କ୍ଷତିପୂରଣ(ଇସି) ଲାଗୁ କରିଥିଲେ। ଗୁଜରାଟ ଉପରେ ୨,୧୦୦ କୋଟି ଟଙ୍କା ଇସି ଲାଗୁ ହୋଇଥିଲାବେଳେ ଓଡ଼ିଶା ସରକାର ବର୍ଜ୍ୟ ପରିଚାଳନାଜନିତ ତ୍ରୁଟି ସୁଧାରିବା ପାଇଁ ୧,୦୩୮ କୋଟି ଟଙ୍କା ବ୍ୟୟବରାଦ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଏହା ଉପରେ ଇସି ଲଗାଯାଇ ନ ଥିଲା। ଓଡ଼ିଶାରେ ଦୈନିକ ୧୪୬.୯୦ ନିୟୁତ ଲିଟର ସ୍ୱେରେଜ୍ ବର୍ଜ୍ୟ ପରିଚାଳନା ହୋଇପାରୁ ନ ଥିବା ଖଣ୍ଡପୀଠ କହିଛନ୍ତି। ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ରାଉରକେଲାରେ ଥିବା ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଗୁଡ଼ିକର ବ୍ୟବହାର ସନ୍ତୋଷଜନକ ନ ଥିବାରୁ ଜରୁରୀ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ଖଣ୍ଡପୀଠ ଜଣାଇଛନ୍ତି। ରାଜ୍ୟର ୩୩ଟି ପୌରାଞ୍ଚଳରେ ପ୍ରାୟ ୨୬.୫୮ ଲକ୍ଷ ମେଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ବହୁବର୍ଷ ଧରି ପରିଚାଳନା ନ ହୋଇ ପଡ଼ିରହିଛି। ପରିବେଶୀୟ କ୍ଷତିପୂରଣ ଆବଦ୍ଧ ଆକାଉଣ୍ଟକୁ ସ୍ଥାନାନ୍ତର ହୋଇ ନ ପାରିବା ନେଇ ☞ପୃଷ୍ଠା-୪

**୨୬.୫୮ ଲକ୍ଷ ମେଟ୍ରିକ ଟନ୍ ବର୍ଜ୍ୟ ପରିଚାଳନା ହୋଇପାରୁ ନାହିଁ**



# ପ୍ରିଭେସି, ଜାତୀୟ ସୁରକ୍ଷାକୁ ବିପଦ

**ଆଇଏଏଫ୍-ଉବର ଏମ୍‌ଓୟୁକୁ ନେଇ ବିଶେଷଜ୍ଞଙ୍କ ଆଶଙ୍କା**

**ନୂଆଦିଲ୍ଲୀ,୩।୧୧**

ଭାରତୀୟ ବାୟୁସେନା (ଆଇଏଏଫ୍) ଏବଂ ଆମେରିକାର ବହୁରାଷ୍ଟ୍ରୀୟ ପରିବହନକାରୀ କମ୍ପାନୀ ଉବର ମଧ୍ୟରେ ନିକଟରେ ଏକ ଚୁକ୍ତି ସମ୍ପାଦିତ ହୋଇଛି। ତେବେ ଆଇଏଏଫ୍ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ସୁବିଧାରେ ଉବର ସେବା ପ୍ରଦାନ ପାଇଁ ଉଦ୍ଦିଷ୍ଟ ଏହି ଚୁକ୍ତି ଯୋଗୁ ଡେଟା ପ୍ରଘଟ ହେବା ଆଶଙ୍କା ପ୍ରକାଶ ପାଇଲାଣି। ବାୟୁସେନା ଅଧିକାରୀମାନଙ୍କ ଗତିବିଧି ସମ୍ପର୍କିତ ସୂଚନା ତୃତୀୟ ପକ୍ଷ ପାଇଲେ ସେମାନେ ଲୋକେଶନ୍ ଟ୍ରାକିଂ କରିବା ସହ ସମ୍ବେଦନଶୀଳ ତଥ୍ୟ ହାତେଇପାରିବେ। ତେଣୁ ଅନ୍‌ଲାଇନ୍ ପ୍ରିଭେସିକୁ ସୁନିଶ୍ଚିତ କରିବା ଲାଗି ଡେଟାର ଲୋକାଲାଇଜେଶନ୍ (ସ୍ଥାନୀୟକରଣ) ଉପରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ରବିବାର ସାଇବର ସିକ୍ୟୁରିଟି ଏକ୍ସପର୍ଟ ଚେତାଇଦେଇଛନ୍ତି। ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ କେଜେଏସ୍ ଧିଲୋନ୍ ଏକ୍ସ'ରେ ଏକ ପୋଷ୍ଟ କରି ଉବର ସହ ହୋଇଥିବା ଏହି ବୁଝାମଣାପତ୍ର (ଏମ୍‌ଓୟୁ)ର ପୁନର୍ବିଚାର ପାଇଁ ପରାମର୍ଶ ଦେଇଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଉବର ପ୍ରତ୍ୟେକ ☞ପୃଷ୍ଠା-୪

# ପୁଣି ଉଠିଲା ମହାନଦୀ ପ୍ରସଙ୍ଗ

**ମହାନଦୀ ଜଳକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ବିବାଦ ଲାଗି ରହିଛି। ଅଣମୌସୁମୀ ସମୟରେ ଛତିଶଗଡ଼ ଆବଶ୍ୟକ ପରିମାଣର ଜଳ ନ ଛାଡ଼ିବା ଯୋଗୁ ଓଡ଼ିଶାରେ ମରୁଡ଼ି ସ୍ଥିତି ଉପୁଜୁଛି। ଏହି ବିବାଦ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ପୂର୍ବରୁ ଛତିଶଗଡ଼ରେ ଭାଜପା ଏବଂ କଂଗ୍ରେସ ଶାସନ ରହିଥିବାବେଳେ ଓଡ଼ିଶାରେ ବିଜେଡି ସରକାର ରହିଥିଲା। ତେଣୁ ଉଭୟ ରାଜ୍ୟର ସମନ୍ୱୟର ଅଭାବରୁ ଜଳ ବିବାଦର ସମାଧାନର ବାଟ ଫିଟିପାରି ନ ଥିଲା। ଏବେ କେନ୍ଦ୍ର, ଛତିଶଗଡ଼ ଏବଂ ଓଡ଼ିଶାରେ ଭାଜପା ସରକାର ରହିଥିବାରୁ ବିବାଦ ସମାଧାନ ନେଇ ଆଶା ସଞ୍ଚାର ସୃଷ୍ଟି ହୋଇଛି। ଏପରି କି ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ପ୍ରତିପକ୍ଷ ବିଷ୍ଣୁଦେଓ ସାଇଙ୍କ ସହ ୨ଥର ଆଲୋଚନା କରିଥିବା ରବିବାର ବଲାଙ୍ଗୀରଠାରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ସୂଚନା ପରେ ରାଜନୀତି ଜୋର ଧରିଛି। ଉଭୟ ବିଜେଡି ଏବଂ କଂଗ୍ରେସ ଏହାକୁ ରାଜନୈତିକ ବୟାନବାଜି ବୋଲି କହୁଥିବାବେଳେ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ମାମଲାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଛି ମହାନଦୀ ବଞ୍ଚାଅ ଆନ୍ଦୋଳନ ସମିତି।**

**ଭୁବନେଶ୍ୱର,୩।୧୧ (ସୁନିତ୍ ମିଶ୍ର)**

ଛତିଶଗଡ଼ ସହିତ ଓଡ଼ିଶାର ଲାଗି ରହିଥିବା ମହାନଦୀ ବିବାଦ ସମାଧାନର ବାଟ ଫିଟିପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। କେନ୍ଦ୍ର, ଛତିଶଗଡ଼ ଏବଂ ଓଡ଼ିଶାରେ ଭାଜପା ଶାସିତ ସରକାର ଥିବାରୁ ମହାନଦୀ ବିବାଦ ସମାଧାନର ବାଟ ଫିଟିପାରେ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି। ଏଭଳି ସ୍ଥିତିରେ ମହାନଦୀ ବିବାଦ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରଖିଥିବା ମନ୍ତବ୍ୟ ଏହି ଆଶାକୁ ଆହୁରି ଉଜ୍ଜୀବିତ କରିଛି। ହେଲେ ମହାନଦୀ ବିବାଦର ସମାଧାନ କଥାକୁ ବିରୋଧୀ ଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏହି ପ୍ରସଙ୍ଗରେ ଆପୋସ ସମାଧାନ ଏକମାତ୍ର ବାଟ ବୋଲି କୁହାଯାଇଛି।

ବଲାଙ୍ଗୀର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଏ ବାବଦରେ ସଚେତନ ଅଛନ୍ତି। ମହାନଦୀ ବିବାଦ ପ୍ରସଙ୍ଗକୁ ସରକାର ଗୁରୁତର ସହ ମଧ୍ୟ ନେଇଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ଜାରି ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ଭାବେ ଭେଟି ଏ ସମ୍ପର୍କରେ ୨ ଥର ଆଲୋଚନା କରିଛନ୍ତି। ମହାନଦୀରେ ଓଡ଼ିଶା ସରକାରଙ୍କ ନିକଟରେ ବିଚାରଧୀନ ଥିବା ଆନିକଟ, ଆଡ଼ିବନ୍ଧ, ବ୍ୟାରେଜ ☞ପୃଷ୍ଠା-୪

# ବଢୁଛି ହିମହ୍ରଦର ପରିସୀମା

- **୧୩ ବର୍ଷରେ ତରଳିଛି ୩୪%**
- **୫ ରାଜ୍ୟକୁ ବିପଦ ଆଶଙ୍କା**



**ନୂଆଦିଲ୍ଲୀ, ୩।୧୧**

୨୦୧୧ରୁ ୨୦୨୪ ମଧ୍ୟରେ ହିମାଳୟ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ହିମ ହ୍ରଦ ଏବଂ ଅନ୍ୟାନ୍ୟ ଜଳସ୍ରୋତଗୁଡ଼ିକର ପରିସୀମାରେ ୧୦.୮୧%ର ବୃଦ୍ଧି ଘଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ହିମ ହ୍ରଦଗୁଡ଼ିକ ତରଳି ଉକ୍ତ ଅଞ୍ଚଳରେ ବନ୍ୟାସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପକ୍ଷରୁ ରବିବାର ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ତେବେ ଭାରତରେ ଥିବା ହିମ ହ୍ରଦଗୁଡ଼ିକର ପରିସୀମାରେ ୩୩.୭% ର ବିସ୍ତାର ଘଟିଛି। ୨୦୧୧ରେ ଭାରତ ମଧ୍ୟରେ ଥିବା ହିମ ହ୍ରଦଗୁଡ଼ିକର ସମୁଦାୟ ପରିସୀମା ୧୯୬୨ ହେକ୍ଟର ଥିବାବେଳେ ୨୦୨୪ ସେପ୍ଟେମ୍ବର ସୁଦ୍ଧା ☞ପୃଷ୍ଠା-୪



# ଉପତ୍ୟକାକୁ ଫେରିଲା ଆତଙ୍କବାଦ



ଜମ୍ମୁ-କଶ୍ମୀରରେ ଆତଙ୍କବାଦ ପୂର୍ବାପେକ୍ଷା ବହୁ ପରିମାଣରେ ହ୍ରାସ ପାଇଛି ବୋଲି ଶନିବାର ଉତ୍ତର ପ୍ରଦେଶର କାନପୁରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏକ ତୁଳନାତ୍ମକ ଚିତ୍ର ଆଙ୍କିଥିଲେ। ସୁରକ୍ଷା ବଳ ସତର୍କ ରହିଥିବାରୁ ଉପତ୍ୟକାରୁ ଆତଙ୍କବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରାଯିବ ବୋଲି ରାଜନାଥ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏପରି କି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କଶ୍ମୀରରେ ଦ୍ରୁତ ବିକାଶ ସାଧିତ ହେଉଥିବା ସେ କହିଥିଲେ। ରାଜନାଥଙ୍କ ଏହି ମନ୍ତବ୍ୟକୁ ୨୪ ଘଣ୍ଟା ପୂରିନାହିଁ, ଆତଙ୍କବାଦୀମାନେ ଶ୍ରୀନଗରର ଏକ ବ୍ୟସ୍ତବହୁଳ ବଜାରରେ ଗ୍ରେନେଡ୍ ଫିଙ୍ଗିଛନ୍ତି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ଏକ ବଙ୍କରକୁ ଟାର୍ଗେଟ କରି କରାଯାଇଥିବା ଏହି ଆକ୍ରମଣରେ ୧୨ ନାଗରିକ ଆହତ ହୋଇଛନ୍ତି। ଏଠି ଉଲ୍ଲେଖନୀୟ ବିଷୟ ହେଉଛି, ଆତଙ୍କବାଦୀଙ୍କ ହଠାତ୍ ସକ୍ରିୟତା। ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ବେଳୁ ବଢ଼ିଥିବା ଆତଙ୍କବାଦୀଙ୍କ ଗତିବିଧି ଓ କାର୍ଯ୍ୟକଳାପ ଭବିଷ୍ୟତରେ ସରକାର ଓ ସେନା ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ବୋଲି ଆଶଙ୍କା ଉପୁଜିଲାଣି।

## ଶ୍ରୀନଗର ବଜାରରେ ଗ୍ରେନେଡ୍ ଆକ୍ରମଣ: ୧୨ ଆହତ

ଶ୍ରୀନଗର/ନୂଆଦିଲ୍ଲୀ,୩।୧୧

ସିଆର୍‌ପିଏଫ୍ ଏବଂ ଜମ୍ମୁ-କଶ୍ମୀର ପୋଲିସ ଶନିବାର ଶ୍ରୀନଗରସ୍ଥିତ ଖାନ୍ୟାର ଅଞ୍ଚଳରେ ଦିନ ତମାମ ଏକ ମିଳିତ ଅପରେଶନ୍‌ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ଶୀର୍ଷ କମାଣ୍ଡର ଉସ୍‌ମାନ୍‌ଙ୍କୁ ନିପାତ କରିଥିଲେ। ସେହିପରି ଅନନ୍ତନାଗ ଜିଲାରେ ମଧ୍ୟ ଅନ୍ୟ ଏକ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ସେ ୨୦୦୦ ଦଶକ ପ୍ରାରମ୍ଭରୁ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲେ। ବୁଲା କୁକୁରମାନେ ଯବାନଙ୍କୁ ଦେଖି ଭୁକିପାରନ୍ତି ବୋଲି ଅନୁମାନ କରି ସେମାନଙ୍କୁ ଶାନ୍ତ କରିବା ପାଇଁ ବିସ୍କୁଟ୍ ଖାଇବାକୁ ଦିଆଯାଇଥିଲା। କୁକୁର ବିସ୍କୁଟ୍ ଖାଉଥିବାବେଳେ ଯବାନମାନେ ପ୍ରାୟ ୩୦ଟି ଘରକୁ ଘେରିଯାଇ ଅପରେଶନ୍ ଚଳାଇଥିଲେ ଏବଂ ଶେଷରେ ସଫଳ ହୋଇଥିଲେ। ପାକିସ୍ତାନୀ ଆତଙ୍କବାଦୀ ଉସ୍‌ମାନ୍‌ଙ୍କ ମୃତ୍ୟୁକୁ ଭାରତୀୟ ସୁରକ୍ଷା ବଳ ଏକ ବଡ଼ ସଫଳତା ମନେକରୁଥିବାବେଳେ ଏହାର ଦିନକ ପରେ ରବିବାର କଡ଼ା ସୁରକ୍ଷା ବଳୟରେ ରହିଥିବା ଅଲ୍ ଇଣ୍ଡିଆ ରେଡିଓ ଏବଂ ଦୂରଦର୍ଶନ କେନ୍ଦ୍ର ଥିବା ଏକ କମ୍ପ୍ଲେକ୍ସ ନିକଟରେ ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ପର୍ଯ୍ୟଟକ ଅଭ୍ୟର୍ଥନା କେନ୍ଦ୍ର (ଟିଆର୍‌ସି) ନିକଟ ଏକ ସିଆର୍‌ପିଏଫ୍ ବଙ୍କର ଉପରକୁ ସେମାନେ ଗ୍ରେନେଡ୍ ଫିଙ୍ଗିଥିଲେ। ତେବେ ଗ୍ରେନେଡ୍‌ଟି ଲକ୍ଷ୍ୟଭ୍ରଷ୍ଟ ହୋଇ ରାସ୍ତାରେ ପଡ଼ିଥିଲା। ଏଥିରେ ୧୧ ଜଣ ଆହତ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

ଆକ୍ରମଣସ୍ଥଳ ରବିବାର ସାପ୍ତାହିକ ବଜାରକୁ ଲାଗିକି ରହିଛି, ଯେଉଁଠାକୁ ଅନେକ ହଜାର ଲୋକ କିଣାକିଣି ପାଇଁ ଆସିଥିଲେ। ଗ୍ରେନେଡ୍ ମାଡ଼ ପରେ ବ୍ୟବସାୟୀ ଓ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଲଶ୍କର କମାଣ୍ଡର ଉସ୍‌ମାନ୍‌ଙ୍କ ମୃତ୍ୟୁରେ ବିଚଳିତ ଆତଙ୍କବାଦୀମାନେ ହତାଶ ହୋଇ ଏଭଳି କରିଥିବା ପୋଲିସ କହିଛି। ଜମ୍ମୁ-କଶ୍ମୀର କଂଗ୍ରେସ ମୁଖ୍ୟ ତାରିକ୍ ହମିଦ୍ କାରା କହିଛନ୍ତି, ଦୋକାନୀମାନଙ୍କ ଉପରେ ଗ୍ରେନେଡ୍ ଆକ୍ରମଣ ଦୁର୍ଭାଗ୍ୟଜନକ। ଏଭଳି ଅମାନବୀୟ ଆକ୍ରମଣକୁ ରୋକିବା ପାଇଁ ପୋଲିସ ତୁରନ୍ତ ପଦକ୍ଷେପ ନେବା ଉଚିତ, ଯଦ୍ୱାରା ସାଧାରଣ ଲୋକେ ନିର୍ଭରରେ ବିଚରଣ କରିପାରିବେ। ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଏକାଧିକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଆକ୍ରମଣକୁ ନିନ୍ଦା କରିଛନ୍ତି। କିଛିଦିନ ହେଲା ଉପତ୍ୟକାରେ ଆକ୍ରମଣ ଖବରର ଶିରୋନାମା ମଣ୍ଡନ କରିଆସୁଛି। ଆଜି ଶ୍ରୀନଗର ରବିବାର ବଜାରରେ ନିରୀହ ଦୋକାନୀଙ୍କୁ ଗ୍ରେନେଡ୍ ମାଡ଼ ବିଚଳିତ କରିଦେଇଛି। ସାଧାରଣ ଜନତାଙ୍କୁ ଟାର୍ଗେଟ କରିବାର କୌଣସି ଯଥାର୍ଥତା ନାହିଁ। ସୁରକ୍ଷା ବଳ ଏହାକୁ ରୋକିବା ପାଇଁ ଯଥାଶୀଘ୍ର ସମ୍ଭବ ଜରୁରୀ ପଦକ୍ଷେପ ନେବା ଉଚିତ।

## ସରକାର, ସେନା ପାଇଁ ବଡ଼ ଚ୍ୟାଲେଞ୍ଜ

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ସେବେଠୁ କଶ୍ମୀରର ଆଭ୍ୟନ୍ତରୀଣ ସୁରକ୍ଷା କେନ୍ଦ୍ର ହାତରେ ରହିଛି। ଅକ୍ଟୋବରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ପରେ ମଧ୍ୟ ଆଭ୍ୟନ୍ତରୀଣ ଆଇନଶୃଙ୍ଖଳା ଦାୟିତ୍ୱ ନିର୍ବାଚିତ ସରକାର ଅଧୀନରେ ନାହିଁ। ତେଣୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଆତଙ୍କବାଦ ନିଶ୍ଚିହ୍ନ ହୋଇଯିବ ବୋଲି ପୂର୍ବରୁ ଦାବି କରିଥିବା କେନ୍ଦ୍ର ପାଇଁ ଉପତ୍ୟକାର ଆତଙ୍କବାଦ ଏକ ବଡ଼ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ପାକିସ୍ତାନୀ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ଭାରତୀୟ ସେନା ପାଇଁ ମଧ୍ୟ ଏକ ଆହ୍ୱାନ ପାଲଟିଛି। ଏହି ଦୃଷ୍ଟିରୁ ଗତ କିଛିଦିନ ଭିତରେ ଘଟିଥିବା କେତୋଟି ଆତଙ୍କବାଦୀ ଆକ୍ରମଣର ଅବତାରଣା ଏଠାରେ କରାଗଲା।

**ନଭେମ୍ବର ୨:** ବଡ଼ଗାମ୍ ଜିଲାରେ ଜଳଶକ୍ତି ବିଭାଗ ଅଧୀନ ଏକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ଆତଙ୍କବାଦୀ ଟାର୍ଗେଟ କରିଥିଲେ। ଏହି ଆକ୍ରମଣରେ ଉତ୍ତରପ୍ରଦେଶ ଶାହରନ୍‌ପୁର ଅଞ୍ଚଳର ଫିୟାନ୍ ଓ ଉସ୍‌ମାନ ମଲିକ୍ ଆହତ ହୋଇଥିଲେ।

**ଅକ୍ଟୋବର ୨୪:** ଗୁଲମର୍ଗରେ ଆତଙ୍କବାଦୀମାନେ ସେନା ଭ୍ୟାନ୍‌କୁ ଆକ୍ରମଣ କରିଥିଲେ। ଏଥିରେ ୨ ଯବାନ ଶହୀଦ ହୋଇଥିବାବେଳେ ୨ ନାଗରିକଙ୍କ ମୃତ୍ୟୁ ଘଟିଥିଲା।

**ଅକ୍ଟୋବର ୨୦:** ଗନ୍ଦେରବଲ ସୋନମାର୍ଗରେ ଏକ ନିର୍ମାଣାଧୀନ ଟନେଲରେ ନିୟୋଜିତ ଟିମ୍ ରାତିରେ କାର୍ଯ୍ୟରୁ ନିଜ କ୍ୟାମ୍ପ୍‌କୁ ଫେରୁଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଜଣେ ଡାକ୍ତରଙ୍କ ସମେତ ୭ ନିହତ ହୋଇଥିଲେ।

**ଅକ୍ଟୋବର ୧୮:** ଶୋପିଆନ୍ ଜିଲା ଜୈନପୋରାରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ଜଣେ ବିହାରୀ ଶ୍ରମିକଙ୍କ ମୃତଦେହ ଠାବ ହୋଇଥିଲା।

**ଅକ୍ଟୋବର ୯:** ଅନନ୍ତନାଗରେ ଆତଙ୍କବାଦୀମାନେ ଟେରିଟୋରିଆଲ୍ ଆର୍ମିର ଯବାନଙ୍କୁ ଅପହରଣ କରିନେଇଥିଲେ। ପରେ ତାଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା।

## ସଂକ୍ଷେପରେ

### ନାବାଳକଙ୍କ ପେଟରୁ ବାହାରିଲା ବ୍ୟାଟେରି, ଚେନ୍ ସହ ୬୫ଟି ବସ୍ତୁ

ଆଗ୍ରା,୩।୧୧

ଉତ୍ତରପ୍ରଦେଶ ହାଥ୍ରାସ୍ ଅଞ୍ଚଳର ଜଣେ ୧୪ ବର୍ଷୀୟ ବାଳକଙ୍କ ପେଟରେ ଅସ୍ତ୍ରୋପଚାର କରାଯାଇ ବ୍ୟାଟେରି, ଚେନ୍, ରେଜର ବ୍ଲେଡ ଫ୍ରାଗମେଣ୍ଟ, ସ୍କ୍ରୁ ସମେତ ୬୫ଟି ବସ୍ତୁ ମିଳିଛି। ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଦୀର୍ଘ ୫ ଘଣ୍ଟା ଧରି ଅସ୍ତ୍ରୋପଚାର ଚାଲିଥିଲା। ଏହାର କିଛି ଘଣ୍ଟା ପରେ ନାବାଳକଙ୍କ ମୃତ୍ୟୁ ଘଟିଛି। ଆଦିତ୍ୟ ଶର୍ମା ନାମକ ଉକ୍ତ ନାବାଳକଙ୍କ ପେଟରେ ପ୍ରବଳ ଯନ୍ତ୍ରଣା ହେବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଆଗ୍ରାର ଏକ ହସ୍ପିଟାଲକୁ ଅଣାଯାଇଥିଲା। ପରେ ସଫଦରଜଙ୍ଗ ହସ୍ପିଟାଲ ନିଆଯିବାରୁ ଆଦିତ୍ୟଙ୍କ ପେଟରେ ବିଭିନ୍ନ ଉପକରଣ ରହିଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ। ଅନ୍ତନଳୀରେ ସଂକ୍ରମଣ ଯୋଗୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଡାକ୍ତର କହିଛନ୍ତି।

### କେନ୍ଦ୍ରମନ୍ତ୍ରୀ ସୁରେଶ ଗୋପୀଙ୍କ ନାଁରେ ମାମଲା



ତ୍ରିଶୁର, ୩।୧୧ (ପି.ଟି.)

କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଏବଂ ପର୍ଯ୍ୟଟନ ରାଷ୍ଟ୍ର ମନ୍ତ୍ରୀ ସୁରେଶ ଗୋପୀଙ୍କ ପାଇଁ ଅଡୁଆ ବଢ଼ିଛି। ଆମ୍ବୁଲାନ୍ସର ଦୁରୁପଯୋଗ କରୁଥିବା ଅଭିଯୋଗରେ କେରଳ ପୋଲିସ ତାଙ୍କ ବିରୋଧରେ ରବିବାର ଏଫ୍‌ଆଇଆର୍ ରୁଜୁ କରିଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଜିଲାସ୍ତରୀୟ ନେତା ସୁମେଶ କେପିଙ୍କ ଅଭିଯୋଗ ଆଧାରରେ ଆଇପିସିର ଧାରା ୨୭୯ ଏବଂ ମୋଟର ଭେଇକିଲ ଆକ୍ଟର ଧାରା ୧୭୯, ୨୮, ୧୯୨ ଅନୁଯାୟୀ, ତ୍ରିଶୁର ଇଷ୍ଟ ପୋଲିସ ଏହି ମାମଲା ରୁଜୁ କରିଛି। ସୁମେଶଙ୍କ ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲରେ ତ୍ରିଶୁର ପୁରମମ ଉତ୍ସବ ଚାଲିଥିବାବେଳେ ଗୋପୀ ଆମ୍ବୁଲାନ୍ସରେ ଯାତ୍ରା କରି ଏହାର ଅପବ୍ୟବହାର କରିଥିଲେ।

### କଚ୍ଛରେ ଭୂକମ୍ପ

ଅହମଦାବାଦ,୩।୧୧

ଗୁଜରାଟର କଚ୍ଛ ଜିଲାରେ ରବିବାର ଭୋର ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ୩.୪ ରହିଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସିସ୍ମୋଲୋଜିକାଲ ରିସର୍ଚ୍ଚ (ଆଇଏସ୍‌ଆର୍) କହିଛି। ଭୂକମ୍ପ ଯୋଗୁ କେହି ମୃତାହତ ହୋଇ ନାହାନ୍ତି କିମ୍ବା କୌଣସି କ୍ଷୟକ୍ଷତି ଘଟି ନାହିଁ। ଲଖପତ୍‌ଠାରୁ ୫୩ କିଲୋମିଟର ଉତ୍ତର-ଉତ୍ତରପୂର୍ବରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଥିବା ଆଇଏସ୍‌ଆର୍ ପକ୍ଷରୁ କୁହାଯାଇଛି। ଗତ ୨୭ ତାରିଖରେ ସୌରାଷ୍ଟ୍ର ଅନ୍ତର୍ଗତ ଅମ୍ରେଲି ଜିଲାରେ ୩.୭ ତୀବ୍ରତାର କମ୍ପନ ଅନୁଭୂତ ହୋଇଥିଲା।

## ଯୋଗୀଙ୍କୁ ହତ୍ୟା ଧମକ, ମହିଳା ଗିରଫ

### ୧୦ ଦିନରେ ଇସ୍ତଫା ନ ଦେଲେ ବାବା ସିଦ୍ଦିକିଙ୍କ ଭଳି ମାରିବୁ



ମୁମ୍ବାଇ,୩।୧୧

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହତ୍ୟା ଧମକ ଦେଇଥିବା ମହାରାଷ୍ଟ୍ରର ଜଣେ ମହିଳାଙ୍କୁ ରବିବାର ମୁମ୍ବାଇ ପୋଲିସ ଗିରଫ କରିଛି। ମୁମ୍ବାଇ ଟ୍ରାଫିକ୍ ପୋଲିସ ନିକଟକୁ ଶନିବାର ହ୍ୱାଟ୍‌ସଆପରେ ଏକ ଅଜ୍ଞାତ ଫୋନ୍ ନମ୍ବରରୁ ମେସେଜ୍ ପଠାଯାଇଥିଲା। ସେଥିରେ ଲେଖାଥିଲା, ଯୋଗୀ ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେଲେ ତାଙ୍କୁ ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କ ଭଳି ହତ୍ୟା କରିବୁ। ମୁମ୍ବାଇ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏବଂ ଠାଣେ ଜିଲା ଉଲ୍‌ହାସନଗର ପୋଲିସ ମିଳିତ ଭାବେ ଏହାର ତଦନ୍ତ କରି ୨୪ ବର୍ଷୀୟା ଆଇଟି ଗ୍ରାଜୁଏଟ୍ ଫାତିମା ଖାନ୍‌ଙ୍କୁ ଗିରଫ କରିଛନ୍ତି। ଫାତିମା ଉଲ୍‌ହାସନଗରରେ ନିଜ ପରିବାର ସହ ରୁହନ୍ତି। ତାଙ୍କ ବାପା ଜଣେ ବ୍ୟବସାୟୀ। ସୂଚନା ପ୍ରଯୁକ୍ତିରେ ବିଏସ୍‌ସି କରିଥିବା ଫାତିମା ଉଚ୍ଚଶିକ୍ଷିତା ହୋଇଥିଲେ ମଧ୍ୟ ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ପୋଲିସ ଜାଣିବାକୁ ପାଇଛି। ପ୍ରକାଶ ଯେ, ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଅକ୍ଟୋବର ୧୨ରେ ହତ୍ୟା କରାଯାଇଥିଲା। ଏହି ଅପରାଧରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଚଳାଇଛି।

## କନ୍ନଡ଼ ଫିଲ୍ମ ନିର୍ଦ୍ଦେଶକ ଗୁରୁପ୍ରସାଦଙ୍କ ଆତ୍ମହତ୍ୟା ସନ୍ଦେହ



ବେଙ୍ଗାଲୁରୁ, ୩।୧୧

କନ୍ନଡ଼ ଫିଲ୍ମ ନିର୍ଦ୍ଦେଶକ ଗୁରୁପ୍ରସାଦଙ୍କ ମୃତଦେହ ରବିବାର ବେଙ୍ଗାଲୁରୁର ମଦନାୟକନହଲ୍ଲୀସ୍ଥିତ ତାଙ୍କ ଆପାର୍ଟମେଣ୍ଟରୁ ମିଳିଛି। ସେ ଆତ୍ମହତ୍ୟା କରିଥିବା ନେଇ ପୋଲିସ ଆଶଙ୍କା କରୁଛି। ବେଙ୍ଗାଲୁରୁ ଗ୍ରାମୀଣର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ସି.କେ. ବାବା କହିଛନ୍ତି, ଗତ କିଛିଦିନ ଧରି ନିଜ ଫିଲ୍ମ କିମ୍ବା କୌଣସି ପ୍ରସଙ୍ଗକୁ ନେଇ ଗୁରୁପ୍ରସାଦ ଚିନ୍ତିତ ଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସେ ଆର୍ଥିକ ସଙ୍କଟରେ ଥିବା ନେଇ ପଡ଼ୋଶୀ କହିଛନ୍ତି। ଗତ ୫ରୁ ୬ ଦିନ ଧରି ସେ ଘରୁ ବାହାରକୁ ବାହାରି ନାହାନ୍ତି। ପୋଲିସ ଘଟଣାକୁ ନେଇ ବିଭିନ୍ନ ଦିଗରୁ ଯାଞ୍ଚ କରୁଥିବା ସେ କହିଛନ୍ତି। ତାଙ୍କ ମୃତଦେହ କ୍ଷତ ବିକ୍ଷତ ଅବସ୍ଥାରେ ନିଜ ଫ୍ଲାଟ୍‌ର ଏକ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଗୁରୁପ୍ରସାଦ 'ମାତା', 'ୟେଦେଲୁ ମଞ୍ଜୁନାଥ', 'ଡିରେକ୍ଟର୍ସ ସ୍ପେଶିଆଲ' ଆଦି ସୁପରହିଟ୍ କନ୍ନଡ଼ ଫିଲ୍ମର ନିର୍ଦ୍ଦେଶନା ଦେଇ ପ୍ରସିଦ୍ଧି ଲାଭ କରିଥିଲେ।



ନଭେମ୍ବର ୫ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଆମେରିକାର ନର୍ଥ କାରୋଲିନାସ୍ଥିତ ଗ୍ରୀନ୍‌ବୋରୋରେ ଏକ ପ୍ରଚାର ସଭାକୁ ସମ୍ବୋଧିତ କରୁଛନ୍ତି।

## ପିଏମ୍‌ଓକୁ ୧୦୦ ହୋକ୍ସ ମେଲ୍

### ଆତଙ୍କବାଦ ଉପରେ ପୁସ୍ତକ ପ୍ରକାଶନ ଚାହୁଁଥିଲେ ଅଭିଯୁକ୍ତ

ନାଗପୁର,୩।୧୧

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ), ଭାରତର ଶୀର୍ଷ ପ୍ରଶାସନିକ ଅଧିକାରୀ, ବିମାନ ଏବଂ ଟ୍ରେନ୍‌ଗୁଡ଼ିକୁ ଟାର୍ଗେଟ କରି ୩୫୪ଟି ହୋକ୍ସ ଇମେଲ୍ ପଠାଇଥିବା ଜଗଦୀଶ ଉଇକେଙ୍କୁ ନାଗପୁର ପୋଲିସ ଗିରଫ କରିଛି। ଜାନୁଆରୀରୁ ଇତିମଧ୍ୟରେ ସେ ପିଏମ୍‌ଓକୁ ପାଖାପାଖି ୧୦୦ ଥର ଇ-ମେଲ୍ କରିଛନ୍ତି। ଆତଙ୍କବାଦ ଉପରେ ସେ ଲେଖିଥିବା ପୁସ୍ତକ 'ଆତଙ୍କବାଦ-ଏକ୍ ତୁଫାନି ରାକ୍ଷସ'ର ପ୍ରକାଶନ ପାଇଁ ସହାୟତା ନିମନ୍ତେ ଅନୁରୋଧ କରି ସେ ଏସବୁ ମେଲ୍ ପଠାଇଥିବା ନାଗପୁର ସାଇବର କ୍ରାଇମ୍ ଡିସିପି ଲୋହିତ ମାତାନି ଶନିବାର କହିଛନ୍ତି। ଉଇକେଙ୍କ ଘର ମହାରାଷ୍ଟ୍ରର ମାଓବାଦୀ ପ୍ରବଣ ଗୋଣ୍ଡିଆ ଜିଲାରେ। ସେ ପିଏମ୍‌ଓକୁ ବାରମ୍ବାର ଇମେଲ୍ କରିବା ପରେ ନିରାଶ ହୋଇ ଶେଷରେ ହୋକ୍ସ ମେଲ୍ କରିଥିଲେ ବୋଲି ପୋଲିସ କମିଶନର ରବୀନ୍ଦ୍ର ସିଙ୍ଗାଲ୍ କହିଛନ୍ତି।

ପୂର୍ବରୁ ମଧ୍ୟ ଅନୁରୂପ ଅଭିଯୋଗରେ ଉଇକେଙ୍କୁ ଦୁଇଥର ଜେରା କରାଯାଇଥିଲା। ଆପତ୍ତିଜନକ ଇମେଲ୍ ପଠାଇବା ଏବଂ ନିଯୁକ୍ତି ଆଶାୟୀ ଏବଂ ପିଏମ୍‌ଓ ମଧ୍ୟରେ ଯୋଗାଯୋଗ ରହିଥିବା ନେଇ ସେ ଅଭିଯୋଗ ଦାଏର କରିଥିବାରୁ ଜେରାର ସମ୍ମୁଖୀନ ହୋଇଥିଲେ। କ୍ରାଇମ୍ ବ୍ରାଞ୍ଚ ଏହା ଉପରେ ତଦନ୍ତ କରିଥିଲେ ମଧ୍ୟ ମାମଲା ରୁଜୁ କରାଯାଇ ନ ଥିଲା ବୋଲି ପୋଲିସ କମିଶନର କହିଛନ୍ତି। ଭାରତରେ ସ୍ଲିପର ସେଲ୍ କାର୍ଯ୍ୟକଳାପ ସମ୍ପର୍କରେ ସତର୍କ କରାଇ ନିକଟରେ ଉଇକେ ଇମେଲ୍ ପଠାଇଥିଲେ। ଆମେରିକା ସୂତ୍ରରୁ ମଧ୍ୟ ଅନେକ ସମୟରେ ଅନୁରୂପ ସତର୍କତା ଜାରି କରାଯାଇଥାଏ। ସମ୍ଭବତଃ ଆମେରିକୀୟ ସୂତ୍ରକୁ ଉଦ୍ଧାର କରି ସେ ଏଭଳି ବାର୍ତ୍ତା ପଠାଉଥିବା ନେଇ ପୋଲିସ ଯାଞ୍ଚ କରୁଛି। ତାଙ୍କର ଡିଭାଇସ୍ ଏବଂ କେତେକ ସାଇବରକାଫେ ଟର୍ମିନାଲକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ତାଙ୍କର କଲ୍ ଡିଟେଲ ରେକର୍ଡ ଏବଂ ଲାପ୍‌ଟପ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହ ଏହା ସହ ଆର୍ଥିକ କାରବାର ଜଡ଼ିତ ଥିବା ନେଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ମଧ୍ୟ ତଲାସି ନିଆଯାଉଥିବା ସିଙ୍ଗାଲ କହିଛନ୍ତି।

## ବିଉଟିସିଆନ୍‌ଙ୍କୁ ନିଶା ଦେଇ ହତ୍ୟା

### ମୃତଦେହକୁ ଖଣ୍ଡ ଖଣ୍ଡ କରି ପୋତିଥିଲେ

ଯୋଧପୁର,୩।୧୧

ରାଜସ୍ଥାନର ଯୋଧପୁର ଅଞ୍ଚଳରେ ଅଳଙ୍କାର ଚୋରି ଅଭିଯୋଗରେ ଜଣେ ୫୦ ବର୍ଷୀୟା ବିଉଟିସିଆନ୍‌ଙ୍କୁ ଏକ ଦମ୍ପତି ନିଶା ଦେଇ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି ସେମାନଙ୍କ ଘର ନିକଟରେ ପୋତିଦେଇଥିଲେ। ଅନୀତା ଚୌଧରୀ ନାମ୍ନୀ ବିଉଟିସିଆନ୍‌ଙ୍କୁ ଗତ ୨୬ ତାରିଖରେ ହତ୍ୟା କରାଯାଇଥିଲା। ମହିଳାଙ୍କ ସ୍ୱାମୀ ନିଖୋଜ ରିପୋର୍ଟ ଦାଏର କରିବା ପରେ ପୋଲିସ ସିସିଟିଭି ଫୁଟେଜ୍ ଏବଂ ଅଭିଯୁକ୍ତଙ୍କ ଘରେ ଅନୀତାଙ୍କୁ ପହଞ୍ଚାଇଥିବା ଟ୍ୟାକ୍ସି ଡ୍ରାଇଭରଙ୍କ ସହାୟତାରେ ପୋଲିସ ୨୭ ତାରିଖରେ ଡ୍ରାଏ କ୍ଲିନର ଗୁଲାମୁଦ୍ଦିନ ଫାରୁକୀଙ୍କ ଘରେ ପହଞ୍ଚିଥିଲା। ଅନୀତାଙ୍କୁ ଗୁଲାମୁଦ୍ଦିନ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ତାଙ୍କ ଘର ପାଖରେ ଖନନ କରିବା ପରେ ଏକ ପଲିଥିନ୍ ବ୍ୟାଗ୍‌ରୁ ମହିଳାଙ୍କ ଖଣ୍ଡ ଖଣ୍ଡ ମୃତଦେହ ମିଳିଥିଲା। ଗୁଲାମୁଦ୍ଦିନଙ୍କ ସ୍ତ୍ରୀ ଆବିଦାଙ୍କୁ ପୋଲିସ ଗିରଫ କରିଥିବାବେଳେ ଫେରାର ଥିବା ଗୁଲାମୁଦ୍ଦିନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।



ଅନୀତା ଚୌଧରୀ

## ଏଲ୍‌ଓସି ନିକଟରେ ପାକିସ୍ତାନର ତୋପ ପରୀକ୍ଷା

ଶ୍ରୀନଗର,୩।୧୧(ପି.ଟି.)



ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା(ଏଲ୍‌ଓସି) ନିକଟରେ ପାକିସ୍ତାନ ତୋପ ପରୀକ୍ଷା କରିଛି। ସେଥିରେ ଚାଇନା କମ୍ପାନୀ ଦ୍ୱାରା ବିକଶିତ ଏସ୍‌ଏଚ୍-୧୫ ଏବଂ ୧୫୫ ଏମ୍‌ଏମ୍ ହାଇତ୍‌ଜର ତୋପ ସମେତ ବିଭିନ୍ନ ଆର୍ଟିଲେରି ସିଷ୍ଟମ ରହିଛି। ଉପସାଗରୀୟ ଏବଂ ପଶ୍ଚିମ ୟୁରୋପୀୟ ଦେଶ ସମେତ ତୁର୍କୀ ସହ ପାକିସ୍ତାନ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରୁଥିବାବେଳେ ଚାଇନା ରାଷ୍ଟ୍ରାୟତ୍ତ କମ୍ପାନୀ ତତ୍ତ୍ୱାବଧାନରେ ଉପସାଗରୀୟ ରାଷ୍ଟ୍ର ସହ ମିଶି ୧୫୫ଏମ୍‌ଏମ୍ ତୋପ ଉତ୍ପାଦନ କରୁଛି। କିଛିଦିନ ହେଲା ଏଲ୍‌ଓସିରେ ଏହି ତୋପଗୁଡ଼ିକର ଗତିବିଧି ଲକ୍ଷ୍ୟ କରାଯାଇଛି। ଏଥିସହିତ ସର୍ବାଧିକ ୩୦ କି.ମି. ଫାୟାରିଂ ରେଞ୍ଜ ବିଶିଷ୍ଟ ଏସ୍‌ଏଚ୍-୧୫ ତୋପ ଏବଂ ୨୪ କି.ମି. ଫାୟାରିଂ ରେଞ୍ଜ ଥିବା ଏମ୍‌୧୦୯ ତୋପ ରହିଛି। ତୁର୍କୀ ପାକିସ୍ତାନକୁ ଆଧୁନିକ ୧୦୫ ଏମ୍‌ଏମ୍ ଆର୍ଟିଲେରି ଯୋଗାଇଦେଇଛି। ଏଲ୍‌ଓସିରେ ଚାଇନା ଉନ୍ନତ ମାନର ବଙ୍କର ନିର୍ମାଣ ସହ ୟୁଏଭି, ଲଢୁଆ ଏରିଏଲ ଭେହିକଲ୍, ଅତ୍ୟାଧୁନିକ ଯୋଗାଯୋଗ ସିଷ୍ଟମ୍ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛି।

## ଦିଲ୍ଲୀ ପୁଣି ବିଶ୍ୱର ସବୁଠୁ ପ୍ରଦୂଷିତ ସହର

ନୂଆଦିଲ୍ଲୀ,୩।୧୧

ଦୀପାବଳି ପରେ ଦିଲ୍ଲୀ ପୁଣିଥରେ ବିଶ୍ୱର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ରବିବାର ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୩୮୨ରେ ପହଞ୍ଚିଥିବାବେଳେ ଆନନ୍ଦ ବିହାରରେ ୪୩୭ରେ ପହଞ୍ଚିଛି। ନଡ଼ାପୋଡ଼ି, ଯାନବାହନ ଏବଂ ଶିଳ୍ପାଞ୍ଚଳରୁ ଧୂଆଁ ନିର୍ଗମନ ହ୍ରାସ ପାଇଥିଲେ ମଧ୍ୟ ନିର୍ମାଣଜନିତ ଧୂଳି ଯୋଗୁ ସହରର ବାୟୁ ମାନ ଗମ୍ଭୀର ସ୍ଥିତିରେ ପହଞ୍ଚିଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟରୁ ଜଣାପଡ଼ିଛି। ପ୍ରଦୂଷଣ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ସତ୍ତ୍ୱେ ଏହା ବଢ଼ିଚାଲିଥିବାରୁ ଦିଲ୍ଲୀବାସୀଙ୍କ ଚିନ୍ତା ବଢ଼ିଯାଇଛି।



ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଆଣ୍ଟି-ସ୍ମୋଗ୍ ଗନ୍ ବ୍ୟବହାର କରାଯାଉଛି।

ଗତ ଶୁକ୍ରବାର ଦିଲ୍ଲୀ ବାୟୁ ପ୍ରଦୂଷଣର ୩୫ ପ୍ରତିଶତ ନଡ଼ାପୋଡ଼ି ଯୋଗୁ ହୋଇଥିବାବେଳେ ଶନିବାର ଏହା ୧୫ ପ୍ରତିଶତକୁ ହ୍ରାସ ପାଇଥିଲା। ଫଳରେ ଅନ୍ୟାନ୍ୟ କାରଣରୁ ଦିଲ୍ଲୀର ବାୟୁ ମାନ ଅଧିକ ଖରାପ ହେଉଥିବା ସ୍ପଷ୍ଟ ହୋଇଛି। ଏଥିରେ ଯାନବାହନ, ଶିଳ୍ପାଞ୍ଚଳର ଧୂଳି ଧୂଆଁ ଏବଂ ନିର୍ମାଣଜନିତ ଧୂଳି ମୁଖ୍ୟ କାରକ ହୋଇରହିଛି। ଏହା ବ୍ୟତୀତ ଦିଲ୍ଲୀର ଭୌଗୋଳିକ ଏବଂ ପାଣିପାଗଜନିତ ସ୍ଥିତି ମଧ୍ୟ ପ୍ରଦୂଷଣ ପାଇଁ ଅନେକାଂଶରେ ଦାୟୀ। ଏହି କାରଣରୁ ପ୍ରଦୂଷିତ ଉପାଦନଗୁଡ଼ିକ ସ୍ଥଳଭାଗ ନିକଟରେ ଜମିରହୁଛି।

### ୪୩୭ରେ ପହଞ୍ଚିଲା ଏକ୍ୟୁଆଇ

ଆନନ୍ଦ ବିହାର, ଅଶୋକ ବିହାର, ବୱାନା, ଦ୍ୱାରକାର ଦୁଇଟିଯାକ ମନିଟରିଂ ଷ୍ଟେଶନ, ଜାହାଙ୍ଗୀରପୁରୀ, ମୁଣ୍ଡକା, ଲଜପତ୍ ନଗର, ପତ୍‌ପରଗଞ୍ଜ, ବିବେକ ବିହାର, ରୋହିଣୀ, ପଞ୍ଜାବୀ ବାଗ୍ ଏବଂ ୱାଜିରପୁରରେ ବାୟୁ ମାନ ସବୁଠୁ ଖରାପ ରହିଛି। ଆନନ୍ଦ ବିହାରରେ ଏକ୍ୟୁଆଇ ୪୩୭ ଥିବାବେଳେ ରୋହିଣୀରେ ୪୩୫, ଲଜପତ ନଗରରେ ୪୩୦ ଏବଂ ପଞ୍ଜାବୀବାଗ୍‌ରେ ୪୨୫ ରହିଛି।

# ୧୮ରେ ୩ ଦିନିଆ ସିଙ୍ଗାପୁର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ମାସରେ ୩ ଦିନିଆ ବିଦେଶ ଗସ୍ତରେ ଯିବେ। ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସେ ସିଙ୍ଗାପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଉତ୍କର୍ଷ ଓଡ଼ିଶା, ମେକ୍ଇନ୍ଓଡ଼ିଶା କନ୍କ୍ଲେଭ-୨୦୨୫ ଲାଗି ସିଙ୍ଗାପୁରଠାରେ ରୋଡ୍ ଶୋ'ର ଆୟୋଜନ କରାଯିବ। ମୁଖ୍ୟମନ୍ତ୍ରୀ ରୋଡ୍ ଶୋ'ରେ ଯୋଗଦେବା ସହିତ ଏହି ଅବସରରେ ନିବେଶକମାନଙ୍କ ସହ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଗସ୍ତ କାଳରେ ଶିଳ୍ପମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ସିଙ୍ଗାପୁର ଯିବେ। ସୂଚନାଯୋଗ୍ୟ, ନିକଟରେ ମୁଖ୍ୟମନ୍ତ୍ରୀ ମହାରାଷ୍ଟ୍ର ଗସ୍ତ କରି ସେଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ରୋଡ୍ ଶୋ'ରେ ଯୋଗ ଦେଇଥିଲେ। ଏହାସହ ନିବଶକମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲାଗି ମଧ୍ୟ କହିଥିଲେ।

# ଅଟୋ ପଛକୁ ଧକ୍କାଦେଲା ଟ୍ରକ୍

- **ହବିଷିଆଳି ମୃତ, ୪ ଗୁରୁତର**
- **ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଉଥିଲେ**

**ଟାଙ୍ଗୀ,୩।୧୧(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ଏବଂ ଦୀକ୍ଷିତପଡ଼ା ଗ୍ରାମ ମଧ୍ୟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋ ପଛକୁ ମାଲ୍‌ବାହୀ ଟ୍ରକ୍ ଧକ୍କା ଦେବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଉଥିବା ଜଣେ ହବିଷିଆଳିଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଏହି ଥାନା ଅନ୍ତର୍ଗତ କଇଥପଲା ଗ୍ରାମର ରେଣୁବାଳା ସାମନ୍ତରାୟ। ଆହତମାନଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି।



କଟକରେ ରବିବାର କାଳୀପୂଜା ଭସାଣିରେ କଳାକାରମାନେ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ଗାଁରେ ମଦ ବନ୍ଦ ପାଇଁ ପୂଜା

## ମଦ ପିଇଲେ, ବିକିଲେ ଅଭିଶାପ ପଡ଼ିବ

**କେନ୍ଦୁଝର,୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**



ପୂଜକ ଗାଁ ମଝିରେ ପୂଜା କରୁଛନ୍ତି।

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅଞ୍ଚଳରେ ମଦ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନେଇ ଅସନ୍ତୋଷ ବଢୁଥିବା ବେଳେ ବିଶେଷକରି ମହିଳାମାନେ ବିରୋଧ କରିଆସୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ପଦକ୍ଷେପ ନେଉ ନ ଥିବାରୁ ଗ୍ରାମଗୁଡ଼ିକରେ ଅଶାନ୍ତି ବଢୁଛି। ଘରୋଇ କନ୍ଦଳ ହେଉଛି, ଅପରାଧ ବଢୁଛି, ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ସହ ପରିବାରର ସାମାଜିକ ସ୍ଥିତି ଦୁର୍ବଳ ହୋଇପଡୁଛି। ଏଭଳି କ୍ଷେତ୍ରରେ ସ୍ଥାନୀୟ ପଡ଼ାଙ୍ଗ ଗାଁରେ ବେଆଇନ ମଦ କାରବାର ବିରୋଧରେ ଦୀର୍ଘଦିନ ଧରି ଆନ୍ଦୋଳନ କରିଆସୁଥିବା ମହିଳାମାନେ ଏକ ନୂଆ ଉପାୟ ଅବଲମ୍ବନ କରିଛନ୍ତି। ଗାଁ ଦାଣ୍ଡରେ ପୂଜାପାଠ କରି ମଦ ପିଉଥିବା ଓ ବିକ୍ରେତାଙ୍କୁ ଅଭିଶାପ ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଉଛି। ୪ରୁ ୫ ଚୋରା ଦେଶୀ, ବିଦେଶୀ ମଦ ଦୋକାନ ଖୋଲି ମାଫିଆମାନେ ଦିନ ରାତି ୨୪ ଘଣ୍ଟା ମଦ କାରବାର କରୁଛନ୍ତି। ବାଇକ୍ ଓ ବୋଲେରୋରେ ମଦ ଯୋଗାଇ ଦିଆଯାଉଛି। ମଦ ପିଇ ଘରର ପୁରୁଷମାନେ ଅଶାନ୍ତି ସୃଷ୍ଟି କରୁଛନ୍ତି। ରାଶନ ସାମଗ୍ରୀ ଓ ସୁଭଦ୍ରା ଅର୍ଥ ନେଇ ମଧ୍ୟ ମଦ ପିଇବା ପାଇଁ ଜୁଲମ କରୁଥିବା ଅଭିଯୋଗ ହେଉଛି। ରୋଗଗ୍ରସ୍ତ ହୋଇ ଅକାଳରେ ଜୀବନ ମଧ୍ୟ ଯାଉଛି ବୋଲି ମହିଳାମାନେ କହିଛନ୍ତି। ଫଳରେ ଗାଁରେ ବେଆଇନ ମଦ କାରବାର ବନ୍ଦ ନେଇ ମହିଳାମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିଛନ୍ତି। ଗାଁରେ ମଦ ବିରୋଧୀ ସଚେତନତା ଶୋଭାଯାତ୍ରା କରିବା ସହିତ ସଭାସମିତି କରୁଛନ୍ତି। ମଦ କାରବାର ବନ୍ଦ ପାଇଁ ଚୋରା ମଦ ବ୍ୟବସାୟୀଙ୍କୁ ବାରଣ କରି ଅବକାରୀ ଓ ପୋଲିସ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର କେହି କିଛି ନ ଶୁଣିବାରୁ ପଡ଼ାଙ୍ଗ ପଞ୍ଚାୟତର ସମସ୍ତ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଦେହୁରୀ ଓ ଜଗନ୍ନାଥ ମନ୍ଦିର ପୂଜକଙ୍କ ଦ୍ୱାରା ଗାଁ ଲକ୍ଷ୍ମୀ ମଣ୍ଡପଠାରେ ଭାଗବତ ପୂଜା କରିବା ସହିତ ଗାଁରେ ମଦ ବିକ୍ରି ଓ ପିଇବା ପାଇଁ କଳ୍ପନା ନାୟକ, ପଦ୍ମିନୀ ପାତ୍ର ସମେତ ଅନ୍ୟମାନେ ବାରଣ କରିଥିବା କହିଛନ୍ତି। ପ୍ରତି ଘରୁ ସଂଗୃହୀତ ଧାନ ଓ ଖଇକୁ ଉଡ଼ାଇଛନ୍ତି। ଯିଏ ମଦ ପିଇବ ଓ ନିଷ୍ପତ୍ତି ଅମାନ୍ୟ କରିବ ତା'ର କ୍ଷତି ଓ ବିଘ୍ନ ଘଟିବ ବୋଲି ଅଭିଶାପ ଦେଇଛନ୍ତି। ଚୋରାମଦ କାରବାର ବନ୍ଦ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ତେଲକୋଇ ଥାନା ଅଧିକାରୀ ସୁଶାନ୍ତ ପରିଡ଼ା କହିଛନ୍ତି, ମଦ ଦ୍ୱାରା ଅସାମାଜିକ କାର୍ଯ୍ୟ ବଢୁଛି ଓ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଏଣୁ ମହିଳାମାନେ ମଦ ନିରାକରଣ ପାଇଁ ଆନ୍ଦୋଳନ କରୁଛନ୍ତି। ମାତ୍ର ସେମାନେ କୌଣସି ଅଭଯୋଗ କରିନାହାନ୍ତି।

ସୂଚନାଯୋଗ୍ୟ, ତେଲକୋଇ ବ୍ଲକ୍‌ରେ ଅନୁମତିପ୍ରାପ୍ତ ଗୋଟିଏ ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଓ ୨ ଦେଶୀ ମଦଭାଟି ଖୋଲିଛି। ଏହାବାଦ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଚୋରା ବିଦେଶୀ ମଦ ଓ ୨୦୦ରୁ ଊର୍ଦ୍ଧ୍ୱ ଦେଶୀ ମଦ ଦୋକାନ ବିଭିନ୍ନ ଗାଁ ଗଣ୍ଡାରେ ଖୋଲାଯାଇଛି। ଫଳରେ ହାତ ପାଆନ୍ତାରେ ମଦ ମିଳି ଯାଉଥିବାରୁ ଲୋକେ ପିଇ ଗାଁରେ ଓ ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି।

# ଭୋଟ ଗଣତି କେନ୍ଦ୍ରର ଏସି ଗାଏବ

## ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି: ପୂର୍ତ୍ତ ବିଭାଗ ଯନ୍ତ୍ରୀ

**ଯାଜପୁର,୩।୧୧ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ତଥା ପୂର୍ତ୍ତ ଡିଭିଜନ ପକ୍ଷରୁ ୨୦୨୪ ସାଧାରଣ ନିର୍ବାଚନର ଭୋଟ ଗଣତି କେନ୍ଦ୍ରର ବିଦ୍ୟୁତ୍ ମରାମତି, ନିର୍ମାଣ ଏବଂ ଶୀତତାପ ନିୟନ୍ତ୍ରିତ ମେଶିନ(ଏସି) କିଣାରେ ବିପୁଳ କୋଟି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ତେବେ କିଣାଯାଇଥିବା ୫୬ ଏସି ମଧ୍ୟରୁ ଅଧାରୁ ଅଧିକ ଗାଏବ ହୋଇଯାଇଥିବା ଅଭିଯୋଗ ହେଉଛି। ହେଲେ କେହିଜଣେ ହେଲେ ଅଧିକାରୀ ଏହି ଚୋରି ସମ୍ପର୍କରେ ମୁହଁ ଖୋଲିବାକୁ ରାଜି ନୁହନ୍ତି। କାରଣ ଏହି ଚୋରି ପଛରେ ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଭୋଟ ଗଣତି କେନ୍ଦ୍ରରେ ଏସି ଲଗାଇବା ଲାଗି ଯାଜପୁର ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏହି ବିଭାଗ ବିନା ଟେଣ୍ଡରରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଏସି ଏବଂ ବିଦ୍ୟୁତ୍ ମରାମତି କାର୍ଯ୍ୟ ଏନ.ସି. କଲେଜସ୍ଥିତ ଭୋଟ ଗଣତି କେନ୍ଦ୍ରରେ କରିଥିଲା। ବଜାର ଦରଠାରୁ ବହୁ ଅଧିକ ଦରରେ ଏସି କିଣାଯାଇ ମିଥ୍ୟା ବିଲ୍ ଦ୍ୱାରା କେତେଜଣ ଅଧିକାରୀ ମାଲାମାଲ ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ ଭୋଟ ଗଣତି ପରେ ଏନ୍.ସି. କଲେଜରେ ଲାଗିଥିବା ଏସି ଗୁଡ଼ିକୁ ପୂର୍ତ୍ତ ବିଭାଗ ପକ୍ଷରୁ ଖୋଲାଯାଇ ଜିଲା ପ୍ରଶାସନର ନିର୍ବାଚନ ବିଭାଗରେ ଜିମା ଦିଆଯିବା କଥା। ପରେ ଏହି ଏସିଗୁଡ଼ିକୁ ଜିଲା ପ୍ରଶାସନ ଇଭିଏମ୍ ଗୋଦାମରେ ସାଇତି ରଖିବାର ନିୟମ ଅଛି। କିନ୍ତୁ ଭୋଟ ଗଣତି ପରେ ପରେ ଅଧାରୁ ଅଧିକ ଏସି ଗାଏବ ହୋଇଯାଇଥିବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗାଏବ ହୋଇଯାଇଥିବା ଏସିଗୁଡ଼ିକୁ କିଏ ନେଲା ସେ ସମ୍ପର୍କରେ ଖୋଳତାଡ଼ କରିବା ପରିବର୍ତ୍ତେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ନୀରବରେ ବସି ରହିଥିବା ଘଟଣା ଏହାକୁ ଅଧିକ ବିବାଦ ଘେରକୁ ଟାଣି ନେଇଛି। ଅନ୍ୟପକ୍ଷରେ ନିର୍ବାଚନ କମିଶନରଙ୍କ ବିନା ଅନୁମତିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଏସି ବାବଦକୁ ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ସମୟରେ ଏନ୍.ସି. କଲେଜଠାରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଏସି ଲାଗିଥିଲା। ହେଲେ ସେ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଗୋଟିଏ ହେଲେ ବି ଏସି କିଣା ହୋଇ ନ ଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକ, ତହସିଲ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଏସିଗୁଡ଼ିକୁ ଅଣାଯାଇ ଭୋଟ ଗଣତି କେନ୍ଦ୍ରରେ ଲଗାଯାଇଥିଲା। ହେଲେ ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ ଅଧିକାରୀଙ୍କ ବିନା ଅନୁମତିରେ ଏସି ବାବଦକୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିବା ଅଭିଯୋଗର ତଦନ୍ତ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ଯାଜପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଏସ୍. ସେନାପତିଙ୍କୁ ପଚାରିବାରେ ସେ କହିଛନ୍ତି, ୫୬ଟି ଏସି ମଧ୍ୟରୁ ୯ଟି ଏସି ଏନ୍.ସି. କଲେଜ ଦେଉନାହିଁ। ପାଖାପାଖି ୨୦ଟି ଏସି ଯାଜପୁର ମେଡିକାଲରେ ଲଗାଯାଇଛି। ଅନ୍ୟ ଏସିଗୁଡ଼ିକ ଅଛି। ତେବେ ଏସିଗୁଡ଼ିକ ଖୋଲାଯିବା ପୂର୍ବରୁ କେବଳ ୫ଟି ଆଉଟ୍‌ଡୋର୍ ୟୁନିଟ୍ ଏନ୍‌ସି କଲେଜରୁ ଚୋରି ହୋଇଯାଇଥିଲା। ଏନେଇ ଏସି ଲଗାଇଥିବା ଠିକାଦାରଙ୍କ ପକ୍ଷରୁ ଯାଜପୁର ଟାଉନ ଥାନାରେ ଏକ ଏତଲା ଦିଆଯାଇଛି। ନିର୍ବାଚନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କୁ ପଚାରିବାରେ ନିର୍ବାଚନ ସମୟରେ କିଣାଯାଇଥିବା ସମସ୍ତ ଏସି ଇଭିଏମ ରଖାଯାଇଥିବା ଗୋଦାମ ଘରେ ରଖାଯାଇଛି ବୋଲି ସେ ଉତ୍ତର ଦେଇଛନ୍ତି। ତେବେ ଏସି କିଣିବା ପାଇଁ ନିର୍ବାଚନ କମିଶନରଙ୍କ ଅନୁମତି ନିଆଯାଇଥିଲା କି ବୋଲି ପଚାରିବାରେ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ଇପିଏଫ୍ ପେନସନର୍ସ ସଂଘର ରାଜ୍ୟ ସମ୍ମିଳନୀ




ଆସୋସିଏଶନର ମୁଖପତ୍ର 'ବରେଣ୍ୟ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସପ୍ତମ ପ୍ରତିଷ୍ଠା ଦିବସ ପାଳିତ

**ପୁରୀ,୩।୧୧(ଅଜିତ କୁମାର ମହାନ୍ତି)**

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ସପ୍ତମ ପ୍ରତିଷ୍ଠା ଦିବସ ଓ ଦ୍ୱିବାର୍ଷିକ ରାଜ୍ୟ ସମ୍ମିଳନୀ ରବିବାର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର ସଭାପତି ଇଂ. ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପେନ୍‌ସନ୍ ବୃଦ୍ଧି ଏବଂ ଅନ୍ୟ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ କରି ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଇପିଏଫ୍ ପେନସନର୍ସ ଆସୋସିଏଶନର ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି ଭୀମରାଓ ଡୁଙ୍ଗରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ବିଭିନ୍ନ ସମସ୍ୟା ଓ କେନ୍ଦ୍ର ସରକାରଙ୍କ ନକାରାତ୍ମକ ମନୋଭାବ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଆସୋସିଏଶନର ବିଗତ ଦୁଇବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ବିବରଣୀ ପ୍ରଦାନ ଏବଂ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆସୋସିଏଶନର ମୁଖପତ୍ର 'ବରେଣ୍ୟ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିଷ୍ଣୁପ୍ରସାଦ ମହାନ୍ତି, ସରୋଜକାନ୍ତ ମଲ୍ଲିକ, ବିକ୍ରମ ଛୋଟରାୟ, ସଚ୍ଚିଦାନନ୍ଦ ସାମନ୍ତରାୟ, ବିନୋଦ ବେହେରା, କୈଳାସ ଚନ୍ଦ୍ର ସାହୁ, କସ୍ତୁରୀ ଚରଣ ସୁବୁଦ୍ଧି, ଅର୍ଚ୍ଚନା ପଟ୍ଟନାୟକ, ରମେଶ ଚନ୍ଦ୍ର ଘଡ଼େଇ, ଗୀତାଞ୍ଜଳି ପାତ୍ର ଏବଂ ଉର୍ବଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରକାଶ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ହାତୀମୃତ୍ୟୁର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର, ୩।୧୧(ବନ୍ଦନା ସେଠୀ)**

ରାଜ୍ୟରେ ଦିନକୁ ଦିନ ହାତୀମୃତ୍ୟୁ ବଢ଼ି ଚାଲିଛି। ଚଳିତବର୍ଷ ରାଜ୍ୟରେ ପ୍ରାୟ ୫୦ ହାତୀଙ୍କ ମୃତ୍ୟୁ ଘଟିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୨୪ ଆରମ୍ଭରୁ ଏ ପର୍ଯ୍ୟନ୍ତ ଘଟିଥିବା ଅସ୍ୱାଭାବିକ ହାତୀମୃତ୍ୟୁର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଦୋଷୀ ଓ ଅବହେଳା ପ୍ରଦର୍ଶନ କରିଥିବା ବନ ବିଭାଗ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ନିଆଯିବା ସହ ଏ ସଂକ୍ରାନ୍ତରେ ୧ମାସ ମଧ୍ୟରେ ଜଣାଇବାକୁ କହିଛନ୍ତି। ଏ କ୍ଷେତ୍ରରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ସତର୍କ କରାଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଅସ୍ୱାଭାବିକ ହାତୀମୃତ୍ୟୁ ରୋକିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗଜସାଥୀ ମୁତୟନ ସହିତ ରାପିଡ୍ ଆକ୍ସନ ଟିମ୍ କାର୍ଯ୍ୟ କରୁଛି। ଏଥିସହ ଜଙ୍ଗଲ ବିଭାଗ ଅଧିକାରୀଙ୍କ ଦକ୍ଷତା, ଆନ୍ତରିକତା ଏବଂ କାର୍ଯ୍ୟକୁଶଳତାର ଅଧିକ ଆବଶ୍ୟକତା ଅନୁଭୂତ ହେଉଛି। ସୁରକ୍ଷିତ ପରିବେଶରେ ବାସ କରିବା ବନ୍ୟଜନ୍ତୁମାନଙ୍କ ଅଧିକାର। ତେଣୁ ସେମାନଙ୍କୁ ଆଇନଗତ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଛି। ସେମାନଙ୍କ ନିରାପତ୍ତା ନିଶ୍ଚିତ କରାଯିବା ନିମନ୍ତେ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ନିଆଯିବା ସର୍ବଦା ଜରୁରୀ। ସେହିପରି ବନ ବିଭାଗ ଅଧିକାରୀମାନେ ଏଥିନିମନ୍ତେ ଉତ୍ତରଦାୟୀ ହେବା ଆବଶ୍ୟକ। ଚଳିତବର୍ଷ ଆରମ୍ଭରୁ ଏଯାବତ୍ ଘଟିଥିବା ଅସ୍ୱାଭାବିକ ହାତୀମୃତ୍ୟୁ ଘଟଣାଗୁଡ଼ିକୁ ବନଖଣ୍ଡୱାରୀ ପ୍ରସ୍ତୁତ କରାଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଟୀର ମାଡ଼ରେ ଦନ୍ତା ଆହତ

## ପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛାଡ଼ିଲା ବନ ବିଭାଗ

**ନରସିଂହପୁର,୩।୧୧**



କଟକ ଜିଲା ନରସିଂହପୁର ବନ ବିଭାଗ ପୂର୍ବାଞ୍ଚଳ ରେଞ୍ଜ୍ ଅଧୀନ ଦେବଭୂମି ସଂରକ୍ଷିତ ଜଙ୍ଗଲରେ ଟୀରମାଡ଼ରେ ଏକ ଦନ୍ତାହାତୀ ଆହତ ହୋଇଛି। ତା' ଶରୀରର ଡାହାଣ ପାର୍ଶ୍ୱ ୨ ସ୍ଥାନରେ କ୍ଷତ ହୋଇଥିବା ବେଳେ ଆଉ କେତୋଟି ସ୍ଥାନରେ ସାମାନ୍ୟ ଖଣ୍ଡିଆ ହୋଇଛି। ୪/୫ ଦିନ ପୂର୍ବରୁ ଏହି ଟୀରମାଡ଼ କରାଯାଇଥିବା ଆଶଙ୍କା କରାଯାଉଛି। ଉକ୍ତ ହାତୀର ବୟସ ୭/୮ ବର୍ଷ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ଥାନୀୟ ଲୋକେ ଜଙ୍ଗଲରେ ଗୁରୁତର ଅବସ୍ଥାରେ ହାତୀଟି ବୁଲୁଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଆଠଗଡ଼ ଡିଏଫ୍‌ଓ ସରୋଜ କୁମାର ପତିଙ୍କ ନେତୃତ୍ୱରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଢେଙ୍କାନାଳ ଡାକ୍ତରୀ ଟିମ୍ ଜଙ୍ଗଲରେ ପହଞ୍ଚି ଟ୍ରାଙ୍କୁଲାଇଜ୍ କରିବା ପରେ ଉକ୍ତ ହାତୀର ଚିକିତ୍ସା ଆରମ୍ଭ କରିଛନ୍ତି। ତା'ର କ୍ଷତ ସ୍ଥାନଗୁଡ଼ିକୁ ଡ୍ରେସିଂ କରାଯାଇଛି। କ୍ଷତ ଗୁରୁତର ନ ଥିବାରୁ ଚିକିତ୍ସା ପରେ ହାତୀଟିକୁ ଜଙ୍ଗଲରେ ଛାଡ଼ିଦିଆଯାଇଛି। ଏଥିସହ ତା'ର ଗତିବିଧି ଉପରେ ନଜର ରଖାଯାଇଛି ବୋଲି ପୂର୍ବାଞ୍ଚଳ ରେଞ୍ଜ୍ ଅଧିକାରୀ ସୁବାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ନରସିଂହପୁର ବନାଞ୍ଚଳ ସମେତ ଜିଲିଣ୍ଡାସ୍ଥିତ ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ହାତୀ ସୁରକ୍ଷା କଡ଼ାକଡ଼ି କରିବା ସହ ଶିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# କୋଏଲ ନଦୀରେ ଗାଧୋଇବାବେଳେ ଭାସିଗଲେ: ୩ ଉଦ୍ଧାର, ଜଣେ ନିଖୋଜ

**ରାଉରକେଲା,୩।୧୧(ସଙ୍ଗୀତା ଜେନା)**



ନିଖୋଜ ଛାତ୍ର ପ୍ରତୀକ ବଡ଼ାଇକ।

କୋଏଲ ନଦୀରେ ଗାଧୋଇବା ବେଳେ ଭାସିଯିବାରୁ ଜଣେ ସ୍କୁଲ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ହେଲେ ପ୍ରତୀକ ବଡ଼ାଇକ(୧୧) ଏବଂ ସେ ସେକ୍ଟର-୨୦ ପମ୍ପ ହାଉସର ନିବାସୀ ଅଟୋ ଚାଳକ ରାଜେଶ ବଡ଼ାଇକଙ୍କ ପୁଅ। ସେହିପରି ଏହି ଘଟଣାରେ ଅନ୍ୟ ୩ଜଣ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ସେକ୍ଟର-୧୯ ଥାନା ପୋଲିସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ କରାଯାଇଥିଲେ ମଧ୍ୟ ନିଖୋଜ ଛାତ୍ରଙ୍କ ପତ୍ତା ମିଳି ନ ଥିଲା।

ରବିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ସେକ୍ଟର-୨୦ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲର ୫ମ ଶ୍ରେଣୀର ଉକ୍ତ ୪ଜଣ ଛାତ୍ର କୋଏଲ ନଦୀର ହମିରପୁର ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ୪ଜଣ ଯାକ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ପ୍ରତୀକଙ୍କ କୌଣସି ପତ୍ତା ମିଳି ନ ଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ସହାୟତାରେ ଖୋଜାଖୋଜି କରିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ରବିବାର ଛୁଟି ଥିବାରୁ ପ୍ରତୀକ ଓ ତାଙ୍କ ସାଙ୍ଗମାନେ ଫୁଟ୍‌ବଲ ଖେଳିବାକୁ ଯାଉଛୁ କହି କୋଏଲ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ ଏବଂ ପରେ ଅଘଟଣର ଶିକାର ହୋଇଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ କୋଏଲ ନଦୀର ଝିରପାଣି ଘାଟରେ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ।

# ୨ ଯବାନଙ୍କୁ ଆକ୍ରମଣ କରି ବନ୍ଧୁକ ଛଡ଼ାଇନେଲେ ମାଓବାଦୀ

**ମାଲକାନଗିରି,୩।୧୧(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀଙ୍କ ଆକ୍ରମଣରେ ୨ ଯବାନ ରବିବାର ଗୁରୁତର ହୋଇଛନ୍ତି। ଏହାସହ ସେମାନଙ୍କ ବନ୍ଧୁକ ମଧ୍ୟ ମାଓବାଦୀମାନେ ଛଡାଇ ନେଇଥିବା ଜଣାପଡିଛି। ଗୁରୁତର ଦ୍ୱୟ ହେଲେ କର୍ତ୍ତମ ଦେବା ଓ ସୋଡି କୁନା। ଏହି ଖବର ଜଣାପଡିବା ପରେ ପୋଲିସ କର୍ମଚାରୀମାନେ ପହଞ୍ଚି ସେମାନଙ୍କୁ ପ୍ରଥମେ ଜଗରଗୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଥିବା ସୁକ୍‌ମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ସୁକ୍‌ମା ଜିଲା ଜଗରଗୋଣ୍ଡା ସାପ୍ତାହିକ ହାଟ ଚାଲିଥିବା ସମୟରେ ସେଠାରେ ଡିଆରଜିର ଯବାନ ପହରା ଦେଉଥିଲେ। ଏହି ସମୟରେ ସେଠାରେ କେତେକ ସଶସ୍ତ୍ର ମାଓବାଦୀ ପହଞ୍ଚି ପହରା ଦେଉଥିବା ୨ ଯବାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ କର୍ତ୍ତମ ଦେବା ଓ ସୋଡି କୁନା ଗୁରୁତର ହୋଇଥିଲା ବେଳେ ତାଙ୍କ ବନ୍ଧୁକ ମଧ୍ୟ ମାଓବାଦୀମାନେ ଛଡାଇ ନେଇ ଯାଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିଏସ୍ଏନ୍ଆର୍ ପକ୍ଷରୁ ୱାର୍କସପ୍, ସ୍ଥାନ: ଏନ୍ଏବିଏମ୍ କନ୍‌ଫରେନ୍ସ ହଲ୍, ଓମ୍‌ଫେଡ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ନାରାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୨୭ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ଶ୍ରୀ ନିକୁଞ୍ଜ ବିହାରୀ ମନ୍ଦିର ପରିସର, ବାଲିଅନ୍ତା, ସମୟ: ରାତି ୭ଟା।

## କଟକ
- ସାଧୁସନ୍ଥ ସମାବେଶ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ ତରିଲୋ(ସୋମପୁର), ସମୟ: ସକାଳ ୮ଟା।
- ଆମ୍ବଟାକୁଆ ଖାଇ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଏସୟୁସିଆଇ (ସି) ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ସୋନପୁରରେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଷ୍ଟେଟ୍ ୟୁନିଅନ ଅଫ ଜର୍ନାଲିଷ୍ଟସ (ଏସ୍‌ୟୁଜେ) ଓଡ଼ିଶା ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଡିଜିପି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ସ୍ୱର୍ଗଦ୍ୱାର ବ୍ୟବସାୟୀ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ହିଞ୍ଜଳ ଜାଗା କଲ୍ୟାଣ ମଣ୍ଡପ, ପୁରୀ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୃଷ୍ଣପ୍ରସାଦ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ, ସ୍ଥାନ: ହରିହରାନନ୍ଦ ଗୁରୁକୁଳମ୍ ଆଶ୍ରମ, ବାଲିଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଇପିଏଫ୍ ପେନ୍‌ସନର୍ସ ସଂଘ ସମ୍ମିଳନୀର ଉଦ୍‌ଯାପନୀ ଦିବସ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ଦୟା ପରିଷଦ ପକ୍ଷରୁ ରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ନୀଳଗିରି ମିଳିତ ଆଞ୍ଚଳିକ କୃଷକ ସଭା ପକ୍ଷରୁ ନୀଳଗିରି-ବଉଳଗଡ଼ିଆ ରାସ୍ତାର ନବୀକରଣ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକୋ,ସ୍ଥାନ:ବାଉଁଶବଣିଆ ଛକ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚରମ୍ପା, ଭଦ୍ରକ ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ସେବାକେନ୍ଦ୍ରର ୨୫ବର୍ଷ ପୂର୍ତ୍ତି ପାଳନ, ସ୍ଥାନ: ମଠସାହି ଶିବଶକ୍ତି ଭବନ ବ୍ରହ୍ମାକୁମାରୀ ସେବାକେନ୍ଦ୍ର, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ହରିବଂଶ ପାଠ ଏବଂ ପୂଜା, ସ୍ଥାନ : ଡ଼ଅଁର, ହାଟଡିହୀ, ସମୟ : ସକାଳ ୭ ଟା।
- ବିଜେଡି ତରଫରୁ ପଦଯାତ୍ରା, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ସତ୍‌ସଙ୍ଗ କେନ୍ଦ୍ରରେ ଆଧାତ୍ମିକ ଆଲୋଚନା ଏବଂ ଭଜନ ସମାରୋହ, ସ୍ଥାନ:ଜଳକଳଙ୍ଗ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ସ୍ଥାନ: କେନ୍ଦୁଝର ଜେଲ ରୋଡ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁରଭି-୨୦୨୪, ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- ଶ୍ରୀମଦ ଭାଗବତ ପାରାୟଣ ଆରମ୍ଭ, ସ୍ଥାନ: ବୁଗୁଡା ବି ବ୍ରହ୍ମପୁର କଦମ୍ବ ମଠ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ଶ୍ରୀମଦ ଭାଗବତ କଥା ପ୍ରଥମ ଦିନ, ସ୍ଥାନ: କ. ନୂଆଗାଁ ପାତ୍ର କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ-ଲେଥକା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗଁଦିଆ ବ୍ଲକ, ସମୟ-ପୂର୍ବରାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ଉପଲକ୍ଷେ ପ୍ରଶାସନିକ ବିଭାଗର ନାଟକ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଯାଜପୁର ଯଯାତି କେଶରୀ ମେଡିକାଲ କଲେଜ ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ହ୍ୱାଇଟ କୋଟ ଆଣ୍ଡ ଓଥ ଟେକିଂ ସେରିମୋନି, ସ୍ଥାନ : ଯଯାତି କେଶରୀ ମେଡିକାଲ କଲେଜ ଆଣ୍ଡ ହସପିଟାଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ରୋଡ ନହକା କାଳୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ରୋୟଲ କଳିଙ୍ଗ ଛକ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ କାଳୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଯାଜପୁର ରୋଡ ଚାନ୍ଦମା ଥାନା ଛକ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୧୦୫ ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଦଶପଲ୍ଲା ଗୋବିନ୍ଦ ଭବନ, ସମୟ: ଅପରାହ୍ନ ୫ଟା ।
- ଗିରି ଗୋବର୍ଦ୍ଧନ ପୂଜାର ତୃତୀୟ ଦିବସରେ ବାଦି ପାଲା ପ୍ରତିଯୋଗିତା, ସ୍ଥାନ:ଖଣ୍ଡପଡ଼ା ବ୍ଲକର ପଥର ଦ୍ୱାର ପୂର୍ଣ୍ଣମାସୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ନାଗଲ ଚତୁର୍ଥୀ ପୂଜା, ସ୍ଥାନ:ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ରାଧା ମୋହନ ମଠ, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ସଦର ମହକୁମାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ବ୍ଲକ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ବିଶ୍ୱ ଭାରତୀ ସମାବେଶ ପ୍ରସ୍ତୁତି ବୈଠକ, ସାକ୍ଷୀ ଗୋପୀନାଥ ପଡା, ସମୟ : ପୂର୍ବାହ୍ନ ୧୧ଟା।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ନାମଯଜ୍ଞର ସପ୍ତଦଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିପୁରାସୁର ରାଜର ପଞ୍ଚମ ସନ୍ଧ୍ୟା, ସ୍ଥାନ: ବଡ଼ଖମାର, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ରାଉରକେଲା
- ଓଡ଼ିଶାର ଧର୍ମଧାରା ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର, ସ୍ଥାନ: ମ୍ୟୁନିସିପାଲ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ନୃତ୍ୟ ସଙ୍ଗୀତ ମହୋତ୍ସବ--୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା।
- ନାଗରିକଙ୍କ ମୌଳିକ ଅଧିକାରକୁ ନେଇ ଆଲୋଚନାଚକ୍ର, ସ୍ଥାନ: କମ୍ୟୁନିଟି ସେଣ୍ଟର, ସେକ୍ଟର-୭, ରାଉରକେଲା, ସମୟ: ସନ୍ଧ୍ୟା ୭ଟା ।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠ ସାହି ଛକ, ସମୟ: ପ୍ରାତଃ ୫ଟା।
- କାଳୀ ମା'ଙ୍କ ପାନ୍ତହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳୀ ପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କାଳୀ ମା'ଙ୍କ ଦିବ୍ୟ ସନ୍ଧ୍ୟା ଆଳତି, ସ୍ଥାନ: ବାରକୋଟ କାଳୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶିଳ୍ପିକା ମଡର୍ଣ୍ଣ ଡାନ୍ସ ଗ୍ରୁପ ଭୁବନେଶ୍ୱର, ସ୍ଥାନ: ପୂଜା ମଣ୍ଡପ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଗିରି ଗୋବର୍ଦ୍ଧନ ପୂଜା ପୁରାଣ ପାଠୋତ୍ସବ, ସ୍ଥାନ: ଖଡ଼ିଆଳ ବ୍ଲକ ବଡମହେଶ୍ୱର ଗାଁ, ସମୟ: ସକାଳ ୭ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଖଡ଼ିଆଳ ଫୁଟବଲ ମହାକୁମ୍ଭ ଷୋଡଶ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ ଟା।
- ନାଗବାଚା ଗାଦି ଯାତ୍ରା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ ନାଗବାଚା ମନ୍ଦିର, ସମୟ: ଅପରାହ୍ନ ୫ ଟା।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଧୁମାଭଟା ଗାଁ, ସମୟ: ସନ୍ଧ୍ୟା ୭ ଟା।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ କାଂସ ପୋଡ଼ି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ଖେଳପଡ଼ିଆ, ସମୟ: ସନ୍ଧ୍ୟା ୭ଟା ୧୫।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା, ସମୟ: ରାତ୍ର ୧୦ ଟା।
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ରାତ୍ର ୧୦ଟା ୩୩।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର,
- ସ୍ଥାନ: ବୌଦ୍ଧ ବ୍ଲକ କାର୍ଯ୍ୟାଳୟ , ବୌଦ୍ଧ, ସମୟ :ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଅଭାବରୁ କାମରେ ଅଗ୍ରଗତି ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। କର୍ମକ୍ଷେତ୍ରରେ ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ**
ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବା ସାଙ୍ଗକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଉନ୍ନତି କରିବେ। ବନ୍ଧୁଙ୍କ ନିକଟରୁ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ। ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
ବନ୍ଧୁମାନେ ଯେତେ ବିରୋଧ କଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡିବନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଦୃଢ ପଦକ୍ଷେପ ନେଲେ ଝମେଲା ଅଧିକ ବଢି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲର ଆଶା ରହିଛି।

**କର୍କଟ**
ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। କୌଣସି ବିବାଦୀୟ ଘଟଣାରେ ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ଆଶଙ୍କା ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବ। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ସିଂହ**
ଆର୍ଥିକ ସମସ୍ୟା ମଧ୍ୟରେ ପିଲାଙ୍କ କୌଣସି ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ପର କଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। ସରକାରୀ ଆଦେଶ ପ୍ରାପ୍ତ ହୋଇ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯାଇପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ମନ ଶାନ୍ତ ହୋଇଯିବ।

**କନ୍ୟା**
ଆଜି ସକାଳୁ କୌଣସି ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତ ହେବେ। ଦୀର୍ଘଦିନର ଇଚ୍ଛୁକ ଜିନିଷଟି ଆଜି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା**
ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ କିନ୍ତୁ ବିବାଦରୁ ଦୂରେଇ ରହନ୍ତୁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ପ୍ରିୟବନ୍ଧୁଙ୍କ ପାଇଁ ମନ ଛଟପଟ ହେବା ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା**
ପରିବାରର ବିଭିନ୍ନ ସମସ୍ୟା ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନାରେ ଟେନ୍‌ସନ ବଢ଼ିବ। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିପାରନ୍ତି। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ।

**ମକର**
ମୂଲ୍ୟହୀନ କଥାରେ ବିତର୍କ କରି ପରିବାରରେ କଳହ ଲାଗିପାରେ। ଖର୍ଚ୍ଚାନ୍ତ ହୁଅନ୍ତୁ ପଛେ କୌଣସି କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ, ପ୍ରଶାସନିକ କ୍ଷେତ୍ର, ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ସହ ଅଟକି ଥିବା କାମ ସହଜରେ ହାସଲ କରିବେ।

**କୁମ୍ଭ**
ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ କିନ୍ତୁ ସହଜରେ ପାଇବା କାଠିକର ପାଠ ହେବ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ, ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମୀନ**
କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ,ନୂତନ ମେସିନେରି ଜିନିଷ କିଣିପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ମନ ହାଲୁକା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବାର ପୂର୍ଣ୍ଣ ସମ୍ଭାବନା ରହିଛି।

ଆଜି ନଭେମ୍ବର ୪ ତାରିଖ, କାର୍ତ୍ତିକ ଶୁକ୍ଳ ତୃତୀୟା ସୋମବାର, ଦିବା ଘ.୦୮।୦୩ ମି. ଗତେ, ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୩ ଗତେ, ଘ.୦୭।୧୭ ମଧ୍ୟେ, ଘ.୦୮।୫୨ ମି. ଗତେ, ଘ.୧୧।୦୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୭ ଗତେ, ଘ. ୦୮।୪୧ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ବର୍ଜ୍ୟ ...

ରାଜ୍ୟ ସରକାର ଉପଯୁକ୍ତ ସ୍ପଷ୍ଟୀକରଣ ଦେଇପାରି ନ ଥିବା ଟ୍ରିବ୍ୟୁନାଲ କହିଛନ୍ତି। ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ସାନି ରିପୋର୍ଟ ମାଗିବା ସହ ଆସନ୍ତା ବର୍ଷ ଏପ୍ରିଲ ୨୮ରେ ଓଡ଼ିଶା ରିପୋର୍ଟ ଉପରେ ବିଚାର କରିବେ ବୋଲି ଖଣ୍ଡପୀଠ କହିଛନ୍ତି।

ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱରରୁ ଦୈନିକ ଏବେ ୮୦୦ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି। ସେଥିରୁ ୪୦୦ ମେଟ୍ରିକ୍ ଟନ୍ ଆବର୍ଜନା ସହରରେ ଥିବା ୩୪ଟି ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ଏବଂ ୨୨ଟି ଏମ୍ଆରଏଫ୍ (ମ୍ୟାଟେରିଆଲ୍‌ସ ରିକଭରି ଫ୍ୟାସିଲିଟି)ରେ ପ୍ରୋସେସିଂ କରାଯାଉଛି। ବଳକା ୪୦୦ ମେଟ୍ରିକ୍ ଟନ୍ ଆବର୍ଜନାକୁ ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍ (ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ)କୁ ଅଣାଯାଉଛି। ସେଠାରେ ଥିବା ଟେରେକ୍ସ ଓ ଟ୍ରମେଲ୍ ମେଶିନ୍‌ରେ ପ୍ରାୟ ୩୦୦ ମେଟ୍ରିକ୍ ଟନ୍ ଆବର୍ଜନାକୁ ୱିଣ୍ଡ୍ରୋସ୍ କରାଯାଉଛି ଏବଂ ବଳକା ୧୦୦ ମେଟ୍ରିକ୍ ଟନ୍ ଆବର୍ଜନାକୁ ଆର୍‌ଡିଏଫ୍ ଭାବେ ରାଜଗାଙ୍ଗପୁର ସିମେଣ୍ଟ କାରଖାନାକୁ ପଠାଯାଉଥିବା ବିଏମ୍‌ସିର ଅତିରିକ୍ତ କମିଶନର (ପରିମଳ) ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ସେହିପରି ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବର୍ତ୍ତମାନ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ପ୍ରତିଦିନ ପ୍ରାୟ ୨୦୦ ମେଟ୍ରିକ ଟନ୍ ଆବର୍ଜନା ବାହାରୁଛି। ଆବର୍ଜନାକୁ ଆଉ ଡମ୍ପିଂ କରା ନ ଯାଇ ସହର ଅଳିଆକୁ ଅତ୍ୟାଧୁନିକ ପଦ୍ଧତିରେ ପରିଚାଳନା କରାଯାଉଛି। ମହାନଗରର ୯ଟି ସ୍ଥାନରେ କଠିନ ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର ବା ମ୍ୟାଟେରିଆଲ ରିକଭରି ଫାସିଲିଟି(ଏମ୍ଆର୍ଏଫ୍) ଓ ଖତ ପ୍ରସ୍ତୁତି କେନ୍ଦ୍ର ବା ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମ୍‌ସିସି) ରହିଛି। ସେଥିମଧ୍ୟରୁ ବୁର୍ଲାରେ ୨ଟି, ହୀରାକୁଦ, ଦୁର୍ଗାପାଲି, ବାଲିବନ୍ଧା, ଚାଉଁରପୁର, କଇଁଶିର, ଭତରା ମଠପାଲି, ବୈଜାମୁଣ୍ଡାରେ ଗୋଟିଏ ଲେଖାଏ ରହିଛି। ସହରରୁ ସଂଗୃହୀତ ପ୍ଲାଷ୍ଟିକ ଆବର୍ଜନା ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ପୃଥକ ଭାବେ ଉକ୍ତ କେନ୍ଦ୍ର ଗୁଡ଼ିକରେ ଗଚ୍ଛିତ କରାଯାଇ ପରେ ଏହାକୁ ବିଭିନ୍ନ ସଂସ୍ଥାକୁ ଏକସଙ୍ଗେ ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଏଥିରୁ ବାୟୋଗ୍ୟାସ ଉତ୍ପାଦନର ଲକ୍ଷ୍ୟ ମଧ୍ୟ ରଖାଯାଇଛି ବୋଲି ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି।

କଟକ ସହରରୁ ଦୈନିକ ୨୫୦ରୁ ୩୦୦ ଟନ୍ ଆବର୍ଜନା ସଂଗ୍ରହ ହେଉଛି। ୩ଟି ଘରୋଇ ସଂସ୍ଥା ଦ୍ୱାରା ସହରର ୫୯ଟି ୱାର୍ଡର ଘରକୁ ଘର ଯାଇ ଦୈନିକ ସକାଳୁ ଓଦା ଓ ଶୁଖିଲା ଆବର୍ଜନା ପୃଥକ ଭାବେ ସଂଗ୍ରହ କରାଯାଉଛି। ସେଗୁଡ଼ିକୁ ସହରରେ ଥିବା ୧୪ଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରରେ ପ୍ରଥମ ପ୍ରୋସେସିଂ ହେବା ପରେ ବାକି ଆବର୍ଜନା ସତୀଚଉରାରେ ଥିବା ଡମ୍ପିୟାର୍ଡକୁ ଆସୁଛି। ପୁଣି ସେଠାରୁ ଆବର୍ଜନାଗୁଡ଼ିକ ଚକ୍ରଧରପୁରକୁ ଆସି ସେଠାରେ ପ୍ରୋସେସିଂ କରାଯାଉଛି ବୋଲି ସିଏମ୍‌ସି କମିଶନର ଅନାମ ପାତ୍ର ସୂଚନା ଦେଇଛନ୍ତି। ସେହିପରି ରାଉରକେଲା ମହାନଗର ନିଗମ (ଆର୍ଏମ୍‌ସି) ଅଧୀନରେ ଥିବା ୪୧ଟି ୱାର୍ଡରୁ ଦୈନିକ ୩୩୩ କ୍ୟୁବିକ୍ ମିଟର (ସିୟୁଏମ୍) ବର୍ଜ୍ୟବସ୍ତୁ ବାହାରୁଛି। ଉକ୍ତ ବର୍ଜ୍ୟବସ୍ତୁକୁ ସହରର ୭୦ଟି ଗାର୍ବେଜ୍‌ରେ ଗଚ୍ଛିତ ରଖାଯାଉଛି। ଏଥିସହ ଦୈନିକ ୧୫୦ ସିୟୁଏମ୍ ବର୍ଜ୍ୟକୁ ପୁନଃଚକ୍ରଣ କରି କମ୍ପୋଷ୍ଟ ଖତ କରାଯାଉଥିବା ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀ ଅନୂପ ମଲ୍ଲିକ କହିଛନ୍ତି। ବ୍ରହ୍ମପୁର ମହାନଗର ନିଗମରୁ ଦୈନିକ ପ୍ରାୟ ୧୦୦ରୁ ୧୨୨ ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। ସେସବୁକୁ ବ୍ରହ୍ମପୁରଠାରୁ ୧୫ କି.ମି. ଦୂର ମହୁଡା ନିକଟରେ ନିର୍ମିତ ବିଇଏମ୍‌ସିର କଠିନ ବର୍ଜ୍ୟବସ୍ତୁ ପ୍ଲାଣ୍ଟକୁ ପଠାଯାଉଛି। ସେଠାରେ ପୃଥକ୍ କରାଯିବା ପରେ ୬୦ରୁ ୭୦ ଟନ୍ ଆବର୍ଜନା ମୋ ଖତ ପାଇଁ ବ୍ୟବହାର କରାଯାଉଛି। ଆବର୍ଜନାରୁ ଅଧିକ ପଲିଥିନ ଓ ପ୍ଲାଷ୍ଟିକ ବାହାରୁଥିବା ପ୍ଲାଣ୍ଟ ସୂତ୍ରରୁ ସୂଚନା ମିଳିଛି। ପ୍ରାୟ ୩୦ ଟନ୍ ପଲିଥିନ ବାହାରୁଥିବାବେଳେ ଗୋଟିଏ ଟନ୍ ପ୍ଲାଷ୍ଟିକ ବାହାରୁଛି। ପଲିଥିନ ରିସାଇକ୍ଲିଂ ହୋଇପାରୁ ନ ଥିବାରୁ ତାହାକୁ ସିମେଣ୍ଟ ପ୍ଲାଣ୍ଟକୁ ପଠାଯାଉଛି। ପ୍ଲାଷ୍ଟିକଗୁଡ଼ିକ କବାଡ଼ିଆଙ୍କୁ ଦିଆଯାଉଛି ବୋଲି ପ୍ଲାଣ୍ଟର ଅପରେଶନ କମ୍ ମେକାନିକାଲ ମ୍ୟାନେଜର ସମୀର ତରାସିଆ ସୂଚନା ଦେଇଛନ୍ତି।

### ପୁଣି ଉଠିଲା ...

ପ୍ରକଳ୍ପଗୁଡ଼ିକୁ ଗୁରୁତ୍ୱ ଦିଆଯାଇ ସେହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ମହାନଦୀ ପ୍ରସଙ୍ଗରେ ବିଜେଡି ସବୁବେଳେ ଲଢ଼େଇ କରିଆସିଛି। ଏହି କଥାକୁ ଦିଲ୍ଲୀ ପର୍ଯ୍ୟନ୍ତ ଉଠାଯାଇଛି। ଏହାକୁ ନେଇ ଆଇନଗତ ଲଢ଼େଇ ମଧ୍ୟ ଚାଲିଛି। ଏସବୁ ଭିତରେ ମହାନଦୀ ବିବାଦର ସମାଧାନ ଲାଗି କେନ୍ଦ୍ର ସରକାରଙ୍କ ସହଯୋଗ ମିଳିଲା ନାହିଁ। ଯଦି ମୁଖ୍ୟମନ୍ତ୍ରୀ କହୁଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଛନ୍ତି ତେବେ ଏହା ସ୍ୱାଗତଯୋଗ୍ୟ। ହେଲେ କ'ଣ କଥା ହୋଇଛନ୍ତି ସେକଥାକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ଆଲୋଚନା କରିଦେଲେ ଯଦି ଏହାର ସମାଧାନ ହୋଇଯାଇଥାଆନ୍ତା ତେବେ କେବେଠାରୁ ଏହି ପ୍ରସଙ୍ଗ ତୁଟି ସାରିଥାଆନ୍ତା। ତାଙ୍କ ସରକାର ଦିଲ୍ଲୀରେ ଅଛି। ସେମାନେ ତାଙ୍କ ସରକାରକୁ ନିର୍ଦ୍ଦେଶ ଦେଇସାରିଥାଆନ୍ତେ। ତେଣୁ ଏସବୁ କଥା ହେଉଛି ରାଜନୈତିକ ଧୂଆଁବାଣ। ସେମାନେ କେବଳ ଝୁମ୍‌ଲା କରୁଛନ୍ତି, ଦେଖିବେ ଏହି କଥାରେ କିଛି ହେବାର ନାହିଁ ବୋଲି ନରସିଂହ କହିଛନ୍ତି।

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି, ମହାନଦୀ ଜଳ ବିବାଦର ଖୁବ୍‌ଶୀଘ୍ର ସମାଧାନ ହେବ ଏବଂ ଏ ଦିଗରେ ଛତିଶଗଡ଼ ସହିତ ୨ ଥର କଥା ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ କେଉଁ ବିଷୟରେ ଆଲୋଚନା ହୋଇଛି ଏବଂ ଜଳ ବିବାଦର ସମାଧାନର ବ୍ୟବସ୍ଥା କ'ଣ ତାକୁ ସାର୍ବଜନୀନ କରାଯାଉ। ଏହି ଜଳ ବିବାଦର ସମାଧାନ ପାଇଁ ମହାନଦୀ ଟ୍ରିବ୍ୟୁନାଲ୍ ଗଠିତ ହୋଇଛି । ୨୦୧୮ ମାର୍ଚ୍ଚରେ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ହୋଇଥିଲା। ଆଇନ ଅନୁଯାୟୀ ୩ ବର୍ଷ ଭିତରେ ଟ୍ରିବ୍ୟୁନାଲ ତାଙ୍କ ରାୟ ପ୍ରଦାନ କରିବା ଉଚିତ । ମାତ୍ର ଏହା ଭିତରେ ସାଢ଼େ ୬ ବର୍ଷ ବିତିଯାଇଛି। କିନ୍ତୁ ସମାଧାନ ଦିଗରେ କିଛି ଅଗ୍ରଗତି ହେଲା ନାହିଁ। ଗତ ୭ ମାସ ଧରି ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ଏହି ସମୟ ଭିତରେ ଏହାର କୌଣସି ବୈଠକ ହୋଇନାହିଁ । ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର କେତେ ତତ୍ପର ଏଥିରୁ ତାହା ସ୍ପଷ୍ଟ ଅନୁମେୟ। ଆପୋସ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ରାସ୍ତା ରହିଛି। ବର୍ତ୍ତମାନ କେନ୍ଦ୍ର, ଓଡ଼ିଶା ଓ ଛତିଶଗଡ଼ରେ ଭାଜପା କ୍ଷମତାରେ ଅଛି। ଅର୍ଥାତ ଏବେ ଟ୍ରିପଲ ଇଞ୍ଜିନ ସରକାର। ତେଣୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ସମ୍ଭାବନା ରହିଛି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ, ଛତିଶଗଡ଼ ସରକାର ମହାନଦୀର ଉପରମୁଣ୍ଡରେ ଏକାଧିକ ବ୍ୟାରେଜ ଏବଂ ବନ୍ଧ ନିର୍ମାଣ କରିଛନ୍ତି। ଫଳରେ ଅଣମୌସୁମୀ ସମୟରେ ମହାନଦୀରେ ଜଳ ସଙ୍କଟ ଦେଖାଦେଉଛି। ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କମି ଯାଉଛି। ଚଳିତ ବର୍ଷ ଅକ୍ଟୋବରରୁ ଜଳକଷ୍ଟ ଦେଖାଦେଲାଣି। ଅକ୍ଟୋବରରେ ଛତିଶଗଡ଼ କଲମା ବ୍ୟାରେଜର ସମସ୍ତ ଗେଟ୍ ବନ୍ଦ ହୋଇ ସାରିଛି। ଫଳରେ ଚଳିତ ବର୍ଷ ଖରା ଦିନରେ ଏହି ଜଳ ସଙ୍କଟ ଅତି ଉତ୍କଟ ହେବାର ସମ୍ଭାବନା ଦେଖାଦେଇଛି। ମହାନଦୀର ଜଳ ନିରନ୍ତର ପ୍ରବାହ ହେବା ନିତାନ୍ତ ଆବଶ୍ୟକ। ଏହାର ସମାଧାନ ପାଇଁ କଲମା ବ୍ୟାରେଜର ଗେଟ୍ ଖୋଲା ରହିବା ଦରକାର। ତେଣୁ ଏଭଳି ସ୍ଥିତିରେ କେନ୍ଦ୍ର, ଛତିଶଗଡ଼ ଏବଂ ଓଡ଼ିଶା ସରକାର ଏହି ପ୍ରସଙ୍ଗକୁ କେତେମାତ୍ରାରେ ଗୁରୁତ୍ୱ ପ୍ରଦାନ କରି ଏହାର ସମାଧାନ କରୁଛନ୍ତି ତ'ଉପରେ ସମସ୍ତଙ୍କ ନଜର ରହିଛି।

### ବଢୁଛି ହିମହ୍ରଦର ...

ଏହା ବୃଦ୍ଧି ପାଇ ୨୬୨୩ ହେକ୍ଟରରେ ପହଞ୍ଚିଛି। ଏହାସହ ଭାରତରେ ଏପରି ୬୭ଟି ହିମ ହ୍ରଦ ଚିହ୍ନଟ ହୋଇଛି, ଯାହାର ପରିସୀମାରେ ୪୦%ରୁ ଅଧିକ ବୃଦ୍ଧି ଘଟିଛି। ସମ୍ଭାବ୍ୟ ଗ୍ଲାସିଆଲ୍ ଲେକ୍ ଆଉଟ୍‌ବ୍ରଷ୍ଟ ଫ୍ଲଡ୍(ଜିଏଲ୍ଓଏଫ୍)ପାଇଁ ଏହି ହିମ ହ୍ରଦଗୁଡ଼ିକୁ ଉଚ୍ଚ ବିପଦ ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଛି। ଖାସ୍‌କରି ଭାରତର ଲଦାଖ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ଥିବା ହିମହ୍ରଦଗୁଡ଼ିକର ପରିସୀମାରେ ଉଲ୍ଲେଖନୀୟ ବିସ୍ତାର ଦେଖିବାକୁ ମିଳିଛି। ତେଣୁ ଉକ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ଜିଏଲ୍ଓଏଫ୍‌ର ବଢ଼ିବାରେ ଲାଗିଛି। ତେଣୁ ହିମ ହ୍ରଦଗୁଡ଼ିକର ପରିସୀମା ବିସ୍ତାରକୁ ନେଇ ଉକ୍ତ ଅଞ୍ଚଳଗୁଡ଼ିକରେ ତୀବ୍ର ମନିଟରିଂ ଏବଂ ବିପର୍ଯ୍ୟୟ ପ୍ରସ୍ତୁତିର ଆବଶ୍ୟକତା ରହିଛି। ସିଡବ୍ଲ୍ୟୁସିର ଏହି ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁ ହିମାଳୟ ଓ ଏହାର ଆଖପାଖ ଅଞ୍ଚଳଗୁଡ଼ିକରେ ଥିବା ହିମ ହ୍ରଦ ଏବଂ ଅନ୍ୟାନ୍ୟ ଜଳସ୍ରୋତଗୁଡ଼ିକର ପରିସୀମା ୨୦୧୧ରେ ୫ ଲକ୍ଷ ୩୩ ହଜାର ୪୦୧ ହେକ୍ଟର ଥିବାବେଳେ ୨୦୨୪ରେ ଏହା ୧୦.୮୧% ବୃଦ୍ଧି ପାଇ ୫ ଲକ୍ଷ ୯୧ ହଜାର ୧୦୮ ହେକ୍ଟରରେ ପହଞ୍ଚିଛି। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁ ହିମାଳୟ ଓ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଉଛି, ଫଳରେ ଗ୍ଲାସିୟର ତରଳିବାରେ ଲାଗିଛି ଏବଂ ହିମ ହ୍ରଦଗୁଡ଼ିକର ପରିସୀମାର ବିସ୍ତାର ଘଟୁଛି। ଏଣୁ ହିମାଳୟର ପାଦ ଦେଶରେ ବସବାସ କରୁଥିବା ଲୋକଙ୍କ ସହ ଉକ୍ତ ଅଞ୍ଚଳର ଭିତ୍ତିଭୂମି ଓ ଜୈବ ବିବିଧତା ପ୍ରଭାବିତ ହେବ ବୋଲି ଏହି ରିପୋର୍ଟ ଆଶଙ୍କା ପ୍ରକାଶ କରିଛି।

### ପ୍ରିଭେସି, ଜାତୀୟ ...

ଆଇଏଏଫ୍ କର୍ମଚାରୀଙ୍କୁ ଜିଓ-ଟ୍ୟାଗିଂ କରିବାକୁ ଯାଉଛି। ଏହାଦ୍ୱାରା ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଗତିବିଧିକୁ ଟ୍ରାକ୍ କରାଯାଇପାରିବ ବୋଲି ସେ କହିଛନ୍ତି। ସେହିପରି ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଟେକ୍ ଏଣ୍ଟରପ୍ରିନ୍ୟୁର୍ ପବିତ୍ରନ୍ ରାଜନ ମଧ୍ୟ ଅନୁରୂପ ମତ ବ୍ୟକ୍ତ କରି କହିଛନ୍ତି, ଡେଟା ଲୋକାଲାଇଜେଶନ୍ ଏବଂ ସ୍ୱଦେଶୀ ଇନ୍‌ଫର୍ମେଶନ୍ ଆଣ୍ଡ୍ କମ୍ୟୁନିକେଶନ୍ (ଆଇସିଟି) ବିନା କଠୋର ଡେଟା ପ୍ରିଭେସି ଆଇନ ଅଣାଯାଇପାରିବ ନାହିଁ। ରାଜନଙ୍କ ମତରେ ବିନା କୌଶଳରେ ରଣନୀତି ହେଉଛି ବିଜୟ ପଥରେ ମନ୍ଥର ଗତି। ରଣନୀତି ବିନା କୌଶଳ ହେଲା ପରାଜୟ ପୂର୍ବରୁ କୋଳାହଳ। ସାଇବରସ୍ପେସ୍‌ରେ ସାର୍ବଭୌମତ୍ୱ ଏବଂ ଡେଟା ପ୍ରିଭେସି ନେଇ ଜରୁରୀ ଆଇନ ନ ରହିବା ଦ୍ୱାରା ଭାରତର ଜାତୀୟ ସୁରକ୍ଷା ବିପନ୍ନ ହୋଇପାରେ ବୋଲି ସେ ସତର୍କ କରାଇଛନ୍ତି। ପ୍ରକାଶ ଯେ, ଅକ୍ଟୋବର ୧୮ରେ ଆଇଏଏଫ୍ ଏବଂ ଉବର ମଧ୍ୟରେ ଏହି ଚୁକ୍ତି ସମ୍ପାଦିତ ହୋଇଥିଲା। ଏୟାର ଭାଇସ୍ ମାର୍ଶଲ ଉପଦେଶ ଶର୍ମା ଏବଂ ଉବରର ଜଣେ ବରିଷ୍ଠ ଅଧିକାରୀ ଏଥିରେ ସ୍ୱାକ୍ଷର କରିଥିଲେ। ତଦନୁସାରେ ଉବର ଆଇଏଏଫ୍ ଅଧିକାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ବିଶ୍ୱସନୀୟ, ସହଜ ଓ ସୁରକ୍ଷିତ ପରିବହନ ସେବା ପ୍ରଦାନ କରିବ ବୋଲି ବାୟୁସେନା ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଥିଲା। ତେବେ ସୋସିଆଲ ମିଡିଆରେ ଏହାକୁ ନେଇ ଆପତ୍ତି ଉଠାଯିବା ପରେ ଏୟାରଫୋର୍ସ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇଥିଲା।

# ଓଡ଼ିଶାର ସବୁଜ ସ୍ୱର



ଦୀପକ କୁମାର, ଅଭିନେତା



ସସ୍ମିତା ପଣ୍ଡା, ଅଭିନେତ୍ରୀ



ଅଙ୍କିତା ମହାନ୍ତି, ଅଭିନେତ୍ରୀ



ପୁପିନ୍ଦର ସିଂ, ଅଭିନେତା

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼



ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ, ରାୟଗଡ଼



ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାରଳାଖେମୁଣ୍ଡି



ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ସୋମବାର, ୪ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

# ଗୌରବମୟ ଇତିହାସକୁ ଛାତିରେ ଧରିଛି ଧଉଳି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୧(ସୁନିତ୍ ମିଶ୍ର)

ଧଉଳି ଶାନ୍ତିସ୍ତୂପର ୫୨ତମ ପ୍ରତିଷ୍ଠା ଦିବସ



ଧଉଳି ଏକ ସାଧାରଣ ପାହାଡ଼ ନୁହେଁ। ଏହି ପାହାଡ଼ ଓଡ଼ିଶା ଇତିହାସର ଏକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି। କଳିଙ୍ଗ ବୀର ସନ୍ତାନଙ୍କ ସୌର୍ଯ୍ୟ, ସାହସ ଓ ସାମର୍ଥ୍ୟର ପ୍ରତୀକ ହେଉଛି ଏହି ଧଉଳି। ଓଡ଼ିଆ ବୀର ସନ୍ତାନଙ୍କ ଲୁହ ଆଉ ରକ୍ତରେ ଏକାକାର ହୋଇଥିବା ତ୍ୟାଗର ତୀର୍ଥସ୍ଥଳୀ ଏହି ଧଉଳି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଧଉଳି ଶାନ୍ତିସ୍ତୂପର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇ କହିଛନ୍ତି।

ଏହି ଅବସରରେ ଧଉଳିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖ୍ରୀଷ୍ଟପୂର୍ବ ୨୬୧ରେ ଲୋମହର୍ଷଣକାରୀ କଳିଙ୍ଗ ଯୁଦ୍ଧ ପରେ ଏହିଠାରୁ ସମ୍ରାଟ ଅଶୋକ ଶାନ୍ତିକୁ ଜୀବନର ବ୍ରତ କରି ବୌଦ୍ଧଧର୍ମକୁ ଗ୍ରହଣ କରିଥିଲେ। ୫୨ ବର୍ଷ ତଳେ ଜାପାନ ସରକାରଙ୍କ ଉଦ୍ୟମରେ ଏହି ଶାନ୍ତିସ୍ତୁପ ପ୍ରତିଷ୍ଠା ହୋଇଥିଲା। ସେବେଠୁ ବର୍ତ୍ତମାନ ପର୍ଯ୍ୟନ୍ତ ଧଉଳି ହେଉଛି ଶାନ୍ତି ଆଉ ମୈତ୍ରୀର ପ୍ରତୀକ। ବୌଦ୍ଧଧର୍ମ ସମ୍ପର୍କରେ ଯେବେ ଆଲୋଚନା କରାଯାଏ ସେତେବେଳେ ଓଡ଼ିଶାର ନାଁ ସବୁଠାରୁ ଆଗରେ ଆସିଥାଏ। ଓଡ଼ିଶାରେ ବୌଦ୍ଧଧର୍ମର ଯେତେ ପ୍ରଚାର ପ୍ରସାର ହୋଇଥିଲା ଏବଂ ଯେତେ ବୌଦ୍ଧ ବିହାର ଓଡ଼ିଶାରେ ଦେଖିବାକୁ ମିଳେ ତାହା ଭାରତବର୍ଷର ଅନ୍ୟ କୌଣସି ପ୍ରଦେଶରେ ଦେଖିବାକୁ ମିଳେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତୀତର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସେତେବେଳେ ନୌବାଣିଜ୍ୟ ପରମ୍ପରାରେ ଓଡ଼ିଶାର ସାଧବ ପୁଅମାନେ ସିଦ୍ଧହସ୍ତ ଥିଲେ। ବୋଇତରେ ସେମାନେ ସାତ ସମୁଦ୍ର ପାର ହୋଇ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ। ଭାରତର ଅନ୍ୟ କୌଣସି ରାଜ୍ୟର ଲୋକମାନେ ସେତେବେଳେ ବୋଇତରେ ସମୁଦ୍ରଯାତ୍ରା ବିଷୟରେ ଜାଣି ନ ଥିଲେ। ତେଣୁ ବୌଦ୍ଧଧର୍ମର ପ୍ରଚାର ପାଇଁ ଯାଉଥିବା ବୌଦ୍ଧ ସନ୍ନ୍ୟାସୀମାନେ ଓଡ଼ିଶାରୁ ବିଦେଶକୁ ଯାଉଥିଲେ। ସେଥିପାଇଁ ଓଡ଼ିଶାରେ ବୌଦ୍ଧଧର୍ମର ବହୁଳ ପ୍ରସାର ଘଟିଥିଲା, ଯାହାର ଐତିହାସିକ ମୂକସାକ୍ଷୀ ଭାବେ ରତ୍ନଗିରି, ଲଳିତଗିରି, ଉଦୟଗିରି ଓ ଖଣ୍ଡଗିରି ଆଦିରେ ବୌଦ୍ଧ ବିହାର, ଗୁମ୍ଫା ଓ ଭଗ୍ନାବଶେଷ ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳୁଛି। ଧଉଳିଗିରିରେ ବର୍ତ୍ତମାନ ଯେଉଁ ଶାନ୍ତିସ୍ତୁପ ନିର୍ମାଣ କରାଯାଇଛି ତାହା ସାରା ପୃଥିବୀକୁ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଛି। ଧଉଳି ଶାନ୍ତିସ୍ତୁପର ଆହୁରି ବିକାଶ କରାଯିବ ଏବଂ ଆଖପାଖ ଅଞ୍ଚଳର ବ୍ୟାପକ ଉନ୍ନତୀକରଣ କରାଯିବ। ଧଉଳି ସମେତ ଆମର ସବୁ ଐତିହ୍ୟସ୍ଥଳୀର ବିକାଶ ପାଇଁ ସମନ୍ୱିତ ଯୋଜନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମ ସନାତନ ଧର୍ମ ଭଳି ବୌଦ୍ଧଧର୍ମର ଆଧାର ହେଉଛି ଅହିଂସା ପରମ ଧର୍ମ। ଯେତେବଡ଼ ସମସ୍ୟା ଆସିଲେ ମଧ୍ୟ ତା'ର ସମାଧାନ ହିଂସା ନୁହେଁ ବରଂ ତା'ର ସମାଧାନ ଆପୋସ କଥାବାର୍ତ୍ତା ମାଧ୍ୟମରେ ମଧ୍ୟ ହୋଇପାରିବ। ଏହାକୁ ଆଧାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ-ୟୁକ୍ରେନ ତଥା ଇସ୍ରାଏଲ-ଆରବ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି। କଥାବାର୍ତ୍ତା ମାଧ୍ୟମରେ ଭାରତ ଓ ଚାଇନା ମଧ୍ୟରେ ଥିବା ସୀମା ବିବାଦର ମଧ୍ୟ ସମାଧାନ ହୋଇପାରିଛି। ଏହି ଅବସରରେ ବିଶିଷ୍ଟ ବୌଦ୍ଧ ସନ୍ନ୍ୟାସୀ ଟି. ଓକଓ୍ୱୀ ମୁଖ୍ୟମନ୍ତ୍ରୀଙ୍କୁ ଧଉଳି ଶାନ୍ତିସ୍ତୁପର ଏକ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଧଉଳି ଏକ ଐତିହ୍ୟସମ୍ପନ୍ନ ମାଟି। ଏହି ଧଉଳି ମାଟି ଭଗବାନ ବୁଦ୍ଧଙ୍କ ବାଣୀକୁ ପ୍ରଚାର କରିବା ସହିତ ଓଡ଼ିଆ ଜାତିର ବୀରତ୍ୱର ପ୍ରତୀକ ବୋଲି ସେ କହିଛନ୍ତି। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଛନ୍ତି, କେବଳ ଓଡ଼ିଶାକୁ ନୁହେଁ ଧଉଳି ଭାରତବର୍ଷ ତଥା ସାରା ପୃଥିବୀକୁ ଶାନ୍ତିର ବାର୍ତ୍ତା ଦେଉଛି। ଏ ମାଟି କେବଳ ଯୁଦ୍ଧ ଶିଖାଇ ନାହିଁ, ଶାନ୍ତିର ବାର୍ତ୍ତା ମଧ୍ୟ ଦେଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ଭାଜପା ନେତା ସମୀର ମହାନ୍ତି ଓ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ ନିପନ ବୁଦ୍ଧ ସଂଘର କୋଅର୍ଡିନେଟର ରବି ମହାରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଉପସଭାପତି ହରି ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି।

# ୫ରେ ଘୂର୍ଣ୍ଣିବଳୟ, ୧୦ ଯାଏ ବର୍ଷା

ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା)

ଆସନ୍ତା ୫ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ସୋମବାର ରାଜ୍ୟରେ ପାଗ ପ୍ରାୟ ଶୁଖିଲା ରହିବ ଓ ମଙ୍ଗଳବାର ଗଞ୍ଜାମ ଓ ପୁରୀ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୬ ତାରିଖରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା ଓ କନ୍ଧମାଳ ଆଦି ଜିଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମଧରଣ ବର୍ଷା ହେବ। ୭ ତାରିଖରେ ଗଞ୍ଜାମ, ଗଜପତି, ପୁରୀ ଓ ଖୋର୍ଦ୍ଧା ଆଦି ଜିଲାର କେତେକ ସ୍ଥାନରେ ବର୍ଷା ସମ୍ଭାବନା ରହିଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସ୍ଥାନେ ସ୍ଥାନେ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

ଅନ୍ୟପକ୍ଷେ ଚଳିତ ନଭେମ୍ବରରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଅନୁଭୂତ ହେବାକୁ ଥିଲେ ମଧ୍ୟ ଆଗାମୀ ୨ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ରବିବାର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡି ଓ ଫୁଲବାଣୀରେ ୧୬.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ବୌଦ୍ଧରେ ସର୍ବାଧିକ ୩୪.୮ ଡିଗ୍ରୀ ରହିଥିଲା।

## ରାଜଧାନୀରେ ମୃଦୁ ଭୂମିକମ୍ପ

ରାଜଧାନୀ ଭୁବନେଶ୍ୱରରେ ରବିବାର ସକାଳେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ସକାଳ ପ୍ରାୟ ୭ଟା ୧୦ରେ ମାତ୍ର କିଛି ସେକେଣ୍ଡ ପାଇଁ ଏହି ଭୂମିକମ୍ପ ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେବେ ଭୂମିକମ୍ପର ତୀବ୍ରତା ଓ ଅବଧି ସମ୍ପର୍କରେ ପାଣିପାଗ ବିଜ୍ଞାନ କେନ୍ଦ୍ର କିମ୍ବା ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର କୌଣସି ସୂଚନା ପ୍ରଦାନ କରିନାହିଁ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି।

# ଏସ୍‌ସିବିକୁ ସ୍ଥାନାନ୍ତର ହେଲେ ୨ ମହିଳା

କଟକ,୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)

## ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ଘଟଣା

ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହୋଇପଡିଥିବା ୨ ଜଣଙ୍କୁ ଶନିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମର ଚୁନି ମାଝୀ ଓ ଜିତା ମାଝୀ। ଏସ୍‌ସିବି ମେଡିସିନ ବିଭାଗ ଆଇସିୟୁରେ ସେମାନଙ୍କ ଚିକିତ୍ସା କରାଯାଉଛି। ପ୍ରଫେସର ଡା. ଜୟନ୍ତ ପଣ୍ଡା, ହେପାଟୋଲୋଜି ବିଭାଗୀୟ ମୁଖ୍ୟ ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ହେପାଟୋଲୋଜି, ଭେଷଜ ବିଭାଗର ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସେମାନଙ୍କ ଚିକିତ୍ସା କରିଛନ୍ତି। ଏନେଇ ପ୍ରଫେସର ଡା. ପଣ୍ଡା କହିଛନ୍ତି, ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କଠାରେ ଜଣ୍ଡିସ୍ ଓ ଲିଭର ସମସ୍ୟାର ଲକ୍ଷଣ ଦେଖାଦେଇଥିବାବେଳେ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଛି। ରିପୋର୍ଟ ଆସିଲେ ସେହି ଅନୁଯାୟୀ ଚିକିତ୍ସା କରାଯିବ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ୮ ଜଣ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୬ ଜଣ ସେଠାରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ଚୁନି ଓ ଜିତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ମହୁମାଛି ଆକ୍ରମଣରେ ୪ ଆହତ

ତୁମୁଡିବନ୍ଧ,୩।୧୧(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ କରୁକୁଡୁପା ପଞ୍ଚାୟତ ଟେଣ୍ଡ୍ରିଙ୍ଗ ଗାଁରେ ଚାଷଜମିକୁ ଧାନ କାଟିବା ପାଇଁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ଶାଶୁ, ବୋହୂ ଓ ୨ ନାତୁଣୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବାଲିଗୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶାଶୁ ପଲାମୀ ମାଝୀଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ପଲାମୀ ତାଙ୍କ ବୋହୂ ପାରତମା ପ୍ରଧାନ ସହ ୨ ଛୋଟ ନାତୁଣୀଙ୍କୁ ଧରି ଶନିବାର ସକାଳେ ଧାନ କାଟିବା ପାଇଁ ଜମିକୁ ଯାଇଥିଲେ। ନାତୁଣୀଦ୍ୱୟଙ୍କୁ ଜମି ହୁଡ଼ାରେ ବସାଇ ଦେଇ ଶାଶୁ ଓ ବୋହୂ ଧାନ କାଟିବା ପାଇଁ ଯାଇଥିଲେ। ହଠାତ ମହୁମାଛି ସମସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ।

# ୯ରୁ ଟ୍ରକ୍ ମାଲିକ ସଂଘର ଧର୍ମଘଟ ଚେତାବନୀ

ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା)

ଖୋର୍ଦ୍ଧା ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ସମସ୍ତ ଜିଲାର ଟ୍ରକ ମାଲିକ ସଂଘମାନେ ଯୋଗଦେଇଥିଲେ। ଉକ୍ତ ବୈଠକର ମୁଖ୍ୟତଃ ଲଘୁ ଖଣିଜ ଦ୍ରବ୍ୟ ବିଶେଷ କରି ନଦୀ ବାଲି ପରିବହନରେ ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ନଦୀ ବାଲି ପରିବହନରେ ସ୍ୱଚ୍ଛତା ଆଣିବା ପାଇଁ ଟ୍ରକ ମାଲିକଙ୍କ ଦୀର୍ଘ ଦିନର ଦାବି ପୂରଣ ନ ହେଲେ ସଂଘ ଆସନ୍ତା ୯ ତାରିଖରୁ ଧର୍ମଘଟକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏପରିକି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲଘୁ ଖଣିଜ ପଦାର୍ଥ ପରିବହନରେ ଗାଡି ଚଳାଇବେ ନାହିଁ ବୋଲି ଭୁବନେଶ୍ୱର ଟ୍ରକ ମାଲିକ ସଂଘ ସଭାପତି ପ୍ରଣବ କୁମାର ପରିଜା କହିଛନ୍ତି। ବାଲି ପରିବହନକୁ ଶୃଙ୍ଖଳିତ କରିବା ପାଇଁ ଟ୍ରକ ମାଲିକ ସଂଘ ପକ୍ଷରୁ ରାଜ୍ୟ ଇସ୍ପାତ ଓ ଖଣି ଏବଂ ପରିବହନ ମନ୍ତ୍ରୀଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଛି। ଏଥିସହ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କୁ ଲିଖିତ ଭାବେ ସମସ୍ୟା ସମାଧାନ ପାଇଁ ବିଭିନ୍ନ ସମୟରେ ଦାବି ଜଣାଇଥିଲେ ମଧ୍ୟ କୌଣସି ସମସ୍ୟାର ସମାଧାନ ହୋଇପାରି ନ ଥିବା ସଂଘ ଅଭିଯୋଗ କରିଛି। ବିଭାଗୀୟ ଅଧିକାରୀମାନେ ରାଜସ୍ୱ ଆଦାୟ ଲକ୍ଷ୍ୟରେ ବିଭିନ୍ନ ଆଇନ ପ୍ରୟୋଗ କରି ଗାଡି ମାଲିକଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରୁଥିବା ସଂଘ ଅଭିଯୋଗ କରିଛି।

❝ ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। -ଶ୍ରୀମା

# ଓଡ଼ିଆରେ ବୈଷୟିକ ଶିକ୍ଷା



ଡ. ପ୍ରମୋଦ କୁମାର ପଣ୍ଡା

କିଛି ବ୍ୟକ୍ତିଙ୍କର କହିବା କଥା ଯେ, ବୈଷୟିକ ଶିକ୍ଷା ଓଡ଼ିଆ ଭାଷାରେ ପଢ଼ାଲେଖା ନ ହେବାରୁ ଆମ ଭାଷା ସଙ୍କୁଚିତ ହୋଇଯାଉଛି। ତେଣୁ ସମସ୍ତ ବିଷୟ ବୈଷୟିକ ଶିକ୍ଷା ସହିତ ଓଡ଼ିଆରେ ପଢ଼ାହେଲେ, ଆମ ଭାଷାକୁ ସୁରକ୍ଷିତ କରିପାରିବା ଓ ତା'ର ଅଧିକ ପ୍ରଚାର ପ୍ରସାର ହୋଇପାରିବ। ସେମାନଙ୍କ ଯୁକ୍ତି ହେଲା ରୁଷିଆ, ଜର୍ମାନୀ, ଜାପାନ ଓ ଚାଇନା ପ୍ରଭୃତି ଦେଶରେ ତାଙ୍କ ନିଜର ଭାଷାରେ ଲେଖାପଢ଼ା ହୁଏ। ସେ ଦେଶଗୁଡ଼ିକ ବିଜ୍ଞାନ, ଅର୍ଥନୀତି ଓ ପ୍ରଗତି ସବୁ କ୍ଷେତ୍ରରେ ଆଗେଇଛନ୍ତି। ତେଣୁ ଆମେ ମଧ୍ୟ ମାତୃଭାଷାକୁ ସର୍ବତ୍ର ବ୍ୟବହାର କରିବା ଉଚିତ, ଯଦ୍ଦ୍ୱାରା ଆମେ ପ୍ରଗତିର ଶୀର୍ଷରେ ପହଞ୍ଚି ପାରିବା। ଆସନ୍ତୁ ଅସଲ ବିଷୟରେ ଚର୍ଚ୍ଚା କରିବା। ଶିକ୍ଷାର ମୁଖ୍ୟ ଲକ୍ଷ୍ୟ କ'ଣ? କେହି କେହି କହିବେ ଜ୍ଞାନ ଆହରଣ? ମାତ୍ର ସମସ୍ତେ ଶେଷରେ ଏକମତ ହେବେ ଯେ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଲା ରୋଜଗାରକ୍ଷମ ହେବା। କାରଣ ରୋଜଗାର ନ କରିପାରିଲେ ବଞ୍ଚିବା କେମିତି। ଏଠାରେ ରୋଜଗାରର ଅର୍ଥ ନୁହେଁ ସରକାରୀ ଚାକିରି। ରୋଜଗାର କରିବା ପାଇଁ ଆମ ପାଖରେ ତିନୋଟି କ୍ଷେତ୍ର ଅଛି। ପ୍ରଥମଟି ହେଲା କ୍ଷେତ୍ରୀୟ ସ୍ତର ବା ରାଜ୍ୟ ସ୍ତର। ଦ୍ୱିତୀୟଟି ହେଲା ରାଷ୍ଟ୍ରୀୟ ସ୍ତର ଓ ତୃତୀୟଟି ହେଲା ଅନ୍ତଃରାଷ୍ଟ୍ରୀୟ ସ୍ତର। ଆମର ଯଦି ଲକ୍ଷ୍ୟ କ୍ଷେତ୍ରୀୟ ସୀମା ମଧ୍ୟରେ ଆବଦ୍ଧ ହୋଇ ରହିବା ପାଇଁ ତା' ହେଲେ ଠିକ୍ ଅଛି। ମାତ୍ର ରାଷ୍ଟ୍ରୀୟ ସ୍ତରକୁ ଯିବାକୁ ହେଲେ ରାଷ୍ଟ୍ରୀୟ ସ୍ତରର ଭାଷା ବୁଝିବା ଆବଶ୍ୟକ। ସେହିପରି ଅନ୍ତଃରାଷ୍ଟ୍ରୀୟ ସ୍ତରକୁ ଯିବାକୁ ହେଲେ ଅନ୍ତଃରାଷ୍ଟ୍ରୀୟ ସ୍ତରର ଭାଷାରେ ପାରଙ୍ଗମ ନିହାତି ଦରକାର। ଏଠାରେ ମନେରଖିବାକୁ ହେବ ଯେ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପ୍ରବଳ ପ୍ରତିଯୋଗିତା ଥାଏ ବିଭିନ୍ନ ରାଜ୍ୟ ବା ଦେଶରୁ ଆସିଥିବା ବୃତ୍ତିଧାରୀ ଭିନ୍ନ ଭାଷାଧାରୀଙ୍କ ମଧ୍ୟରେ। ବର୍ତ୍ତମାନ ଉଭୟ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆମର ଉପସ୍ଥିତି ଆମ ପଡ଼ୋଶୀ ରାଜ୍ୟ ତୁଳନାରେ ନଗଣ୍ୟ।

ପ୍ରାଚୀନ କାଳ ଓ ମଧ୍ୟ ଯୁଗରେ କଳିଙ୍ଗ ଏବଂ ଉତ୍କଳ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସମୃଦ୍ଧିର ଶୀର୍ଷରେ ପହଞ୍ଚିଥିଲା। ତା'ର କାରଣ ଆମର ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଅଧିକ ଭାଗୀଦାରି ଥିଲା ଓ ରାଷ୍ଟ୍ରୀୟ ସ୍ତରରେ ଆଧିପତ୍ୟ ରହିଥିଲା। ଯେତେବେଳେ ଆମେ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସଙ୍କୁଚିତ ହୋଇ ଓଡ଼ିଶା ଭିତରେ ସୀମିତ ହୋଇଗଲୁ, ଦରିଦ୍ର୍ୟ ବଢ଼ିବାକୁ ଲାଗିଲା। ଷୋଡ଼ଶ ଶତାବ୍ଦୀରୁ ଆମର ସଂକୋଚନ ଆରମ୍ଭ ହେଲା। ଷୋଡ଼ଶ ଶତାବ୍ଦୀ ପୂର୍ବରୁ ପ୍ରାଚୀନ ଓ ମଧ୍ୟଯୁଗରେ ଯେ ଓଡ଼ିଶାରେ ବନ୍ୟା, ବାତ୍ୟା କିମ୍ବା ମରୁଡ଼ି ପଡୁ ନ ଥିଲା ଏହା କହିବା ସଂପୂର୍ଣ୍ଣ ଭୁଲ୍। ମାରୁଆଡି, ଗୁଜରାଟୀ, ପଞ୍ଜାବୀ ଓ କେରଳୀମାନେ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆଗକୁ ଆଗକୁ ମାଡ଼ି ଚାଲିଲାବେଳେ ଆମେ ଓଡ଼ିଶା ଭିତରେ କଟକିଆ, ସମ୍ବଲପୁରିଆ, ଗଞ୍ଜାମିଆ, ବାଲେଶ୍ୱରିଆ ଭିତରେ ଆବଦ୍ଧ ହେଲୁ। ଆଜି ବି ମଧ୍ୟ ଓଡ଼ିଶାର ବିବାହ ପ୍ରସ୍ତାବ ଦେଖିଲା ବେଳେ ସମ୍ବଲପୁରିଆ ସମ୍ବଲପୁରିଆକୁ, କଟକିଆ କଟକିଆକୁ, ଗଞ୍ଜାମିଆ ଗଞ୍ଜାମିଆକୁ ଖୋଜିବାରେ ଅନେକ ନଜିର ଦେଖିବାକୁ ମିଳେ। ଆମେ ଓଡ଼ିଆ ଯେତେବେଳେ ରାଜ୍ୟ ଭିତରେ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ଯାଇ ବେପାର ବଣିଜ କରିବାକୁ ସାହସ ଯୁଟାଇ ପାରିଲୁନି, ସେତେବେଳେ ରାଜସ୍ଥାନର ମାରୁଆଡି ନିଜ ମାଟି ଛାଡ଼ି ଦେଶ ବିଦେଶରେ ବେପାର ବଣିଜ କରି କୋଟିପତି ହେଲେ। ଓଡ଼ିଆମାନଙ୍କର ଯେଉଁ ଆଦର୍ଶ ଥିଲା 'ଟଙ୍କାକ ପଛେ ବାରଣା ହେଉ, ଯାଇ ଆସି ପୁଅ ସିଆଣିଆ ହେଉ' ତାହା ହଜିବାକୁ ଲାଗିଲା। ଏବେ ବି ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରୁ ବିଦେଶରେ ବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ଅତି ନଗଣ୍ୟ।



ଓଡ଼ିଆ ଛାତ୍ର ଡାକ୍ତରୀ, ଇଂଜିନିୟରିଂ ଏବଂ ଅନ୍ୟାନ୍ୟ ବିଷୟକୁ ଓଡ଼ିଆରେ ପଢ଼ିଲେ ଲାଭ କ୍ଷତି କେତେ? କିଛି ବିଦ୍ୱାନଙ୍କ କହିବା କଥା ଯେ ଆମର ଓଡ଼ିଆ ଅସ୍ମିତା ବଢ଼ିଯିବ, ଓଡ଼ିଆରେ ଲେଖାପଢ଼ା କଲେ। ଓଡ଼ିଶାରେ ଓଡ଼ିଆ ଭାଷାର ବ୍ୟବହାର ବଢ଼ିବ ଓ ଆମ ଭାବୀପିଢ଼ି ଶହେ ପ୍ରତିଶତ ଓଡ଼ିଆ ହୋଇଯିବେ। ଅବଶ୍ୟ ଓଡ଼ିଶାରେ ସେମାନଙ୍କର ଚାକିରିରେ କୌଣସି ଅସୁବିଧା ହେବ ନାହିଁ। ମାତ୍ର ସବୁ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସରକାର ଚାକିରି ଦେଇପାରିବେ ତ? ଅନ୍ୟ ରାଜ୍ୟ, ରାଷ୍ଟ୍ରୀୟ ସ୍ତରର କିମ୍ବା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସେମାନେ ପ୍ରତିଯୋଗିତାରେ ନିଜର ପାରଦର୍ଶିତା ଦେଖାଇପାରିବେ ତ। ଆମେ ଜଣେ ଜର୍ମାନୀ ଡାକ୍ତର ଯିଏ ଓଡ଼ିଆ, ଇଂଲିଶ କିମ୍ବା ହିନ୍ଦୀ ଜାଣି ନାହାନ୍ତି, ତାଙ୍କୁ ଆମ ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଯୁକ୍ତି ଦେବା କି ? ଓଡ଼ିଆରେ ପାଠପଢ଼ି ଆମର ବୈଷୟିକ ଶିକ୍ଷାପ୍ରାପ୍ତ ଯୁବା ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରର ଆଲୋଚନା, ସଂଗୋଷ୍ଠୀରେ ନିଜର ଦବଦବା ରକ୍ଷା କରିପାରିବେ ତ। ଭାଷାଗତ କାରଣରୁ ଯେତେବେଳେ ଆମ ଯୁବାଙ୍କ ସଂଖ୍ୟା ରାଷ୍ଟ୍ରୀୟ ଅନ୍ତଃରାଷ୍ଟ୍ରୀୟ ସ୍ତରରେ କମିଯିବ, ଓଡ଼ିଆ ସଂସ୍କୃତି ଏବଂ ଐତିହ୍ୟକୁ ବାହାରକୁ କିଏ ନେବ ଓ କେମିତି ନେବ। ଆମ ଡାକ୍ତର, ଇଂଜିନିୟର ବାହାର ରାଜ୍ୟ ଓ ବିଦେଶକୁ ଗଲେ ଏକ ଟ୍ରାନ୍ସଲେଟର ଆବଶ୍ୟକତା ପଡ଼ିବନି ତ।

ବିଜ୍ଞାନ ଏକ ଚଳମାନ ବିଷୟ। ପ୍ରତିଦିନ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ନୂତର ଆବିଷ୍କାର ଉଦ୍ଭାବନର ସୁଅ ଛୁଟେ ଓ ତାହା ବିଭିନ୍ନ ଜର୍ନାଲରେ ପ୍ରକାଶିତ ହୁଏ। ସେଗୁଡ଼ିକ ଟ୍ରାନ୍ସଲେଟ ହେଲାପରେ ଆମ ଛାତ୍ର ଜାଣିବେ। ଅର୍ଥାତ ନୂତନ ଉଦ୍ଭାବନ ଓ ଆମ ଛାତ୍ରଙ୍କ ଆହରଣ ମଧ୍ୟରେ ଅନୁବାଦ ଏକ ବଡ଼ ପ୍ରାଚୀର ଠିଆ କରାଇବ ନାହିଁ ତ? ବିଭିନ୍ନ କାରଣରୁ ଅନୁବାଦ ସମୟ ସାପେକ୍ଷ ହେବା ସାଭାବିକ। ଆମ ଛାତ୍ର ସେଥିରେ ଅପ୍‌ଟୁଡେଟ ହେବେ କିପରି। ଏହି ଗ୍ୟାପ ଧୀରେ ଧୀରେ ବଢ଼ିବା ଦ୍ୱାରା ଆମ ଛାତ୍ର, ଜ୍ଞାନର ଶୀର୍ଷଠାରୁ କିଛି ଦୂରରେ ରହିବେନି ତ। ମୋଟା ମୋଟି ଓଡ଼ିଆ ଯଦି ଅନ୍ୟ ଭାଷାରେ ପାରଦର୍ଶୀ ନ ହୁଏ, ଓଡ଼ିଶାର ଭାଷା, ସଂସ୍କୃତି, ସଭ୍ୟତା ଓ ଐତିହ୍ୟ ଆଦିକୁ ସେ ଅନ୍ୟମାନଙ୍କୁ ଜଣାଇବ କିପରି?

ଆମର ଆଦର୍ଶ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ତାଙ୍କର ବହୁମୁଖୀ ଭାଷାରେ ପାରଦର୍ଶିତା ଥିଲା। ଇଂଲିଶ, ଓଡ଼ିଆ, ବଙ୍ଗଳା, ହିନ୍ଦୀ ପ୍ରଭୃତି। ଇଂଲିଶ ହେଉଛି ବିଶ୍ୱର ଭାଷା। ସେହିପରି ଆମ ଦେଶ ମଧ୍ୟରେ ସର୍ବାଧିକ ରାଜ୍ୟରେ ହିନ୍ଦୀ ଭାଷା ପ୍ରଚଳିତ। ତେଣୁ ଆମକୁ ହିନ୍ଦୀ ଶିଖିବା ଦରକାର। ଓଡ଼ିଆ ଆମର ମାତୃଭାଷା, ସେଥିରେ ଆମକୁ ପାରଦର୍ଶୀ ହେବାକୁ ହେବ। ଆମର ଭାବୀ ପିଢ଼ିଙ୍କୁ ଆମକୁ ଶିକାରୀ ବାଘ କରିବାକୁ ପଡ଼ିବ। ଅର୍ଥାତ୍ ସେମାନେ ଓଡ଼ିଆ, ହିନ୍ଦୀ ଓ ଇଂଲିଶରେ ମହାରଥ ହାସଲ କରିବା ଦରକାର। ଯଦି ମଧୁବାବୁ ଓଡ଼ିଆ, ଇଂଲିଶ, ବଙ୍ଗଳା ଓ ହିନ୍ଦୀ ନ ଜାଣି ଥାଆନ୍ତେ , ତା'ହେଲେ ଓଡ଼ିଶା ପାଇଁ କିଛି କରିପାରି ନ ଥାନ୍ତେ। ତେଣୁ ମୋ ମତରେ ଦଶମ କିମ୍ବା ଦ୍ୱାଦଶ ପର୍ଯ୍ୟନ୍ତ ଓଡ଼ିଆ ବାଧ୍ୟତାମୂଳକ କରିବା ଠିକ୍। ତା' ପରେ ଇଚ୍ଛାଧୀନ ହେବା ଆବଶ୍ୟକ। ବିଶେଷ କରି ବୈଷୟିକ ଶିକ୍ଷା ଓ ବିଭିନ୍ନ ବିଷୟରେ ଉଚ୍ଚ ଶିକ୍ଷା ଇଂଲିଶ ମାଧ୍ୟମରେ ହେବା ଆବଶ୍ୟକ, ଯଦ୍ଦ୍ୱାରା ବିଶ୍ୱରେ ଆମ ଯୁବା ନିଜକୁ ଅସହାୟ ମନେକରିବ ନାହିଁ। ନ ହେଲେ, ଇଂଲିଶ ଓ ହିନ୍ଦୀ ଜାଣି ନ ଥିବା ଓଡ଼ିଆ ସାଂସଦଙ୍କୁ ପାର୍ଲାମେଣ୍ଟର ପଛରେ ବସି ତାଳିମାରିବା ଭଳି ଆମ ଯୁବା ମଧ୍ୟ ନିଜକୁ ଅସହାୟବୋଧ ମନେକରିବେ ଦିଲ୍ଲୀ ଓ ବିଦେଶ ଦରବାରରେ ଭାଷାଗତ ପଙ୍ଗୁତା ପାଇଁ। ଜଣେ ସ୍ୱାଭିମାନୀ ଓଡ଼ିଆ ଭାବରେ ଓଡ଼ିଆ ଭାଷାକୁ ନ୍ୟୁନ କରିବା ଏ ଲେଖାର ଉଦ୍ଦେଶ୍ୟ ନୁହେଁ, ବରଂ ଓଡ଼ିଆଙ୍କୁ ବିଶ୍ୱ ଦରବାରରେ ସଶକ୍ତ କରିବା ମୋର ଲକ୍ଷ୍ୟ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର**
**ମୋ:୮୯୧୭୪୨୬୪୪୦**

# ସର୍ବନିମ୍ନ ସହାୟକ ମୂଲ୍ୟ



ସୌଭାଗ୍ୟ ରଞ୍ଜନ ମହାନ୍ତି

ନିକଟରେ କେନ୍ଦ୍ର ସରକାର ୬ଟି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଘୋଷଣା କରିଛନ୍ତି। ୨୦୨୫-୨୬ ବର୍ଷ ପାଇଁ କୁଇଣ୍ଟାଲ ପିଛା ଗହମର ସର୍ବନିମ୍ନ ସହାୟକ ମୂଲ୍ୟ ୧୫୦ ଟଙ୍କା ବୃଦ୍ଧି କରିଥିବାବେଳେ ଧଳା ସୋରିଷ ୩୦୦, ମସୁର ୨୭୫, ବୁଟ ୨୧୦, ଜ' ୧୩୦ ଏବଂ କୁସୁମ ୧୪୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଗହମର ଏମ୍‌ଏସ୍‌ପି ବୃଦ୍ଧି ପାଇବା ପରେ ଏବେ କୁଇଣ୍ଟାଲ ପିଛା ମୂଲ୍ୟ ୨୪୨୫ ଟଙ୍କା ହୋଇଥିବାବେଳେ ଧଳା ସୋରିଷ ୫୯୫୦, ମସୁର ୬୭୦୦, ଜ' ୧୯୮୦, ବୁଟ ୫୬୫୦ ଏବଂ କୁସୁମର କୁଇଣ୍ଟାଲ ପିଛା ମୂଲ୍ୟ ୫୯୪୦ ଟଙ୍କା ହୋଇଛି। ଏହି ୬ଟି ରବି ଶସ୍ୟର ଏମ୍‌ଏସ୍‌ପି କୃଷକଙ୍କ ପାଇଁ ଉଚିତ ମୂଲ୍ୟ ସ୍ଥିର କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେବା ନିଶ୍ଚିତ। କେବଳ ଏତିକି ନୁହେଁ ବୁଟ, ମସୁର, ଧଳା ସୋରିଷର କୁଇଣ୍ଟାଲ ପିଛା ମୂଲ୍ୟ ୨୦୦ରୁ ୩୦୦ ଟଙ୍କା ବୃଦ୍ଧି ଯୋଗୁ ଚାଷୀ ଅଧିକରୁ ଅଧିକ ଜମିରେ ଶସ୍ୟ ଉତ୍ପାଦନ ପାଇଁ ପ୍ରୋତ୍ସାହିତ ହେବେ, ଏଥିରେ ସନ୍ଦେହ ନାହିଁ।

ବିଭିନ୍ନ କୃଷିଜାତ ଉତ୍ପାଦର ମୂଲ୍ୟ ବୃଦ୍ଧି, କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପ୍ରସଙ୍ଗ ଆମ ଦେଶରେ ଜାତୀୟ ରାଜନୀତିକୁ ଉଜ୍ଜୀବିତ କରି ରଖିଛି। କୃଷକଙ୍କ ଆୟ ଦ୍ୱିଗୁଣିତ କହିବା ଦେଶରେ ସମସ୍ତ ଜାତୀୟ ଏବଂ ଆଞ୍ଚଳିକ ଦଳର ମୁଖ୍ୟ ପ୍ରତିଶ୍ରୁତି ହୋଇ ରହିଛି। ସରକାର ଉଭୟ ଖରିଫ୍ ଓ ରବି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତିବର୍ଷ ବୃଦ୍ଧି କରୁଛନ୍ତି, ମାତ୍ର ଏହା ଚାଷୀଙ୍କ ଆୟ ବୃଦ୍ଧି କିମ୍ବା ସମସ୍ୟା ସମାଧାନ କରିବାରେ ସହାୟକ ହୋଇପାରୁନାହିଁ। ବିହନଠାରୁ ଆରମ୍ଭକରି ମଜୁରି, ଜଳସେଚନ, ଚାଷ, ବିଦ୍ୟୁତ୍ ଏବଂ କୀଟନାଶକ ଏବଂ ସାର'ର ମୂଲ୍ୟ ପ୍ରତିବର୍ଷ ବଢ଼ିବାରେ ଲାଗିଛି। କୀଟନାଶକ ଓ ବିଭିନ୍ନ ସାରର ମୂଲ୍ୟ ପ୍ରତିବର୍ଷ ଏପରି ବଢ଼ିଚାଲିଛି ଯେ, ଏମ୍‌ଏସ୍‌ପି ବୃଦ୍ଧି ତା' ତୁଳନାରେ ଆଜି ସାମାନ୍ୟ ବୋଲି କହିଲେ ଭୁଲ୍ ହୋଇ ନ ପାରେ। ସେହିପରି ଦ୍ରୁତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ କୃଷିକ୍ଷେତ୍ର ଉପରେ ପଡ଼ିଛି। ଅତିବୃଷ୍ଟି ଓ ଅନାବୃଷ୍ଟି ଯୋଗୁ ବ୍ୟାପକ ଶସ୍ୟହାନି ହେବା ଆମ ଦେଶରେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଆହୁରି ମଧ୍ୟ ଶୀତଳଭଣ୍ଡାର ଅଭାବରୁ ଅଭାବୀ ବିକ୍ରି ଯୋଗୁ କୃଷକ ମାତ୍ରାଧିକ କ୍ଷତିର ସମ୍ମୁଖୀନ ହେଉଛି। ଚାଷଜନିତ ବ୍ୟୟ ପାଇଁ କରିଥିବା ଋଣ ପରିଶୋଧ କରି ନ ପାରିବା ଆଶଙ୍କାରେ ଦେଶରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ଏବେ ଉଦ୍‌ବେଗର କାରଣ ହୋଇଛି। ଚାଷୀଙ୍କୁ ଉତ୍ପାଦିତ ଶସ୍ୟର ଦେଢ଼ଗୁଣ ବା ଦୁଇଗୁଣା ଆୟ ସରକାର ଦେଉଥିବା ନେଇ କରିଥିବା ଦାବି କେବଳ ଧୂଆଁବାଣ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହିଲେ ଅତିରଞ୍ଜିତ ହୋଇ ନ ପାରେ। ଅନ୍ୟପକ୍ଷରେ ବିଭିନ୍ନ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଚାଷୀଙ୍କ ପାଇଁ ଯେତିକି ଉତ୍ସାହପଦ, ଖାଉଟିଙ୍କ ଲାଗି ସେତିକି ନୈରାଶ୍ୟଜନକ ବୋଲି କୁହାଯାଇପାରେ। ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି କରିବାରେ ଏହା ସହାୟକ ହେବ। ଏବେ ଦେଶରେ ଚାଉଳ, ଡାଲି, ଅଟା, ତେଲଠାରୁ ଆରମ୍ଭକରି ବିଭିନ୍ନ ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢ଼ିଚାଲିଛି। ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ଉପରମୁହାଁ ହୋଇଥିବାବେଳେ ଏହାର ପୁଣି ବଢ଼ିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ଉଲ୍ଲେଖଯୋଗ୍ୟ, ଦେଶରେ ଗତ ପହିଲା ସୁଦ୍ଧା ବିଭିନ୍ନ ଗୋଦାମରେ ୨୩.୭୮ ମିଲିୟନ୍ ମେଟ୍ରିକ୍ ଟନ୍ ଗହମ ଏବଂ ୩୮.୬୮ ମିଲିୟନ୍ ମେଟ୍ରିକ୍ ଟନ୍ ଧାନ ଓ ଚାଉଳ ମହଜୁଦ ରହିଛି। ତେବେ ଦେଶରେ ବାର୍ଷିକ ପ୍ରାୟ ୨୦.୫୨ ମିଲିୟନ୍ ମେଟ୍ରିକ୍ ଟନ୍ ଗହମର ଆବଶ୍ୟକତା ରହିଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ଦେଶର ୮୦କୋଟି ଲୋକଙ୍କୁ ମାଗଣାରେ ମୁଣ୍ଡପିଛା ମାସିକ ୫ କେଜି ଚାଉଳ କିମ୍ବା ଗହମ ଯୋଗାଇ ଦେଉଛନ୍ତି। ତେଣୁ ଏମ୍‌ଏସ୍‌ପି ବୃଦ୍ଧିର ପ୍ରଭାବ ଖାଉଟିଙ୍କୁ ବିଶେଷ ପ୍ରଭାବିତ କରି ନ ପାରେ। ମାତ୍ର ଯେଉଁମାନେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ବାହାରେ ରହିଛନ୍ତି, ସେମାନଙ୍କୁ ମୂଲ୍ୟ ବୃଦ୍ଧି ବାଧିବ, ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, କୃଷକ ହେଉଛନ୍ତି ଦେଶର ମେରୁଦଣ୍ଡ, ଆର୍ଥିକ ଅଭିବୃଦ୍ଧିର ପ୍ରତୀକ। କୃଷିକ୍ଷେତ୍ରରେ ନିୟୋଜନ ଦେଶରେ ବେରୋଜଗାରି ସମସ୍ୟା କିଛିମାତ୍ରାରେ ସମାଧାନ କରିବାରେ ସହାୟକ ହୋଇଆସୁଛି। ତେଣୁ କୀଟନାଶକ ଔଷଧ, ସାରରେ ରିହାତି ଦେବା ଜରୁରୀ। ସେହିପରି କୀଟ ଓ ରୋଗ ପ୍ରତିରୋଧକାରୀ, ଅତିବୃଷ୍ଟି ଓ ଅନାବୃଷ୍ଟି ସହ୍ୟକାରୀ ଅଧିକ ଅମଳକ୍ଷମ ବିହନ ରିହାତି ଦରରେ ଚାଷୀଙ୍କୁ ଯୋଗାଣ ସୁନିଶ୍ଚିତ କରିବା ଉପରେ ସରକାର ଧ୍ୟାନ ଦେବା ଜରୁରୀ। ମାତ୍ର ସରକାର ଏହାଠାରୁ ବହୁ ଦୂରରେ ଥିବା ମନେହୁଏ।

**ଗଙ୍ଗୋତ୍ରୀ ନଗର, ରୋଡ୍ ନଂ.-୩,**
**ଶିଶୁପାଳଗଡ଼, ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

ସ୍ୱାମୀ ଓ ସ୍ତ୍ରୀଙ୍କ ବୟସ ଏବେ ୭୯। ତଥାପି ସେମାନେ ବୟସର ଛାପ ନିଜ ଉପରେ ପଡ଼ିବାକୁ ଦେଇ ନାହାନ୍ତି କି ହାର୍ ମାନି ନାହାନ୍ତି। ଡାକ୍ତର ନ ହୋଇ ମଧ୍ୟ ପରିଣତ ବୟସରେ ସେମାନେ ପଶ୍ଚିମବଙ୍ଗ ସୁନ୍ଦରବନର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୪୩ ବର୍ଷ ହେଲା କରିଆସୁଛନ୍ତି। ମହମ୍ମଦ ଅବଦୁଲ ୱାହାବ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପାଲ ୧୯୮୦ରେ ସଦର୍ନ ହେଲ୍‌ଥ ଇମ୍ପ୍ରୁଭମେଣ୍ଟ ସମିତି (ଏସ୍‌ଏଚ୍‌ଆଇଏସ୍) ସଂସ୍ଥା ଗଠନ କରି ଏହା ସାହାଯ୍ୟରେ ସେବା ଅଭିଯାନ ଜାରି ରଖିଛନ୍ତି। ମହମ୍ମଦ ଜଣେ ଆଇନଜୀବୀ ଓ ସାବିତ୍ରୀ ଜଣେ ଶିକ୍ଷକ ଥିଲେ। ସେମାନେ ଏହାକୁ ଛାଡ଼ି ଏହି କାର୍ଯ୍ୟରେ ଲାଗିଛନ୍ତି। ସୁନ୍ଦରବନରେ ଥିବା ଛୋଟବଡ଼ ୩୦ଟି ଟାପୁରେ ବୋଟ କ୍ଲିନିକ ଦ୍ୱାରା ଏହା କରୁଛନ୍ତି। ପ୍ରତ୍ୟେକ କ୍ଲିନିକରେ ଡାକ୍ତର, ନର୍ସ, ଜଣେ ଏକ୍ସ-ରେ ଟେକ୍‌ନିସିଆନ, ଜଣେ ଲାବୋରେଟୋରି ଟେକ୍‌ନିସିଆନ ଓ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏଡି କ୍ଲିନିକରେ ଦୁଇଟି ମେଡିକାଲ ବେଡ୍, ମୋବାଇଲ ଏକ୍ସ-ରେ, ପାଥୋଲୋଜିକାଲ ୟୁନିଟ, ମେଡିକାଲ ଷ୍ଟୋର୍ ରୁମ୍ ଏବଂ ଏକ ଅକ୍ସିଜେନ ସିଲିଣ୍ଡର ରଖାଯାଇଛି। ଏହିଭଳି ୪ଟି ବୋଟ କ୍ଲିନିକ ରହିଛି। ମୁଖ୍ୟତଃ ଯକ୍ଷ୍ମା ରୋଗ ଚିହ୍ନଟ ଲାଗି ଏହା ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଏହି ଦମ୍ପତି ଦରମା ଦେଉଛନ୍ତି।

## ଚିରନ୍ତନୀ

ଝରଇ ଅହରହ
ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତ ପରେ
କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ। -(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 1 | | | | 2 |
| 4 | | 2 | | | 5 | 8 | | |
| | | | 3 | | | | | |
| | 4 | | | | 7 | | | |
| | | | | 2 | | | | 8 |
| | | | 6 | | | 3 | 9 | |
| | 3 | 5 | | | 9 | 2 | | |
| 9 | | | 5 | | | 6 | | |
| | | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 2 | 4 | 3 | 7 | 1 | 6 | 5 |
| 5 | 3 | 4 | 2 | 6 | 1 | 9 | 7 | 8 |
| 7 | 1 | 6 | 9 | 8 | 5 | 2 | 3 | 4 |
| 3 | 2 | 5 | 8 | 7 | 6 | 4 | 9 | 1 |
| 4 | 6 | 7 | 1 | 2 | 9 | 8 | 5 | 3 |
| 1 | 8 | 9 | 3 | 5 | 4 | 6 | 2 | 7 |
| 6 | 5 | 1 | 7 | 4 | 2 | 3 | 8 | 9 |
| 9 | 7 | 8 | 6 | 1 | 3 | 5 | 4 | 2 |
| 2 | 4 | 3 | 5 | 9 | 8 | 7 | 1 | 6 |

ଗତକାଲିର ଉତ୍ତର

# ଆକସ୍ମିକ ମୃତ୍ୟୁ




ଅଭିମନ୍ୟୁ ଧଳ

ବାସ୍ତବିକ ମୃତ୍ୟୁ ହିଁ ଦୁନିଆରେ ଚିରସତ୍ୟ, ଏହା କବଳରୁ ନରରୂପୀ ଭଗବାନ, ଧନୀ, ମାନୀ, ଜ୍ଞାନୀ, ଗୁଣୀ, ପ୍ରତିପତ୍ତି ସମ୍ପନ୍ନ, ଦରିଦ୍ର କେହି ରକ୍ଷା ପାଇପାରିବେ ନାହିଁ। ପରନ୍ତୁ ପରିବାରରେ ବାପ କାନ୍ଧରେ ପୁଅ ମଶାଣିକୁ ଯିବା, ଜେଜେ କାନ୍ଧରେ ନାତି ମଶାଣିକୁ ଯିବାଠାରୁ ବି ଦୁଃଖ କିଛି ନାହିଁ। ମହାମାନୀ ଦୁର୍ଯ୍ୟୋଧନ ଆଖି ଆଗରେ ତା'ର ଅନେଶତ ଭାଇ ଓ ପୁତ୍ରମାନେ ମୃତ୍ୟୁ ବରଣ କରିବା, କଂସର ଅଷ୍ଟମଲ୍ଲ ଓ ତା'ର ଭାଇମାନେ ଆରପାରିକି ଯିବା। ବାରଣ ସତ୍ତ୍ୱେ ତାଙ୍କ ଦାୟାଦମାନେ କାଦମ୍ବରି ପାନକରି ପରସ୍ପର ମଧ୍ୟରେ ହଣାହଣି ହୋଇ ମରିବା, କୃଷ୍ଣଙ୍କୁ ଯନ୍ତ୍ରଣାରେ ଭସ୍ମୀଭୂତ କରୁଥିଲା। ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କର ଜଣେ ପ୍ରଜା ବ୍ରାହ୍ମଣ ଶ୍ରୀବତ୍ସର ଏକ ଏକ କରି ଛଅଟି ସନ୍ତାନ ଜନ୍ମ ହୋଇ କୁଆଁ ରାବ ଦେବା ପରେ ଅନ୍ତର୍ଦ୍ଧାନ ହୋଇଯାଉଥିଲେ। କ୍ରୋଧରେ ବ୍ରାହ୍ମଣ ଜଣକ ରାଜା ଶ୍ରୀକୃଷ୍ଣଙ୍କୁ ପଦାଘାତ କରିଥିଲା ''ଅସମୟରେ ପ୍ରଜାର ମୃତ୍ୟୁ ପାଇ ରାଜାହିଁ ଦାୟୀ !'' ସମଗ୍ର ବିଶ୍ୱରେ ବର୍ତ୍ତମାନ ସେହି ଅଭାବନୀୟ ପରିଣତି ଦିନକୁ ଦିନ ବଢ଼ି ଚାଲିଛି। ଟୀକା ଗୋବିନ୍ଦଚନ୍ଦ୍ର ଗୀତି ପୁସ୍ତକର ସେହି ପଦେ ଗୀତ ''ବାଛି ନେବ କଞ୍ଚା ରଖିବ ପାଚିଲା, ଦେବଟି ଦାରୁଣ ଦୁଃଖ'' ସତ ହେଉଛି। ଈଶ୍ୱର ସମସ୍ତ ଜୀବଜଗତ ପାଇଁ ସୁନ୍ଦର ସବୁଜିମାଭରା, ମନଲୋଭା ପ୍ରକୃତି ସୃଷ୍ଟି କରିଛନ୍ତି। ଅପରିଣାମ ମଣିଷ ପ୍ରକୃତିକୁ ଧ୍ୱଂସକରି ବିକାଶ ନାମରେ ବିନାଶ ହେବାକୁ ବସିଛି। ଏହାର ମୁଖ୍ୟ ନାୟକମାନେ ରାଷ୍ଟ୍ରର ଶାସକମାନେ। ମଣିଷ ଖୋଳିଥିବା ଗାତରେ ସମାଧିସ୍ଥ ହେବାକୁ ଯାଉଛି।

ଭାରତରେ 'ଆକସ୍ମିକ ମୃତ୍ୟୁ' ତା'ର ତାଣ୍ଡବ ସୃଷ୍ଟି କରୁଛି। ନିତି ବ୍ୟାୟାମ କରୁଥିବା ସୁସ୍ଥ, ସୌର୍ଯ୍ୟବାନ୍ ଯୁବକ ହୃଦ୍‌ଘାତରେ ନିରବୀ ଯାଉଛନ୍ତି। ନିତି ଶହ ଶହ ସଂଖ୍ୟାରେ ଯୁବକ ଆକସ୍ମିକ ମୃତ୍ୟୁବରଣ କରୁଛନ୍ତି। ସଦ୍ୟ ପ୍ରକାଶ ଓ ଜାତୀୟ ଅପରାଧ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୨ରେ ଆକସ୍ମିକ ମୃତ୍ୟୁ ସଂଖ୍ୟା ପୂର୍ବବର୍ଷ ତୁଳନାରେ ୧୨ ପ୍ରତିଶତ ବୃଦ୍ଧି ପାଇଛି। ସର୍ବାଧିକ ୫୭% କ୍ଷେତ୍ରରେ ଆକସ୍ମିକ ମୃତ୍ୟୁର କାରଣ ହୃଦ୍‌ଘାତ। ରିପୋର୍ଟର ତଥ୍ୟ ଅନୁଯାୟୀ ଗତବର୍ଷ ଭାରତରେ ୫୬,୬୫୩ ବ୍ୟକ୍ତିଙ୍କର ଆକସ୍ମିକ ମୃତ୍ୟୁ ଘଟିଥିଲା। ପ୍ରକୃତି ହିସାବ ଏହାଠାରୁ ଅଧିକ। ଗାଁ ଗହଳିରେ ଲୋକେ ମେଡ଼ିକାଲ ପର୍ଯ୍ୟନ୍ତ କଥା ନ ନେଇ ଶବ ସତ୍କାର କରିଦିଅନ୍ତି। ବାହ୍ୟ ଆଘାତ ବିନା କିଛି ମିନିଟ ମଧ୍ୟରେ ହଠାତ ଅପ୍ରତ୍ୟାଶିତ ମୃତ୍ୟୁ ଘଟିଲେ ତାହାକୁ ଆକସ୍ମିକ ମୃତ୍ୟୁଭାବେ ଗଣାଯାଇଥାଏ।

୨୦୨୨ ମସିହାରେ ସମୁଦାୟ ୩.୯ ଲକ୍ଷ ଲୋକଙ୍କ ମୃତ୍ୟୁ ଦୁର୍ଘଟଣା ଯୋଗୁ ହୋଇଥିଲାବେଳେ ତାହାର ୧୩.୪% ଭାଗ ଆକସ୍ମିକ ମୃତ୍ୟୁ ବୋଲି ଜଣାପଡ଼ିଛି। ରାଜ୍ୟ ଦୃଷ୍ଟିରୁ ମହାରାଷ୍ଟ୍ରରେ ସର୍ବାଧିକ ୧୪,୯୨୭ ଜଣଙ୍କର ଅକାଳ ମୃତ୍ୟୁ ହୋଇଥିଲା ବେଳେ ଏହା ପଛକୁ କେରଳରେ ୬,୦୭ ଓ କର୍ନାଟକରେ ୫,୮୪୩ ଜଣ ଆକସ୍ମିକ ମୃତ୍ୟୁବରଣ କରିଥିଲେ। କେବଳ ହୃଦ୍‌ଘାତରେ ଦେଶରେ ସମୁଦାୟ ୩୨,୪୧୦ ଜଣ ମୃତ୍ୟୁବରଣ କରିଥିଲେ,



ଯାହା ପୂର୍ବ ବର୍ଷର ପରିସଂଖ୍ୟାନ ତୁଳନାରେ ୧୪% ଅଧିକ, ମହାରାଷ୍ଟ୍ରରେ ହୃଦ୍‌ଘାତଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ୧୨,୫୯୧, କେରଳରେ ୩,୩୯୩ ଓ ଗୁଜରାଟରେ ୨,୮୫୩ ଜଣ ବୋଲି ଜଣାପଡ଼ିଛି।

ପୁରୁଷଙ୍କଠାରେ ଅକାଳ ମୃତ୍ୟୁ ଆଶଙ୍କା ଅଧିକ। ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ୨୮,୦୦୫ ପୁରୁଷ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨୨,୦୦୦, ୪୫-୬୦ ବର୍ଷ ବୟସର ଥିଲେ। ଏକ ରିପୋର୍ଟରୁ ଜଣାପଡ଼ିଛି ବିଗତ ୩୦ ବର୍ଷ ମଧ୍ୟରେ ୨୦ଟି ପ୍ରମୁଖ ରୋଗରେ ସଂଘର୍ଷ କରୁଥିବା ମହିଳା ଓ ପୁରୁଷମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଶୀଳନ କରାଯାଇ ଏହି ତଥ୍ୟ ପ୍ରକାଶିତ। ମାଂସପେଶୀଜନିତ ସମସ୍ୟା, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ମୁଣ୍ଡବିନ୍ଧା ଆଦି ରୋଗ ମହିଳାଙ୍କଠାରେ ବେଶି ଦେଖିବାକୁ ମିଳୁଥିବା ଏହି ଅଧ୍ୟୟନରେ କୁହାଯାଇଛି। ଯଦିଓ ଏହିସବୁ ରୋଗକୁ ଘାତକ ରୋଗଭାବେ ବିବେଚନା କରାଯାଇନାହିଁ। ତେବେ ଏହା ବୟସ ବଢ଼ିବା ସହ ମହିଳାଙ୍କର ସ୍ୱାସ୍ଥ୍ୟକୁ ଖରାପ କରି ଚାଲିଥାଏ। ପୁରୁଷଙ୍କଠାରୁ ବେଶି ସମୟ ବଞ୍ଚୁଥିବାରୁ ମହିଳାଙ୍କୁ ଅଧିକ ସମୟ ଏହି ରୋଗ ସହ ବଞ୍ଚିବାକୁ ପଡ଼ୁଛି।

କ୍ୟାନସର, ସଡ଼କ ଦୁର୍ଘଟଣା, ହୃଦ୍‌ରୋଗ, କୋଭିଡ ଆଦି ରୋଗ ମହିଳାଙ୍କ ଅପେକ୍ଷା ପୁରୁଷଙ୍କଠାରେ ଅଧିକ ଦେଖାଦେଇଥାଏ। ଯାହା ପୁରୁଷମାନଙ୍କ ଅକାଳ ମୃତ୍ୟୁର କାରଣ ହୋଇଥାଏ। ଏସବୁ ରୋଗ କମ୍ ବୟସରୁ ହିଁ ପୁରୁଷଙ୍କୁ ଆକ୍ରାନ୍ତ କରିଥାଏ। ୨୦୨୧ ତଥ୍ୟ ଅନୁଯାୟୀ କୋଭିଡ ମହାମାରୀ ମହିଳାଙ୍କ ତୁଳନାରେ ୪୫% ଅଧିକ ପୁରୁଷଙ୍କୁ ସଂକ୍ରମଣ କରିଛି। ଏହି ଅଧ୍ୟୟନକୁ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ମାଟ୍ରିକ୍ସ ଆଣ୍ଡ ଇଭାଲୁଏଶନର ବରିଷ୍ଠ ଗବେଷକ ଡ. ଲୁସିଆ ସୋରିଓ ଫ୍ଲୋର କହିଛନ୍ତି। ବିଭିନ୍ନ ମାରାତ୍ମକ ରୋଗ ଓ ଏହାର ପରିଣାମ ଲିଙ୍ଗଗତ ପାର୍ଥକ୍ୟର ଗଭୀର ପ୍ରଭାବ ରହିଥିବା ଜଣାପଡ଼ିଛି।

ସେରମ ଇନ୍‌ଷ୍ଟିଚ୍ୟୁଟ ସହଯୋଗରେ କୋଭିଡ ସମୟଠାରୁ ଅଦ୍ୟାବଧି କୋଟି କୋଟି ଭାରତୀୟ ନେଇଥିବା କୋଭିସିଲ୍ଡ ଇଞ୍ଜେକ୍‌ଶନ ଭାରତୀୟଙ୍କ ଅକାଳ ମୃତ୍ୟୁର ମୁଖ୍ୟ କାରଣ ତାହାକୁ ସେମାନେ ସ୍ୱୀକାର କଲେଣି। ବର୍ତ୍ତମାନ ସମଗ୍ର ପୃଥିବୀରୁ ଏହି ଇଞ୍ଜେକ୍‌ଶନ ପ୍ରତ୍ୟାହାର ହେଲାଣି। କୂଳରେ ଜଗିବସିଥିବା ବାଘ ମୁହଁରୁ ବଞ୍ଚିବା ପାଇଁ ନଦୀ ମଧ୍ୟକୁ ପାଦଦେଇ କୁମ୍ଭୀରର ଶିକାର ହେବା ଭଳି କଥା। ଏବେ ପ୍ରଶ୍ନ ଉଠେ ଜୀବନହାନି କ୍ଷତିର ଭରଣା ହୋଇପାରିବ କି ? ଯେଉଁମାନେ ଏହି ଭାକ୍ସିନ ନେଇଛନ୍ତି ସେମାନେ ବର୍ତ୍ତମାନ ମୃତ୍ୟୁ ଭୟରେ ଆତଙ୍କିତ। ଏକଥା ଉଚ୍ଚତମ ନ୍ୟାୟାଳୟକୁ ଗଲାଣି।

ଚତୁର୍ଥ ଅବସ୍ଥାରେ ରୁଗ୍ଣ ଶରୀରଧାରୀ ମଣିଷ ଭଗବାନଙ୍କୁ ପ୍ରାର୍ଥନା କରେ ଯନ୍ତ୍ରଣା ବିହୀନ ମୃତ୍ୟୁ, ତା'ର ଅର୍ଥ ନୁହେଁ ଅସମୟରେ ଯନ୍ତ୍ରଣା ବିହୀନ ମୃତ୍ୟୁବରଣ କରିବା। ସାଂପ୍ରତିକ ସ୍ଥିତିରେ ଏହି ଦୂରଦୃଷ୍ଟିହୀନ ପ୍ରତିଷେଧକକୁ ନେଇ ମରଣମୁହଁରେ ଛିଡ଼ାହୋଇଥିବା ଅକାଳ ମୃତ୍ୟୁକୁ ହ୍ରାସ କରିବା ସବୁଠାରୁ ବଡ଼ ଆହ୍ୱାନ। କର୍କଟ, ଦୁର୍ଘଟଣା, ହୃଦ୍‌ଘାତ ପରି ଆତ୍ମଘାତୀ ଘଟଣାର ତୁରନ୍ତ ନିରାକରଣ ଭାରତ ପାଇଁ ବିରାଟ ଆହ୍ୱାନ।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ: ୯୮୬୧୦୪୮୦୫୨**

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ବଢ଼ାଉଛି ହୃଦ୍‌ଘାତ

ମହାଶୟ,

ଗଣମାଧ୍ୟମରୁ ପ୍ରକାଶିତ ଖବର ଅନୁଯାୟୀ ମଧ୍ୟପ୍ରଦେଶର ଏକ ସହରରେ ଡିଜେର ବିକଟାଳ ଓ ଭୟାନକ ଉଚ୍ଚ ଶବ୍ଦ ପାଇଁ ଜଣେ ନାବାଳକଙ୍କ ଅଭାବନୀୟ ମୃତ୍ୟୁ ହୋଇଯାଇଥିଲା। ସେହିପରି କିଛିଦିନ ତଳେ କଟକ ସହରରେ ଦୁର୍ଗା ଭସାଣି ବେଳେ ଡିଜେର ବିକଟାଳ ଶବ୍ଦରେ ଜଣେ ଯୁବକ ଗୁରୁତର ହୋଇପଡ଼ିବା ଖବର ମଧ୍ୟ ପ୍ରକାଶ ପାଇଥିଲା। ବର୍ତ୍ତମାନ ସମୟକୁ ଦେଖିଲେ ବିବାହ, ବ୍ରତ ହେଉ ବା କୌଣସି ପର୍ବପର୍ବାଣି, ସାମାଜିକ କାର୍ଯ୍ୟକ୍ରମ ହେଉ ବା ଭୋଜିଭାତ ସବୁଠି ଡିଜେ ମ୍ୟୁଜିକ ସିଷ୍ଟମ ଲୋଡ଼ା ପଡୁଛି। ତେବେ ଡିଜେରୁ ସୃଷ୍ଟି ହେଉଥିବା ଭୟଙ୍କର ଶବ୍ଦ ମଣିଷଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ଓ ଘାତକ ସାବ୍ୟସ୍ତ ହେଉଛି। ଡିଜେ ଶବ୍ଦ ସହ ମୋବାଇଲ ଫୋନରେ ବ୍ୟବହାର ହେଉଥିବା ଇୟର ଫୋନ ଓ ଇୟର କର୍ଡ ମଧ୍ୟ ପରୋକ୍ଷ ଭାବେ ହୃତ୍‌ପିଣ୍ଡ ପାଇଁ ଘାତକ । ଛୋଟପିଲା, ଗର୍ଭବତୀ, ବୟସ୍କ ଲୋକ ଓ ଦୀର୍ଘ ଦିନ ଧରି କୌଣସି ଗୁରୁତର ରୋଗରେ ପୀଡ଼ିତମାନଙ୍କ ପାଇଁ ଏହା ତତ୍କାଳ ବିପଦକୁ ନିମନ୍ତ୍ରଣ କରିଥାଏ। ତେଣୁ ଡିଜେ ମ୍ୟୁଜିକଠାରୁ ଦୂରେଇ ରହିବା ଭଲ। ଆପଣ କୌଣସି ପରିସ୍ଥିତିରେ ଯଦି କିଛି ସମୟ ପାଇଁ ଏହି ଡିଜେ ସଙ୍ଗୀତ ଶୁଣିଛନ୍ତି ତେବେ ତୁରନ୍ତ ଏକ ନିକାଞ୍ଚନ ସ୍ଥାନକୁ ଯାଇ କିଛି ସମୟ ମୁକ୍ତ ପବନରେ ବୁଲାବୁଲି କରନ୍ତୁ। ଯୋଗ, ପ୍ରାଣାୟାମ ଆପଣଙ୍କ ହୃତ୍‌ପିଣ୍ଡ ପାଇଁ ଅତି ଭଲ।

**-ଡା. ଚନ୍ଦ୍ରକାନ୍ତ ମିଶ୍ର, ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଝିଗାଁ ଜଳବନ୍ଦୀବାସୀଙ୍କ ପାଇଁ ପାୱାରବୋଟ୍ ଦାବି

ତେନ୍ତୁଲିଖୁଣ୍ଟି,୩।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜଳବନ୍ଦୀ ଅଞ୍ଚଳବାସୀଙ୍କ ଯାତାୟାତ ପାଇଁ ନୂତନ ପାୱାରବୋଟ ଯୋଗାଇଦେବାକୁ ଦାବି ଜୋର୍ ଧରିଛି। ତତ୍କାଳୀନ ବିଧାୟକ ମନୋହର ରନ୍ଧାରୀଙ୍କ ଉଦ୍ୟମରେ ୨୦୦୭ରେ ଅନୁଷ୍ଠିତ ପୁନର୍ବାସ ଓ ଥଇଥାନ ପରାମର୍ଶଦାତା କମିଟି ବୈଠକର ନିଷ୍ପତ୍ତି ପ୍ରକାରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ଅନୁଦାନରେ ୨୦୧୬ ମସିହାରେ ୪୨ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ପାୱାର ବୋଟ ମଝିଗାଁର ଜଳବନ୍ଦୀ ଅଞ୍ଚଳବାସୀଙ୍କୁ ମିଳିପାରିଥିଲା। ଇତିମଧ୍ୟରେ ସେହି ପାୱାର ବୋଟ୍‌ରେ ଛିଦ୍ର ସୃଷ୍ଟିହୋଇ ଜଳ ପ୍ରବେଶ ହେଉଥିବା ଅଭିଯୋଗ ପରେ ଦୁଇ ବର୍ଷରୁ ମରାମତି ହେଉଣି। ତଲଙ୍ଗ, ବାଗ୍ରା, ଟାଙ୍ଗନିକୋଟ, ଗୁରୁମାଇଗୁଡ଼ା, ଖଲାଗୁଡ଼ା ଆଦି ୫ଟି ଗ୍ରାମବାସୀଙ୍କ ପାଇଁ ଏକମାତ୍ର ପାୱାରବୋଟ ଲୋକଙ୍କୁ ଆବଶ୍ୟକ ସେବା ଯୋଗାଇ ପାରୁନାହିଁ । ଶେଷରୁ ପ୍ରଶାସନ ପକ୍ଷରୁ ତୁରନ୍ତ ଏକ ନୂଆ ପାୱାରବୋଟ୍ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜଳବନ୍ଦୀ ଅଞ୍ଚଳରେ ୪୦୦ରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି। ସେଠାରେ ନିର୍ବାଚନ ବେଳେ ଦୁଇଟି ବୁଥ୍ ହେଉଛି। ଏହି ୨ ବ୍ଲାକ୍‌ରୁ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଯିବାଆସିବା କରିବା ଓ ନିର୍ବାଚନ ପରିଚାଳନା ଟିମ୍ ପଠାଇବା ଓ ଆଣିବା ପାଇଁ ଏକମାତ୍ର ବୋଟ୍ ଯୋଗୁ ବହୁ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ବିଶେଷଭାବେ ଟିକାକରଣ ପାଇଁ ସ୍ୱାସ୍ଥ୍ୟ କର୍ମଚାରୀ, ଡାକ୍ତରୀ ଟିମ୍ ୩ଟି ବ୍ଲାକ୍‌ରୁ ଏକମାତ୍ର ପାୱାରବୋଟ୍‌ରେ ଯିବା ସମ୍ଭବ ହେଉନି । ଅନ୍ୟପକ୍ଷେ ତଲଙ୍ଗ ଗ୍ରାମ ଗୋଟିଏ ଦିଗରେ ଥିବାବେଳେ ଟାଙ୍ଗନିକୋଟ ଅନ୍ୟ ଏକ ଦିଗରେ ଓ ଗୁରୁମାଇଗୁଡ଼ା ଅନ୍ୟ ଦିଗରେ ରହିଥିବାରୁ ହାଟପାଳି ଦିନ ଲୋକେ ଯିବାଆସିବା ପାଇଁ ବହୁ ହଇରାଣ ହେଉଥିବା ଅଭିଯୋଗ ହେଉଛି।

### ବାଗ୍ରା, ଟାଙ୍ଗନିକୋଟକୁ ବିସ୍ଥାପିତ ମାନ୍ୟତା ମିଳୁ

ଟାଙ୍ଗନିକୋଟା ଓ ବାଗ୍ରା ଉଭୟ ରାଜସ୍ୱ ଗ୍ରାମ ହୋଇଥିଲେ ମଧ୍ୟ ଦୁଇ ଗ୍ରାମବାସୀ ବିସ୍ଥାପିତ ପ୍ୟାକେଜରେ ସାମିଲ ନ ଥାଇ ଜଳବନ୍ଦୀ କଷ୍ଟ ଭୋଗୁଛନ୍ତି। ଆର୍‌ଏସି ବୈଠକରେ ଉକ୍ତ ଦୁଇ ଗ୍ରାମବାସୀଙ୍କୁ ବିସ୍ଥାପିତ ପ୍ୟାକେଜ ଦେବା ପାଇଁ ଚର୍ଚ୍ଚା ହୋଇଥିଲେ ମଧ୍ୟ ତାହା କେବଳ କର୍ଣ୍ଣରେ ସୀମିତ ରହିଯାଇଛି। ପାୱାରବୋଟ ମିଳୁ ନ ଥିବାରୁ ଦୁଇ ଗ୍ରାମବାସୀ ବିଶେଷକରି ପଞ୍ଚାୟତରୁ ରାଶନ ସାମଗ୍ରୀ, ପେନ୍‌ସନ, ଗର୍ଭବତୀଙ୍କୁ ମେଡିକାଲ ନେବା, ଦୈନିକ ସଉଦା କ୍ରୟ ପାଇଁ ଦେଶୀ ଡଙ୍ଗା ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ସେହିପରି ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଏହି ଜଳ ବିଦ୍ୟୁତ ପ୍ରକଳ୍ପରୁ ଲାଭ ପାଉଥିଲେ ମଧ୍ୟ ସାମାଜିକ ଦାୟିତ୍ୱ ପାଣ୍ଠିରୁ ଅଞ୍ଚଳ ପାଇଁ କିଛି ଦେଉ ନ ଥିବା ଅଭିଯୋଗ ହେଉଛି । ଏଣୁ ଅନ୍ତତଃ ପାୱାରବୋଟ ଯୋଗାଇଦେଲେ ଜଳବନ୍ଦୀବାସୀଙ୍କ ହିତରେ ଲାଗିପାରିବ ବୋଲି ଆଲୋଚନା ହେଉଛି। ପ୍ରକଳ୍ପ କର୍ତ୍ତୃପକ୍ଷ ସବୁଥିରେ ନିଜକୁ ଦୂରେଇ ରଖୁଥିବା ବେଳେ ଜଳବନ୍ଦୀବାସୀଙ୍କ ପାଇଁ ଜିଲାପାଳ ନିଗମଠାରୁ ସିଏସ୍‌ଆର୍ ପାଣ୍ଠିରୁ ଅର୍ଥ ଆଣିବା ପ୍ରୟାସ କରିବା ଉଚିତ୍ ବୋଲି ମତପ୍ରକାଶ ପାଉଛି। ବର୍ତ୍ତମାନ ପାୱାରବୋଟ ଦାୟିତ୍ୱ ତହସିଲଦାର ବୁଝୁଥିବାରୁ ସେ ଏହି ଦିଗରେ କାର୍ଯ୍ୟ କରିବା ପାଇଁ ଦାବି ହେଉଛି। ଗୋଟିଏପଟେ ରାଇଘର ଜିଲାକୁ ସଂଯୋଗ କରିବା ଓ ଜଳବନ୍ଦୀରୁ ମୁକ୍ତି ପାଇଁ ମଝିଗାଁ ଗ୍ରାମପଞ୍ଚାୟତର କେନ୍ଦୁଗୁଡ଼ାଠାରେ ଜଳଭଣ୍ଡାର ଉପରେ ବ୍ରିଜ୍ କାର୍ଯ୍ୟ ନିଷ୍ପତ୍ତି ଅନ୍ୟପଟେ ବିସ୍ଥାପିତ ମାନ୍ୟତା ଝୁଲି ରହିଛି। ଏଣୁ ପାୱାର ବୋଟ ସାମୟିକ ଆଶ୍ୱସ୍ତି ଆଣିପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ପାୱାରବୋଟ ପାଇଁ ବ୍ଲକ୍ ତରଫରୁ ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯାଇଛି। ଓଡ଼ିଶା ଜଳ ବିଦ୍ୟୁତ୍ ନିଗମକୁ ଜିଲାପାଳଙ୍କ ଜରିଆରେ ଖୁବଶୀଘ୍ର ଅନୁରୋଧ ପତ୍ର ଲେଖିବେ ବୋଲି କହିଛନ୍ତି।

## ଅନ୍ତେବାସୀଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ଲକ୍ଷ୍ୟ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

### ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ

ନବରଙ୍ଗପୁର,୩।୧୧(ସଦାଶିବ ପ୍ରହରାଜ)

ଜିଲା ପ୍ରଶାସନ ତଥା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜିଲାସ୍ତରୀୟ ଶିଶୁ କ୍ରୀଡ଼ା ଉତ୍ସବ -୨୦୨୪ ନୂତନ ମଣ୍ଡେଇ ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ଜିଲାରେ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ସନ୍ତୋଷ ଷଡ଼ଙ୍ଗୀ, ଅନିତା ହୋତା, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅନ୍ତେବାସୀଙ୍କ ମଧ୍ୟରେ ୧୦୦ ମିଟର ଦୌଡ, ୨୦୦ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କ୍ୟାରମ, ଚେସ୍, ଫୁଟବଲ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ବିଭାଗର ଅନୁଷ୍ଠାନିକ ଯତ୍ନ ଅଧିକାରୀ କୁମୁଦିନୀ ସ୍ୱାଇଁ, ଆଇନ ଅଧିକାରୀ କିଶୋର ଚନ୍ଦ୍ର ମାଝୀ, ଡାଟା ବିଶ୍ଳେଷକ କିଷାନ ପଟ୍ଟନାୟକ, ହିସାବ ରକ୍ଷକ ମହେନ୍ଦ୍ର ଡାଲାଣ, ଶିଶୁ ମଙ୍ଗଳ ସମିତିର ଡାଟା ଏଣ୍ଟ୍ରି ଅପରେଟର ସନ୍ତୋଷ କୁମାର ଜେନା, ଚାଇଲ୍ଡ ଲାଇନର କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ ।

## ବାଇକ୍ ଧକ୍କାରେ ଗୋରୁ ଚରାଳିଙ୍କ ମୃତ୍ୟୁ

ପାପଡ଼ାହାଣ୍ଡି,୩।୧୧(ସ୍ୱପନ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡୁମୁରୀ କାଙ୍କୁବାଡ଼ ନିକଟରେ ଏକ ଅଜଣା ବାଇକ୍ ଧକ୍କାରେ ଜଣେ ଗୋରୁ ଚରାଳିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଚନ୍ଦ୍ରପୁର ଗ୍ରାମର ମନ ହରିଜନ। ସୂଚନା ଅନୁଯାୟୀ, ମନ ଶନିବାର ସନ୍ଧ୍ୟାରେ ଗୋରୁଙ୍କୁ ନେଇ ରାସ୍ତାରେ ଯାଉଥିବା ସମୟରେ ପଛପଟୁ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ମନ ସେଠାରେ ଗୁରୁତର ହୋଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏ ନେଇ ମନଙ୍କ ପୁଅ ଗିରିଧର ଡୁମ୍ବା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୨୨୬/୨୪ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ ଅଧିକାରୀ ରାମଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି ।

## ମଣ୍ଡେଇ ମହୋତ୍ସବରେ ମଞ୍ଚ ନାଟକ ପରିବେଷଣ ନେଇ ଆଲୋଚନା


ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

### ମଞ୍ଚ ନାଟକ କମିଟି, ସାଂସ୍କୃତିକ ଦଳ ଉଦ୍‌ଘୋଷକ ଚୟନ କମିଟି ବୈଠକ

ନବରଙ୍ଗପୁର,୩।୧୧(ସଦାଶିବ ପ୍ରହରାଜ)

ଆସନ୍ତା ଡିସେମ୍ବର ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଲୋକ ମହୋତ୍ସବ ମଣ୍ଡେଇ -୨୦୨୪ ପାଳନ ଉପଲକ୍ଷେ ଗତ ୨୯ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କମିଟି ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସଭ୍ୟମାନଙ୍କ ଉପସ୍ଥିତିରେ ମଞ୍ଚ ନାଟକ କମିଟିର ବିଭିନ୍ନ କାର୍ଯ୍ୟଧାରା ଓ ପଦକ୍ଷେପ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଓ ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଉପସ୍ଥିତ ଥିଲେ। ମଞ୍ଚ ନାଟକ ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମଞ୍ଚ କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ମା' ଭଣ୍ଡାରଘରଣୀ ମନ୍ଦିରରୁ ଆଜ୍ଞାମାଳ ନେଇ ଶୋଭାଯାତ୍ରାରେ ଟାଉନ ହଲକୁ ଯାତ୍ରା କରିବେ। ସମସ୍ତ ମଞ୍ଚ ନାଟକ ନିର୍ଦ୍ଦେଶକ ଆସନ୍ତା ନଭେମ୍ବର ୧୫ ସୁଦ୍ଧା ନିଜର ସ୍କ୍ରିପ୍ଟ ଚୟନ କମିଟିକୁ ପ୍ରେରଣ କରିବେ ଏବଂ ଚୟନ କମିଟି ଦ୍ୱାରା ଯୋଗ୍ୟତା ଅନୁଯାୟୀ ଏହା ନିରୀକ୍ଷଣ ହୋଇ ନଭେମ୍ବର ୨୦ ସୁଦ୍ଧା ସୂଚାଇ ଦିଆଯିବ। ମଞ୍ଚ ନାଟକର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ସବ୍‌କମିଟି ଗଠନ କରାଯାଇଛି।

ସେହିଭଳି ଗତ ୩୦ ତାରିଖରେ ସଂସ୍କୃତି ଭବନଠାରେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ଦଳ ଓ ଉଦ୍‌ଘୋଷକ ଚୟନ କମିଟିର ସଭ୍ୟଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ସମସ୍ତ ବିଡିଓ ନିଜ ନିଜ ବ୍ଲକରେ ସାଂସ୍କୃତିକ ଦଳ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ସାଂସ୍କୃତିକ ଦଳକୁ ପ୍ରେରଣ କରିବେ। ଓ ଡିସେମ୍ବର ୬ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଉତ୍ସବରେ ଜିଲାର ଶ୍ରେଷ୍ଠ ବିବେଚିତ ଓ ଜିଲା ବାହାରୁ ଆସୁଥିବା ସାଂସ୍କୃତିକ ଦଳଙ୍କ କାର୍ଯ୍ୟକ୍ରମ ପରିବେଷଣ ପାଇଁ ସ୍ଥିର କରାଗଲା। ଏହି ଉତ୍ସବରେ ଗ୍ରାମାଞ୍ଚଳର ପାରମ୍ପରିକ ନୃତ୍ୟ ଦଳଙ୍କୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ମଣ୍ଡେଇ ଉତ୍ସବ ଜିଲାର ଲୋକ କଳା, ସଂସ୍କୃତି ଓ ପରମ୍ପରା, ପ୍ରତିଭା ସୃଷ୍ଟି କରିବାର ଏକ ପ୍ରମୁଖ ମଞ୍ଚ ହୋଇଥିବାରୁ ଜିଲାର ଶ୍ରେଷ୍ଠ ସାଂସ୍କୃତିକ ଦଳମାନଙ୍କୁ ସୁଯୋଗ ପ୍ରଦାନ କରିବା ସହ ରାଜ୍ୟ ଓ ଜାତୀୟ ସ୍ତରକୁ ପ୍ରେରଣ କରି ଜିଲା ପ୍ରସିଦ୍ଧି ପାଇଁ ନିଷ୍ପତ୍ତି ନିଆଗଲା। ଚଳିତ ବର୍ଷ ମଣ୍ଡେଇ ଉତ୍ସବରେ ରାଜ୍ୟସ୍ତରୀୟ ଦଳ କଳାହାଣ୍ଡି, ରାୟଗଡ଼ା, କୋରାପୁଟ,ମାଲକାନଗିରି, ବଲାଙ୍ଗୀର, ଗଞ୍ଜାମ, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା ଅଞ୍ଚଳରୁ ପ୍ରସିଦ୍ଧ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବ। ସେହିଭଳି ଜାତୀୟସ୍ତର ପ୍ରଦର୍ଶନ ପାଇଁ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ରାଜସ୍ଥାନ, ଛତିଶଗଡ଼, ନାଗାଲାଣ୍ଡ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ବିଭିନ୍ନ ସାଂସ୍କୃତିକ ଦଳଙ୍କୁ ନିମନ୍ତ୍ରଣ କରାଯିବ। ମଣ୍ଡେଇ ସନ୍ଧ୍ୟାରେ ରାଜ୍ୟର ପ୍ରସିଦ୍ଧ କଳାକାରଙ୍କୁ ଚୟନ କରାଯାଇ ତାଙ୍କର କଳା ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଛି।

## ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ କବି, ଲେଖକ ସମ୍ମିଳନୀ

ନବରଙ୍ଗପୁର,୩।୧୧(ସଦାଶିବ ପ୍ରହରାଜ)

ମାଟିଲଗ୍ନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ନବରଙ୍ଗପୁର ଜିଲାର ରକ୍ତତୀର୍ଥ ପାପଡ଼ାହାଣ୍ଡି ଶହୀଦ ମାଟିରେ ସ୍ମରଣେ କବି ଓ ଲେଖକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଶହୀଦ ପରିବାରର ରାଜ୍ୟ କାର୍ଯ୍ୟକାରୀ ସଭାପତି ସତ୍ୟ ମୁନା ତ୍ରିପାଠୀଙ୍କ ପୃଷ୍ଠପୋଷକତାରେ ରକ୍ତତୀର୍ଥ ପାପଡ଼ାହାଣ୍ଡି ଶହୀଦ ମାଟିରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଲେଖିକା ଲେଖକ ଉପସ୍ଥିତ ରହି ପ୍ରଥମଥର ପାଇଁ ଶହୀଦମାନଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଉପସ୍ଥିତ ରହି ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ପ୍ରତିଭାବାନ୍ ୧୩୦ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ୪ଟି ପୁସ୍ତକ ରାଧା କୃପା, ମାଟିଲଗ୍ନା, କାକୁଲି ଏବଂ ମା' ଉନ୍ମୋଚିତ ହୋଇଥିଲା । ଏହିରେ ମାଟିଲଗ୍ନା ସାହିତ୍ୟ ସଂସଦର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଡ. କିଶୋର ଚନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ନରସିଂହ ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଶୁଭାଂଶୁ ଶେଖର ପାଢ଼ୀ, ନବରଙ୍ଗପୁର ଜିଲାର ପରିଚାଳିକା ସ୍ୱର୍ଣ୍ଣଲତା ପଟ୍ଟନାୟକ, ଅଧ୍ୟାପିକା ଚନ୍ଦନା ମଲ୍ଲିକ, ଓଡିଶା ଲେଖକ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ସମ୍ପାଦକ ଜୟନ୍ତ ମହାନ୍ତି, ରାଷ୍ଟ୍ରୀୟ ସମ୍ପାଦକ ସମୀର କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଗୋବର୍ଦ୍ଧନ ଦାସ, ଆଇନଜୀବୀ ରାମ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଧାନ ଫସଲ କ୍ଷେତ୍ର ପ୍ରଦର୍ଶନ

ଡାବୁଗାଁ, ୩।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନିକଟସ୍ଥ ମହେନ୍ଦ୍ରୀ ଗ୍ରାମଠାରେ ଜୟକୋଣ୍ଡ ବାୟୋସିଡ କମ୍ପାନୀ ତରଫରୁ ଧାନ ଫସଲ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାପଡାହାଣ୍ଡି, କୋଷାଗୁମୁଡ଼ା ଓ ଡାବୁଗାଁ ବ୍ଲକର ବିହନ ବିକ୍ରେତାମାନେ ଯୋଗଦେଇଥିଲେ । ସ୍ଥାନୀୟ ଧାନ ଚାଷୀ ଉତ୍ତରୁ ଜାନୀଙ୍କ ଧାନ ଜମିରେ ହୋଇଥିବା କମ୍ପାନୀର ହାଇବ୍ରିଡ ଧାନ ଜୟକୋଣ୍ଡ-୩୭, ଲକ୍ଷ୍ମୀ-୧୭, କେଜିଆରଏଚ-୩୬୪୪, ଜୟକୋଣ୍ଡ-୫୧୨, କେଜିଆରଏଚ-୪୪୪୪, ଜୟକୋଣ୍ଡ ମୋଟାକୁ ବିକ୍ରେତାମାନେ ବୁଲି ଦେଖିଥିଲେ। ହାଇବ୍ରିଡ ଧାନ ଅଧିକ ଉତ୍ପାଦନ ହେବା ସହ ରୋଗ ଓ ପୋକ ପ୍ରତି ଅଧିକ ସହନଶୀଳତା ପ୍ରଦାନ କରେ। ଫଳରେ ଚାଷୀ ଭାଇମାନେ ଅଧିକ ମୂଲ୍ୟ ପାଇପାରିବେ ବୋଲି କମ୍ପାନୀ ଆସିଷ୍ଟାଣ୍ଟ ସେଲ୍ସ ମ୍ୟାନେଜର ଶୁଭାଶିଷ ଦାସ କହିଥିଲେ। ଏହି ଏହି ସଫଳତା ଦେଖି ସମସ୍ତ ବିହନ ବିକ୍ରେତାମାନେ ବେଶ ଖୁସି ହୋଇଥିଲେ। ଏଥିରେ କର୍ମଚାରୀ ପ୍ରବୀଣ କୁମାର ନାୟକ, କୃଷ୍ଣ ଚନ୍ଦ୍ର ସାମଲ, ସରୋଜ କୁମାର ପ୍ରଧାନ, ରାମଚନ୍ଦ୍ର ମୁଦୁଲି, ରାମଚନ୍ଦ୍ର ଖେମୁଣ୍ଡୁ ଓ ଏ.ଡି ନାଇଡୁ ପ୍ରମୁଖ ସହଯୋଗ କରିଥିଲେ ।


ବିକ୍ରେତାମାନେ ଧାନ ଜମି ବୁଲି ଦେଖୁଛନ୍ତି।

## ଘର ଛାତରୁ ଖସି ଯୁବକ ମୃତ

ଡାବୁଗାଁ, ୩।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଉମୁରହାଣ୍ଡି ଗ୍ରାମରେ ଘର ଛାତରୁ ଖସି ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଡାବୁଗାଁ ବ୍ଲକ ଅଧୀନ ଉମୁରହାଣ୍ଡି ଗ୍ରାମର ଚନ୍ଦ୍ର ଗୌଡ (୩୦)। ଚନ୍ଦ୍ର ଶନିବାର ରାତିରେ ରାତ୍ରଭୋଜନ ସାରି ନିଜ ଘର ଛାତ ଉପରେ ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ ନିଦରେ ଛାତ ଉପରୁ ତଳକୁ ଖସି ପଡ଼ିଯିବା ପରେ ପାଟି କରିଥିଲେ। ପରିବାର ଲୋକେ ତାଙ୍କ ପାଟି ଶୁଣି ଉଠି ଆସି ସଙ୍ଗେ ସଙ୍ଗେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ଏ ନେଇ ଚନ୍ଦ୍ରଙ୍କ ବାପା ଚୈତନ୍ୟ ଗୌଡ ଡାବୁଗାଁ ଥାନାରେ ଏତଲା ଦେବା ପରେ ଥାନା ସବଇନିସ୍ପେକ୍ଟର ଚନ୍ଦନ ସାହୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଥାନା କେସ୍ ନଂ ୩୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ନବରଙ୍ଗପୁର,୩।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଙ୍ଗଳେଶ୍ୱରୀ ସାହୁଙ୍କ ତତ୍ତ୍ୱାବଧାନରେ ଗତ ୨୮ ତାରିଖରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକଙ୍କ ମଧ୍ୟରେ ସାଧୁତାର ଶପଥପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ନିମନ୍ତେ ୨୯ରେ ଜିଲାସ୍ତରୀୟ ପଥପ୍ରାନ୍ତ ଅନୁଷ୍ଠିତ ହୋଇଥିଲା। ୩୦ରେ ଦୁଇ ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଶେଷ ଦିବସରେ ଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ପ୍ରତିଯୋଗିତା ଇତିହାସ ବିଭାଗର ମୁଖ୍ୟ ରଞ୍ଜିତା କୁମାରୀ ପ୍ରହରାଜ ଏବଂ ଅଧ୍ୟାପିକା ତରୁଣ ଆରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ। ସଭାରେ ବହୁସଂଖ୍ୟକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ଏମ୍ ରୋଜିଶ୍ରୀ ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ନେଇ ଶପଥପାଠ

କୋଡ଼ିଙ୍ଗା,୩।୧୧(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ରାଜ ଡାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ, ରେଡ ରିବନ କ୍ଲବ ଓ ଜାତୀୟ ସେବା ଯୋଜନା ବିଭାଗର ମିଳିତ ସହଯୋଗରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଡ଼ିଙ୍ଗା ତହସିଲଦାର ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ବିବେକ କୁମାର ମହାଳିକ ମୁଖ୍ୟବକ୍ତା, ଅଧ୍ୟାପକ ଡ଼. ରବି ନାରାୟଣ ପାଣିଗ୍ରାହୀ, ଦାମୋଦର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡ଼କ୍ରସ ଅଧିକାରୀ ଅଖିଳ କୁମାର ଭଞ୍ଜ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବେହେରା ସମସ୍ତ ଛାତ୍ରାଛାତ୍ରୀ ତଥା ଅନୁଷ୍ଠାନର କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏହାପରେ ଏକ ଆଲୋଚନାଚକ୍ରରେ ଅତିଥିମାନେ ଦେଶର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଦୁର୍ନୀତି କିଭଳି ଏକ ଅନ୍ତରାୟ ସୃଷ୍ଟି କରୁଛି ଏବଂ ଆଜିର ଯୁବସମାଜ ଏଥିପାଇଁ ସତର୍କ ଏବଂ ସଚେତନ ହେଲେ ଆଗାମୀ ଦିନରେ ଭାରତ ଏକ ସମୃଦ୍ଧିଶାଳୀ ରାଷ୍ଟ୍ର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ପଞ୍ଚାନନ ଦୁରିଆ ଏବଂ ରେଡକ୍ରସ କାଉନସିଲର ଭଞ୍ଜ ପରିଚାଳନା କରିଥିଲେ। ଶିକ୍ଷା ବିଭାଗର ଡେମୋନଷ୍ଟ୍ରେଟର ଦେବଜୀ ଦିଶାରି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଲାଇବ୍ରେରିଆନ ସସ୍ମିତା ପ୍ରଧାନ, ସୀମାଞ୍ଚଳ ପଟ୍ଟନାୟକ, ରାକେଶ କୁମାର ମଲ୍ଲିକ, ଈଶ୍ୱର ମାଝୀ, ଯାଦବ ପ୍ରସାଦ ମହାନ୍ତି, ଶୈଳବାଳା ରାଉତଙ୍କ ସହ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।



ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥପାଠ କରୁଛନ୍ତି।

## ୪୫ ଫୁଟର ମା' କାଳୀଙ୍କ ମୂର୍ତ୍ତି ଆକର୍ଷଣ

- ବଡ଼କୁମାରୀ ଯୁଭି-୧ ଗାଁରେ ବଙ୍ଗୀୟ ରୀତିନୀତିରେ ପୂଜାର୍ଚ୍ଚନା
- ଢାକ ବାଜାର ତାଳେ ତାଳେ ନାଚନ୍ତି ମହିଳା ଶ୍ରଦ୍ଧାଳୁ

ଉମରକୋଟ, ୩।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବଡ଼କୁମାରୀ ଯୁଭି-୧ ଗାଁ ମଣ୍ଡପରେ ବଙ୍ଗୀୟ ରୀତିନୀତିରେ ୧୦ଦିନ ଧରି ଚାଲିଛି ମା' କାଳୀଙ୍କ ପୂଜାର୍ଚ୍ଚନା। ଚଳିତ ବର୍ଷ ଏହି ପୂଜା ମଣ୍ଡପର ମୁଖ୍ୟ ଆକର୍ଷଣ ହେଲା ୪୫ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳକାୟ ମା' କାଳୀଙ୍କ ମୂର୍ତ୍ତି। ଏଠାରେ ଅନ୍ୟ ଏକ ବିଶେଷତ୍ୱ ହେଲା ସନ୍ଧ୍ୟା ଆରତି ସମୟରେ ମା'ଙ୍କ ପ୍ରିୟ ବାଦ୍ୟ ଢାକ ବାଜାର ତାଳେ ତାଳେ ନାଚନ୍ତି ମହିଳା ଶ୍ରଦ୍ଧାଳୁ। ଜିଲାରେ ପ୍ରାୟ ୫୨ଟି ବଙ୍ଗୀୟ ଗାଁରେ ମା' କାଳୀଙ୍କ ପୂଜା ହୋଇଥାଏ । କିନ୍ତୁ ଉମରକୋଟ ବଡ଼କୁମାରୀ ବଙ୍ଗୀୟ ଗ୍ରାମର ପୂଜା ମଣ୍ଡପରେ ମୁଖ୍ୟ ଆକର୍ଷଣ ହେଲା ୪୫ ଫୁଟ ଉଚ୍ଚର ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ।


ବଡ଼କୁମାରୀ ଯୁଭି-୧ ଗାଁ ମଣ୍ଡପରେ ମା' କାଳୀଙ୍କ ପ୍ରତିମୂର୍ତ୍ତି।


ମା'ଙ୍କ ନିକଟରେ ଢାକ ବାଜାର ତାଳେ ତାଳେ ମହିଳାମାନେ ନାଚୁଛନ୍ତି।

୧୯୬୪ରୁ ଏହି ଗ୍ରାମରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଆସୁଛି । ଚଳିତ ବର୍ଷ ୬୦ ବର୍ଷ ପୂର୍ତ୍ତି ଅବସରରେ ପୂଜା ପାଳନ କରାଯାଉଛି। ବଡ଼କୁମାରୀ ଗାଁରେ ବଙ୍ଗୀୟ ଓ ଆଦିବାସୀ ଲୋକ ବସବାସ କରୁଥିଲେ ମଧ୍ୟ ଏଠାରେ ସମ୍ପୂର୍ଣ୍ଣ ଭାଇଚାରା ପରମ୍ପରା ଓ ରୀତିନୀତିରେ ପୂଜା ହୁଏ । ଦୀପ ପ୍ରଜ୍ଜ୍ୱଳନ ସହ ଖୁସୀ ଆଲୋକର ଖେଳ ବି ହୋଇଥାଏ ଏବଂ ବିସର୍ଜନ ପୂର୍ବରୁ ସିନ୍ଦୁର ଖେଳ ବି ହୁଏ। ବଡ଼କୁମାରୀ ଗ୍ରାମର କାଳୀପୂଜା ଦେଖିବାକୁ ଛତିଶଗଡ଼, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରୁ ମଧ୍ୟ ଅନେକ ଭକ୍ତ ଆସନ୍ତି। ଏଥିସହ ପୂଜା ମଣ୍ଡପରେ ମୀନାବଜାର ଓ ମେଳା ଲାଗିଛି । ଏହି ପୂଜା ମାଧ୍ୟମରେ ସାମ୍ପ୍ରଦାୟିକ ସହ ବନ୍ଧୁତ୍ୱ ସୁଦୃଢ଼ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବହୁ ଆଡ଼ମ୍ବର ସହକାରେ ପୂଜା ଆୟୋଜନ କରାଯାଇଥିବାରୁ ବ୍ୟବସାୟ ମଧ୍ୟ ଭଲ ହେଉଛି, ଆଗାମୀ ଦିନରେ ଆହୁରି ଭଲ ହେବ ବୋଲି କହିଛନ୍ତି ବ୍ୟବସାୟୀ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ କମିଟି ପକ୍ଷରୁ ୧୦୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବା ସହ ପୋଲିସ ବାହିନୀ ଓ ସିସି ଟିଭି କ୍ୟାମେରା ମଧ୍ୟ ଲଗାଯାଇଛି। ମନୋରଞ୍ଜନ ପାଇଁ ଚଳିତ ବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି ଏବଂ ଅନ୍ନ ପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ନାଗାବଳୀରୁ ବାଲି ଖନନ କରାଯାଇ ଆନ୍ଧ୍ର ଚାଲାଣ

- ବେଆଇନ ଭାବେ ମେଶିନ ସାହାଯ୍ୟରେ ଖନନ
- ବିପଦରେ ନଦୀ ତଟବର୍ତ୍ତୀ ଅଞ୍ଚଳ
- କାର୍ଯ୍ୟାନୁଷ୍ଠାନ ନେଉନି ଜିଲା ଖଣି ବିଭାଗ



ମେଶିନ ସାହାଯ୍ୟରେ ବାଲି ଖନନ କରାଯାଉଛି।

ରାୟଗଡ଼ା,୩।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ପ୍ରମୁଖ ନଦୀ ନାଗାବଳୀ ଓ ବଂଶଧାରାରୁ ବେଆଇନ ଭାବେ ମେଶିନ ସାହାଯ୍ୟରେ ଆବଶ୍ୟକଠାରୁ ଅତ୍ୟଧିକ ମାତ୍ରାରେ ବାଲି ଖନନ କରାଯାଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଛି। ଫଳରେ ସମୟକ୍ରମେ ଦୁଇ ନଦୀ ଓସାରିଆ ହେବା ସହ ନଦୀ ତଟବର୍ତ୍ତୀ ଅଞ୍ଚଳ ବିପଦମୁହାଁ ହେଉଛି । ୨୦୧୭ ଜୁଲାଇରେ ନାଗାବଳୀ ନଦୀରେ ବନ୍ୟା ଯୋଗୁ କଲ୍ୟାଣସିଂହପୁର, କୋଲନରା ଓ ରାୟଗଡ଼ା ବ୍ଲକ୍ ବେଶ୍ ପ୍ରଭାବିତ ହୋଇଥିଲା। ତଥାପି ଉକ୍ତ ଘଟଣା ପରେ ମଧ୍ୟ ବେଆଇନ ବାଲି ଖନନ ଉପରେ ନିୟନ୍ତ୍ରଣ ବଦଳରେ ପୂର୍ବାପେକ୍ଷା ଅଧିକ ମାତ୍ରାରେ ବାଲି ଖନନ ଚାଲିଥିବା ଅଭିଯୋଗ ହେଉଛି। ବାଲି ଖନନ ଦ୍ୱାରା କେବଳ ଜଳସ୍ତର ନୁହଁ ବରଂ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି । ଏଭଳିକି ସମୟକ୍ରମେ ଭୂତଳ ଜଳସ୍ତର କମୁଥିବା ପରିବେଶବିତ୍‌ମାନେ କହିଛନ୍ତି। ମେଶିନ ଲଗାଇ ନଦୀଗର୍ଭରୁ ବାଲି ଖନନ ସମ୍ପୂର୍ଣ୍ଣ ବେଆଇନ ହୋଇଥିଲେ ମଧ୍ୟ ରାୟଗଡା ତହସିଲ ଅନ୍ତର୍ଗତ ବଡ଼ହଂସା ବାଲିଘାଟରେ ପ୍ରତିଦିନ ପୋକ୍‌ଲିନ୍ ଓ ହିଟାଚି ଜରିଆରେ ବାଲି ଖନନ କରାଯାଉଛି। ଶତାଧିକ ଟ୍ରକ୍ ଓ ଟିପ୍ପର ଦ୍ୱାରା ଖୋଲାଖୋଲି ଭାବେ ପଡୋଶୀ ଆନ୍ଧ୍ରକୁ ବାଲି ଚାଲାଣ କରାଯାଉଛି। ଜିଲା ଖଣି ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ନାଗାବଳୀ ନଦୀର ବଡ଼ହଂସା ବାଲିଘାଟ ୨୦୨୦ ନଭେମ୍ବର ୧୯ରେ ବୋମିନାୟାନି ରଘୁରାମ ନାମକ ବ୍ୟକ୍ତିଙ୍କୁ ଲିଜ୍ ପ୍ରଦାନ କରାଯାଇଥିଲା। ୪.୮୫୬ ହେକ୍ଟର ଅଞ୍ଚଳରୁ ବାଲି ଖନନ ପାଇଁ ଅନୁମତି ରହିଛି। ନଦୀଗର୍ଭରେ ମେଶିନ ଲଗାଇ ଖନନ ପାଇଁ କୌଣସି ଅନୁମତି ନାହିଁ। ୨୦୨୪-୨୫ ଆର୍ଥିକ ବର୍ଷରେ ୩୨୦୦ ସିଏମ୍ ବାଲି ଖନନ ପାଇଁ ଅନୁମତି ପ୍ରଦାନ ହୋଇଛି। କିନ୍ତୁ ଲିଜ୍‌ଧାରୀ ବର୍ତ୍ତମାନ ସୁଦ୍ଧା ୨୬୦୦ ସିଏମ୍ ବାଲି ଖନନ କରିଥିବା ଖଣି ବିଭାଗ ସୂଚନା ଦେଇଛି। ମିଳିଥିବା ସୂଚନା ମୁତାବକ, ଲିଜ୍‌ଧାରୀ ୩୨୦୦ ସିଏମ୍‌ଠାରୁ ହଜାର ସଂଖ୍ୟାରେ ଅଧିକ ସିଏମ୍ ବାଲି ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଚୋରାଚାଲାଣ କରିଥିବା ଜଣାପଡ଼ିଛି। ଏହାବ୍ୟତୀତ ଆନ୍ଧ୍ରପ୍ରଦେଶର କିଛି ଅସାଧୁ ବ୍ୟବସାୟୀ ସ୍ଥାନୀୟ ବ୍ୟବସାୟୀଙ୍କ ସହ ମିଶି ନାଗାବଳୀ ନଦୀଗର୍ଭରୁ ଲିଜ୍ ଅଞ୍ଚଳ ବାହାରୁ ମଧ୍ୟ ବ୍ୟାପକ ଖନନ କରୁଛନ୍ତି। ମୁଖ୍ୟତଃ ଶେଷଖାଲ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବ୍ୟାପକ ବାଲି ଖନନ ହେଉଥିବାବେଳେ ଗ୍ରାମବାସୀ ପ୍ରତିବାଦ କଲେ ସେମାନଙ୍କୁ ନାଲିଆଖି ଦେଖାଯାଉଥିବା ଅଭିଯୋଗ ହେଉଛି। ଏହି ବାଲି ଚାଲାଣ ପାଇଁ ବ୍ୟବସାୟୀଙ୍କ ମଧ୍ୟରେ ଶତ୍ରୁତା ମଧ୍ୟ ବଢ଼ିବାରେ ଲାଗିଛି । ବାଲି ଖନନକୁ ନେଇ କିଛି ଦୁର୍ବୃତ୍ତ ଗତ ୧ ତାରିଖରେ ପୋକଲିନ ମେଶିନ ପୋଡ଼ିଦେଇଥିବା ପୋଲିସ ଅନୁମାନ କରୁଛି। ନାଗାବଳୀ ନଦୀର କଲ୍ୟାଣସିଂହପୁର ବ୍ଲକର ଉପର ମୁଣ୍ଡଠାରୁ ଆରମ୍ଭକରି ରାୟଗଡା ବ୍ଲକର ତଳମୁଣ୍ଡ ପର୍ଯ୍ୟନ୍ତ ସବୁଠି ବେଆଇନ ଭାବେ ବ୍ୟାପକ ପରିମାଣରେ ନଦୀଗର୍ଭରୁ ବାଲି ଖନନ ହେଉଛି। ଖଣି ବିଭାଗ ସବୁ ଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। ଯେଉଁଠି ଗୋଟିଏ ଘାଟ ନିଲାମ ଦିଆଯାଉଛି ସେଠି ୮ରୁ ୧୦ଟି ଘାଟରେ ଖନନ ହେଉଛି। କୌଣସି ମେଶିନ ଦ୍ୱାରା ବାଲି ଖନନ ହୋଇପାରିବ ନାହିଁ ବୋଲି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ନିର୍ଦ୍ଦେଶନାମା ଦିଆଯାଇଥିଲେ ମଧ୍ୟ ଏହାକୁ ଲିଜ୍‌ଧାରୀ ପାଳନ କରୁନାହାନ୍ତି। ଖଣି ବିଭାଗର ଅସାଧୁ କର୍ମଚାରୀଙ୍କ ସହ ହାତ ମିଶାଇ ମାଫିଆମାନେ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ କରି ଦୈନିକ ଲକ୍ଷାଧିକ ଟଙ୍କାର ମୁନାଫା କମାଉଛନ୍ତି। ଜିଲା ଖଣି ଅଧିକାରୀ କିମ୍ବା କର୍ମଚାରୀଙ୍କୁ ନେଇ ଏନ୍‌ଫୋର୍ସମେଣ୍ଟ ଗଠନ ହୋଇ ନ ଥିବାରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଖଣି ଅଧିକାରୀ ପର୍ଶୁରାମ ପ୍ରଧାନଙ୍କୁ ପଚାରିବାରୁ, ଅଭିଯୋଗ ମିଳିଲେ ଆମେ ତଦନ୍ତ କରୁଛୁ। ବର୍ତ୍ତମାନ ଏହାର ମଧ୍ୟ ଅନୁଧ୍ୟାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କର୍ମଚାରୀ ଅଭାବ ଯୋଗୁ ଏନ୍‌ଫୋର୍ସମେଣ୍ଟ ଗଠନ ହୋଇପାରୁନାହିଁ ଏବଂ ଏହା ଆମ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

## ଉତ୍କଳ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ରାୟଗଡା,୩।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଗାୟତ୍ରୀ ନଗରସ୍ଥିତ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ଉତ୍କଳ ସାମ୍ବାଦିକ ସଂଘ ରାୟଗଡ଼ା ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ପାଣିଗ୍ରାହୀ ଓ ରାଜୀବ ଲୋଚନ ଦାସଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲାର ସାଙ୍ଗଠନିକ ପୁନଃ ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ସୁରେଶ ଦାସଙ୍କୁ ସଭାପତି ରୂପେ ଚୟନ କରାଯାଇଥିବାବେଳେ ଉପସଭାପତି ଭାବେ ସୀମାଞ୍ଚଳ ପଣ୍ଡା, ସମ୍ପାଦକ ରାଜୀବ ପଣ୍ଡା, ସହ ସମ୍ପାଦକ ଗଣେଶ ପ୍ରସାଦ ପାତ୍ର, କୋଷାଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କୁ ଚୟନ କରାଯାଇଛି। ସେହିଭଳି ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରୂପେ ବରିଷ୍ଠ ସଦସ୍ୟ ମନୋରଞ୍ଜନ ଦଳେଇ, ନନ୍ଦକିଶୋର ପଟ୍ଟନାୟକ, ରାଜେଶ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ବୈଠକରେ ପ୍ରତ୍ୟେକ ବ୍ଲକରେ ନୂତନ ସଦସ୍ୟ ସଂଗ୍ରହ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହୋଇଥିବା ବିଷୟରେ ପୁନର୍ବାର ଆଲୋଚନା କରାଯାଇଥିଲା। ଏଥିସହ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ଅମୂଲ୍ୟ ନିସଙ୍କ, ଆଶୁତୋଷ ପଟ୍ଟନାୟକ, ଲାଡି ଶଙ୍କର, ଦକ୍ଷ ବାତ୍ରା, ସୁଦିପ ମିଶ୍ର, କୈଳାସ ଲାବଲା, ବୃନ୍ଦାବନ ତୁଳ, ପି.ରାମବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘର ବୈଠକ



ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

ରାୟଗଡା,୩।୧୧ (ଆଶିଷ ରଞ୍ଜନ ପଣ୍ଡା)

### ନୂତନ କର୍ମକର୍ତ୍ତା ଚୟନ

ରାୟଗଡା ସଦର ମହକୁମାସ୍ଥିତ ଠକ୍କର ବାବା ଆଶ୍ରମ ଠାରେ ଆଦିବାସୀ ହରିଜନ ଉନ୍ନୟନ ବିଭାଗର ଶିକ୍ଷୟତ୍ରୀ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୧୦୦ରୁ ଅଧିକ ଶିକ୍ଷୟତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଏନ୍.ୟୁ.କେ.ଏସ. ଓ.ଏସ.ଏନ.ଏସ ରାୟଗଡା ଗଠନକୁ ସୁଦୃଢ଼ କରିବା ଏବଂ ସମସ୍ୟାର ସମାଧାନ ପାଇଁ ନୂତନ କାର୍ଯ୍ୟକାରୀ ସଭ୍ୟସଭ୍ୟା ଚୟନ କରି ବିଭାଗକୁ ମଜବୁତ କରିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। ସଭାପତି ରୂପେ ତ୍ରିମୁଳା ବଦନା, ଉପସଭାପତି ଗୁଣପୁର ଉପଖଣ୍ଡ ସକାଶେ ଦିଲ୍ଲୀପ ଚୌଧୁରୀ, ରାୟଗଡା ଉପଖଣ୍ଡ ସକାଶେ ପ୍ରଦୀପ ଚୌଧୁରୀ, ସମ୍ପାଦକ ରୂପେ କବିତା କୁମାରୀ ଜାଡି, କର୍ଯ୍ୟକାରୀ ସମ୍ପାଦକ ରୂପେ ବିଜତ କୁମାର ହିଆଲ, ସହ ସମ୍ପାଦକ ଉଦ୍ଧବ ସୁନାଲ ସିଂ, କୋଷାଧ୍ୟକ୍ଷ ରୂପେ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଅଡିଟର ରୂପେ ଲକ୍ଷ୍ମୀନାରାୟଣ ପାଳ ଓ ନବୀନ ଚନ୍ଦ୍ର ପାତ୍ର, ପରାମର୍ଶ ଦାତା ରୂପେ ବିସିକେଶନ ବାଗ, ମନୋଜ ଗମାଙ୍ଗ, ସୁରେଶ ଚନ୍ଦ୍ର ସାହୁ , ଶ୍ରୀନିବାସ ଲାଡିଙ୍କୁ ମନୋନୀତ କରାଯାଇଥିଲା।



ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ଛାତ୍ରୀମାନେ ଲୋକନୃତ୍ୟ ଢେମ୍‌ସା ପରିବେଷଣ କରୁଛନ୍ତି। (ଫଟୋ- ଭାଗ୍ୟଶ୍ରୀ ମିଶ୍ର)

## ଗାଁ ନିକଟରେ ଶ୍ମଶାନଘାଟ ନିର୍ମାଣକୁ ବିରୋଧ

ଗଞ୍ଜାମ,୩।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି ପ୍ରଶାସନ ପକ୍ଷରୁ ଦାମୋଦରପୁର ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ନଦୀ ପଠାରେ ଶ୍ମଶାନଘାଟ ନିର୍ମାଣ କରାଯାଉଛି। ଜନବସତିକୁ ଲାଗି ଏହା ନିର୍ମାଣ ହେଉଥିବାରୁ ଦାମୋଦରପୁର ଗ୍ରାମବାସୀ ଆରମ୍ଭରୁ ବିରୋଧ କରି ଆସୁଛନ୍ତି। ଗ୍ରାମବାସୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଉକ୍ତ ସ୍ଥାନରେ ଶ୍ମଶାନ ଘାଟ ବଦଳରେ ଶିଶୁ ଉଦ୍ୟାନ ନିର୍ମାଣ କରିବା ପାଇଁ ଅନୁରୋଧ କରିଛନ୍ତି। ସେଠାରେ ମୃତଦେହ ଦାହ କରାଗଲେ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅବଗତ କରିଛନ୍ତି। ଏ ସମ୍ପର୍କରେ ଛତ୍ରପୁର ବିଧାୟକ ଓ ଏନଏସି ଅଧ୍ୟକ୍ଷାଙ୍କୁ ମଧ୍ୟ ସେଠାରୁ ଶ୍ମଶାନ ପ୍ରକଳ୍ପ ହଟାଇବା ନେଇ ଲିଖିତ ଭାବେ ଜଣାଇଛନ୍ତି। ଏହା ସ୍ୱତ୍ତ୍ୱେ ବି ସେଠାରେ ଶ୍ମଶାନ ନିର୍ମାଣ କରାଗଲେ ଆନ୍ଦୋଳନମୂକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମର ଭଦ୍ର ବ୍ୟକ୍ତିମାନେ କହିଛନ୍ତି।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ହିଞ୍ଜିଳିକାଟୁ,୩।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକ ବେଲଗାଁ ଥାନା ଅଧୀନ ଦୁର୍ବନ୍ଧ ଗ୍ରାମ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ସୀମାଞ୍ଚଳ ସାହୁ (୩୭)। ଶନିବାର ପୂର୍ବାହ୍ନରେ ସୀମାଞ୍ଚଳଙ୍କ ମୋବାଇଲ ଫୋନକୁ ଏକ କଲ ଆସିଥିଲା। ପରେ ସେ ଘରୁ ବାହାରକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ରବିବାର ସକାଳେ ପୋଖରୀ ହୁଡାରେ ସୀମାଞ୍ଚଳଙ୍କ ପ୍ୟାଣ୍ଟ, ସାର୍ଟ ଓ ଗାମୁଛା ପଡିଥିବା ପରିବାର ଲୋକେ ଦେଖି କୁକୁଡାଖଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇବା ସହ ତଦନ୍ତ ଚଳାଇଛି। ଏ ନେଇ ମୃତକଙ୍କ ସ୍ତ୍ରୀ ଗୀତା ସାହୁଙ୍କ ଅଭିଯୋଗକ୍ରମେ ବେଲଗାଁ ଥାନାରେ ନଂ.୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ମୁନିଗୁଡା,୩।୧୧
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଗାବର୍ଦ୍ଧାନ ଓ ହାଟମୁନିଗୁଡା ରାସ୍ତାରେ ଥିବା ବିବେକାନନ୍ଦ ଇଂଲିଶି ମିଡିୟମ ବିଦ୍ୟାଳୟ ନିକଟରେ କାର୍ ଧକ୍କାରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯିବ ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଯୁବକ ଜଣକ କୋଲକାତା ଅଞ୍ଚଳର ହୋଇଥିବାବେଳେ ସେ ବ୍ରହ୍ମପୁରରେ ରହି ୱେଲଡିଂ କାମ କରୁଥିଲେ। ସେ ୩ ତଳେ ଏକ ଅଣ୍ଡା ଫେକ୍ଟ୍ରିକୁ ୱେଲଡିଂ କାମ ପାଇଁ ଆସିଥିଲେ। ଯୁବକ ଜଣକ କୌଣସି କାର୍ଯ୍ୟରେ ବାଇକ୍ ଯୋଗେ ମୁନିଗୁଡା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ମୁନିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ କାର୍ ଓ ବାଇକ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।



ଆହତଙ୍କ ଚିକିତ୍ସା ଚାଲିଛି।

## ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବା ନେଇ ଦାବିପତ୍ର

ଜେକେପୁର,୩।୧୧(ରାଜେଶ ବିଶ୍ୱାଳ)



ବଜରଙ୍ଗ ଦଳ କର୍ମକର୍ତ୍ତା ଚାନ୍ଦିଲି ପୋଲିସକୁ ଦାବିପତ୍ର ଦେଉଛନ୍ତି।

### ବଜରଙ୍ଗ ଦଳର ବିକ୍ଷୋଭ

ରାୟଗଡ଼ା ଜିଲା ଜେକେପୁର ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବା ନେଇ ବଜରଙ୍ଗ ଦଳ ପକ୍ଷରୁ ଚାନ୍ଦିଲି ପୋଲିସକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର ଯାଞ୍ଚ କରାଯାଇ ବାଲାଂଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାନ୍ଦିଲି ପୋଲିସ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାୟଗଡା ଜିଲା ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ପରିଚିତ। ଏବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଥିବାରୁ ଜିଲାର ସୁରକ୍ଷା ସ୍ଥିତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି କାଶୀପୁର, ମୁନିଗୁଡା, କୋଲନରା, ଗୁଣୁପୁର, ଗୁଡ଼ାରୀ ତଥା କଲ୍ୟାଣସିଂପୁର ବ୍ଲକ୍‌ର କିଛି ଅଞ୍ଚଳରେ ବାଂଲାଦେଶୀ ରହିବା ସହ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସାମିଲ ହେଉଛନ୍ତି। ଏମାନଙ୍କର ବର୍ଦ୍ଧିତ ସଂଖ୍ୟା ଜିଲାରେ ବେଆଇନ ନିଶା କାରବାର ସହ ଗୋହତ୍ୟାକୁ ବହୁ ମାତ୍ରାରେ ବୃଦ୍ଧି କରିଛି। ବାଲାଂଦେଶୀମାନେ ବେଆଇନ ଯାନବାହାନ ଧରି ଚୋରା ବେପାର କରିବା, ଗାଡ଼ିରୁ ତେଲ ଚୋରି, ମହିଳାଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ, ଯୁବତୀ ଚୋରାଚାଲାଣ, ଗୃହପାଳିତ ପଶୁପକ୍ଷୀ ଚୋରି କରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅତିଷ୍ଠ ହୋଇ ବଜରଙ୍ଗ ଦଳ କାର୍ଯ୍ୟାଳୟ ନିକଟରେ ଅଭିଯୋଗ କରିଥିଲେ। ଜିଲାରେ କେତେ ସଂଖ୍ୟକ ବାଂଲାଦେଶୀ ରହିଛନ୍ତି ଏହାର ସର୍ବେକ୍ଷଣ ପାଇଁ ଜିଲାପାଳ କାର୍ଯ୍ୟାଳୟରୁ ତଥ୍ୟ ମଗାଯାଇଥିଲେ ମଧ୍ୟ, ୨୦୨୨ ଚିଠି ନମ୍ବର ୧୧୨୦ ପରଠାରୁ ପ୍ରଶାସନ ପାଖରେ ଏହି ଅନୁପ୍ରବେଶକାରୀଙ୍କ କୌଣସି ତଥ୍ୟ ଉପଲବ୍ଧ ହୋଇପାରିଲା ନାହିଁ। ପୋଲିସ ଏମାନଙ୍କର ଗାଡ଼ି କାଗଜପତ୍ର ଯାଞ୍ଚ କରୁ ନ ଥିବାବେଳେ ଏମାନଙ୍କୁ ଭଡ଼ା ଦେଉଥିବା ଘର ମାଲିକ ମଧ୍ୟ ସେମାନଙ୍କର ଆଧାରକାର୍ଡ ବା ଅନ୍ୟ ପରିଚୟପତ୍ର ଯାଞ୍ଚ କରୁନାହାନ୍ତି। ସେହିପରି ଜେକେପୁର ନିକଟସ୍ଥ ସିଙ୍ଗାପୁର ରୋଡର ଶୁକ୍ଲାଜି ନଗରରେ କାର୍ଯ୍ୟରତ ଜଣେ ଶିକ୍ଷକ ଏହି ଅଞ୍ଚଳରେ ସରକାରୀ ଜମି ଅଧିଗ୍ରହଣ କରି ସେଠାରେ ବେଆଇନ ଭାବେ ଘର ନିର୍ମାଣ କରି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅନୁପ୍ରବେଶକାରୀଙ୍କୁ ଘରଭଡ଼ା ଦେଇଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥଲୋଭୀ ଏଭଳି ଘର ମାଲିକଙ୍କୁ ପୋଲିସ ଖୁବଶୀଘ୍ର ଠାବ କରି ଉଚିତ ପଦକ୍ଷେପ ନେବାକୁ ବଜରଙ୍ଗ ଦଳ ଜିଲା ସଂଯୋଜକ ଶକ୍ତି ଧରଣ ଦାବି କରିଛନ୍ତି। ରବିବାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମକର୍ତ୍ତା ଚାନ୍ଦିଲି ଥାନାକୁ ଯାଇ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଅଡ଼ି ବସିଲା କ୍ରିୟାନୁଷ୍ଠାନ କମିଟି

କୁନ୍ଦୁରା,୩।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପଞ୍ଚାୟତ ଉପକଣ୍ଠ ନିୟନ୍ତ୍ରିତ ବଜାର କମିଟି ଗୋଦାମ ପ୍ରାଙ୍ଗଣରେ ଜିଲାଭିତ୍ତିକ ନିଯୁକ୍ତି ସମର୍ଥନରେ ପଞ୍ଚାୟତରୁ ଜିଲା ଯାଏ ଗୋଟିଏ ସ୍ଥାନରେ ଜିଲା କ୍ରିୟାନୁଷ୍ଠାନ କମିଟି ଏକତ୍ରିତ ହୋଇଛନ୍ତି। ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ପ୍ରତି ବ୍ଲକସ୍ତରରେ ବୈଠକ କରାଯାଇଥିବା ବେଳେ ତାହା ରବିବାର ଜିଲାସ୍ତରରେ ପହଞ୍ଚିଛି। ଜିଲାରେ ଥିବା ବିଦ୍ୟାଳୟଗୁଡ଼ିକରେ କେବଳ କୋରାପୁଟ ଅଞ୍ଚଳର ଶିକ୍ଷକ ନିଯୁକ୍ତି ପାଇବେ ବୋଲି ଜିଲା କ୍ରିୟାନୁଷ୍ଠାନ କମିଟି ଅଡ଼ି ବସିଛି। ଏଭଳି ପ୍ରୟାସକୁ ସମସ୍ତ ରାଜନୈତିକ ଦଳ ଆଗକୁ ଆସି ସମର୍ଥନ ଜଣାଇବାକୁ ଅନୁରୋଧ କରିଛି କମିଟି। ଏଥିରେ କମିଟି ସଭାପତି ଶିବ ପୁଜୁଲି, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ରାଧା ବିନୋଦ ସାମନ୍ତରାୟ, ଆବାହକ ସୁରେନ୍ଦ୍ର ପରଜା,ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀସେନ ବିଷୋୟୀ, ପ୍ରସାଦ ବିଡ଼ିକା, ପୂର୍ବତନ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ପୂର୍ବତନ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝୀ, ସୁଧୀର ଚନ୍ଦ୍ର ମହାନ୍ତି, ବାପୁନ ତ୍ରିପାଠୀ, ଘାସି ଭତ୍ରା ଓ ଶିବ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ କେବେଠାରୁ ସ୍କୁଲ ଯିବାକୁ ବାରଣ କରିବେ ତାହା ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଆସନ୍ତା ସପ୍ତାହରେ ଏକ ବୈଠକ କରି ନିଷ୍ପତ୍ତି ନେବେ ବୋଲି ସ୍ପଷ୍ଟ କରାଯାଇଛି। ଦୀର୍ଘଦିନ ଧରି ଜିଲାର ଆବେଦନକାରୀଙ୍କୁ ଅଣଦେଖା କରି ବାହାରୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଉଛି। ବାହାର ଜିଲାର ଶିକ୍ଷକମାନେ ନିୟମିତ ହେବା ପରେ ନିଜ ଅଞ୍ଚଳକୁ ବଦଳି ହୋଇଯାଉଛନ୍ତି। ଫଳରେ ଏଠାରେ ପଦବୀ ପୂରଣ ହୋଇପାରୁ ନ ଥିବାରୁ



ଆଲୋଚନାଚକ୍ରରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଓ ଅନ୍ୟମାନେ।

### ପଞ୍ଚାୟତରୁ ଜିଲାଯାଏ ଗୋଟିଏ ସ୍ଥାନରେ ଏକତ୍ରିତ

ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଦୁଇ ବର୍ଷ ମଧ୍ୟରେ କୋରାପୁଟ ବାହାରୁ କାର୍ଯ୍ୟରତ ଅନେକ ଶିକ୍ଷକ ବଦଳି ହୋଇ ନିଜ ଜିଲାକୁ ଯାଇଥିବା କମିଟି ସଦସ୍ୟ ମହାନ୍ତି କହିଛନ୍ତି। ଏହାକୁ ଉଚ୍ଚସ୍ତରୀୟ କମିଟି ବିଚାର କରିବା ସହ ଜିଲାରେ କେବଳ କୋରାପୁଟ ଅଞ୍ଚଳର ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯାଉ ବୋଲି ସରକାରଙ୍କୁ ଅନୁରୋଧ କରାଯାଇଛି। କୋରାପୁଟର ଆବେଦନକାରୀଙ୍କୁ ଅସମ୍ମାନ କରି ବାହାର ଜିଲାର ଶିକ୍ଷକଙ୍କୁ ପ୍ରଶ୍ରୟ ଦିଆଯାଉଥିବାରୁ ଜିଲାର ଉଚ୍ଚ ଶିକ୍ଷିତ ଯୁବତୀ ଯୁବକ ବେକାର ରହିଥିବା ସଭାପତି ମୁଦୁଲି କହିଛନ୍ତି। କାର୍ଯ୍ୟକ୍ରମରେ କନକଲତା ପେଣ୍ଠିଆ, ଲବ ପରଜା, ରମାକାନ୍ତ ମିଶ୍ର, ରାଜେଶ ଗୁରୁ ଓ ରାମଚନ୍ଦ୍ର ବାଗ୍ଲୀଆ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

କୋରାପୁଟ/ନାରାୟଣପାଟଣା,୩।୧୧ (ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ପକ୍ଷରୁ ସରକାରୀ ହାଇସ୍କୁଲ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାରାୟଣପଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପିୟୁଷ ଲୋହାରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା,ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଉପଜିଲାପାଳ ବେଣୁଧର ଶବର,ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ସରପଞ୍ଚ ରେବତୀ କୁନ୍ଦାରିଆ,ସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାଗ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲ ଓ ସିଡିପିଓ ଇନ୍ଦୁମତୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ତରଫରୁ ଭିନ୍ନକ୍ଷମମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ଜିଲାର ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିମାନେ ଏହାର ଲାଭ ଉଠାଇ ଉପକୃତ ହେବା ଆବଶ୍ୟକ ବୋଲି ବିଧାୟକ ସାଉଁନ୍ତା କହିଛନ୍ତି। ଶିବିରରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଭିନ୍ନକ୍ଷମମାନଙ୍କର ପରୀକ୍ଷା କରାଯାଇଥିଲା। ୪୫୮ ପଞ୍ଜୀକୃତ ହୋଇଥିବା ବେଳେ ୧୫୯ ଜଣଙ୍କୁ ସାର୍ଟିଫିକେଟ ପାଇଁ ଡାକ୍ତରୀ ଦଳ ଚିହ୍ନଟ କରିଥିବା ସୂଚନା ରହିଛି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରୁ ମେଡ଼ିସିନ ବିଭାଗର ଡଃ ଆର୍.ଏନ. ମିଶ୍ର,ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଡି. ପି.ପାତ୍ର, ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଡଃ ଅଶିତ ଦାସ,ଡ଼ଃ ଏସ.ଏସ.ମିଶ୍ରା,ଡ଼ଃ ରାଜେଶ ପଣ୍ଡା ଓ ଡି.ଧନଞ୍ଜୟ ପ୍ରମୁଖ ଚିକିତ୍ସା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲ,ପ୍ରଶାନ୍ତ ହିଆଲ,ମହେଶ ତାଡିଙ୍ଗି, ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନଏସଏସ ଛାତ୍ରୀଛାତ୍ର, ସମସ୍ତ ଶିକ୍ଷକ ଓ ଅଙ୍ଗନାୱାଡି କର୍ମୀ ପଞ୍ଜିକରଣରେ ସହଯୋଗ କରିଥିଲେ।

# ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

ଜୟପୁର ଏନ୍‌କେଟି ରୋଡସ୍ଥିତ ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ପକ୍ଷରୁ ସୂର୍ଯ୍ୟନମସ୍କାର, ଯୋଗାସନ, ଶଙ୍ଖବାଦନ ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସାଧାରଣ ବର୍ଗର ମହିଳା ଓ ପୁରୁଷମାନେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ। ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ସୁବର୍ଣ୍ଣ କୁମାରୀ ଖିଲ, ଅଜୟ କୁମାର ମଲିକ, ରବୀନ୍ଦ୍ର ମହାରଣା,ସବିତା ତ୍ରିପାଠୀ ଓ ଲିପିକା ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। ବିଚାରକ ଜାନକୀ ପାଣିଗ୍ରାହୀ, ଅମ୍ବିକା ରଞ୍ଜନ ପାଣିଗ୍ରାହୀ, କ୍ରୀଷ୍ଣା ରାଓ ଦୋରା, ନଳିନୀ ମହାପାତ୍ର, ଶୁଭସ୍ମିତା ସାହୁ, ସୁଚିସ୍ମିତା ମହାନ୍ତି, ସୁନିତା ମିଶ୍ର ଓ ରିତାଞ୍ଜଳି ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ନଭେମ୍ବର ୧୦ରେ ଚିତ୍ରାଙ୍କନ, ପୁରାଣ ପ୍ରବନ୍ଧ, ଇତିହାସ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନୁଷ୍ଠାନର ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସଭାପତି ତ୍ରିପାଠୀ କହିଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଷ୍ଠାନର ସଦସ୍ୟମାନେ।

# ଉଚ୍ଚ ଶିକ୍ଷା ବିଭାଗର ପ୍ରସ୍ତାବିତ ଫାଇଲକୁ ଅର୍ଥ ମଞ୍ଜୁରୀ ଦାବି



ବୈଠକରେ ଉପସ୍ଥିତ ଅଧ୍ୟାପକ ଓ କର୍ମଚାରୀମାନେ।

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

### ବ୍ଲକ ଗ୍ରାଣ୍ଟ୍ ଅଧ୍ୟାପକ, କର୍ମଚାରୀଙ୍କ ସ୍ୱତନ୍ତ୍ର ବୈଠକ

କୋରାପୁଟ ଜିଲା ଜୟପୁରସ୍ଥିତ ଅନନ୍ତ ମୋମୋରିଆଲ ନର୍ସିଂ କଲେଜ ସଭାଗୃହରେ ରାଜ୍ୟର ବ୍ଲକ ଗ୍ରାଣ୍ଟ କଲେଜଗୁଡ଼ିକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବିତ ଫାଇଲକୁ ଅର୍ଥ ମଞ୍ଜୁରୀ ଦାବି ନେଇ ଏକ ସ୍ୱତନ୍ତ୍ର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ, ନବରଙ୍ଗପୁର, ରାୟଗଡା ଓ ମାଲକାନଗିରି ଜିଲାର ୩୯୧ ବ୍ଲକ ଗ୍ରାଣ୍ଟ୍ କଲେଜ ଅଧ୍ୟାପକ ଏବଂ କର୍ମଚାରୀ ସଂଘ ଯୋଗ ଦେଇଥିଲେ। ବୈଠକରେ ସଂଘର ରାଜ୍ୟ ସଭାପତି ଅଶ୍ବିନ କୁମାର ମେହର, କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ବଲ୍ଲଭ ସାମନ୍ତ, ଉପସଭାପତି ସି.ଏଚ. ସୁଧାକର ଏବଂ କୋଷାଧ୍ୟକ୍ଷ ସଞ୍ଜିବ କୁମାର ଦାସ ଉପସ୍ଥିତ ଥିଲେ। ପୂର୍ବରୁ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତାବିତ ଏବଂ ଅନୁମୋଦିନ ଫାଇଲ ଉପରେ ସ୍ୱତନ୍ତ୍ର ଆଲୋଚନା କରିବା ସହ ସଭ୍ୟମାନେ ଏହାର ବର୍ତ୍ତମାନ ସ୍ଥିତି ଉପରେ ଅବଗତ କରାଇବାକୁ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ୧୯୯୪ ନୀତିରେ ବ୍ଲକ ହେଡ କ୍ୱାଟର କଲେଜଗୁଡିକ ଅନୁଦାନ ପରିସରଭୁକ୍ତ ହେବା ସହ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ଅସମାନତା ଦୂର କରିବାକୁ ସମସ୍ତ ବ୍ୟବସ୍ଥା ରହିଛି। କିନ୍ତୁ ପୂର୍ବ ସରକାର ସମୟରେ ଅର୍ଥ ବିଭାଗର ଫାଇଲର ଯଥାର୍ଥତାକୁ ସମ୍ପୂର୍ଣ୍ଣ ବିଶ୍ଲେଷଣ ନ କରି ବେପାରୁଆ ଭାବେ ଉଚ୍ଚତମ ନ୍ୟାୟାଳୟଙ୍କ ଏକ ରାୟର ଆଳ ଦେଖାଇ ତାହା ଉଚ୍ଚଶିକ୍ଷା ବିଭାଗକୁ ଫେରାଇ ଦେଇଥିଲେ। ୧୯୯୪ରୁ ୨୦୦୪ ମଧ୍ୟରେ ଥିବା ସମସ୍ତ ବ୍ଲକ ଗ୍ରାଣ୍ଟ୍ କଲେଜଗୁଡ଼ିକର ନୀତିଗତ ଯୋଗ୍ୟତାକୁ ତର୍ଜମା କରି ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବିତ ଫାଇଲକୁ ଅର୍ଥ ବିଭାଗ ବିନା ଅନୁମୋଦନରେ ଫେରାଇ ଦେଇଥିବାରୁ ଅଧ୍ୟାପକ ଏବଂ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂତନ ସରକାର କ୍ଷମତାକୁ ଆସିବା ପରେ ସଂଘର ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା ସହ ପୂର୍ବ ସରକାରଙ୍କ ସମୟରେ ଅର୍ଥ ବିଭାଗ ଫେରାଇ ଦେଇଥିବା ଫାଇଲକୁ ପୁନଃମଞ୍ଜୁରୀ ପାଇ ନିବେଦନ କରିଥିଲେ। ପରେ ରାଜ୍ୟ ସରକାର ଫାଇଲକୁ ପୁଣି ଅର୍ଥ ବିଭାଗକୁ ପଠାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଏହା ଦ୍ୱାରା ରାଜ୍ୟ ୫ ହଜାର ଅଧ୍ୟାପିକା,ଅଧ୍ୟାପକ ଏବଂ ସେମାନଙ୍କ ପରିବାର ଉପକୃତ ହେବେ। ବୈଠକରେ ମାଲକାନଗିରିର ଗୌରି ଶଙ୍କର ବେହେରା ଓ ପ୍ରଦିପ କୁମାର ସ୍ୱାଇଁଙ୍କ ସହ ଅବିଭକ୍ତ କୋରାପୁଟ ଜିଲାର ଶତାଧିକ କର୍ମଚାରୀ ଭାଗ ନେଇଥିଲେ। ନବରଙ୍ଗପୁରର ଶିବ ପଟ୍ଟନାୟକ, କୋରାପୁଟର ବୈଜୟନ୍ତି ସାମଲ, ରାୟଗଡାର ସୁଜାତା ଦାସ ଓ କଳାହାଣ୍ଡି ଜିଲାର ବଙ୍କିମ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇଟିୟୁସିର ୧୦୫ତମ ବାର୍ଷିକୀ

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନରେ ଭାରତର ସର୍ବପ୍ରଥମ ଶ୍ରମିକ ସଂଗଠନ ଅଖିଳ ଭାରତ ଟ୍ରେଡ ୟୁନିଅନ କଂଗ୍ରେସ ବା ଏଆଇଟିୟୁସିର ୧୦୫ତମ ପ୍ରତିଷ୍ଠା ବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଶ୍ରମିକମାନଙ୍କ ନ୍ୟାୟସଙ୍ଗତ ଦାବି ହାସଲ ପାଇଁ ଏଆଇଟିୟୁସି ଲଢ଼ିଆସୁଛି ଏବଂ କୋରାପୁଟ ଜିଲାରେ ମଧ୍ୟ ସେବା କାଗଜକଳ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ, ତଥା ବିଭିନ୍ନ ସରକାରୀ ବେସରକାରୀ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ମିଳିବା ଦିଗରେ ଅହରହ ଉଦ୍ୟମ କରିବା ପାଇଁ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି କହିଛନ୍ତି। ଦରଦାମ ବୃଦ୍ଧି, ବେକାରି ସମସ୍ୟା ସମାଧାନ, ବନ୍ଦ କଳକାରଖାନା ଖୋଲିବା, ୪ ଶ୍ରମ କୋଡ ବାତିଲ କରି ସବୁ ଶ୍ରମ ଆଇନ ବାହାର କରିବା, ପବ୍ଲିକ ସେକ୍ଟରକୁ ଧ୍ୱଂସ କରିବା ନୀତି ବିରୋଧରେ ଲଗାତର ଏକକ ଭାବେ ଓ ସବୁ ଶ୍ରମିକ ସଂଗଠନ ସହ ମିଳିତ ଭାବେ ଲଢ଼େଇ ରଖିବା ପାଇଁ ଆହ୍ୱାନ କରିଛନ୍ତି। ଏଥିରେ ବସନ୍ତ ବେହେରା, କେ.ସତ୍ୟନାରାୟଣ, ଅଲେଖ ପାତ୍ର, ନାରାୟଣ ସାହୁ,ଏସ.କେ. ଆଇଚ ପ୍ରମୁଖ ଉପସ୍ଥିତ ଥିଲେ।



# ଶିଶୁ ମହୋତ୍ସବ ଇଟିକିଲି ମିଟିକିଲି

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

ଜୟପୁର ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ଉପଲକ୍ଷେ ଶିଶୁ ମହୋତ୍ସବ ଇଟିକିଲି ମିଟିକିଲି କାର୍ଯ୍ୟକ୍ରମ ସିୱା ମହିଳା ବିଭାଗ ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜୟପୁରର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଙ୍ଗୀତ, ଚିତ୍ରାଙ୍କନ, ଗଳ୍ପଲିଖନ, କବିତା ଆବୃତ୍ତି, ଭାଷଣ ସଂଳାପ ପରିବେଷଣ, ବେଶଚନ୍ଦ୍ରିକା ଏବଂ ଦଳଗତ ନୃତ୍ୟ ଆଦି ୮ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତପନ ମହାପାତ୍ର, ଲାଲୁ ମିଶ୍ର, ନୃସିଂହ ପ୍ରସାଦ ଷଡଙ୍ଗୀ, ବିଦ୍ୟୁତ ପ୍ରଭା ପଟ୍ଟନାୟକ, ରବିନ ମହାନନ୍ଦିଆ, ମନୋଜ ମହାପାତ୍ର, ସୁରେଶ ନାୟକ, ଉମାକାନ୍ତ ମହାରଣା, ଲୋକନାଥ ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ଅଶୋକ ମହାରଣା, ଅବିନାଶ ସାମନ୍ତରା ପାତ୍ର, ପ୍ରମୋଦ ରାଉଳ, ଅଶୋକ ପଲେଇ, ଶ୍ରୀନାଥ ମିଶ୍ର, ରାଧାମୋହନ ପଣ୍ଡା, ପ୍ରଭାତ ରଥ, ସୁରେନ୍ଦ୍ର ପଟ୍ଟନାୟକ, ଅମର ମିଶ୍ର, ଗୋପାଳ ସାମନ୍ତରାୟ, ସୁଧାକର ପଟ୍ଟନାୟକ,ପଦ୍ମ ଚରଣ ଚୌଧୁରୀ,ସନ୍ତୋଷ ଏମ.ଡି ସରିଫ, ସୁରଭି ମହାପାତ୍ର ଓ ପଞ୍ଚାନନ ମିଶ୍ର ବିଚାରକ ଦାୟିତ୍ୱରେ ଥିଲେ।

# କ୍ଷୁଦ୍ର ଚଳଚ୍ଚିତ୍ର 'ରାଈ'ର ପ୍ରିମିୟର ଶୋ

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

କାବେରୀ ଏଣ୍ଟେଟେନ୍‌ମେଣ୍ଟର ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ରାଈ'ର ପ୍ରିମିୟର ପ୍ରଦର୍ଶିତ ହୋଇଯାଇଛି। ଏଥିରେ ଭାଜପା ନେତା ଗୌତମ ସାମନ୍ତରାୟ,ହିମାଂଶୁ ମହାପାତ୍ର ଯୋଗ ଦେଇଥିଲେ। ଲେଖକ, ନିର୍ଦ୍ଦେଶକ ବୁଲୁ କୁମାର, ନିର୍ମାତା ଅନ୍ତର୍ଯ୍ୟାମୀ ଦାସ ଏବଂ କାବେରୀ ମିଶ୍ର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଅନୁଷ୍ଠାନରୁ ୨ ଶହରୁ ଉର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲାର ପ୍ରତ୍ୟକ୍ଷ ଦେବୀ ମା' ଗର୍ଭରାଇଙ୍କ ସତ୍ୟ କାହାଣୀ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇ ଥିବା ବେଳେ ସମସ୍ତଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଟିମ 'ରାଈ' ପକ୍ଷରୁ ଏସ୍‌ଆର ମାଲିକ ସୁବାସ ରାଉତ, ଧୀରେନ ମୋହନ ପଟ୍ଟନାୟକ, ଉମେଶ ଚନ୍ଦ୍ର ସାମନ୍ତରାୟ ଓ ସୁଶାନ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ମାନସ ରଞ୍ଜନ ପଣ୍ଡା, କାବେରୀ ମିଶ୍ର, ସମସ୍ତ ସଦସ୍ୟ ଉପସ୍ଥିତ ଥିବା ବେଳେ ସାମାଜିକକର୍ମୀ ମମତା ବେହେରା ପରିଚାଳନା କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଉପଖଣ୍ଡ ଜୟପୁର ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ରାଜନଅରଠାରୁ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର ଭିଜିଲାନ୍ସ ଅଫିସରେ ପହଞ୍ଚିଥିଲା। ଏହାକୁ ଜୟପୁର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ଏସବିଆଇ ଚିଫ୍ ମ୍ୟାନେଜର ହିରଣ୍ୟମୟ ପାଢ଼ୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜୟପୁର ବିଡିଓ ଶକ୍ତି ମହାପାତ୍ର, ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଜିଲା ସଂସ୍କୃତି ଅଧିକାରୀ ପ୍ରତିସୁଧା ଜେନା ଓ ସ୍କୁଲ କଲେଜର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଭିଜିଲାନ୍ସ କାର୍ଯ୍ୟାଳୟରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା।



ଶୋଭାଯାତ୍ରାରେ ବାହାରିଥିବା ବିଭାଗୀୟ ଅଧିକାରୀ ଓ ଛାତ୍ରୀଛାତ୍ର।

# ଗୋପାଳ ସମାଜ କମିଟି ବୈଠକ



ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଯାଦବ ଭବନରେ ୧୬ ଖଣ୍ଡ ଗୋପାଳ ସମାଜ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଭାପତି କବିରାଜ ପରମେଶ୍ୱର ପାତ୍ର, ଜିଲା ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ,ମୁଠା ସଭାପତି ଭାସ୍କର ଗୌଡ, ସମ୍ପାଦକ ରବି ନାରାୟଣ ଗୌଡ ଓ ମହିଳା ସଭାପତି କବିତା ମାହାଙ୍କୁଡ ସମାଜର ସର୍ବାଙ୍ଗୀନ ଉନ୍ନତି ନେଇ ଆଲୋଚନା କରି ପାରିବାରିକ ବନ୍ଧୁ ମିଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ରାମଚନ୍ଦ୍ର ମାହାଙ୍କୁଡ, ବିଜୟ ଗୌଡ, କୋଷାଧ୍ୟକ୍ଷ ନାରାୟଣ ଗୌଡ, ପଞ୍ଚାନନ ଗୌଡ, ଲୋକନାଥ ବେହେରା,ରଞ୍ଜନ ପ୍ରଧାନ ଓ ସୁଦର୍ଶନ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ୮ ଘଣ୍ଟା ରାସ୍ତାରୋକୋ

ଦଶମନ୍ତପୁର,୩।୧୧(ଅରବିନ୍ଦ ନାୟକ)

### ଟ୍ରାକ୍ଟରରୁ ଖସି ବୃଦ୍ଧ ମୃତ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତ ଅଧୀନ ନେର୍କାଗୁଡା ଗାଁର ଜଣେ ବୃଦ୍ଧଙ୍କ ଟ୍ରାକ୍ଟରରୁ ଖସି ଶନିବାର ମୃତ୍ୟୁ ହୋଇଥିଲା। ମୃତକ ହେଲେ ଲବ ପରଜା(୬୫)। ଏ ନେଇ ରବିବାର ପୂର୍ବାହ୍ନରେ ନେର୍କାଗୁଡାଠାରୁ ଲୁଲା ପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ମୃତଦେହ ରଖି ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଲୋକେ ୮ଘଣ୍ଟା ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ପୋଲିସ ତଥା ଅତିରିକ୍ତ ଥାନା ଅଧିକାରୀ ନୀଳାଦ୍ରି କଅଁର ଓ ଏସଆଇ ସୁନୀଲ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସ୍ଥାନୀୟ ଜନ ପ୍ରତିନିଧିମାନେ ମଧ୍ୟ ଲୋକଙ୍କୁ ବୁଝାଇଥିଲେ। ୫୦ ହଜାର ଟଙ୍କା କ୍ଷତିପୂରଣ ବାବଦରେ ଦେବାକୁ ଟ୍ରାକ୍ଟର ମାଲିକ ମାନିବା ପରେ ଲୋକେ ଶାନ୍ତ ପଡ଼ିବା ସହ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମାମଲା ରୁଜୁ କରି ତଦନ୍ତ କରୁଥିବା ପୋଲିସ ସୂଚନାରୁ ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ମୁର୍କାର ପଞ୍ଚାୟତ ଅଧୀନ ପଖାର ଗ୍ରାମର ଉଜ୍ଜ୍ୱଳ ସ୍ୱୟଂ ସହାୟକ ଗୋଷ୍ଠୀର ଟ୍ରାକ୍ଟର ବାଲି ଆଣିବା ପାଇଁ ନେର୍କାଗୁଡାକୁ ଯାଉଥିବା ବେଳେ ନେର୍କାଗୁଡା ଗାଁର ଲବ ଓ କେତେକ ଲୋକ ପଡୁଗୁଡି ଯାଇ ଫେରୁଥିଲେ। ଟ୍ରାକ୍ଟର ଚାଳକ କର ପରଜା ଗାଁ ଲୋକଙ୍କୁ ବସାଇ ନେଉଥିବା ବେଳେ ଅସାବଧାନତା ଯୋଗୁ ଲବ ହଠାତ୍ ଖସି ପଡିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।


ରାସ୍ତାରୋକୋ ସମୟରେ ପୋଲିସ ଲୋକଙ୍କୁ ବୁଝାଶୁଝା କରୁଛି।

# ଜିଲାସ୍ତରୀୟ ସମନ୍ୱୟ ବୈଠକ

### ରବି ଆଳୁଚାଷର ପ୍ରୋତ୍ସାହନ, ଶୀତଳ ଭଣ୍ଡାର ପ୍ରତିଷ୍ଠା

କୋରାପୁଟ, ୩।୧୧(ଅମିତାଭ ବେହେରା)


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ୨୦୨୪-୨୫ ଆର୍ଥିକ ବର୍ଷରେ ରବି ଆଳୁ ଚାଷ ନିମନ୍ତେ ପ୍ରୋତ୍ସାହନ ଓ ଜିଲାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ଜିଲାସ୍ତରୀୟ ସମନ୍ୱୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ, ଓରମାସର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କୁମାର କାର୍ତ୍ତିକ, ଓଡିଶା ଜୀବିକା ମିଶନର ପ୍ରିୟମ୍ବଦା ବିଷୋୟୀ, ଜୟପୁରସ୍ଥିତ ଅତିରିକ୍ତ ଉଦ୍ୟାନ ଅଧିକାରୀ ସଂଜିବ କୁମାର ମହାନ୍ତି, ଉଠା ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସେଠ, ଓଡିଶା କୃଷି ଶିଳ୍ପ ନିଗମର ଜିଲା କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ସୁବୋଧ କୁମାର ଦାସ, ଆଇଟିଡିଏର କୃଷି ବିଶେଷଜ୍ଞ ଶିବ ପ୍ରସାଦ ବେହେରା, କୋରାପୁଟ ଆରଏମସିର ସମ୍ପାଦକ ଅରୁଣ କୁମାରେ ଜେନା, ଏପିସି ପାର୍ଟନର ସିୱାଇ ଏସଡିର ସଂଯୋଜକ ଆନନ୍ଦ କୁମାର ମଲ୍ଲିକ, ପ୍ରଦାନ ଅନୁଷ୍ଠାନର ଭାସ୍କର ବୋରା, ହରସା ଟ୍ରଷ୍ଟର ପ୍ରଦୀପ ମିଶ୍ର, କେବିକେ, ପ୍ରସ୍ତୁତି ଓ ବିକାଶ ଅନୁଷ୍ଠାନର ପ୍ରତିନିଧି ଏବଂ ୧୪ ବ୍ଲକର ସହାୟକ ଉଦ୍ୟାନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ଜିଲାରେ ରବି ଚାଷର ରୁପ ରେଖ ଓ ଚାଷ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉଭୟ କୋରାପୁଟ ଓ ଜୟପୁର ଡିଭିଜନ ପାଇଁ ଗୋଟିଏ ଲେଖାଏ ୫ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ ଏବଂ ଜିଲାରେ ଷ୍ଟ୍ରବେରୀ ଚାଷ ଅଧିକା କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲାର ପଟ୍ଟାଙ୍ଗି ବ୍ଲକ ଅଞ୍ଚଳରେ ପ୍ରାୟ ୫୦ ଏକର ଷ୍ଟ୍ରବେରୀ ଚାଷ କରାଯାଉ ଥିବା ବେଳେ ଦଶମନ୍ତପୁର, ସେମିଳିଗୁଡା ଓ ଲକ୍ଷ୍ମୀପୁର ଆଦି ବ୍ଲକରେ ଚାଷ କରାଯିବା ନେଇ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଆଇଟିଡିଏ,ଉଦ୍ୟାନ ବିଭାଗ ଟେକ୍‌ନିକାଲ ଓ ଆର୍ଥିକ ସହାୟତାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ଦାମନଯୋଡ଼ିରେ କାଳୀପୂଜା

**ଦାମନଯୋଡ଼ି,୩।୧୧(ମାନସ ରଞ୍ଜନ କର)**

ଦାମନଯୋଡ଼ିରେ ଆରାଧ୍ୟା ଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୀଠ ଓ ମାଥାଲପୁଟ ମାର୍କେଟସ୍ଥିତ ମା'ଭଦ୍ରକାଳୀଙ୍କ ଅସ୍ଥାୟୀ ମନ୍ଦିରରେ ତନ୍ତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ମା'ଭଦ୍ରକାଳୀଙ୍କ ମନ୍ଦିରରେ ସାଇବ ନାୟକ ପୂଜାର୍ଚ୍ଚନା କରିଥିବା ବେଳେ ଧର୍ମପଦ ସାହୁ, ଇନ୍ଦ୍ରମଣି ସାହୁ, ହର୍ଷ ବାହିନୀପତି ଓ ଟୁକୁନା ବାଡତ୍ୟା ପ୍ରମୁଖ ପରିଚାଳନା କରିଥିଲେ। ନାଲ୍‌କୋ ଟାଉନଶିପ ସେକ୍ଟର ୩ ଓ ସେକ୍ଟର ୧ ମଣ୍ଡପରେ ମା'ଙ୍କ ମଧ୍ୟରାତ୍ର ପୂଜା ପାରମ୍ପରିକ ରୀତିନୀତିରେ ହୋଇଥିଲା। ମା'ଙ୍କ ଘଟ ଆମନ୍ତ୍ରଣ ସହ ମଧ୍ୟରାତ୍ରରେ ଚକ୍ଷୁଦାନ,ଷୋଡଶ ଉପଚାର ପୂଜା ଏବଂ ଚଣ୍ଡିପାଠ ଆଦି ନୀତି ଅନୁଷ୍ଠିତ ହୋଇଥିଲା। ସେକ୍ଟର ୧ ଓ ୨ ସାର୍ବଜନୀନ ମା'ଦୁର୍ଗା ଓ କାଳୀପୂଜା କମିଟି ପକ୍ଷରୁ ଅନୁଷ୍ଠିତ ପୂଜାରେ ସନ୍ତୋଷ ମିଶ୍ର,ବିଜୟ ମିଶ୍ର ଓ ସୁଧାଂଶୁ ତ୍ରିପାଠୀ,ଶିଶିର ମିଶ୍ର ଓ ଅର୍ଚ୍ଚନା ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଧୀରେନ୍ଦ୍ର କୁମାର ବେହେରା,ଅନାମ ଚରଣ ନାୟକ,ରଞ୍ଜନ କୁମାର ବେହେରାଙ୍କ ସହ ସଦସ୍ୟମାନେ ପରିଚାଳନା କରିଥିଲେ। ସେହିପରି ସେକ୍ଟର-୩ ମଣ୍ଡପରେ ପ୍ରଦୀପ ମିଶ୍ର, ଅମର ଦାଶ ଓ ହରେନ୍ଦ୍ର ନାଥ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତମାନଙ୍କ ପାଇଁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିବା କମିଟି ସମ୍ପାଦକ ନିର୍ମଳ ରାଉତ ସୂଚନା ଦେଇଛନ୍ତି । ପୂଜା କମିଟିର ସଭାପତି ସଞ୍ଜୟ ଗୁପ୍ତା,କୋଷାଧ୍ୟକ୍ଷ ସିତେନ୍ଦୁ କୁମାର ମହାରଣାଙ୍କ ସହ ପ୍ରଫୁଲ୍ଲ କୁମାର ମୁନି, ଚିତ୍ତରଞ୍ଜନ ଦାଶ, ବସନ୍ତ କୁମାର ପଣ୍ଡା ଓ ଅନ୍ୟ ସଦସ୍ୟ ପରିଚାଳନା କରିଥିଲେ। ରବିବାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଗଛକୁ ଧକ୍କାଦେଲା କାର, ୪ ଗୁରୁତର

**ପାତ୍ରପୁର,୩।୧୧(ଉମା ଚରଣ ନେପାକ)**

ଝିଅ ଦେଖିବାକୁ ଯାଇ କାର ଦୁର୍ଘଟଣାରେ ୪ଜଣ ଯୁବକ ଗୁରୁତର ହୋଇଛନ୍ତି। ଗୋଳନ୍ଥରାଥାନା ହରିପୁର ଗ୍ରାମର ୟୁ ଚନ୍ଦ୍ରୁ, ୟୁ. ଚେଲପତି, କେ. ଦନାର୍ଦ୍ଦନ ଓ ଏ. ଲୋକେଶ ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମକୁ କାର (ଓଡି୦୨ ସିଇ- ୯୧୭୨) ଯୋଗେ ଯାଉଥିବା ବେଳେ ବାଦପୁରସ୍ଥିତ ରାମେଶ୍ୱର ମନ୍ଦିର ନିକଟରେ ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଘଟଣାସ୍ଥଳରେ ବାଦପୁର ଗ୍ରାମର କେତେ ଜଣ ଯୁବକ ପହଞ୍ଚି କାରରୁ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଏଡିଜେଙ୍କ ଘରୁ ଚୋରି ଘଟଣା, ୨ ଗିରଫ

**ଭଞ୍ଜନଗର,୩।୧୧(ବାବୁଲା ପ୍ରଧାନ)**

ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକଙ୍କ ଘରୁ ଗତ ୧୭ ତାରିଖରେ ୧୦ ହଜାର ଟଙ୍କା ଓ କିଛି ଅଲଙ୍କାର ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଞ୍ଜନଗର ମନଇଚ୍ଛା ସାହିର ଶିବରାମ ମଲ୍ଲିକ ଓ ତୋଫାନ ମହାରଣା। ଉଭୟଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି।

# ଜିଲ୍ଲା କୋଷାଗାରରେ ପେନସନ ଉପଭୋକ୍ତାଙ୍କ ପାଇଁ ମୋ ସେବା କେନ୍ଦ୍ର

**ମାଲକାନଗିରି,୩।୧୧ (ଦୁର୍ଯ୍ୟୋଧନ ପାତ୍ର)**




ମାଲକାନଗିରି ଜିଲା କୋଷାଗାର କାର୍ଯ୍ୟାଳୟରେ ବିନା ଶୁଳ୍କରେ ପେନସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବାକେନ୍ଦ୍ର ସହାୟତାରେ ଏକ ମାସିକିଆ କ୍ୟାମ୍ପର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କୋଷାଗାର ଅଧିକାରୀ ଶିବାନନ୍ଦ ପଣ୍ଡା ଉପସ୍ଥିତ ଥିବା ବେଳେ ମୋ ସେବାକେନ୍ଦ୍ରର କର୍ମଚାରୀ ଅଲିସା ମହାନ୍ତି ଏବଂ ମଣ୍ଟୁ ଖରା ପ୍ରମୁଖଙ୍କ ସହ ଅଞ୍ଚଳର ବହୁ ପେନସନ ଉପଭୋକ୍ତା ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ପେନସନ ଉପଭୋକ୍ତାମାନେ ନିଜର ଆଧାର କାର୍ଡ, ପେନସନ ବହି, ବ୍ୟାଙ୍କ ପାସ୍‌ବୁକ ଏବଂ ମୋବାଇଲ ନମ୍ବର ସଂଯୋଗକରି ବିନା ଶୁଳ୍କରେ ସେମାନଙ୍କ ଜୀବନ ପ୍ରମାଣପତ୍ର ସହଜରେ ପାଇପାରିବେ ବୋଲି କେନ୍ଦ୍ର କର୍ମଚାରୀମାନେ କହିଛନ୍ତି। ଏହା ସହ ମୋ ସେବାକେନ୍ଦ୍ର ମାଧ୍ୟମରେ ପେନସନ ଉପଭୋକ୍ତାଙ୍କ ଘରକୁ ଯାଇ ସେବା ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ଏହି କେନ୍ଦ୍ର ଶୁଭାରମ୍ଭପରେ ପେନସନ ଉପଭୋକ୍ତାମାନେ ସେଠାରେ ଉପସ୍ଥିତ ରହି ନିଜ ନିଜର ପଞ୍ଜୀକରଣ କରାଇଥିଲେ।

# ମା' ଶ୍ୟାମା କାଳୀଙ୍କ ଭସାଣି

**କୋରୁକୋଣ୍ଡା,୩।୧୧(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଲା ସହରର କାଳିଛକଠାରେ ଗତ ୩୧ ତାରିଖରୁ ମା' ଶ୍ୟାମା କାଳୀଙ୍କ ପୂଜା ଆରମ୍ଭ ହୋଇଥିଲା। ରବିବାର ମା'ଙ୍କ ଭସାଣି ଉତ୍ସବ ବାଲିମେଲା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ସରିବା ପରେ ଭସାଣି ଉତ୍ସବ ଶୋଭାଯାତ୍ରାରେ ହୋଇଥିଲା। ଆଦିବାସୀ ବାଦ୍ୟ, ଲୋକନୃତ୍ୟ ଜୟପୁରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଅର୍କେଷ୍ଟ୍ରା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମା'ଙ୍କ ଶେଷ ଦର୍ଶନ ପାଇଁ ସହରର ବିଭିନ୍ନ ସ୍ଥାନରେ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ମନୋଜ କୁମାର ନାୟକ, ସାଧାରଣ ସମ୍ପାଦକ ଶିବଦତ୍ତ ସାହୁ, ଉପସଭାପତି ଦୀପକ କୁମାର ସାହୁ , ପୂର୍ଣ୍ଣ ଚନ୍ଦ୍ର ଖରା, କୋଷାଧ୍ୟକ୍ଷ ସୁରେନ୍ଦ୍ର ପାତ୍ର, ପ୍ରତାପ ସ୍ୱାଇଁ, ଉପଦେଷ୍ଟା ବିଜୟକ୍ରିଷ୍ଣ ଦାସ, ପୂର୍ଣ୍ଣ ଚନ୍ଦ୍ର ମୁଦୁଲି, ରୁନା ପ୍ରଧାନ,ଅକ୍ଷୟ ମହାରଣା, ମହେନ୍ଦ୍ର ବେହେରା ଓ ପ୍ରଶାନ୍ତ ରାଉଳଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହାର ସୁପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ଥାନା ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏସ୍‌ଆଇ ଆଜିତ ସିଂ ବରିହାଙ୍କ ନେତୃତ୍ୱରେ ମା'ଙ୍କ ଶୋଭାଯାତ୍ରା ସମେତ ସୁରକ୍ଷା କଡାକଡି କରାଯାଇଥିଲା।



ମା' କାଳୀଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି ।

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଜୟପୁର,୩।୧୧(ପବନ ପାଣିଗ୍ରାହୀ)**

ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ଜୟପୁର ମହିଳା ପୋଲିସ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ବାରିଣୀପୁଟର ଟୁନା ଏଲିୟସ ଜନଥ ମାଳି (୨୭)। ଯୁବତୀ ଜଣକ ଦଶହରା ଦେଖି ଫେରୁଥିବା ବେଳେ ଟୁନା ତାଙ୍କୁ ଟଣାଓଟରା କରି ଅସଦାଚରଣ କରିଥିବା ନେଇ ଜୟପୁର ମହିଳା ଥାନାରେ ସେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

### ଯୁବତୀଙ୍କୁ ଫୋନ୍‌ରେ ଧମକ ଅଭିଯୋଗ

**ଜୟପୁର,୩।୧୧ (ପବନ ପାଣିଗ୍ରାହୀ)**

ଜଣେ ଯୁବତୀଙ୍କୁ ଫୋନ୍‌ରେ ଧମକ ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଜୟପୁର ସଦର ଥାନା ଅନ୍ତର୍ଗତ କଙ୍ଗା ଅଞ୍ଚଳର ଅଭିଯୁକ୍ତ ବାବୁଲି ନାୟକ ଜଣେ ଯୁବତୀଙ୍କୁ ଧମକ ଦେଉଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ପଦଯାତ୍ରାରେ ଏକାଠି ହୋଇଥିବା ବିଜେଡି କର୍ମୀ ।

**ମାଲକାନଗିରି, ୩।୧୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ବିଜୁ ଜନତା ଦଳ ତରଫରୁ ଗତ କିଛିଦିନ ହେଲା ଜନସମ୍ପର୍କ ପଦ ଯାତ୍ରା ଚାଲିଛି। ରବିବାର ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଖଇରପୁଟ ବ୍ଲକରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ମାନସ ମାଡକାମୀ ଯୋଗ ଦେଇଥିଲେ। ପଦଯାତ୍ରା ଖଇରପୁଟ ସଦର ବ୍ଲକ ପରିକ୍ରମାକରି ପଡିଆଠାରେ ସାଧାରଣସଭା କରାଯାଇଥିଲା। ଏଥିରେ ମାଡକାମୀ ବିଜେଡିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଶେଷକରି ଜିଲାର ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କ ଉନ୍ନତି, ଟଙ୍କିକିଆ ଚାଉଳ, ଗୁରୁପ୍ରିୟା ସେତୁ ନିର୍ମାଣ, ଜିଲା ସଦର ମହକୁମାରେ ୭ ମହଲା ବିଶିଷ୍ଟ ଚିକିତ୍ସାଳୟ, ଲକ୍ଷ୍ମୀ ବସ୍, ବିଜୁ ସ୍ୱାସ୍ଥ୍ୟ କାର୍ଡ ଆଦି ସମ୍ପର୍କରେ କହିଥିଲେ । ଏ ସବୁ ବିଜେଡି ସମୟରେ ହୋଇଥିବା ବେଳେ ବର୍ତ୍ତମାନ ମାଲକାନଗିରି ଜିଲାବାସୀ ଓ ଚିତ୍ରକୋଣ୍ଡା ବ୍ଲକର ଏକଦା ବିଚ୍ଛିନ୍ନାଞ୍ଚଳ ନାମରେ ପରିଚିତ ଥିବା ସ୍ୱାଭିମାନ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ । ତେଣୁ ଆଗାମୀ ଦିନରେ ଯଦି ଜିଲାବାସୀଙ୍କ ସମର୍ଥନ ରହିବ ତେବେ ନବୀନ ବାବୁଙ୍କ ହାତ ମୁଠାକୁ ଟାଣକରି ଦଳକୁ ସୁଦୃଢ କଲେ ଜିଲାକୁ ଅଗ୍ରଗତି ପଥରେ ନେଇପାରିବେ ବୋଲି କହିଥିଲେ ।

# ପାରିବାରିକ କଳହରୁ ସ୍ୱାମୀଙ୍କ ଆତ୍ମହତ୍ୟା

**କାଳିମେଳା,୩।୧୧(ଜୀବନ କୃଷ୍ଣ ଦାସ)**

କାଳିମେଳା ଥାନା ଅନ୍ତର୍ଗତ ଏମ୍‌ପିଭି – ୨୫ ଗ୍ରାମର ଧୀରଜ ରାୟ ନିଜ ବଗିଚା ଭିତରେ ଥିବା ଗୋଟିଏ ଆମ୍ବ ଗଛରେ ଶନିବାର ରାତି ପ୍ରାୟ ୧୦ଟାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଧୀରଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗି ରହୁଥିଲା। ଶନିବାର ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଧୀରଜ ମାନସିକ ଭାରସାମ୍ୟ ହରାଇ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହା ପରିବାର ଲୋକେ ଜାଣିପାରି ତାଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ବଙ୍ଗୀୟ ସମାଜରେ କାଳୀପୂଜା ପାଳନ

**ମାଥିଲି, ୩।୧୧(ସୁବାଷ ଚନ୍ଦ୍ର ଖୁଣ୍ଟୁପିଆ)**




କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଓ ଅନ୍ୟମାନେ ।

ମାଲକାନଗିରି ଜିଲା ମାଥିଲି ବ୍ଲକ ଅଞ୍ଚଳ ବଙ୍ଗୀୟ ସମାଜ ତରଫରୁ କାଳୀପୂଜା ପାଳନ କରାଯାଇଥିଲା। ଏଥିରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏସ୍ ପରୀକ୍ଷାରେ ୧୩୮ ର୍ୟାଙ୍କ ରଖିଥିବା ଭାଗ୍ୟଶ୍ରୀ ମିଶ୍ରଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିଲା। ବରିଷ୍ଠ ଭାଜପା ନେତା କୁନାଲ ମିଶ୍ର, ସନ୍ତୋଷିନୀ ପାତ୍ର, ଜନାବ ଅବଦୁଲ ଗଫର, ଜଳନ୍ଧର ନାୟକ, କନାମ ରାଜୁ ନାୟକ ଓ ବିରଞ୍ଚି ମିଶ୍ରଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏମ୍. ଡି. ଆକବର ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ମାଡକାମୀ ଯୋଗଦେଇ ବଙ୍ଗୀୟମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ମାଥିଲିବାସୀଙ୍କୁ ନିମନ୍ତ୍ରଣକରି ଆଗାମୀ ଦିନରେ ସମସ୍ତଙ୍କ ସହ ମିଳିମିଶି ରହିବାକୁ ମଧ୍ୟ କହିଥିଲେ । କାଳୀପୂଜାରେ ଖେଚିଡି ଖାଇବାକୁ ଦେଇଥିଲେ ।

# ବାଇକ୍ ଲୁଟେରାଙ୍କୁ କୋର୍ଟ ଚାଲାଣ




**ବୈପାରୀଗୁଡା,୩।୧୧(କଳ୍ପତରୁ ମହାନ୍ତି)**

ବାଇକ୍ ଚୋରି ଅଭିଯୋଗରେ ବୈପାରୀଗୁଡା ପୋଲିସ୍ ଜଣେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମାଲକାନଗିରି ଜିଲା ଏମ୍‌ଭି ୫୩ ଗ୍ରାମର କାର୍ତ୍ତିକ ସିକ୍ଦାର। ସୂଚନାଯୋଗ୍ୟ, ଅକ୍ଟୋବର ୩୧ରେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଇପର ଭାବେ କାର୍ଯ୍ୟରତ ଅକ୍ଷୟ କୁମାର ଖିଲଙ୍କ ଏକ ବାଇକ୍ (ନଂ ଓଡି ୧୦ ବି ୩୫୬୭) ମେଡିକାଲ କ୍ୟାମ୍ପସରୁ ଚୋରି ହୋଇଥିଲା। ଏ ନେଇ ସେ ବୈପାରୀଗୁଡା ଥାନାରେ ଏତଲା ଦେଇଥିଲେ। ନଂ ୨୦୬/୨୪ରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଥିଲା।

### ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଜବତ

**ଜୟପୁର,୩।୧୧(ପବନ ପାଣିଗ୍ରାହୀ)**

ଜୟପୁର ପୁରୁଣାଗଡ଼ରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଟାଉନ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକଙ୍କ ସୂଚନାରେ ପୋଲିସ ଜବତ କରିଛି। ମୃତ ବୃଦ୍ଧଙ୍କ ବୟସ ୬୦ ହେବ। ସେ କିଛିଦିନ ହେବ ଭିକ୍ଷାବୃତ୍ତି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।


GOVERNMENT OF ODISHA No.O-539

OFFICE OF THE EXECUTIVE ENGINEER, RWS&S DIVISION, MALKANGIRI

E-mail : eerwss_mal@nic.in, eerwssmlkg@gmail.com

INVITATION FOR BIDS

NATIONAL COMPETITIVE BIDDING

Bid Identification No. : RWSS_MKG_ONLINE_03/2024-25 Dated : 29.10.2024

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up on turnkey basis (with design & execution). The bidders may submit bids for any or all of the following Pipe Water Supply works.

1. Name of the Work : Execution of 04 (Four) Nos. PWS scheme under Malkangiri District. 2. No. of Works : 03 Nos.
3. Estimated Cost : Rs. 18.06 Lakhs to Rs. 54.15 Lakhs 4. Tender Paper Cost : Rs. 6,000/- to Rs. 10,000/-
5. Class of Contractor :

| Estimated cost up to Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 300.00 lakhs |
|---|---|---|
| 'D' & 'C' | 'C' & 'B' | 'B' |

6. Period of Completion : 06 (Six) to 08 (Eight) Calendar months 7. Critical dates :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Bid |
|---|---|---|---|---|---|
| | | From | To | | |
| Superintending Engineer,RWS&S Division, Malkangiri | RWSS_MKG_ONLINE_03 of 2024-25 | 07.11.2024 at 09.00 A.M. | 16.11.2024 up to 05.00 P.M. | 14.11.2024 | 18.11.2024 at 11.00 A.M. |

- Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

Sd./- Superintending Engineer
RWS&S Division, Malkangiri

OIPR-25044/11/0003/2425



ଓଡ଼ିଶା ସରକାର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
ଅଧିସୂଚନା

File No.COL/JAJ/VIIL-40/2023/10678/LA/(Civil) dated 10.09.2024

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଟାଉନଠାରେ ମା'ବିରଜାଙ୍କ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ (ଅତିରିକ୍ତ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ୟୁନିଟ୍-୧୫, ନାଭିଗୟା, ଥାନା- ଯାଜପୁର, ନଂ.୨୧୪, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୦୬୪୬ ଭୂମି ଅର୍ଜନ ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଟାଉନଠାରେ ମା'ବିରଜାଙ୍କ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ (ଅତିରିକ୍ତ) ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଟାଉନଠାରେ ମା'ବିରଜାଙ୍କ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ (ଅତିରିକ୍ତ)।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୩୮୫୩/୨୦।୦୭।୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍-୧୫, ନାଭିଗୟା | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୦.୦୬୫୦ ଡି. | ଏ.୦.୦୬୪୬ ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

ଭୂମି ଅନୁସୂଚୀ

ପ୍ରକଳ୍ପ - ଯାଜପୁର ଟାଉନଠାରେ ମା'ବିରଜାଙ୍କ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ (ଅତିରିକ୍ତ)
ମୌଜା- ୟୁନିଟ୍ ନଂ.୧୫, ନାଭିଗୟା, ଥାନା ନଂ.-୨୧୪, ଥାନା/ତହସିଲ/ଜିଲ୍ଲା- ଯାଜପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୫୧ | ୧୧ | ୦.୦୧୫୦ | ୦.୦୧୪୬ | ଘରବାରି-୧ | ନାରଣ ରଣା, ପି. ଡଉଲି ରଣା, କରୁଣାକର ରଣା, ପି. ଧ୍ରୁବ ରଣା, ବାମନ ରଣା, ପି. ବନମାଳୀ ରଣା, ଜା. ମାଳି, ବା. ନିଜଗାଁ |
| ୨ | ୨୫୧ | ୧୨ | ୦.୦୧୦୦ | ୦.୦୧୦୦ | ଘରବାରି-୨ | |
| ୩ | ୧୧୧ | ୫ | ୦.୦୪୦୦ | ୦.୦୪୦୦ | ଦେବସ୍ଥଳୀ | ଶ୍ରୀ ଆଦ୍ୟ ଦୁର୍ଗା ଠାକୁରାଣୀ, ବିଜେ ନିଜ ଗାଁ, ମାର୍ଫତ ସମସ୍ତ ଗ୍ରାମବାସୀଙ୍କ ପକ୍ଷେ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି.- ଭିକାରୀ ମିଶ୍ର, ଜା. ବ୍ରାହ୍ମଣ, ବା. ନିଜଗାଁ |
| | | ମୋଟ | | ୦.୦୬୪୬ | | |

OIPR-24163/14/0044/2425 ସ୍ୱା./- ଭୂ-ଅର୍ଜନ ଅଧିକାରୀ, ସିଭିଲ, ଯାଜପୁର



Government of Odisha "e" Procurement Notice

WORKS DEPARTMENT No.B-405

Bid Identification No. CCEKC - 22/2024-25

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 4851 dt.21.10.2024

| | | | |
|---|---|---|---|
| 1 | Name of the work | : | Widening and strengthening of Pandapada - Harichandanpur road ODR (Harichandanpur Bazar portion) from DL to DLPS from 0/000 km to 3/844 km for the year 2024-25 in the district of Keonjhar |
| 2 | Estimated cost | : | Rs. 575.46 Lakhs |
| 3 | Class of Contractor | : | "A" Class |
| 4 | Period of completion | : | 09 (Nine) Calendar Months |
| 5 | Date and Time of availability of Bid document in the portal | : | From 11.30 Hours of 06.11.2024 to 16.00 Hours of 20.11.2024 |
| 6 | Last date / Time for receipt of bids in the portal | : | 16.00 Hours of 20.11.2024 |
| 7 | Date of opening of Bid from Portal | : | 11.30 Hours on 21.11.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"

Sd./-
Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0045/2425



इंडियन बैंक Indian Bank इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

ପରିଶିଷ୍ଟ-୪ [ରୁଲ୍-୮(୧)]
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ [illegible] କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ [illegible] ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅ[illegible] ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯା[illegible] କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯା[illegible] ଉତ୍ତରଦାୟୀ ରହିବେ ।

| ଟେମ୍ପୁଲ ମାର୍ଗ ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ସଞ୍ଜୟ କୁମାର ଖୁଣ୍ଟିଆ, ସ୍ୱତ୍ୱାଧିକାରୀ: ଶ୍ରୀ ସଞ୍ଜୟ କୁମାର ଖୁଣ୍ଟିଆ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଜୟନ୍ତୀ ଖୁଣ୍ଟିଆ, ୨) ଶ୍ରୀ ସତ୍ୟଜିତ୍ ଖୁଣ୍ଟିଆ, ୩) ମିସ୍ ଶୁଶ୍ରୀ ସୁମନ, ସମସ୍ତଙ୍କ ଠିକଣା- ଇଏ-୫୭୨, ବିଜେବି ନଗର, ଲୁଇସ୍ ରୋଡ, ବଡଗଡ, ଭୁବନେଶ୍ୱର, ଓଡ଼ିଶା, ପିନ୍ - ୭୫୧୦୧୪ | ଟ.୬୭,୮୭,୨୭୬.୧୩ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୦୭.୨୦୨୪ / ୦୨.୧୧.୨୦୨୪ | ଶ୍ରୀ ସଞ୍ଜୟ କୁମାର ଖୁଣ୍ଟିଆଙ୍କ ନାମରେ ଥିବା ସମ୍ପତ୍ତି ଯାହାର [illegible] |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୧୧.୨୦୨୪ କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

### ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ଶ୍ରୀକାନ୍ତ

ଭୁବନେଶ୍ୱର,(ଅନୁରାଧା ମହାରଣା): ବିଷାକ୍ତ ଆମ୍ବ ଟାକୁଆ ଖାଇ କନ୍ଧମାଳ ଜିଲାର ମାଣ୍ଡିପଙ୍କା ଗ୍ରାମରେ ଦୁଇ ଆଦିବାସୀ ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିବୃତିକୁ ମିଥ୍ୟା ଦର୍ଶାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ତାଙ୍କର ଇସ୍ତଫା ଦାବି କରିଛନ୍ତି। ଏକ ପ୍ରେସ୍ ବିବୃତିରେ ସେ କହିଛନ୍ତି, ରାଶନ ଯୋଗାଣରେ ବିଳମ୍ବ ତଥା ପର୍ଯ୍ୟାପ୍ତ ଖାଦ୍ୟ ଅଭାବରୁ ଆଦିବାସୀମାନେ ବାଧ ହୋଇ ଆମ୍ବ ଟାକୁଆ ଖାଉଛନ୍ତି । ରାଶନ ଯୋଗାଣରେ ବିଳମ୍ବ ଏକ ଅପରାଧିକ ପଦକ୍ଷେପ ନୁହେଁ କି ବୋଲି ଜେନା ପ୍ରଶ୍ନକରିଛନ୍ତି।



କେରଳର ୱାୟନାଡ୍ ଲୋକ ସଭା ଆସନ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର ମାନନ୍ଥଭାଡ଼ିଠାରେ ଏକ ସଭାରେ ଯୋଗଦେବା ଅବସରରେ ସମର୍ଥକମାନଙ୍କ ଗହଣରେ।

# ସମ୍ବିଧାନର ସୁରକ୍ଷା ଭାରତର ପ୍ରାରମ୍ଭିକ ଲଢ଼େଇ: ରାହୁଲ

ୱାୟନାଡ୍,୩।୧୧(ପି.ଟି.)

ସମ୍ବିଧାନର ସୁରକ୍ଷା ଏବଂ ସଂରକ୍ଷଣ ସମ୍ପ୍ରତି ଦେଶର ପ୍ରାରମ୍ଭିକ ଲଢ଼େଇ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି। ସେ କହିଛନ୍ତି, ଦେଶର ସମ୍ବିଧାନ ଘୃଣାରେ ନୁହେଁ, ବରଂ ବିନମ୍ରତା ଓ ଭଲପାଇବା ସହ ଲେଖାଯାଇଥିଲା। ଆମେ ପାଉଥିବା ସୁରକ୍ଷା ଏବଂ ଦେଶର ମହାନତା ସବୁ କିଛି ସମ୍ବିଧାନରୁ ସୃଷ୍ଟ ବୋଲି ଲୋକ ସଭାର ବିରୋଧୀ ଦଳ ନେତା କେରଳର ୱାୟନାଡ୍ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାନନ୍ଥଭାଡିଠାରେ ଏକ ସଭାକୁ ସମ୍ବୋଧନ କରି କହିଛନ୍ତି। ୱାୟନାଡ୍ ଉପନିର୍ବାଚନରେ ଭଉଣୀ ତଥା କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପାଇଁ ପ୍ରଚାରରେ ଯାଇଥିବା ରାହୁଲ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବ୍ରିଟିଶ୍ ସରକାରଙ୍କ ବିରୋଧରେ ଲଢ଼େଇ କରି ବହୁବର୍ଷ ଜେଲରେ କଟାଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦ୍ୱାରା ସମ୍ବିଧାନ ଲେଖାଯାଇଥିଲା। ସେମାନେ ବିନମ୍ରତା, ପ୍ରେମ ଓ ଶ୍ରଦ୍ଧାର ସହ ଏହାକୁ ଲେଖିଥିଲେ। ଏବେ ଦେଶରେ ଘୃଣା ଓ ପ୍ରେମ ମଧ୍ୟରେ ସଂଘର୍ଷ ଚାଲିଛି। ଆସ୍ଥା ଏବଂ ଅସୁରକ୍ଷା ମଧ୍ୟରେ ଲଢ଼େଇ ହେଉଛି। ଯଦି ଆପଣମାନେ ବାସ୍ତବରେ ଏହି ଲଢ଼େଇରେ ବିଜୟୀ ହେବାକୁ ଚାହାନ୍ତି, ତେବେ ଆପଣମାନଙ୍କ ହୃଦୟରୁ କ୍ରୋଧ ଓ ଘୃଣାକୁ ବାହାର କରି ସେଠାରେ ପ୍ରେମ, ବିନମ୍ରତା ଏବଂ କରୁଣାକୁ ସ୍ଥାନ ଦିଅନ୍ତୁ ବୋଲି ରାହୁଲ କହିଛନ୍ତି। ମୋ ବାପା ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀ ନଳିନୀଙ୍କୁ ପ୍ରିୟଙ୍କା ଗାନ୍ଧୀ ଭେଟିବା ପରେ ଆଲିଙ୍ଗନ କରିଥିଲେ ଏବଂ ଦୁଃଖ ଅନୁଭବ କରୁଥିବା କହିଥିଲେ। ପ୍ରିୟଙ୍କା ପିଲାଦିନୁ ସେଭଳି ତାଲିମ ପାଇଛନ୍ତି। ମୋ ମତରେ ଭାରତରେ ଏହିଭଳି ରାଜନୀତି ହେବା ଆବଶ୍ୟକ, ଘୃଣାର ରାଜନୀତି ନୁହେଁ ବୋଲି ରାହୁଲ କହିଛନ୍ତି।

# ଭାଜପାର ନିର୍ବାଚନୀ ଇସ୍ତାହାରରେ ୟୁସିସି ପ୍ରତିଶ୍ରୁତି

ରାଞ୍ଚି,୩।୧୧

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଭାଜପାର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଉକ୍ତ ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବ ବୋଲି ଶାହା ଘୋଷଣା କରିଛନ୍ତି। ତେବେ ଆଦିବାସୀମାନଙ୍କୁ ଏହାର ପରିସରରୁ ବାହାରେ ରଖାଯିବ। ଝାଡ଼ଖଣ୍ଡରେ ଶିଳ୍ପ ପ୍ରତିଷ୍ଠା ଏବଂ ଖଣିଖାଦାନ ଯୋଗୁ ବିସ୍ଥାପିତ ହୋଇଥିବା ଲୋକମାନଙ୍କ ଥଇଥାନ ସୁନିଶ୍ଚିତ କରିବା ଲାଗି ବିସ୍ଥାପନ କମିଶନ ଗଠନ କରାଯିବ ବୋଲି ଭାଜପା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ୟୁସିସି ଆଦିବାସୀମାନଙ୍କ ଅଧିକାର ଓ ସଂସ୍କୃତିକୁ ପ୍ରଭାବିତ କରିବ ବୋଲି ଜେଏମ୍ଏମ୍ ସରକାର ମିଛ ପ୍ରଚାର ଚଳାଇଛନ୍ତି। ଆଦିବାସୀମାନଙ୍କୁ ଉକ୍ତ ଆଇନ ବାହାରେ ରଖାଯିବାକୁ ଥିବାରୁ ଉକ୍ତ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଶାହା ରାଞ୍ଚିଠାରେ କହିଛନ୍ତି।

ଭାଜପା କ୍ଷମତାକୁ ଆସିଲେ ଝାଡ଼ଖଣ୍ଡରେ ୨.୮୭ ଲକ୍ଷ ସରକାରୀ ଚାକିରି ସମେତ ମୋଟ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମହିଳାମାନଙ୍କୁ ମାସିକ ୨,୧୦୦ ଟଙ୍କା ଆର୍ଥିକ ସହାୟତା ଏବଂ ବର୍ଷକୁ ୨ଟି ଏଲ୍‌ପିଜି ସିଲିଣ୍ଡର ମାଗଣା ଯୋଗାଇ ଦିଆଯିବ। ପ୍ରଶ୍ନପତ୍ର ଲିକ୍ ଘଟଣାର ସିବିଆଇ ଏବଂ ଏସ୍ଆଇଟି ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡିତ କରାଯିବ ବୋଲି ଶାହା କହିଛନ୍ତି। ଇସ୍ତାହାର ଉନ୍ମୋଚନ କାର୍ଯ୍ୟକ୍ରମରେ ଶାହାଙ୍କ ସହ ଝାଡ଼ଖଣ୍ଡ ଭାଜପା ସଭାପତି ବାବୁଲାଲ୍ ମାରାଣ୍ଡି ଓ ଦଳର ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

ଝାଡ଼ଖଣ୍ଡରେ ୟୁସିସି ଲାଗୁ କରିବା ନେଇ ଶାହାଙ୍କ ପ୍ରତିଶ୍ରୁତିକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ସମାଲୋଚନା କରିଛନ୍ତି। ରାଜ୍ୟରେ ୟୁସିସି କିମ୍ବା ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଲାଗୁ ହେବାକୁ ଦିଆଯିବ ନାହିଁ ବୋଲି ହେମନ୍ତ କହିଛନ୍ତି।

# ଆଜିଠୁ ରିପୋର୍ଟ ସଂଗ୍ରହ କରିବେ ଚରଣ ଦାସ ମହନ୍ତ

ଭୁବନେଶ୍ୱର,୩।୧୧(ସୁନିତ୍ ମିଶ୍ର)

ଛତିଶଗଡ଼ ବିଧାୟକ ଦଳ ନେତା ଚରଣ ଦାସ ମହନ୍ତ ସୋମବାର ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଓଡ଼ିଶାରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି କାହାକୁ କରାଯିବା ଦରକାର ସେନେଇ ରିପୋର୍ଟ ସଂଗ୍ରହ କରିବାକୁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ତାଙ୍କୁ ଦାୟିତ୍ୱ ପ୍ରଦାନ କରିଛି। ଏହି ରିପୋର୍ଟ ସଂଗ୍ରହ କରିବା ଲାଗି ସେ ଦୁଇ ଦିନିଆ ଗସ୍ତରେ ଆସୁଛନ୍ତି। ଏହାସହ ପୂର୍ବତନ ଏମ୍‌ପି ମିନାକ୍ଷୀ ନଟରାଜନଙ୍କୁ ମଧ୍ୟ ସାଙ୍ଗରେ ନେଇ ରିପୋର୍ଟ ସଂଗ୍ରହ କରିବା ଲାଗି ଚରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାମକୁ ଆଗକୁ ବଢ଼ାଇବା ସକାଶେ ମିନାକ୍ଷୀ ମଧ୍ୟ ଓଡ଼ିଶା ଆସିବେ। ଉଭୟ ନେତା କଂଗ୍ରେସ ଭବନଠାରେ ପହଞ୍ଚି ଦିନ ୧ଟା ସମୟରେ ପ୍ରଥମେ ଷ୍ଟିୟରିଂ କମିଟି ସଦସ୍ୟମାନଙ୍କ ସହିତ ବିଚାରବିମର୍ଶ କରିବେ ବୋଲି ଜଣାପଡ଼ିଛି। ଏହି ସମୟରେ ଦଳର ବିଧାୟକ ଏବଂ ଏମ୍‌ପି ମଧ୍ୟ ରହିବେ। ଏହିସବୁ ନେତାଙ୍କଠାରୁ ଓଡ଼ିଶାରେ କଂଗ୍ରେସର ସ୍ଥିତି ଏବଂ କାହାକୁ ଦଳର ସଭାପତି ପଦରେ ଅବସ୍ଥାପିତ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରିବେ। ଏହାପରେ ପୂର୍ବତନ ବିଧାୟକ, ଏମ୍‌ପି ଏବଂ ଜିଲା ସଭାପତିମାନଙ୍କ ସହିତ ଆଲୋଚନା କରିବେ। ସେ ଦଳର ବରିଷ୍ଠ ନେତାମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛିଯେ, ଚରଣଙ୍କ କାର୍ଯ୍ୟକ୍ରମ ଏଭଳି ହେବ ବୋଲି ଶୁଣିବାକୁ ମିଳୁଥିବା ବେଳେ ବାସ୍ତବରେ ସେ କିପରି ଢଙ୍ଗରେ ରିପୋର୍ଟ ସଂଗ୍ରହ କରିବେ ତାହା ତାଙ୍କ ଗସ୍ତ ପରେ ସ୍ପଷ୍ଟ ଜଣାପଡ଼ିଯିବ।

# ଭାଜପାରେ ମିଶିଲେ କମର୍ଦା, ସାରୁଆବିଲ ଖଣି ଶ୍ରମିକ

କାଳିଆପାଣି,୩।୧୧(ଅସିତ ମହାନ୍ତ)



ମିଶ୍ରଣ ପର୍ବରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସହ ଖଣି ଶ୍ରମିକମାନେ।

ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଧୀରେଧୀରେ ବିଜେଡି ଶୂନ୍ୟ ହେବାକୁ ବସିଲାଣି। ବିଜେଡି ସମର୍ଥିତ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ(ଶ୍ରମିକ ସଂଘ) ଭାଜପା ସଦସ୍ୟତା ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। ଟାଟା କମ୍ପାନୀର ସୁକିନ୍ଦା ଅଞ୍ଚଳରେ ଥିବା କମର୍ଦା ଓ ସାରୁଆବିଲ ଖଣିର ସମସ୍ତ ଶ୍ରମିକ ରବିବାର ଭାଜପାରେ ଯୋଗ ଦେଇଛନ୍ତି। ଏନେଇ ଟମକାଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା ବିଧାୟକ ତଥା ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଯୋଗଦେଇ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଶ୍ରମିକମାନଙ୍କୁ ସ୍ୱାଗତ କରିଛନ୍ତି। କମର୍ଦା ଖଣିର ୭୦ ଶ୍ରମିକ ଓ ସାରୁଆବିଲ ଖଣିର ୧୩୦ ଶ୍ରମିକଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ଭାଜପାର ସଦସ୍ୟତା ଗ୍ରହଣ କରି ଦେଶ ବିକାଶରେ ସହଯୋଗ କରିବାକୁ ଶପଥ ନେଇଛନ୍ତି। ମନ୍ତ୍ରୀ ବଳସାମନ୍ତଙ୍କ ନେତୃତ୍ୱକୁ ଭରସା କରି ସମସ୍ତେ ଭାଜପାରେ ସାମିଲ ହୋଇଥିବା ଶ୍ରମିକଙ୍କ ନେତା ସମୂହ ଦ୍ୱାରିକାନାଥ ଦାସ, କିଷନ ମୁଣ୍ଡା, ମଦନ ତନ୍ତୀ, ଦିଲୀପ ପ୍ରଧାନ, ମହେଶ୍ୱର ଦାସ ଓ ମନୁଦ୍ର ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ନେତା ଅମଲେନ୍ଦୁ ବେହୁରା, ବିଶ୍ୱଜିତ ରାଜ, ବେଣୁଧର ମହାନ୍ତ ଓ ବିଦ୍ୟାଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗୀର ବିକାଶକୁ ଗୁରୁତ୍ୱ ଦେଇ ନ ଥିଲେ ପୂର୍ବ ସରକାର

## ଜିଲାକୁ ଅବହେଳା କରାଯାଇଛି: ମୁଖ୍ୟମନ୍ତ୍ରୀ

**ଅତୀତରେ ବଲାଙ୍ଗୀର ଜିଲାରୁ ନେତୃତ୍ୱର ଅଭାବ ନ ଥିଲା। ହେଲେ ଜିଲାର ବିକାଶ ଯେଭଳି ତ୍ୱରାନ୍ୱିତ ହେବା କଥା, ସେଭଳି ହୋଇ ନ ଥିବା ମନେହେଉଛି। ବିଗତ ସରକାରଗୁଡ଼ିକ ରାଜ୍ୟର ଯେଉଁ ଅଞ୍ଚଳକୁ ଯେତିକି ଗୁରୁତ୍ୱ ଦେବା କଥା ଦେଇନାହାନ୍ତି। ଏଥିଯୋଗୁ ଅସମାନତା ଦେଖାଦେଇଛି। ଏହି ଦୃଷ୍ଟିରୁ ଜିଲାର ବିକାଶ କିଭଳି ତ୍ୱରାନ୍ୱିତ ହେବ, ନୂଆ ସରକାର ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।**

ବଲାଙ୍ଗୀର, ୩।୧୧
(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବଲାଙ୍ଗୀର ଜିଲା ଗସ୍ତର ୨ୟ ଦିନରେ ସ୍ଥାନୀୟ ସର୍କିଟ୍ ହାଉସରେ ଖବରଦାତାମାନଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ତାଙ୍କ ଗସ୍ତ ପୂର୍ବରୁ ସେ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ଶନିବାର ତୁଷୁରା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ଏବଂ ସମ୍ପ୍ରସାରଣ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ୬୫ କୋଟି ଟଙ୍କା ବ୍ୟୟରେ ଏହି ଏୟାରଷ୍ଟ୍ରିପ୍ ୨-ବି ବର୍ଗରେ ଅନ୍ତର୍ଭୁକ୍ତ ହେବ ଏବଂ ଏଠାରୁ ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଜୟପୁର, ରାୟପୁରକୁ ଜିଲାବାସୀ ବିମାନସେବା ସୁବିଧା ପାଇପାରିବେ ବୋଲି କହିଥିଲେ। ବେଲପଡ଼ା, ପାଟଣାଗଡ଼ ଏବଂ ଅନ୍ୟ ଅଞ୍ଚଳକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ଶନିବାର ଜିଲାରେ ୮୯୦ କୋଟି ଟଙ୍କାର ୮୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦ୍‌ଘାଟନ କରାଯାଇଛି। ବଲାଙ୍ଗୀର ଜିଲାରେ ଅନେକ ସମୟରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ। ଏଣୁ ଏହି ଜିଲାରେ ଜଳସେଚନର ଉନ୍ନତି ପାଇଁ ଗୁରୁତ୍ୱ ଦିଆଯାଉଛି। ୩୦୦ କୋଟି ଟଙ୍କା ବ୍ୟୟରେ ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ଆରମ୍ଭ ହେବ। ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଖରିଫ ଓ ରବି ଫସଲ ପାଇଁ ପ୍ରାୟ ୧୫ ହଜାର ଚାଷୀ ଏହି ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇବେ। ଏଥିରୁ ୨୧୦ କିଲୋୱାଟ୍ ବିଦ୍ୟୁତ୍ ଉତ୍ପାଦନ ଯୋଜନା ରହିଛି। ଧାନର ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏମ୍‌ଏସ୍‌ପି ବାଦ୍ ଚାଷୀମାନେ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ଇନ୍‌ପୁଟ୍ ଆସିଷ୍ଟାଣ୍ଟ ହିସାବରେ ପାଇବେ। ପାଟଣାଗଡ଼ରେ ବାଇପାସ୍ ରାସ୍ତା ତିଆରି ହେବ। ୫୦ ଶଯ୍ୟା ବିଶିଷ୍ଟ ପାଟଣାଗଡ଼ ଉପଖଣ୍ଡ ହସ୍ପିଟାଲ ଉଦ୍‌ଘାଟନ କରାଯାଇଛି। ପାଟଣାଗଡ଼ ଓ ବେଲପଡ଼ା ବ୍ଲକରେ ୩ଟି ମେଗା ପ୍ରକଳ୍ପ କରାଯାଉଛି। ଏହି ସବୁ ପ୍ରକଳ୍ପ କିଭଳି ଠିକଣା ସମୟରେ ସମାପ୍ତ ହେବ ସେ ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରାଯିବ ବୋଲି ସେ କହିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ତ୍ୱରାନ୍ୱିତ ହେଉଛି। ଏବେ ସୁଦ୍ଧା ୩୮୦୦ କୋଟି ଟଙ୍କା ଦିଆଯାଇ ସାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରକଳ୍ପକୁ ଗୁରୁତ୍ୱ ଦେଇଛନ୍ତି। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ଯେଉଁ ସମସ୍ୟା ରହୁଥିଲା ତାହା ଦୂର ହେଉଛି। ଆଉ ପ୍ରାୟ ବର୍ଷେ ଭିତରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଥିବା ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଲୋକଙ୍କ ସୁଖଦୁଃଖ ବୁଝିବାକୁ ସେ ବଲାଙ୍ଗୀର ଗସ୍ତ କରିଥିବା କହିଥିଲେ। ସରକାର ପ୍ରାଧାନ୍ୟ ଦେଉଥିବାରୁ ବଲାଙ୍ଗୀର ଜିଲା ଆଗାମୀ ଦିନରେ ନିଶ୍ଚିତ ଆଗକୁ ଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜିର ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଏସ୍‌ପି ଋଷିକେଶ ଡାନ୍‌ଦେଓ ଖିଲାରୀ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଖବରଦାତା ସମ୍ମିଳନୀ ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଅଭିମୁଖେ ଗସ୍ତ କରିଥିଲେ।

# କ୍ଷୀରରେ ଗୋବର ପୋଛିଲେ ଭାଜପା ନେତା



ଭାଜପା କର୍ମକର୍ତ୍ତା ହୋର୍ଡିଂକୁ ସଫା କରୁଛନ୍ତି।

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂକୁ ଗୋବର ମାଡ଼ ଘଟଣା

ଚନ୍ଦାହାଣ୍ଡି,୩।୧୧(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦଣ୍ଡାମୁଣ୍ଡା ଛକ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଉମରକୋଟ-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତାର ଉନ୍ନତୀକରଣ ନେଇ ଲାଗିଥିବା ହୋର୍ଡିଂରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଚିତ୍ର ଉପରକୁ ଶନିବାର ଗୋବର ମାଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ରବିବାର ଭାଜପାର ବରିଷ୍ଠ ନେତା ଗୋବିନ୍ଦ ଜୈନଙ୍କ ଉପସ୍ଥିତିରେ ବିଧାୟକଙ୍କ ପ୍ରତିନିଧି ତଥା ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ବାଘ, ସମିତିସଭ୍ୟ ପୌରଷ ମାଝୀ, ମାଲଗାଁ ମଣ୍ଡଳ ଉପସଭାପତି ଶ୍ୟାମ ମାଝୀ ପ୍ରମୁଖ ହୋର୍ଡିଂକୁ ପାଣିରେ ସଫା କରିବା ପରେ କ୍ଷୀରରେ ଧୋଇଥିଲେ।

ପ୍ରକାଶଥାଉ କି, ରାଜ୍ୟରେ ବିଜେଡି ସରକାର ହଟି ଭାଜପା ସରକାର ଗଠନ ହେବା ପରେ ରାଜ୍ୟର ସମସ୍ତ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହୋର୍ଡିଂ ବାହାରକରି ଉକ୍ତ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହୋର୍ଡିଂ ଲଗାଯାଉଛି। ଏହି କ୍ରମରେ ଚନ୍ଦାହାଣ୍ଡି ବ୍ଲକର ସମସ୍ତ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ନୂତନ ହୋର୍ଡିଂ ଲଗାଯାଉଛି। ଖୋଦ୍ ବିଜେଡି ଜିଲା ସଭାପତିଙ୍କ ଗାଁ ଦଣ୍ଡାମୁଣ୍ଡା ଛକରେ ହୋର୍ଡିଂ ଉପରେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଉପରେ ଗୋବର ମାଡ଼ କରିଛି ତାହା ଏବେ ବି ଅସ୍ପଷ୍ଟ ରହିଛି ।

# ଅଧିକ ଭୋଟ ପାଇଁ ବବିଙ୍କ ପ୍ରଶଂସା

## ବରୀ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବରୀ,୩।୧୧(ମହେନ୍ଦ୍ର ସ୍ୱାଇଁ)




ବରୀ ମାଉଣ୍ଡଠାରେ ଅନୁଷ୍ଠିତ ସଭାପରେ ବିଜେଡିର ବରିଷ୍ଠ ନେତାମାନେ।

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ରବିବାର ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହା ସ୍ଥାନୀୟ ବରୀ ମାଉଣ୍ଡଠାରୁ ଆରମ୍ଭ ହୋଇ ଅଟିରା ପଞ୍ଚାୟତସ୍ଥିତ ସନ୍ଥନ ମଠଠାରେ ଶେଷ ହୋଇଛି। ଏହି ଅବସରରେ ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ବରୀ ମାଉଣ୍ଡଠାରେ ଏକ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଯୋଗଦେଇ ବରୀବାସୀଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ବରୀ ହେଉଛି ଏକ ସଂଗ୍ରାମୀ ମାଟି। ଏହି ଅଞ୍ଚଳର ସଂଗ୍ରାମୀ ଯୁବବନ୍ଧୁ, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ମା'ଭଉଣୀମାନେ ୨୦୨୪ ନିର୍ବାଚନରେ ଯୁବନେତା ବିଶ୍ୱରଞ୍ଜନଙ୍କୁ ଓଡ଼ିଶାର ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟ କରାଇଥିବାରୁ ସେ ଭୋଟରମାନଙ୍କୁ ମଥାନତ ପ୍ରଣାମ ଜଣାଇଛନ୍ତି। ଆଗାମୀ ଦିନରେ ବିଧାୟକଙ୍କ ନେତୃତ୍ୱରେ ଉନ୍ନୟନମୂଳକ କାର୍ଯ୍ୟ କ୍ଷେତ୍ରରେ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଯୋଗଦେଇ ବିଜେଡି ସରକାରକୁ ନ ଆସିବା ପର୍ଯ୍ୟନ୍ତ ଦୃଢ଼ ମନୋବଳ ନେଇ ସଂଗଠନକୁ ସୁଦୃଢ଼ କରିବା କ୍ଷେତ୍ରରେ କର୍ମୀମାନେ ଉଦ୍ୟମ ଜାରି ରଖିବାକୁ କହିଛନ୍ତି। ଏଥିସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଗତ ଦିନ ଭଳି ବିଜୟ ବାନା ଉଡ଼ାଇବାକୁ ମତପ୍ରକାଶ କରିଛନ୍ତି। ଏହି ପଦଯାତ୍ରା ସମାବେଶରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଯାଜପୁର ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଅଶୋକ ସାମଲ, ସନ୍ତୋଷ ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା ଓ ଛାତ୍ର ବିଜେଡି ସଭାପତି ସବିସ୍ତା ସାମଲଙ୍କ ସମେତ ନିର୍ବାଚନମଣ୍ଡଳୀର ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ସାମିଲ ହୋଇଥିଲେ।

# କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର ନିର୍ମାଣ ପାଇଁ ସୀତାଦେବୀଙ୍କ ଇଚ୍ଛାପତ୍ର

ଡ. ସୁରେନ୍ଦ୍ର କୁମାର ମିଶ୍ର

କୋଣାର୍କରେ ମନ୍ଦିର ନିର୍ମାଣ ସମୟରେ ଭାରତର ତଥା ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ବାସ୍ତୁଜ୍ଞାନୀ, ଶାସ୍ତ୍ରଜ୍ଞ, ସାଧୁସନ୍ଥ, ଅନୁଭବୀ ଶିଳ୍ପୀଙ୍କୁ ଗଜପତି ଲାଙ୍ଗୁଳା ନରସିଂହଦେବ ଆମନ୍ତ୍ରଣ କରିଥିବାର ଜଣାଯାଉଛି। ଯାହା ପାଖରେ କିଛି ବିଶିଷ୍ଟ ଜ୍ଞାନ ରହିଛି, ଯେଉଁମାନେ ଅଭିଜ୍ଞ, ସେମାନଙ୍କୁ ଆଣିବା, କୋଣାର୍କରେ ଅବସ୍ଥାନ କରାଇବା, ସେମାନଙ୍କଠାରୁ ପରାମର୍ଶ ନେବା, ସାଧୁସନ୍ଥଙ୍କଠାରୁ ଆଶୀର୍ବାଦ କାମନା କରିବା, ଏସବୁ ଧାରାବାହିକ ଭାବରେ ସେ କରାଉଥିଲେ। ସନାତନ ପରମ୍ପରାର ଏହା ଏକ ସହୃଦୟ ଏବଂ ସ୍ୱାଭାବିକ ଦିଗ। ଗଜପତି ଏଥିପ୍ରତି ସତର୍କ ରହିବା ଶୁଭ ଲକ୍ଷଣ।

ହଠାତ୍ କାର୍ତ୍ତିକମାସ ଶୁକ୍ଳ ଏକାଦଶୀ ଦିନ ଗଜପତିଙ୍କ ପାଖରୁ ଏକ 'ଆଦେଶନାମା' କୋଣାର୍କରେ ପହଞ୍ଚିଥିଲା। ସେଥିରେ ଲେଖାଥିଲା–

ବଳଶ୍ରୀଙ୍କ ସହିତ ୧୩ଜଣ ବିଶିଷ୍ଟ ବ୍ୟକ୍ତି ଆସିବେ ମନ୍ଦିର ନିର୍ମାଣ ଦେଖିବାକୁ। ସେମାନଙ୍କ ସହିତ ସାନ୍ଧିବିଗ୍ରହିକ ରାଜଗୁରୁ ପଣ୍ଡିତ ବିଶ୍ୱନାଥ ମହାପାତ୍ର ରହିବେ। କୁଶଭଦ୍ରା ନଦୀକୂଳରେ ପହଞ୍ଚିବା ପରେ ସେମାନଙ୍କୁ କୋଣାର୍କ ପର୍ଯ୍ୟନ୍ତ ପାଛୋଟି ନିଆଯିବାର ବ୍ୟବସ୍ଥା କରାଯାଉ।

ଶିବେଇ ସାମନ୍ତରାଙ୍କ ପରାମର୍ଶରେ ସେମାନଙ୍କୁ କଡ଼ା ସୁରକ୍ଷା ଦିଆଯାଇ କୁଶଭଦ୍ରା ନଦୀଠାରୁ ପାଛୋଟି ନିଆଯାଇଥିଲା। ଏହାପରେ ପରେ ପରମ ବୈଷ୍ଣବୀ ମହାରାଣୀ ସୀତାଦେବୀ କୋଣାର୍କରେ ପଦାର୍ପଣ କରିଥିଲେ। ତାଙ୍କ ସହିତ ଆଉଜଣେ ରାଜଗୁରୁ ମଧ୍ୟ ଆସିଥିଲେ। ମହାରାଣୀଙ୍କ ନିମନ୍ତେ ସ୍ୱତନ୍ତ୍ର ବାସଗୃହ ଶିବିର ନିର୍ମାଣ ହୋଇଥିଲା। ସୀତାଦେବୀ ଥିଲେ ମାଳବଦେଶ ରାଜାଙ୍କର କନ୍ୟା। ଗଜପତି



ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିରର ପ୍ରବେଶ ଦ୍ୱାର।

ମହାରାଜାଙ୍କର ଦ୍ୱିତୀୟ ମହାରାଣୀ। ସେ ଶିବିରରେ ରହି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବାବେଳେ ନୀଳଗିରି ପାହାଡ଼ ପଥରକୁ ପରଖିବା ଲାଗି ଯାଇଥିବା ଜଗନ୍ନାଥ ମହାପାତ୍ର ୩୭ଜଣ ପଥୁରିଆଙ୍କ ସହିତ କୋଣାର୍କରେ ପହଞ୍ଚିଥିଲେ। ମହାରାଣୀ ସେମାନଙ୍କ ସହିତ ଭାବ ବିନିମୟ କରିଥିଲେ।

ଶିବେଇ ସାମନ୍ତରା ଓ ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଦାୟିତ୍ୱରେ ଥିବା 'ବଳଶ୍ରୀ'ଙ୍କୁ ଏହି ଅବସରରେ ମହାରାଣୀ ଏକ ପ୍ରସ୍ତାବ ଦେଇଥିଲେ। ମହାରାଣୀଙ୍କ ଇଚ୍ଛା ଥିଲା ଏଠାରୁ କେତେଜଣ ଶିଳ୍ପୀ ଓ ପଥୁରିଆଙ୍କୁ 'ରେମୁଣା' ଦଣ୍ଡପାଟକୁ ପଠାଯାଉ। ସେଠାରେ ସେମାନେ କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର ନିର୍ମାଣ କରିବେ...। ସେତେବେଳକୁ ମନେହୁଏ ଶ୍ରୀଗୋପୀନାଥ ପ୍ରତିଷ୍ଠା ପାଇସାରିଥିଲେ। ପୂଜା-ଉପାସନା ଚାଲିଥିଲା, କିନ୍ତୁ ଭବ୍ୟ ମନ୍ଦିର ନ ଥିଲା।

ମହାରାଣୀଙ୍କ ଇଚ୍ଛା... ଲିପିବଦ୍ଧ ହେଲା। 'ଇଚ୍ଛାପତ୍ର'ଟି କଟକର ବିଡ଼ାନାସୀ ଉଆସକୁ ପଠାଗଲା। ଇଚ୍ଛାପତ୍ର ନେଇ




ଯାଉଥିବା ପାଇକଙ୍କୁ ନିଜ ହାତରୁ ପାଉଣା ଦେଲେ ସିନା ରାଜକୋଷରୁ ନୁହେଁ...। ଏଇଠି ଏକ ଉଲ୍ଲେଖନୀୟ ଘଟଣା ଘଟିଥିଲା। ମହାରାଜା ଯେଉଁ ବିଶ୍ୱର ବିସ୍ମୟ ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପ୍ରତି ସକାରାତ୍ମକ ଭାବନା କିପରି ମହାରାଣୀମାନଙ୍କର, ରାଜକର୍ମଚାରୀଙ୍କର ରହୁଥିଲା ତାହା ଲକ୍ଷ୍ୟ କରିବା କଥା। ଏହାକୁ କୁହାଯାଏ ମିଳିତ ସହଯୋଗ।

ପାଇକ ଇଚ୍ଛାପତ୍ର ନେଇ ବିଡ଼ାନାସୀ ଚାଲିଯିବା ପରେ ମହାରାଣୀ ସୂତ୍ରଧର ସଦାଶିବ ମହାପାତ୍ର ସାମନ୍ତରାୟ (ଶିବେଇ ସାମନ୍ତରା)ଙ୍କୁ ୭୦୦ ଛୋଟ ସୁବର୍ଣ୍ଣ ମାଢ଼ ଦେଇଥିଲେ। ସର୍ତ୍ତଥିଲା– ୧) ଏଥିରୁ ୪୦୧ଟି ମାଢ଼ କୋଣାର୍କ କୋଷାଗାରକୁ ଯିବ। ୨) କୃତଜ୍ଞତା ସ୍ୱରୂପ ୨୯୯ ମାଢ଼ ସୁନା ଶିଳ୍ପୀଙ୍କୁ ବଣ୍ଟାଯିବ (ଏହା ପାଉଣା ବାଦେ)। ଶିଳ୍ପୀମାନଙ୍କୁ ଉତ୍ସାହ ଏବଂ ପ୍ରେରଣା ଦେବାର ସ୍ମରଣୀୟ ଉଦାହରଣ ଆମର ଐତିହ୍ୟ। କିଛିଦିନ ପରେ ମହାରାଣୀ ବାହୁଡ଼ିଗଲେ।

ମହାରାଣୀ ବାହୁଡ଼ିବା ପରଦିନ ପାଞ୍ଚପାୟା ଦେବୀ

## ■ ଶିଳ୍ପୀଙ୍କୁ ପ୍ରେରଣା ଲାଗି ମହାରାଣୀ ଦେଇଥିଲେ ୨୯୯ ମାଢ଼ ସୁନା

## ■ କୋଣାର୍କର ୨୭ଟି ବିଗ୍ରହ ଦେଶାନ୍ତର ହୋଇଯାଇଛି

ରାମଚଣ୍ଡୀ ବିଗ୍ରହ ନିର୍ମାଣ ଆରମ୍ଭ କରିଥିଲେ ଗଦାଧର ମହାପାତ୍ର। ମୁଗୁନି ପଥରରେ ଦେବୀ ବିଗ୍ରହ ନିର୍ମାଣ ହୋଇଥିଲା। ମୁଖ୍ୟ ମନ୍ଦିରର ଅନୁରଥରେ ଚାରି ଦେବମୂର୍ତ୍ତି ମୁଗୁନି ପଥରରେ ନିର୍ମାଣ ମଧ୍ୟ ହୋଇଥିଲା। ଦେବୀ ରାମଚଣ୍ଡୀ ବିଗ୍ରହଙ୍କ ସହିତ ଚାରି ଦେବମୂର୍ତ୍ତି ଦେଶାନ୍ତର ହୋଇଯାଇଛନ୍ତି। ଲଣ୍ଡନ ସଂଗ୍ରହାଳୟରେ ଅଛନ୍ତି। ଏମାନଙ୍କ ସହିତ ଚାରିମୁଣ୍ଡ ଥିବା ଶ୍ରୀଗଣେଶ ମୂର୍ତ୍ତି, ନୃତ୍ୟରତ ଶିବ ବିଗ୍ରହ, ଦଣ୍ଡାୟମାନ ସୂର୍ଯ୍ୟଙ୍କ ବିଗ୍ରହ ଓ ଯୁଦ୍ଧରତ ଦେବୀ ଦୁର୍ଗାଙ୍କ ବିଗ୍ରହ ମଧ୍ୟ ଲଣ୍ଡନ ସଂଗ୍ରହାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଗର୍ଭର ଉପର ଜଙ୍ଘରେ ସ୍ଥାନିତ ହୋଇଥିବା ଅଷ୍ଟ ଦିଗପାଳ ଏବଂ ଅଷ୍ଟ ଦିଗପାଳଙ୍କ ପତ୍ନୀ, ଏହିପରି ୧୬ ବିଗ୍ରହ ମଧ୍ୟ ଲଣ୍ଡନରେ ଅଛନ୍ତି। ସେହିପରି ଶ୍ରୀନାଟାମ୍ବର ବିଗ୍ରହ ମଧ୍ୟ ସେଇ ସଂଗ୍ରହାଳୟରେ ଅଛି।


## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA

E-mail: eerw_kuchinda@yahoo.com

**"e" Procurement Notice**

**Cancellation of Bid Identification No. Online Tender/03/RWD/Kuchinda/2024-25**

Office Order No. 3217 Date: 02.11.2024

No. O-569: The tender invited vide this office online Tender Bid Identification No. 03/RWD/Kuchinda/2024-25 vide this office Letter No. 3066 Dtd.19.10.2024 is hereby cancelled due to unavoidable circumstances.

Sd./- Superintending Engineer
Rural Works Division, Kuchinda

OIPR-25151/11/0006/2425

## GOVERNMENT OF ODISHA
## HOUSING & URBAN DEVELOPMENT DEPARTMENT
## OFFICE OF THE NOTIFIED AREA COUNCIL, PADAMPUR

At-Padampur, PO-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No. 1859/NAC Dt. 01.11.2024

**National Competitive Bidding through e-procurement**
**Bid Identification No. NAC-PDP-04/2024-25**

No.C-900 : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | | |
|---|---|---|---|
| 1 | Nature of Work | : | Civil Work |
| 2 | No. of works | : | 01 (One No.) |
| 3 | Eastimate Cost | : | Rs. 43,18,513/- |
| 4 | Class of Contractor | : | "B" Class |
| 5 | Date & Time of availability of Bid Documents in the portal | : | 1.00 P.M. on dt. 04.11.2024 up to 05.00 P.M. on dt. 12.11.2024 |
| 6 | Last date & time for re-ceipt of Bids in the portal | : | 12.11.2024 at 05.00 P.M. |
| 7 | Original Bids document received | : | Before 05.00 P.M. on dt. 13.11.2024 |
| 8 | Bid opening Date | : | Dt. 14.11.2024 at 11.00 A.M. |

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./-Executive Officer
N.A.C. Padampur

OIPR-13118/11/0007/2425

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II AT/PO - BHASKARGANJ, BALASORE

Contact No : 06782-263149, E Mail ID : eepwdbls2@gmail.com

No.B-562

**SHORT TENDER CALL NOTICE**

**BID INVITATION NO. SE (R and B) BLS-II-14/2024-25**
**No. 7514 dt. 29.10.2024**

| | | | |
|---|---|---|---|
| 1 | The Executive Engineer, Balasore (R&B) Division-II, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works. | | |
| 2 | No. of Work | : | 4 Nos. |
| 3 | Nature of work | : | Buildings of Balasore (R&B) Division-II |
| 4 | Class of Contractor | : | **"B" Class of Contractor** |
| 5 | Approx. value of work | : | Rs. 75.00 Lakhs to 76.33 Lakhs |
| 6 | Tender Cost | : | Rs. 10000.00 per work |
| 7 | Availability of Bid Documents in the website | : | From 10.00 A.M. of 05.11.2024 to 4.00 P.M. of 20.11.2024 |
| 8 | Date of Opening of Bid | : | Dt. 20.11.2024 at 4.30 P.M. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

Sd./- Superintending Engineer,
Balasore (R&B) Division-II

OIPR-34155/11/0007/2425

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No. PP-: ହସ୍ତଶିଳ୍ପ କାରିଗରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଶିଳ୍ପୀ ଉନ୍ନତି ଯୋଜନାରେ ଦରଖାସ୍ତ କରିବାର ଅବଧି ତା୧୫।୧୨।୨୦୨୪ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଏଣୁ ଆଗ୍ରହୀ ହସ୍ତଶିଳ୍ପ କାରିଗରମାନେ ଏହି ଯୋଜନାରେ ଅନଲାଇନ୍ ମାଧ୍ୟମରେ **https://spdp.odisha.gov.in** କିମ୍ବା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ **https://crafts.odisha.gov.in** ପରିଦର୍ଶନ କରି ଆବେଦନ କରିପାରିବେ। ଆବଶ୍ୟକସ୍ଥଳେ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ।

OIPR-31042/11/0025/2425 ସ୍ୱା./– ନିର୍ଦ୍ଦେଶିକା

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-II, JAJPUR AT JARAKA

**1st Corrigendum to Tender Call Notice No. Tender Online jjpr-II-04 of 2024-25**

No.O-568 : Due to unavoidable circumstances, the Tender Call Notice No. "Tender Online JJPR-II-04 of 2024-25" is hereby cancelled.
The above corrigendum shall only be published in the Govt. website **www.tendersodisha.gov.in**

Sd./- Executive Engineer
Rural Works Division-II
Jajpur At Jaraka

OIPR-25080/11/0007/2425

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST. - NUAPADA, ODISHA

E-mail : eeroads.khr@rediffmail.com
No. 4893 Date : 01.11.2024

**BID CANCELLATION**

No.B-558 : The bid for the work "Construction of Paddy Procurement Centre at Khaira PACS in the district of Nuapada for the year 2024-25" bearing (Tender ID : 2024_EICCL_105766_1) invited vide Bid Identification No.SER&BKHR-06/2024-25 vide letter No.4599 Dated 09.10.2024 is hereby cancelled.

Sd./- Superintending Engineer
Khariar (R&B) Division

OIPR-34062/11/0010/2425

## OFFICE OF THE ROURKELA MUNICIPAL CORPORATION
UDITNAGAR, ROURKELA, ODISHA-769012
E-mail ID : rourkelamunicipaliity@gmail.com

Letter No. 13369 Date : 02.11.2024

**TENDER CALL NOTICE**

No.C-897 : Sealed tender in prescribed format is invited from the reputed Travel agencies / Tour Operators or Private Individuals having valid GST and PAN number for providing 16 Nos. of AC Diesel and Petrol driven vehicle as mentioned in the format annexed, which shall conform to the terms and conditions of the Tender for office use under Rourkela Municipal Corporation on monthly rent basis.
The detail tender paper can also be download from the RMC website www.rmc.nic.in and while submitting such tender paper a Banker's Demand Draft from any Nationalized / Scheduled Bank of Rs.1120/- (Rupees One Thousand One Hundred Twenty only) in favour of Commissioner, Rourkela Municipal Corporation, Rourkela payable at Rourkela is to be submitted failing which the tender paper will be rejected.
The cost of tender paper is not refundable and the sealed tender paper duly filled up along with all requried documents must be sent through Speed Post / Regd. Post/Courier or must be submitted in the tender box kept in chamber of Assistant Commissioner Room no. 29 1st floor, Rourkela Municipal Corporation, Uditnagar, Rourkela-769012 during the office hour of any working day from 04.11.2024 to 18.11.2024 superscribing **"Tender for Hiring of Vehicles"**. The last day of receiving of Tender is 18.11.2024 by 1.00 P.M. and will be opened on the same day at 4.30 P.M. in presence of the Tenderers or their authorized person who wish to attend.
The tenderer must submit the GST certificate and PAN Card Photocopies with Annexure-II.
However, the undersigned reserves the right to reject / cancel any or all the tenders at any time without assigning reason thereof.

Sd./- Commissioner
Rourkela Municipal Corporation

OIPR-13131/11/0041/2425

## ଜିଲ୍ଲା ପରିଷଦ, କଟକ
## ZILLA PARISHAD, CUTTACK

P.O.: Chandinichowk, Cuttack - 753002
e-mail: ori-dcuttack@nic.in

Notice No. 4569/ZP Dt.02.11.2024

**Invitation of Objections with respect to the Advertisement No. 20 Dt.05.01.2022 for Recruitment of GRS in Cuttack District**

No. CAD-: As per the Advertisement No. 20 Dt.05.01.2022 after scrutinization of 251 Nos. of candidates found as provisionally ineligible. The list of provisionally ineligible candidates with ground of ineligibility is web hoisted in the district portal **https://cuttack.nic.in**. The provisionally ineligible candidates may submit their objections in writing within 15 days of publication of the list before CDO-cum-EO, ZP, Cuttack.

Sd./- CDO-cum-EO
Zilla Parishad, Cuttack

OIPR-19227/11/0002/2425

## CUTTACK MUNICIPAL CORPORATION
**SHORT TENDER CALL NOTICE**

No. C-898:- Cuttack Municipal Corporation invites sealed quotations from intending reputed Regd. Labour contractor/Organization having experience in the same field/Non Govt. Organization for cleaning of Baliyatra Ground (Upper & Lower) and adjacent areas.
The details can be downloaded from the official website www.cmccuttack.odisha.gov.in. The last date of submission of Tender documents is up to 3.00 P.M dt. 05.11.2024.

Sd./- Commissioner
Cuttack Municipal Corporation

OIPR-13031/11/0081/2425

## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar-751001

Ref. No. OSCB/HRDD/4312/2024-25 Date: 02.11.2024

**NOTICE INVITING TENDER**

No. LL-12: The Bank desires to purchase a good number of Diary and Calendars/Table Calendars for the New Year 2025. Registered Firms/NGOs having own offset colour printing press with adequate experience in offset printing work may participate in the Tender/Bid, which should reach the office through Speed Post/Regd. Post by 2.00 P.M. on or before 12.11.2024. The intending parties may log on to Bank's Website **www.odishascb.com** for downloading the required tender papers i.e. detailed tender call notice and tender documents including terms and conditions of the tender and submit the tender paper along with tender amount and EMD in shape of Bank Draft/Pay-Order in favour of the Managing Director, Odisha State Cooperative Bank, drawn on any Nationalized/Scheduled Bank on or before 12.11.2024.
For any query/clarification, the Premises Office may be contacted in person or over Phone No. 0674-2375156.

Sd./- Chief General Manager (Gen.)

OIPR-39012/11/0008/2425

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Deptt. of Housing & Urban Development, Govt. of Odisha)
At/P.O.: Titilagarh, Dist.: Balangir - 767033
e-mail: titilagarhmunicipality@gmail.com, www.titilagarhmunicipality.in

Letter No. 2730 Date: 30.10.2024

**QUOTATION CALL NOTICE**

No. C-890: Quotation/Tenders are invited from the intending suppliers/ manufacturers having MSME Certificate/GST Clearance Certificate, PAN Card & Dealership Certificate for supply of the Iron frame to repair LCV/BOV & Tractor vehicle for the year 2024-25 of reputed Brand/ Company to the Office of the undersigned on or before 12.11.2024 at 12.00 P.M. through Regd. Post/Speed Post and hand delivery during the office hour. The rate should be inclusive of all taxes and deliveries of the materials are to be made in the Municipality Office, Titilagarh. The quotation/tenders will be received by the undersigned upto 12.00 P.M. on 12.11.2024 and will be opened on date 12.11.2024 at 4.00 P.M. at Titilagarh Municipality in the presence of quotationers/authorized representatives who choose to remain present at the time of opening of quotations. The authority will not be held responsible for any postal delay. The undersigned reserves the right to reject/cancel any or all the quotations without assigning any reason thereof.

Sd./- Executive Officer
Titilagarh Municipality

OIPR-13095/11/0004/2425

## OFFICE OF THE CHIEF ENGINEER, MEGA LIFT BHUBANESWAR

Plot no. A 8/2, Bhoinagar, Bhubaneswar, Odisha, PIN-751022
E-Mail: cemlpwr.od@gmail.com

**Government of Odisha "e" Procurement Notice**
Bid Identification No. 03ML/2024-25

No. A-:- On Line open tender is invited for EPC Contract (Turn Key Basis) for Mega Lift, Odisha.

1. **Name of Work:** Operation and Maintenance of existing 13 nos. schemes with intake points on Tel Basin having command area between 500 Ha. to 2000 Ha. in Megalift Cluster-XIV in the districts of Kalahandi & Bolangir comprising all electro-mechanical & instrumentation equipments installed in pump house & MCC room including pumps and motors, switchyard & Transmission lines, intake well, Sump well, Rising main, Distribution chamber, Gravity main, complete distribution network by UGPL covering culturable command area of 14069.84 Ha. with operation of maintenance of all its 13 completed schemes including its power system connectivity, proper distribution of water to the ayacut including watch & ward with testing and calibration of all electro-mechanical components before the start of each irrigation period in the O & M period of 10 years on "Turn-key basis".
2. **O & M Period :** 120 (One hundred twenty) calendar months.
3. **Date & time of availability of bid document in the portal :** 07.11.2024,10 A.M.
4. **Last date/Time for receipt of bids in the portal** : 06.12.2024 up to 5.00 P.M
5. **Name & address of the officer inviting Bid :** Chief Engineer, Megalift A-8/2, Bhoi Nagar, Bhubaneswar,Pin - 751022

Further details can be seen from the e-procurement portal "https://tendersodisha.gov.in"

Sd./- Chief Engineer, Megalift, Bhubaneswar

OIPR-32504/11/0007/2425

## ODISHA TOURISM DEVELOPMENT CORPORATION LIMITED

No.CAD-

(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)

**BID IDENTIFICATION NO: BP- I/10/2024-25 Dt. 02.11.2024**

Letter No.1485 Dt.02.11.2024

The Superintending Engineer, O.T.D.C. Ltd Bhubaneswar, on behalf of Governor of Odisha, invites **RFP for Selection of Agency for Design, Detailed Project Report & Project Management of various works of the Office Building and peripheral Development of Paryatan Bhawan, Bhubaneswar in ONLINE MODE** only.

| Sl No. | Amount of Bid security (Rs) | Cost of bid document + GST @18% (Rs) | Type of Agency | Period of Completion |
|---|---|---|---|---|
| 1 | Rs.5,00,000.00 (Online) | Rs. 10,000/- +1800/- (Online) | Registered Architect firm (Pvt. Ltd, Proprietorship, Partnership) having experience in Design of Interior/ exterior/ landscaping work etc. | 100 days |

Bid documents such as DTCN / BOQ etc. can be seen / downloaded from the Govt. Website i.e. www.tenderodisha.gov.in during the period as detailed below.
1. Online bids shall be received from dtd. 03.11.2024 till 17.00 Hours of dtd. 12.11.2024.
2. The bids will be opened in the office of the Superintending Engineer, OTDC Ltd, Bhubaneswar at 11.30 Hours of dt 13.11.2024.
3. The authority reserves the right to reject any or all bids without assigning any reason thereof.
4. Any addendum / corrigendum / cancellation of tender can also be seen in the said website.

Sd./- A.K. Sahoo
Superintending Engineer
OTDC Ltd., Bhubaneswar

OIPR-37002/11/0033/2425

## OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR

idco Your power to grow — ODISHA NEW OPPORTUNITIES

No. CAD-1516

Tender Call Notice No. BBSR/ELECT/E-4631/24-25/2867 Dated: 28.10.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of 11KV Line for power supply to M/s. Mahavir Electrical over Plot No. 1H-16 under Godisahi Electrical Section at Ramdaspur I.E., Cuttack.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-116/24-25 | 05.11.2024 at 17.00 Hrs. | 12.11.2024 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0066/2425 Sd./- Divisional Head (Elect), IDCO, Bhubaneswar

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH

No.O-553

E.Mail - rw_rourkela@yahoo.co.in

**TENDER CALL NOTICE**
**BID IDENTIFICATION NO. ONLINE-EERKL-16 of 2024-25**

1. Name of the work : Building Works 2. Total No. of works : 04 (Four) Nos. 3. Estimated cost : Rs. 2.80 to 46.99 Lakhs 4. Class of contractor : "D", "C", "B" Class 5. Period of completion : 02 (Two), 04 (Four), & 08 (Eight) Calendar Months 6. Type of Tender : Single Cover 7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online-EERKL-16 of 2024-25 | 05.11.2024 from 11.00 A.M. | 13.11.2024 upto 05.00 P.M. | 12.11.2024 upto 1.00 P.M. | 16.11.2024 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.

Sd./- Additional Chief Engineer
RW Division-II, Sundargarh

OIPR-25193/11/0027/2425

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH

No.O-555

E.Mail - rw_rourkela@yahoo.co.in

**TENDER CALL NOTICE**
**BID IDENTIFICATION NO. ONLINE-EERKL-17 of 2024-25**

1. Name of the work : Building Works 2. Total No. of works : 02 (Two) Nos. 3. Estimated cost : Rs. 50.19 & 67.59 Lakhs 4. Class of contractor : "B" Class 5. Period of completion : 09 (Nine) Months 6. Type of Tender : Double Cover 7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Sundargarh | Online-EERKL-17 of 2024-25 | 06.11.2024 from 10.00 A.M. | 14.11.2024 upto 05.00 P.M. | 13.11.2024 upto 1.00 P.M. | 16.11.2024 at 11.00 P.M. | Will be intimated separately |

Further details can be seen from the website www.tendersorissa.gov.in & for more information please visit the office.

Sd./- Additional Chief Engineer
RW Division-II, Sundargarh


OIPR-25193/11/0028/2425

See Career Appointment on every Wednesday & Saturday

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ
**ବିଜ୍ଞପ୍ତି**

No. g-97: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗୃହ, ମହର୍ଷି ଦୟାନନ୍ଦ ସେବା ଅନୁଷ୍ଠାନ, କାଠଗଡ଼ାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ତଳମହଲା, ବନ୍ଦୋବସ୍ତ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଢେଙ୍କାନାଳ-୭୫୯୦୦୧, ଫୋନ୍-୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡ଼ପଣ୍ଡା ସାହି, ଦୁର୍ଗା ବଜାର, ଢେଙ୍କାନାଳ, ଫୋନ୍: ୦୬୭୬୨-୨୨୫୦୦୨କୁ ଯୋଗାଯୋଗ କରନ୍ତୁ। ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

ନିମ୍ନରେ ଶିଶୁଟିର ବିବରଣୀ ପ୍ରଦାନ କରାଗଲା:

| କ୍ର.ନଂ. | ଶିଶୁର ନାମ | ପୁଅ/ ଝିଅ | ବୟସ/ ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ଫଟୋ |
|---|---|---|---|---|---|---|
| ୧ | ଅଂଶୀକା | ଝିଅ | ୧୮।୧୦।୨୦୨୪ | ୧୮।୧୦।୨୦୨୪ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହ, ଝୁଲଣା କାଠଗଡ଼ା, ଢେଙ୍କାନାଳ |  |

OIPR-33030/11/0003/2425 ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଢେଙ୍କାନାଳ

## ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ

No. RR-30: ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୨୦୨୩ ବର୍ଷ ପାଇଁ ଏକାଡେମୀ ପୁରସ୍କାର ଦିଆଯିବା ପାଇଁ ସ୍ଥିର ହୋଇଅଛି। ଉର୍ଦ୍ଦୁ କବି, ଲେଖକ ଓ ଲେଖିକା ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ ଆସନ୍ତା ତା୩୦।୧୧।୨୦୨୪ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଉଭୟ ଡାକ କିମ୍ବା ବ୍ୟକ୍ତିଗତ ଭାବେ ନିମ୍ନ ଠିକଣାରେ ଆବେଦନ କରିପାରିବେ। ରାଜ୍ୟ ପୁରସ୍କାର ପାଇଁ କେବଳ ଓଡ଼ିଶା ରାଜ୍ୟର ସ୍ଥାୟୀ ବାସିନ୍ଦାଙ୍କ ଦରଖାସ୍ତ ବିଚାରକୁ ନିଆଯିବ।

**ନିୟମାବଳୀ:**

୧. ଅମଜଦ ନଜମି ପୁରସ୍କାର (ଉର୍ଦ୍ଦୁ ପୁସ୍ତକ ଗଦ୍ୟ ଓ ପଦ୍ୟ ଉପରେ) – ୧ ଗୋଟି
୨. କରାମତ ଅଲ୍ଲୀ କରାମତ ପୁରସ୍କାର (ଉର୍ଦ୍ଦୁ ପୁସ୍ତକ ପଦ୍ୟ ଉପରେ) – ୧ ଗୋଟି
୩. ରଶ୍ମିକାନ୍ତ ରାହୀ ପୁରସ୍କାର (ଲୋକପ୍ରିୟ ଉର୍ଦ୍ଦୁ କବିଙ୍କ ମଧ୍ୟରୁ) – ୧ ଗୋଟି

୧ମ ଓ ୨ୟ ବର୍ଗର ପୁରସ୍କାର ପାଇଁ ପ୍ରକାଶିତ ପୁସ୍ତକରୁ ଗୋଟିଏ ଦରଖାସ୍ତ ସହିତ ଦେବାକୁ ହେବ। ୩ୟ ବର୍ଗର ପୁରସ୍କାର ପାଇଁ ଓଡ଼ିଶା ରାଜ୍ୟରେ ଉର୍ଦ୍ଦୁ ଭାଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ନିଜର ଅବଦାନ ଥିବା ଲେଖକ ଓ ଲେଖିକା ନିଜର ପ୍ରମାଣପତ୍ର ସହ ଆବେଦନ କରିପାରିବେ।

ଏକାଡେମୀ ପୁରସ୍କାର କୌଣସି କବି, ଲେଖକ ଓ ଲେଖିକାଙ୍କୁ ମରଣୋତ୍ତର ଭାବେ ପ୍ରଦାନ କରାଯିବ ନାହିଁ। ଏକାଡେମୀର କୌଣସି କମିଟିର ସଦସ୍ୟ, ପୂର୍ବରୁ ଏହି ଏକାଡେମୀରୁ ପୁରସ୍କୃତ ହୋଇଥିବା ଲେଖକ ଓ ଲେଖିକା, କୌଣସି ପୁସ୍ତକ ଛାୟାରେ ଲିଖିତ ପୁସ୍ତକ ବା ପାଣ୍ଡୁଲିପି ଏବଂ ଅସମ୍ପୂର୍ଣ୍ଣ ପୁସ୍ତକ ବା ପାଣ୍ଡୁଲିପି ଏଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ଅଧିକ ସୂଚନା ନିମନ୍ତେ ଏକାଡେମୀର ସଚିବଙ୍କ ସହ ୦୬୭୪-୨୪୩୨୧୬୩, ୯୪୩୭୨୮୫୫୦୫ରେ ଯୋଗାଯୋଗ କରିପାରିବେ।

ସ୍ୱା./– ସଚିବ
ଓଡ଼ିଶା ଉର୍ଦ୍ଦୁ ଏକାଡେମୀ
ସଂସ୍କୃତି ଭବନ, ବି.ଜେ.ବି. ନଗର
ଭୁବନେଶ୍ୱର – ୭୫୧୦୧୪

OIPR-03008/11/0002/2425

# ସ୍ୱାମୀଙ୍କୁ ଛାଡ଼ି ଅନ୍ୟକୁ ବିବାହ କରିବାରୁ ହତ୍ୟା

## ଅଜଣା ମହିଳାଙ୍କ ମୃତଦେହ ଜବତ ଘଟଣା
### ପ୍ରଥମ ସ୍ୱାମୀ ସମେତ ୨ ଗିରଫ

ଶେରଗଡ଼,୩।୧୧
(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ଥାନା ଅନ୍ତର୍ଗତ ବାଦଗଡ଼ ଠାକୁରାଣୀ ମନ୍ଦିର ନିକଟ ଜଙ୍ଗଲରୁ ଜଣେ ଅଜଣା ମହିଳାଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହାର ଖୋଳତାଡ଼ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଛି। ସ୍ୱାମୀଙ୍କୁ ଛାଡ଼ି ଅନ୍ୟକୁ ବିବାହ କରିବାରୁ ସମ୍ପୃକ୍ତ ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପିଣ୍ଟୁ ନାୟକ ଓ ତୀର୍ଥ ନାୟକ। ପିଣ୍ଟୁ ହେଉଛନ୍ତି ସମ୍ପୃକ୍ତା ମହିଳାଙ୍କ ପ୍ରଥମ ସ୍ୱାମୀ। ସେ ହିଁ ସ୍ତ୍ରୀ ଝୁମୁରୀଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ ବୋଲି ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ଏସ୍‌ଡିପିଓ କହିଛନ୍ତି ଯେ, ଝୁମୁରୀଙ୍କ ମୃତଦେହ ୨୬।୧୦।୨୦୨୪ରେ ଜବତ ହେବା ପରେ ୧୭/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ମହିଳାଙ୍କ ଶରୀରରେ ଗଭୀର କ୍ଷତଚିହ୍ନ ରହିଥିବା ଏବଂ ଧାରୁଆ ଅସ୍ତ୍ର ପ୍ରୟୋଗ କରାଯାଇଥିବା ଜଣାପଡ଼ିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇଥିଲା। ନଂ. ୪୩୩/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ ଏହାର ତଦନ୍ତ ଆରମ୍ଭ କରିଥିଲେ। ଶେଷରେ ଅଭିଯୁକ୍ତ


ଝୁମୁରୀ


ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ପିଣ୍ଟୁ ଓ ତୀର୍ଥଙ୍କୁ ଗିରଫ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ମହାପାତ୍ର କହିଥିଲେ।

ହତ୍ୟାକାଣ୍ଡ ପରକିୟା ପ୍ରୀତିକୁ ନେଇ ଘଟିଥିବା ପୋଲିସର ତଦନ୍ତ ବେଳେ ସାମ୍ନାକୁ ଆସିଛି। ୫ ବର୍ଷ ତଳେ ପୋଲସରାର ଝୁମୁରୀ ନାୟକଙ୍କୁ ଡଉଗାଁର ପିଣ୍ଟୁ ବିବାହ କରିଥିଲେ। କିଛିଦିନ ପରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ପିଣ୍ଟୁଙ୍କ ଦାଦା ପୁଅ ଭାଇ କୃଷ୍ଣ ନାୟକ ତାଙ୍କ ଘରକୁ ଯିବା ଆସିବା କରନ୍ତି। ସମୟକ୍ରମେ ଝୁମୁରୀଙ୍କ ସହ କୃଷ୍ଣଙ୍କ ପ୍ରେମସମ୍ପର୍କ ଗଢି ଉଠିଥିଲା। ଝୁମୁରୀ ଘରେ ଥିବା ୩ ବର୍ଷର ପୁଅକୁ ନ ନେଇ ଲୁଚିକରି କୃଷ୍ଣଙ୍କ ସହ ମାଣିକ୍ୟପୁର ଯାଇ ତାଙ୍କୁ ବିବାହ କରି ସେଠାରେ ରହିଥିଲେ। ପିଣ୍ଟୁ ତାଙ୍କୁ ଅନେକ ଖୋଜାଖୋଜି ପରେ ଝୁମୁରୀ କୃଷ୍ଣଙ୍କ ସହ ମାଣିକ୍ୟପୁରରେ ରହୁଥିବା ଖବର ପାଇଥିଲେ। ୧୫।୧୦।୨୦୨୪ରେ ପିଣ୍ଟୁ ସାଥିରେ ତୀର୍ଥଙ୍କୁ ଧରି ମାଣିକ୍ୟପୁର ଯାଇ ଖୋଜାଖୋଜି କରି ପାଇ ନ ଥିଲେ। ପୁଣି ୧୬।୧୦।୨୦୨୪ରେ ପିଣ୍ଟୁ ମାଣିକ୍ୟପୁର ଯାଇ ଝୁମୁରୀଙ୍କୁ ପାଇଥିଲେ। ତାଙ୍କୁ ବୁଝାଶୁଝା କରି ପୁଅ ସବୁବେଳେ କାନ୍ଦୁଛି କହି ଘରକୁ ବାଇକ୍‌ରେ ଧରି ଆସିଲେ। ମାତ୍ର ସେ ଗାଁକୁ ନ ଯାଇ ବାଦଗଡ଼ ଠାକୁରାଣୀ ମନ୍ଦିର ନିକଟସ୍ଥ ଜଙ୍ଗଲରେ ବାଇକ୍ ରଖିଥିଲେ। ତୀର୍ଥଙ୍କୁ ଜଙ୍ଗଲରେ କେହି ଆସିଯିବ ସେନେଇ ନଜର ରଖିବାକୁ କହିଥିଲେ। ଏହାପରେ ପିଣ୍ଟୁ ଏକ ଧାରୁଆ ପଥରରେ ଝୁମୁରୀଙ୍କ ମୁଣ୍ଡକୁ ଛେଚି ତାଙ୍କୁ ହତ୍ୟା କରିଥିଲେ। ପରେ ଜଙ୍ଗଲରେ ମୃତଦେହ ପକାଇ ପଳାଇଯାଇଥିଲେ ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

# ମୋଷ୍ଟ୍ୱାଣ୍ଟେଡ୍ ଗଞ୍ଜେଇ ସ୍ମଗ୍‌ଲରଙ୍କୁ ଗିରଫକଲା ମୁମ୍ବାଇ ଏନ୍‌ସିବି

## ଟ୍ରାଞ୍ଜିଟ୍ ରିମାଣ୍ଡରେ ମହାରାଷ୍ଟ୍ର ଗଲେ

ଭୁବନେଶ୍ୱର,୩।୧୧(ସତ୍ୟଜିତ୍ ରାଉତ)

ଓଡ଼ିଶାରେ ରହି ମୁମ୍ବାଇକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏଜେଣ୍ଟଙ୍କ ସହଯୋଗରେ ବଡ଼ ର୍ୟାକେଟ ଚଳାଇଥିଲେ। ବାରମ୍ବାର ମହାରାଷ୍ଟ୍ର ପୋଲିସ ହାତରେ ଖସିଯାଉଥିବା ମୋଷ୍ଟୱାଣ୍ଟେଡ୍ ଗଞ୍ଜେଇ ସ୍ମଗ୍‌ଲର ଶେଷରେ ଧରାପଡିଛନ୍ତି। ମୁମ୍ବାଇ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବେଗୁନିଆପଡ଼ା ଗ୍ରାମରେ ଚଢ଼ାଉ କରି ୱାଣ୍ଟେଡ୍ ନିଲୁ ପ୍ରଧାନଙ୍କୁ ଗିରଫ କରିଛି। ଏନ୍‌ସିବି ଟିମ୍ ତାଙ୍କୁ ରବିବାର ଭୁବନେଶ୍ୱର ଆଣି କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସ୍ଥାନୀୟ ସିଜେଏମ୍ କୋର୍ଟରେ ହାଜର କରିଥିଲା। ତେବେ କୋର୍ଟଙ୍କ ଅନୁମତି ମିଳିବା ପରେ ନିଲୁଙ୍କୁ ଏନ୍‌ସିବି ଟିମ୍ ଟ୍ରାଞ୍ଜିଟ୍ ରିମାଣ୍ଡରେ ମହାରାଷ୍ଟ୍ର ନେଇଯାଇଥିବା ସୂଚନା ମିଳିଛି।

ନିଲୁ କିଛିବର୍ଷ ହେବ ମୁମ୍ବାଇକୁ ନିୟମିତ ଗଞ୍ଜେଇ ଚାଲାଣ କରୁଥିଲେ। ଏହି ଲିଙ୍କ୍‌ରେ ନିଲୁଙ୍କ ଏକାଧିକ ସହଯୋଗୀଙ୍କୁ ମହାରାଷ୍ଟ୍ର ପୋଲିସ ଓ ମୁମ୍ବାଇ ଏନ୍‌ସିବି ଗିରଫ କରିଥିଲା। ତେବେ ନିଲୁ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିବା ପରେ ଏନ୍‌ସିବି ପକ୍ଷରୁ ତାଙ୍କୁ ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ତାଲିକାଭୁକ୍ତ କରାଯାଇଥିଲା। ଏନ୍‌ସିବି ଟିମ୍ ନିଲୁଙ୍କୁ ଧରିବାକୁ ଯୋଜନା କରିଥିଲା। ଏପରିକି ବହୁଥର ନିଲୁ ଏନ୍‌ସିବି ଟିମ୍‌କୁ ଚକ୍‌ମା ଦେଖାଇ ଖସିଯାଉଥିଲେ। ନିଲୁ କିଛିଦିନ ହେବ ତାଙ୍କ ପୈତୃକ ଘର ଗଞ୍ଜାମ ବେଗୁନିଆପଡ଼ାରେ ଥିବା ଏନ୍‌ସିବି ଟିମ୍ ସୂଚନା ପାଇଥିଲା। ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ପୋଲିସ ସହାୟତାରେ ନିଲୁଙ୍କ ଘରେ ଏନ୍‌ସିବି ଚଢ଼ାଉ କରିଥିଲା। ସେହି ସମୟରେ ନିଲୁ ଖସିଯିବାକୁ ଉଦ୍ୟମ କରିଥିଲେ। ସେ ଦୌଡ଼ି ପଳାଇ ଯାଉଥିବାବେଳେ ଏନ୍‌ସିବି ଟିମ୍ ଓ ପୋଲିସ ଘେରିଯାଇ କାବୁ କରିଥିଲେ। ତେବେ ନିଲୁ ଓଡ଼ିଶାରୁ କେଉଁଭଳି ଭାବେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ ସେନେଇ ଏନ୍‌ସିବି ଅଧିକ ଖୋଳତାଡ କରୁଛି। ଏପରିକି ନିଲୁଙ୍କ ଆର୍ଥିକ ଦିଗକୁ ନେଇ ଏନ୍‌ସିବି ଖୋଳତାଡ କରିବାକୁ ଯୋଜନା ରଖିଛି।


ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଭିଯୁକ୍ତ ନିଲୁ ପ୍ରଧାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ନିଆଯାଉଛି।

# ଟ୍ରେଡିଂରେ ବିନିଯୋଗ ନାଁରେ ୫ଲକ୍ଷରୁ ଅଧିକ ଟଙ୍କା ଠକେଇ, ଜଣେ ଗିରଫ

ଭୁବନେଶ୍ୱର, ୩।୧୧
(ସୂର୍ଯ୍ୟକାନ୍ତ ବେହେରା)

ଶେୟାର ଟ୍ରେଡିଂରେ ଟଙ୍କା ବିନିଯୋଗ କରାଇଦେବା ନାଁରେ ୫ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ପୁରୀର ଦୀପକ ରଞ୍ଜନ ବଳିଆରସିଂହ। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଠକେଇର ଶିକାର ହୋଇଛନ୍ତି ବିଶ୍ୱଜିତ୍ ବେହେରା। ଅଭିଯୁକ୍ତ ଦୀପକ ‘ଆଞ୍ଜେଲ ୱାନ୍ ଟ୍ରେଡିଙ୍ଗ କମ୍ପାନୀ’ ର ଜଣେ ଦଲାଲ ଭାବେ କାର୍ଯ୍ୟ କରନ୍ତି। ସେ ଅଭିଯୋଗକାରୀ ବିଶ୍ୱଜିତଙ୍କ ସଂସ୍ପର୍ଶରେ ଆସିବା ପରେ ଉକ୍ତ ଟ୍ରେଡିଙ୍ଗ କମ୍ପାନୀରେ ଏକ ଆକାଉଣ୍ଟ ଖୋଲି ସେଥିରେ ଟଙ୍କା ବିନିଯୋଗ କରି ଅଧିକରୁ ଅଧିକ ଲାଭ ଉଠାଇବା ଲାଗି ତାଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତଙ୍କ କଥାକୁ ବିଶ୍ୱାସ କରି ବିଶ୍ୱଜିତ୍ ଉକ୍ତ କମ୍ପାନୀରେ ଏକ ଆକାଉଣ୍ଟ ଖୋଲିବା ଲାଗି ସମସ୍ତ କାଗଜପତ୍ର ତାଙ୍କୁ ଦେଇଥିଲେ। ଆକାଉଣ୍ଟ ଖୋଲିଯିବା ପରେ ବିଶ୍ୱଜିତ ପର୍ଯ୍ୟାୟକ୍ରମେ ୩.୨୦ ଲକ୍ଷ ଟଙ୍କା ଜମା କରିଥିଲେ ମଧ୍ୟ ସେ କୌଣସି ଲାଭାଂଶ ଟଙ୍କା ଆଉ ଫେରସ୍ତ ପାଇ ନ ଥିଲେ। ଅଭିଯୁକ୍ତଙ୍କୁ ଯୋଗାଯୋଗ କରି ବିଶ୍ୱଜିତ୍ ଏ ସମ୍ପର୍କରେ ପଚାରିବାରୁ ସେ ଟ୍ରେଡିଙ୍ଗରେ କ୍ଷତି ହୋଇଥିବା ଦର୍ଶାଇବା ସହ ଟଙ୍କା ଫେରି ପାଇବା ପାଇଁ ‘ଅକ୍ସନବକ୍ସ’ ନାମକ ଅନ୍ୟ ଏକ ଆକାଉଣ୍ଟରେ ଟଙ୍କା ବିନିଯୋଗ କରିବା ଲାଗି କହିଥିଲେ। ଉକ୍ତ ଆକାଉଣ୍ଟଟି ଅଭିଯୁକ୍ତଙ୍କର ଥିଲା। ତେବେ ବିଶ୍ୱଜିତ ଉକ୍ତ ଆକାଉଣ୍ଟରେ ମୋଟ ୨.୬ ଲକ୍ଷ ଟଙ୍କା ବିନିଯୋଗ କରିବା ପରେ ଅଭିଯୁକ୍ତ ଜଣକ ଉକ୍ତ ଟଙ୍କାକୁ ମଧ୍ୟ ହଡପ କରିନେଇଥିଲେ। ବିନିଯୋଗ କରିଥିବା ସମସ୍ତ ଟଙ୍କା ଆଉ ଫେରସ୍ତ ନ ପାଇବାରୁ ବିଶ୍ୱଜିତ ଠକାମିର ଶିକାର ହୋଇଥିବା ଅନୁଭବ କରି ଥାନାରେ ଅଭିଯୋଗ କରିଥିଲେ।

# ତ୍ରିକୋଣୀୟ ପ୍ରେମକୁ ନେଇ ଆକ୍ରମଣ

ନିମାପଡ଼ା,୩।୧୧(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ଥାନା ଅଧୀନ ଭୋଗଶାଳଦା ପଞ୍ଚାୟତର ଅଂଶାଲୋ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ରାତିରେ ଗ୍ରାମର ଗଗନ ଭୋଇଙ୍କ ଘରେ ଜଣେ ଯୁବକ ପଶି ତାଙ୍କ ପୁଅ ନାରଦ ଭୋଇ ଓ ଜଣେ ମହିଳାଙ୍କୁ କଟୁରିରେ ଆକ୍ରମଣ କରିଛନ୍ତି। ଏଥିରେ ଉଭୟ ଗୁରୁତର ଆହତ ହୋଇ ପ୍ରଥମେ ନିମାପଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଗଗନ ଆକ୍ରମଣକାରୀ ଯୁବକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ (ନଂ. ୩୪୪/୨୪) ମାମଲା ରୁଜୁ କରିବା ସହ ଶନିବାର ରାତିରେ ବଳଙ୍ଗା ଥାନା ଅଧୀନ ଗଡ଼ଚାନ୍ଦପୁର ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଘଟଣାସ୍ଥଳରୁ ରକ୍ତଭିଜା କଟୁରି ଜବତ କରିଛି। ରବିବାର ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିଛି। ଏହି ଘଟଣା ତ୍ରିକୋଣୀୟ ପ୍ରେମର କରୁଣ ପରିଣତି ବୋଲି ଜଣାପଡ଼ିଛି। ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ଏହି ଘଟଣାର ତଦନ୍ତ କରୁଛନ୍ତି। ସୂଚନା ମୁତାବକ, ଆକ୍ରମଣର ଶିକାର ହୋଇଥିବା ମହିଳା ହେଉଛନ୍ତି ଅଭିଯୁକ୍ତଙ୍କ ସ୍ତ୍ରୀ। ନାରଦ କୁଆଡ଼େ ଉକ୍ତ ମହିଳାଙ୍କୁ ତାଙ୍କ ପ୍ରେମ ଜାଲରେ ଫସାଇ ମାସେ ହେବ ଆଣି ଘରେ ରଖିଥିଲେ। ଏଥିରେ ଅଭିଯୁକ୍ତ କ୍ରୋଧାନ୍ୱିତ ହୋଇ ଏପରି କାଣ୍ଡ ଭିଆଇଥିବା ଜଣାପଡ଼ିଛି।

# ଟଙ୍କା ପାଇଁ ମାମୁଁଙ୍କୁ ହତ୍ୟା କଲେ ଭଣଜା

ଧର୍ମଶାଳା/ଚଢ଼େଇଧରା, ୩।୧୧
(ବଟକୃଷ୍ଣ ପରିଡ଼ା/ଦିଲୀପ କୁମାର ପରିଡ଼ା)

ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳରେ ଟଙ୍କା ଲୋଭରେ ମାମୁଁଙ୍କୁ ଭଣଜା ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଛନ୍ତି। ମୃତକ ହେଲେ ସମ୍ପାରୁ ପଞ୍ଚାୟତ ତୋଟାକଣ ଗ୍ରାମର ଦୁଷ୍ମନ୍ତ ନାୟକ(୩୨)। ସେ ତାଙ୍କ ସମ୍ପର୍କୀୟ ଭଣଜା ଜେନାପୁର ଥାନା ଗଡ଼ମଧୁପୁର ପଞ୍ଚାୟତ ପନ୍ତୁରୀ ଗ୍ରାମର ଜଗନ ଧଳ(୨୨)ଙ୍କୁ ସାଙ୍ଗରେ ନେଇ ଏକ ବାଇକ୍ କିଣିବାକୁ ଶନିବାର ଚଣ୍ଡିଖୋଲ ଯାଇଥିଲେ। ହାତରେ ୫୦ ହଜାର ଟଙ୍କା ନେଇଥିଲେ। ତେବେ ପୂର୍ବରୁ ଦୁଷ୍ମନ୍ତଙ୍କ ନାମରେ ଜଗନ ଫାଇନାନ୍ସରେ ଏକ ଗାଡ଼ି ଆଣିଥିଲେ। ସମସ୍ତ କିସ୍ତି ପୈଠ କରିଥିବା ଜଗନ ଦୁଷ୍ମନ୍ତଙ୍କୁ କହିଥିଲେ। ମାତ୍ର ଚଣ୍ଡିଖୋଲରେ ଦୁଷ୍ମନ୍ତ ଜାଣିବାକୁ ପାଇଥିଲେ ତାଙ୍କ ନାମରେ ପୂର୍ବରୁ ଗାଡ଼ି କିସ୍ତି ବାକି ଅଛି। ଏହାପରେ ସେମାନେ ସେଠାରୁ ଫେରି ଆସିଥିଲେ। ହେଲେ ଦୁଷ୍ମନ୍ତ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନରେ ତାଙ୍କ ସ୍ତ୍ରୀ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ସନ୍ଧ୍ୟାରେ ଦୁଷ୍ମନ୍ତଙ୍କ ମୋବାଇଲକୁ ଫୋନ୍ କରିବାରୁ ତାହା ସୁଇଚ ଅଫ୍ ଦେଖାଇଥିଲା। ତେଣୁ ସ୍ୱାମୀ ନିଖୋଜ ଥିବାନେଇ ଦୁଷ୍ମନ୍ତଙ୍କ ସ୍ତ୍ରୀ ମଧୁସ୍ମିତା ନାୟକ ଜେନାପୁର ଥାନାରେ ରାତିରେ ଅଭିଯୋଗ କରିଥିଲେ।

ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ସକାଳେ ଜଗନଙ୍କୁ ପୋଲିସ ଥାନାକୁ ଡାକି ପଚରା ଉଚରା କରିବା ପରେ ସେ ସବୁକିଛି ମାନିଯାଇଥିଲେ। ମାମୁଁଙ୍କୁ ଟଙ୍କା ମାଗିବାରୁ ସେ ଦେଇ ନ ଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଜଗନ ଦୁଷ୍ମନ୍ତଙ୍କୁ ହତ୍ୟାକରି ଗଡ଼ମଧୁପୁର ପଞ୍ଚାୟତ ଭୁବନପୁର ଗ୍ରାମର ସୁନାମୁହିଁ ପାଟ ନିକଟ ଏକ ଜଙ୍ଗଲରେ ଫିଙ୍ଗି ଦେଇଥିଲେ ବୋଲି ପୋଲିସ ଆଗରେ କହିଛନ୍ତି। ଏହା ଜଣାପଡ଼ିବା ପରେ ଯାଜପୁରରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଜେନାପୁର ଥାନା ଅଧିକାରୀ ସୁଭେନ୍ଦୁ କୁମାର ସାହୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନା ପଠାଇଛନ୍ତି। ଏହି ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଧର୍ମଶାଳା ତହସିଲ ପକ୍ଷରୁ ତହସିଲଦାର ଶୁଭଙ୍କର ମହାନ୍ତି ରେଡ୍‌କ୍ରସରୁ ୨୦ ହଜାର ଟଙ୍କା ଆରଆଇ ଚନ୍ଦନ ସାହୁଙ୍କ ଜରିଆରେ ମୃତକଙ୍କ ସ୍ତ୍ରୀ ମଧୁସ୍ମିତାଙ୍କୁ ପ୍ରଦାନ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ୩୮୨/୨୪ ରୁଜୁ ହୋଇଛି।

# ଚୋରି କରିବାକୁ ଆସି ଯୁବକଙ୍କୁ ଗୁଳିମାଡ଼

ଭଦ୍ରକ/ବାସୁଦେବପୁର,୩।୧୧
(ସନାତନ ରାଉତ/ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର କଇଥଖୋଲା ନିକଟରେ ଶନିବାର ରାତିରେ ଚୋରି କରିବାକୁ ଆସିଥିବା ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଗୁଳିମାଡ଼ କରିଛନ୍ତି। ଗୁଳିର ଶିକାର ଯୁବକ ହେଉଛନ୍ତି କିଶୋରପ୍ରସାଦର ରାଜେନ୍ଦ୍ର ମହାପାତ୍ର। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ଧାମରା-କଇଥଖୋଲା ରାସ୍ତାର କିଶୋରପ୍ରସାଦ ଛକ ନିକଟରେ ୨ଟି ବାଇକ୍‌ରେ ୫ ଯୁବକ ଆସି ଦୀର୍ଘ ସମୟ ଧରି ଠିଆ ହୋଇଥିଲେ। ସନ୍ଦେହ ହେବାରୁ ରାଜେନ୍ଦ୍ର ଏଠାରେ କାହିଁକି ଛିଡ଼ା ହୋଇଛ ବୋଲି ସେମାନଙ୍କୁ ପଚାରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ରାଜେନ୍ଦ୍ରଙ୍କୁ ଗୁଳି କରିଥିଲେ। ଗୁଳି ରାଜେନ୍ଦ୍ରଙ୍କ ମୁହଁରେ ବାଜି ପଳାଇ ଯାଇଥିଲା। ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଗୁରୁତର ଅବସ୍ଥାରେ ରାଜେନ୍ଦ୍ରଙ୍କୁ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଧାମରା ଥାନାଧିକାରୀ ଶୋଭେନ ସ୍ୱାଇଁ କହିଛନ୍ତି। କିଛିଦିନ ପୂର୍ବରୁ ଉକ୍ତ ସ୍ଥାନରେ ଚୋରି ହୋଇଥିଲା। ଜମି କିଣାବିକାକୁ ନେଇ ବିବାଦରୁ ଗୁଳି କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ଏହାକୁ ଥାନାଧିକାରୀ ସ୍ୱାଇଁ ଖଣ୍ଡନ କରିଛନ୍ତି। ଯୁବକମାନେ ସେଠାରେ ରାତିରେ ପଇଁତରା ମାରୁଥିବାରୁ ସେମାନେ ଚୋରି କରିବା ଉଦ୍ଦେଶ୍ୟରେ ଆସିଥିବା ସନ୍ଦେହ କରି ରାଜେନ୍ଦ୍ର ଗାଁ ଲୋକଙ୍କୁ ଫୋନ୍ କରିବା ସହ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଗୁଳି କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଏନେଇ ରାଜେନ୍ଦ୍ରଙ୍କ ବଡ଼ଭାଇ ବାଦଲ କୁମାର ମହାପାତ୍ରଙ୍କ ଅଭିଯୋଗକ୍ରମେ ଧାମରା ଥାନାରେ ଏକ ମାମଲା (ନଂ.୮୭/୨୪) ରୁଜୁ ହୋଇଛି। ଗୁଳିମାଡ଼ କରିଥିବା ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ଦିଗରୁ ତଦନ୍ତ ଚାଲିଥିବା ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଛନ୍ତି।


ଆହତ ରାଜେନ୍ଦ୍ର ମହାପାତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କାହା କରମରେ ଖିରି ଖିରିସା,**
**କାହା କରମରେ ଲଡ୍ଡୁ;**
**କାହା କରମରେ ଖାରିଆ ଖଡ଼ା,**
**ଚୋବେଇ ଚୋବେଇ ମରୁ।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଂସାରି ଘରର ପାରା,**
**ତାକୁ କୁଲା ଢାଉଁ ଢାଉଁ ଡରା।**

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରିଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ। ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ କିଛି ନ ଥାଏ। ଯିଏ ଜଟିଳ ପରିସ୍ଥିତି ଦେଇ ଗତି କରି ଜାଣେ ସିଏ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମହାରାଷ୍ଟ୍ର ପୋଲିସକୁ ଚକ୍‌ମା ଦେଖାଇ ହୋଟେଲରୁ ଅଭିଯୁକ୍ତ ଚମ୍ପଟ

ମୋହନା,୩।୧୧(ମନ୍ମଥ ମିଶ୍ର)

ଗଜପତିଜିଲା ମୋହନାର ଏକ ହୋଟେଲରୁ ମହାରାଷ୍ଟ୍ର ପୋଲିସକୁ ଚକ୍‌ମା ଦେଖାଇ ଚମ୍ପଟ ମାରିଛନ୍ତି ଗଞ୍ଜେଇ ଚାଲାଣକାରୀ ଅଭିଯୁକ୍ତ। ସେ ହେଲେ ମୋହନା ଥାନା ଅନ୍ତର୍ଗତ ଅନ୍ତରବା ପଞ୍ଚାୟତର ହିକିରିମା ନୂଆସାହିର ଜୁଏଲ ଶବର। ଫେରାର ବେଳେ ଜୁଏଲଙ୍କ ଗୋଡ଼ରେ ଲୁହାକଡ଼ା ଏବଂ ହାତରେ ହାତକଡି ରହିଥିଲା। ଖବରରୁ ଜଣାପଡିଛି, ଜୁଏଲ ଟ୍ରେନ୍‌ରେ ଗଞ୍ଜେଇ ଧରି ମହାରାଷ୍ଟ୍ର ଯାଉଥିବା ବେଳେ ତାଙ୍କୁ ରେଲ୍‌ୱେ ପୋଲିସ ଧରି ମହାରାଷ୍ଟ୍ର ଆକୋଲା ପୋଲିସକୁ ୨୭।୧୦।୨୪ରେ ହସ୍ତାନ୍ତର କରିଥିଲା। ପୋଲିସ ତାଙ୍କଠାରୁ ୨୪ କେଜି ଗଞ୍ଜେଇ ଜବତ କରିବା ସହ ୨୦୯/୨୪ନମ୍ବରରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଆକୋଲା ପୋଲିସ ଜୁଏଲଙ୍କୁ ରିମାଣ୍ଡରେ ଆଣି ଓଡ଼ିଶା ଆସିଥିଲା। ତେବେ ଏନେଇ ସ୍ଥାନୀୟ ପୋଲିସକୁ ସୂଚନା ନ ଦେଇ ମୋହନା ବଜାରରେ ଥିବା ଏକ ହୋଟେଲକୁ ରାତି ୨ଟାରେ ଜୁଏଲଙ୍କୁ ଧରି ଆକୋଲା ପୋଲିସ ପହଞ୍ଚିଥିଲା। ହୋଟେଲ ମାଲିକ ରାତିରେ ଫୋନ ଉଠାଇ ନ ଥିଲେ। ଫଳରେ ରବିବାର ସକାଳ ୭ଟାରେ ପୋଲିସ ତାଙ୍କୁ ଆଣି ହୋଟେଲରେ ରଖିଥିଲା। ତେବେ ପୋଲିସକୁ ଚକ୍‌ମା ଦେଇ ଜୁଏଲ ଖସି ଯାଇଛନ୍ତି। ଜୁଏଲ ହୋଟେଲରୁ ଚାଲିଯାଉଥିବାର ଦୃଶ୍ୟ ହୋଟେଲ ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ତେବେ ଆକୋଲା ପୋଲିସ ଏପିଆଇ ପଙ୍କଜ ଢୋକେଙ୍କୁ ପଚରାଯିବାରୁ ଏ ସମ୍ପର୍କରେ ସେ ମୁହଁ ଖୋଲି ନ ଥିଲେ। ମୋହନା ପୋଲିସ ଖବର ପାଇ ଅଭିଯୁକ୍ତଙ୍କୁ ଖୋଜାଖୋଜି କରୁଛି।

# ୪ କେଜି ରୁପା ଅଳଙ୍କାର ଜବତ, ୨ ଗିରଫ


ମୁନିଗୁଡ଼ା ଥାନାରେ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

## ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣା

ମୁନିଗୁଡା,୩।୧୧
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ଆଡୁ କାନ୍ଧୁଲୁ ଓ ଆର୍ ସୁରେନ୍ଦ୍ର ରେଡ୍ଡୀ। ସେମାନଙ୍କ ନିକଟରୁ ପୋଲିସ ୪ କେଜି ୨୧୦ ଗ୍ରାମ ରୁପା ଅଳଙ୍କାର ସହ ଏକ ବାଇକ୍ ଏବଂ ୧୫,୦୦୦ ଟଙ୍କା ଜବତ କରିଛି। ସେମାନଙ୍କ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଥିବା ମୁନିଗୁଡ଼ା ଥାନାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସନ୍ତୋଷନୀ ଓରାମ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୁନିଗୁଡା ଖମଣସାହି ବାସିନ୍ଦା ଗୌରୀ ସାହୁ ଗାଁ ଗାଁ ବୁଲି ରୁପା ବ୍ୟବସାୟ କରନ୍ତି। ଗତ ମାସ ୭ ତାରିଖରେ ସେ ରୁପା ଅଳଙ୍କାର ବିକ୍ରି କରିବା ପାଇଁ ଭୁରୁଷିଖମାର ଗାଁକୁ ଯାଇ ଜଣେ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ହେଉଥିବା ସମୟରେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ସେହି ରୁପା ବାକ୍ସଟିକୁ ନେଇ ମୁନିଗୁଡା ଆଡକୁ ଦ୍ରୁତ ଗତିରେ ଚାଲି ଯାଇଥିଲେ। ଏ ନେଇ ରୁପା ବ୍ୟବସାୟୀ ମୁନିଗୁଡା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବେହେରା ଏକ ଟିମ୍ ଗଠନକରି ବିଭିନ୍ନ ଅଞ୍ଚଳରୁ ସିସିଟିଭି ଫୁଟେଜ ଆଧାରରେ ତନାଘନା କରିବା ସହ ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳକୁ ବାରମ୍ବାର ଯାଇ ଆସିକା ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜଣେ ଚୋରି ଅଭିଯୋଗରେ ଏବଂ ଅନ୍ୟ ଜଣେ ଚୋରି ଜିନିଷ କିଣିଥିବାରୁ ସେମାନଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ନାଏବ ସରପଞ୍ଚଙ୍କ ଘରକୁ ବୋମାମାଡ଼ ଘଟଣା
## ୨ ଭାଇଙ୍କ ସମେତ ୩ ଜେଲଗଲେ

ଦିଗପହଣ୍ଡି/ପାଟପୁର, ୩।୧୧
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ପଞ୍ଚାୟତ ନୂଆଗଡ ଗ୍ରାମରେ ରହୁଥିବା ନାଏବ ସରପଞ୍ଚ ବିଟୁ ସେଠୀଙ୍କ ଘର ଉପରକୁ ଗତ ୨୬ ତାରିଖ ବିଳମ୍ବିତ ରାତିରେ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପାଟପୁର ଥାନା ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦିଗପହଣ୍ଡିରେ ରହୁଥିବା ପଦ୍ମନାଭପୁର ଗ୍ରାମର ଦୁଇ ଭାଇ ଜଗା ସେଠୀ, କାଳିଆ ସେଠୀ ଓ ପାଟପୁରର ଚନ୍ଦନ ମହାନ୍ତି। ଥାନା ମାମଲା ନଂ.୪୭୨/୨୪ ଅନୁଯାୟୀ ଜାମିନ ଖାରଜ ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି।

ମୌଳାଭଞ୍ଜା ସରପଞ୍ଚ ବର୍ଷା ସେଠୀଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ପଞ୍ଚାୟତର ୧୮ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୫ ଜଣ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଗତ ୧୮ ତାରିଖରେ ସେମାନେ ବ୍ରହ୍ମପୁର ଉପଜିଲାପାଳ ଧିନା ଦସ୍ତାଗିରଙ୍କୁ ଭେଟି ଅନାସ୍ଥା ସମ୍ପର୍କରେ ଗୃହୀତ ନିର୍ଦ୍ଧାରଣର ନକଲ ଏବଂ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସରପଞ୍ଚ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଥିଲେ। ପରେ କେତେଜଣ ଦୁର୍ବୃତ୍ତ ନାଏବ ସରପଞ୍ଚଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ପରେ ସରପଞ୍ଚଙ୍କ ନେତୃତ୍ୱରେ ୮ ଜଣ ୱାର୍ଡ ସଭ୍ୟାସଭ୍ୟ ବ୍ରହ୍ମପୁର ଉପଜିଲାପାଳଙ୍କୁ ସାକ୍ଷାତ କରି ନାଏବ ସରପଞ୍ଚଙ୍କ ବିରୋଧରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ନାଏବ ସରପଞ୍ଚ ତାଙ୍କ ସ୍ୱାର୍ଥ ସାଧନ ପାଇଁ କେତେଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ନକଲି ଦସ୍ତଖତ କରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିବା ନେଇ ଉପଜିଲାପାଳ ଏବଂ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଜଣାଇଥିଲେ। ତେବେ ରାଜନୈତିକ ବିବାଦରୁ ନାଏବ ସରପଞ୍ଚଙ୍କ ଘରକୁ ବୋମାମାଡ଼ ହୋଇଥିବା କୁହାଯାଉଛି।

# ବିବାହ ଋତୁରେ ବିକ୍ରି ଅଭିବୃଦ୍ଧି ଆକଳନ

## ମାରୁତି ସୁଜୁକିର ୱେଡିଂ ସେଲ୍ସ

ନୂଆଦିଲ୍ଲୀ,୩ା୧୧ (ଅଭୟ ଦାଶ)




ପ୍ରତି ବର୍ଷ ଭଳି ଚଳିତ ବର୍ଷର ପାର୍ବଣ ବିକ୍ରି (ଫେଷ୍ଟିଭ ସେଲ୍ସ) ପରେ ପରେ ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍)ପକ୍ଷରୁ ୱେଡିଂ ସେଲ୍ସ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଉ କିଛି ଦିନ ପରେ ସାରା ଦେଶରେ ବିବାହ ଋତୁ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ବ୍ରାଣ୍ଡ୍ (କମ୍ପାନି) ବଡ଼ କାରବାର ପାଇଁ ବ୍ୟାପକ ପ୍ରସ୍ତୁତି କରୁଥିବାବେଳେ ପାର୍ବଣ କାରବାର ପରି ବିବାହ କାରବାରରେ ମଧ୍ୟ ବିକ୍ରି ଅଭିବୃଦ୍ଧି ହାସଲ କରିବାକୁ ଏମ୍‌ଏସ୍‌ଆଇଏଲ୍ ପକ୍ଷରୁ ଆକଳନ କରାଯାଇଛି।

ସେହିଭଳି ୨୦୨୪ ଅକ୍ଟୋବରରେ ଏମ୍‌ଏସ୍‌ଆଇଏଲର ଖୁଚୁରା ବିକ୍ରି ୨,୦୨,୪୦୨ ୟୁନିଟ ଥିଲାବେଳେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷର ସମାନ ଅବଧି ମଧ୍ୟରେ ପ୍ରାୟ ୨୩% ବିକ୍ରି ବୃଦ୍ଧି ଘଟିଛି। ଏପରିକି ୨୦୨୦ରେ ମଧ୍ୟ ଏମ୍‌ଏସ୍‌ଆଇଏଲର ଖୁଚୁରା ବିକ୍ରି ୧,୯୧,୪୭୬ ୟୁନିଟ ଥିଲା।

ସେହିପରି ପାର୍ବଣ ବିକ୍ରିର ଉତ୍ସାହ ଅନୁଯାୟୀ ବ୍ରାଣ୍ଡ୍ ପକ୍ଷରୁ ବିବାହ ଋତୁରେ ମଧ୍ୟ ଭଲ କାରବାର ସହ ନଭେମ୍ବରରେ ପ୍ରାୟ ୫% ବିକ୍ରି ଅଭିବୃଦ୍ଧିର ଆକଳନ କରାଯାଇଛି। ଏପରିକି ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ନୂତନ ମଡେଲ ଆଶାୟୀ ଗ୍ରାହକଙ୍କୁ ବେଶ୍ ସହାୟ ହେବ ବୋଲି କମ୍ପାନି ପକ୍ଷରୁ ମତବ୍ୟକ୍ତ କରାଯାଇଛି।

ଏ ସମ୍ପର୍କରେ ଏମ୍‌ଏସ୍‌ଆଇଏଲର ଏସ୍‌ଇଓ (ଏମ୍ ଆଣ୍ଡ ଏସ୍) ପାର୍ଥୋ ବାନାର୍ଜୀ କହିଥିଲେ, ଆମେ ଚଳିତ ବର୍ଷର ଅକ୍ଟୋବର ବିକ୍ରି ବୃଦ୍ଧି ଭଳି ନଭେମ୍ବର ମାସର ସ୍ୱତନ୍ତ୍ର ବିକ୍ରି ଅଭିବୃଦ୍ଧି ପାଇଁ ଆଶାବ୍ୟକ୍ତ କରିଛୁ। ଏପରିକି ଚଳିତ ବିବାହ ଋତୁରେ ଆମେ ପ୍ରାୟ ୪ରୁ ୫%ର ବିକ୍ରି ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ବିବାହ ସମୟରେ ଉପହାର ଉପଯୋଗୀ କାର୍ ସମ୍ଭାରର ଲମ୍ବା ଲାଇନ ଆମ ପାଖରେ ରହିଥିଲାବେଳେ ବ୍ରାଣ୍ଡ୍ ବିଭିନ୍ନ ମଡେଲ ଉପରେ ଆକର୍ଷଣୀୟ ସୁବିଧା ମଧ୍ୟ ଉପଲବ୍ଧ କରାଇଛି।

## ଆଇପିଓ ଜରିଆରେ ୯୦୦ କୋଟି ସଂଗ୍ରହ ଲକ୍ଷ୍ୟ

ନୂଆଦିଲ୍ଲୀ,୩ା୧୧

ଦକ୍ଷିଣ ଭାରତର ସର୍ବବୃହତ ହୋଟେଲ ଚେନ୍ (ଶୃଙ୍ଖଳା) ବ୍ରିଗେଡ ହୋଟେଲ ଭେଞ୍ଚର୍ସ ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫଟ ରେଡ ହେରିଂ ପ୍ରସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। ଏପରିକି କମ୍ପାନି ଇନିସିଆଲ ପବ୍ଲିକ ଅଫରିଂ ବା ଆଇପିଓ ଜରିଆରେ ନୂଆ ଶେୟାର ଜାରି କରି ପ୍ରାୟ ୯୦୦କୋଟି ଟଙ୍କା ସଂଗ୍ରହ କରିବ ବୋଲି ଆକଳନ କରାଯାଇଛି। ବ୍ରିଗେଡ ହୋଟେଲ ଭେଞ୍ଚର୍ସ ଲିମିଟେଡ ହେଉଛି, ବ୍ରିଗେଡ ଏଣ୍ଟରପ୍ରାଇଜେସ ଲିମିଟେଡର ଏକ ଶତପ୍ରତିଶତ ସହାୟକ କମ୍ପାନି। ଏହା ଭାରତର ଅନ୍ୟତମ ଅଗ୍ରଣୀ ରିଅଲ ଇଷ୍ଟେଟ ସଂସ୍ଥା ହୋଇଥିଲାବେଳେ ୨୦୦୪ରେ ଏହା ଆତିଥେୟତା କ୍ଷେତ୍ରରେ ପ୍ରବେଶ କରିଥିଲା ଓ ୨୦୦୯ରେ ବେଙ୍ଗାଲୁରୁଠାରେ ଗ୍ରାଣ୍ଡ ମାରକ୍ୟୁର ହୋଟେଲର ଶୁଭାରମ୍ଭ କରିଥିଲା। ସେହିଭଳି କର୍ଣାଟକର ବେଙ୍ଗାଲୁରୁ, ତାମିଲନାଡୁର ଚେନ୍ନାଇ, କେରଳର କୋଚି, କର୍ଣାଟକର ମହୀଶୂର ଓ ଗୁଜରାଟର ଗିଫ୍ଟ ସିଟିଠାରେ ଏହାର ୯ଟି ହୋଟେଲରେ ୧୬୦୪ କୋଠରି ରହିଛି।

## ପାର୍ଥ ପ୍ରତୀମ ବନ୍ଧନ ବ୍ୟାଙ୍କର ନୂଆ ଏମ୍‌ଡି

ନୂଆଦିଲ୍ଲୀ,୩ା୧୧



ପାର୍ଥ ପ୍ରତୀମ ସେନଗୁପ୍ତା

ବନ୍ଧନ ବ୍ୟାଙ୍କର ନୂଆ ଏମ୍‌ଡି ତଥା ସିଇଓ ଭାବେ ପାର୍ଥ ପ୍ରତୀମ ସେନଗୁପ୍ତା ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶେଷ କରି ବ୍ୟବସାୟ, ଋଣ ଓ ପ୍ରଯୁକ୍ତି ଉପରେ ବିଶେଷ ଦଖଲ ରଖିଥିବା ସେନଗୁପ୍ତା ସଫଳତାର ସହ ବୃହତ ବ୍ୟବସାୟ ପରିଚାଳନା କରିଛନ୍ତି। ଅପରପକ୍ଷରେ ସେନଗୁପ୍ତା ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୪ ଜୁଲାଇରୁ ଅନ୍ତରୀଣ ଏମ୍‌ଡି ଓ ସିଇଓ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ରତନ କୁମାର କେଶ ତାଙ୍କ ନିଜ ଭୂମିକା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଚିଫ୍ ଅପରେଟିଂ ଅଫିସର ପଦକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଅଧ୍ୟକ୍ଷ ଡ.ଅନୁପ କୁମାର ସିହ୍ନା କହିଛନ୍ତି,ପାର୍ଥ ପ୍ରତୀମଙ୍କୁ ଆମେ ଆମର ବନ୍ଧନ ପରିବାରକୁ ସ୍ୱାଗତ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ପ୍ରମାଣିତ ରେକର୍ଡ ବନ୍ଧନ ବ୍ୟାଙ୍କର ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ସହ ବନ୍ଧନ୨.୦ କୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପରିକି ତାଙ୍କ ଅଭିଜ୍ଞତା ସାରା ଦେଶରେ ବ୍ୟାଙ୍କର ବଜାର ସ୍ଥିତି ଓ ସମସ୍ତଙ୍କ ପାଇଁ ବ୍ୟାଙ୍କକୁ ସୁଦୃଢ଼ କରିବାରେ ମାର୍ଗଦର୍ଶନ କରିବ। ସେହିଭଳି ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି, ବନ୍ଧନ ବ୍ୟାଙ୍କ ପରିବାରରେ ଯୋଗ ଦେଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି। ଆର୍ଥିକ ସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଓ ସ୍ଥାୟୀ କରିବା ଲାଗି ଗ୍ରାହକ କୈନ୍ଦ୍ରିକ ସମାଧାନରେ ଉନ୍ନତି ଆଣିବା, ବ୍ୟବସାୟ ଓ ନବସୃଜନକୁ ସୁଦୃଢ଼ କରିବା ଉପରେ ମୁଁ ବିଶେଷ ଧ୍ୟାନ ଦେବି। ବିଗତ ବର୍ଷଗୁଡ଼ିକରେ ବନ୍ଧନ ବ୍ୟାଙ୍କ ଟିମ୍ ବହୁତ ଭଲ କାର୍ଯ୍ୟ କରିଛି ଏବଂ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଓ ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟ ପ୍ରଦାନ କରିବା ଦିଗରେ କାମ କରିବା ଲାଗି ମୁଁ ଚାହିଁ ରହିଛି।

## ସେବି ନିକଟରେ ଏଚ୍‌ଡିବିର ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ,୩ା୧୧

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସହାୟକ ସଂସ୍ଥା ଏଚ୍‌ଡିବି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ ବା ଆଇପିଓ ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ ହେରିଂ ପ୍ରସପେକ୍ଟସ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏପରିକି ଏଚ୍‌ଡିଏଫ୍‌ସି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ବିଭିନ୍ନ ପ୍ରକାର ଗ୍ରାହକଙ୍କ ବିବିଧ ଆବଶ୍ୟକତାକୁ ଏହାର ବିତରଣ ନେଟୱର୍କ ଜରିଆରେ ପୂରଣ କରିବା ଲାଗି ଭିନ୍ନ ପ୍ରକାରର ଋଣ ଉତ୍ପାଦ ସାମିଲ ରହିଛି। ଏଣ୍ଟରପ୍ରାଇଜ ଋଣ, ସମ୍ପତ୍ତି ଫାଇନାନ୍ସ ଓ କଞ୍ଜ୍ୟୁମର ଫାଇନାନ୍ସ ଭଳି ତିନିଟି ବ୍ୟବସାୟ ବର୍ଗରେ ଋଣ ପ୍ରଦାନ କରାଯାଉଛି। ଏହା ହେଉଛି ଭାରତର ଅନ୍ୟତମ ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାହକ ଫ୍ରାଞ୍ଚାଇଜ ଏବଂ ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ଏହା ୧୭.୫ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରିଛି। ୨୦୨୨ ମାର୍ଚ୍ଚ ୩୧ ରୁ ୨୦୨୪ ସେପ୍ଟେମ୍ବର ୩୦ ମଧ୍ୟରେ ଏହା ବାର୍ଷିକ ୨୮.୨୨% ହାରରେ ଆଗକୁ ବଢ଼ିଛି। ଏହା ବିଶେଷ କରି ଋଣ ଅନଗ୍ରସର ଅଞ୍ଚଳରେ ନିମ୍ନ ଓ ମଧ୍ୟମ ବର୍ଗର ପରିବାରକୁ ସେବା ପ୍ରଦାନ କରୁଛି। କମ୍ପାନୀ ଏହି ଅଫରରେ ୨୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନୂଆ ଇକ୍ୱିଟି ଶେୟାର ଜାରି କରିବ ଏବଂ ଅଫର ଫର ସେଲରେ ଏଚଡିଏଫସି ବ୍ୟାଙ୍କ ଲିମିଟେଡ ପକ୍ଷରୁ ୧୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଇକ୍ୱିଟି ଶେୟାର ବିକ୍ରି କରାଯିବ। ଏହି ଅଫରରେ ଯୋଗ୍ୟ କର୍ମଚାରୀମାନଙ୍କ ଲାଗି ଇକ୍ୱିଟି ଶେୟାର ସଂରକ୍ଷିତ ରଖାଯିବ। ପ୍ରାକ-ଆଇପିଓ ପ୍ଲେସମେଣ୍ଟର ମଧ୍ୟ ବ୍ୟବସ୍ଥା ରହିଛି। ବିଆର୍‌ଏମ୍‌ଏଲ୍‌ଙ୍କ ସହ କଥାବାର୍ତ୍ତା କରି ଏହା ଉପସ୍ଥାପନ କରାଯିବ। ସେଥିରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ସେହି ଅନୁସାରେ ମୂଳ ଇସ୍ୟୁ ପରିମାଣ ହ୍ରାସ ପାଇବ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ତାହାକୁ କମ୍ପାନି ପକ୍ଷରୁ ଋଣ, ବ୍ୟବସାୟ ଅଭିବୃଦ୍ଧି ଲାଗି ଆବଶ୍ୟକ ପାଣ୍ଠି ପାଇଁ ଏହାର ଟାୟାର-୧ ପୁଞ୍ଜି ଆଧାରକୁ ସୁଦୃଢ଼ କରିବାରେ ବ୍ୟବହାର କରାଯିବ। ଏହି ଇସ୍ୟୁର ବୁକ ରନିଂ ଲିଡ ମ୍ୟାନେଜର ଭାବେ ବିଭିନ୍ନ ପ୍ରତିଷ୍ଠିତ ନିବେଶକ ସଂସ୍ଥାମାନେ ଜଡିତ ରହିଛନ୍ତି।

## ଉନ୍ନତମାନର ମସଲା ଯୋଗାଣକୁ ସିଦ୍ଧି ସ୍ପାଇସେସ୍‌ର ଗୁରୁତ୍ୱ




### ଓଡ଼ିଶା ବଜାରରେ ନୂତନ ମସଲା ଉଦ୍ୟୋଗର ଶୁଭାରମ୍ଭ

ଭୁବନେଶ୍ୱର,୩ା୧୧

ବାଓଭର୍ଟ ଏକ୍ସପର୍ଟ ପ୍ରାଇଭେଟ ଲିମିଟେଡର ପ୍ରମୁଖ କମ୍ପାନୀ ତଥା ନୂତନ ମସଲା ବ୍ରାଣ୍ଡ୍ ସିଦ୍ଧି ସ୍ପାଇସେସର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରେ 'ସିଦ୍ଧି ସ୍ପାଇସେସ୍' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ରୋଟାରୀ କ୍ଲବର ଅଧ୍ୟକ୍ଷା ସଂଯୁକ୍ତା ନାୟକ ଏବଂ ସ୍ୱୟଂ ସିଦ୍ଧି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରୀୟ ଶ୍ରମ ସଚିବ ନାରାୟଣ ତ୍ରିପାଠୀ, ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ସ୍ୱତନ୍ତ୍ର ସଚିବ ବିଭୂତି ଦାସ, କେନ୍ଦ୍ରୀୟ ଶ୍ରମ କଲ୍ୟାଣ ବିଭାଗ ସଚିବ ସଞ୍ଜୀବ ବର୍ମା, ଏକ୍ସଆଇଏମବି ପ୍ରଫେସର ଗୋପାଳ କୃଷ୍ଣ ନାୟକ, କମଳାକାନ୍ତ ମିଶ୍ର ଓ ଅନ୍ୟମାନେ ଅତିଥି ଭାବେ ଯୋଗ ଦେଇଥିଲାବେଳେ କମ୍ପାନିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ସିଦ୍ଧି ସ୍ପାଇସେସର କୁମିନ ପାଉଡର, ବ୍ଲାକ ପିପ୍ପର, କନ୍ଧମାଳ ହଳଦୀ ପାଉଡର, ଚିକେନ ମସଲା, କରିଅଣ୍ଡର ପାଉଡର, ମସରୁମ ମସଲା, ଗରମ ମସଲା, ଚିଲି ପାଉଡର, ମଟନ ମସଲା ଆଦି ବଜାରରେ ଉପଲବ୍ଧ ହେବ। ଏପରିକି ଶୁଦ୍ଧ, ଦେଶୀ ଓ ଜୈବିକ ଉପାୟରେ ପ୍ରସ୍ତୁତ ଉପରୋକ୍ତ ମସଲାଗୁଡିକ ବର୍ତ୍ତମାନ ଓଡ଼ିଶା ବଜାରରେ ଉପଲବ୍ଧ ହେଉଛି।

ସିଦ୍ଧି ସ୍ପାଇସେସର ଏମ୍‌ଡି ପ୍ରତାପ କୁମାର ପ୍ରଧାନ କହିଥିଲେ, ଓଡ଼ିଶା ବଜାରରେ ଆମେ ଆମର ନୂତନ ମସଲା ଉଦ୍ୟୋଗର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କୁ ଆମେ ଉନ୍ନତମାନର ମସଲା ସାଙ୍ଗକୁ ଗୁଣାତ୍ମକ ମାନ ଉତ୍ପାଦ ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ।

## ପ୍ରତି ମିନିଟ୍‌ରେ ୧୦୦୦ ୟୁନିଟ୍ ବିକ୍ରି

ନୂଆଦିଲ୍ଲୀ,୩ା୧୧

ପ୍ରତିଥର ପରି ଚଳିତ ଥରର ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ବା ଏଜିଆଇଏଫ-୨୦୨୪ ଅବଧି ମଧ୍ୟରେ ସର୍ବାଧିକ ୧୪୦ କୋଟି ଗ୍ରାହକ ପ୍ଲାଟଫର୍ମ ପରିଦର୍ଶନର ସାକ୍ଷୀ ହୋଇଥିଲାବେଳେ ୮୫%ରୁ ଅଧିକ ଗ୍ରାହକ ଅଣ ମେଟ୍ରୋ ସହରରୁ ଥିଲେ ବୋଲି ଆକଳନ କରାଯାଇଛି। ଏପରିକି ଏଜିଆଇଏଫ-୨୦୨୪ ସେଲ ସଂଖ୍ୟାରେ ୭୦% ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ଥର ଏଜିଆଇଏଫ ସମୟ ବିକ୍ରି କ୍ଷେତ୍ରରେ ୧ କୋଟି ଟଙ୍କା ଅତିକ୍ରମ କରିଛନ୍ତି। ଏହି ସମୟ ମଧ୍ୟରେ ଏସ୍‌ଏମ୍‌ଇ, ମହିଳା ଉଦ୍ୟୋଗୀ, ବୁଣାକାର ଓ କାରିଗରମାନେ ପ୍ରତି ମିନିଟ୍‌ରେ ୧୦୦୦ୟୁନିଟ୍ ବିକ୍ରି କରିଛନ୍ତି। ଏପରିକି ୪୨,୦୦୦ ରୁ ଅଧିକ ସେଲର ନିଜର ସର୍ବୋଚ୍ଚ ସିଙ୍ଗଲ୍-ଡେ' ସେଲ୍ ହାସଲ କରିଛନ୍ତି। ଏଜିଆଇଏଫ-୨୦୨୪ରେ ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ବ୍ୟବହାର ୫୦%ରୁ ଅଧିକ ରହିଥିଲା। ପ୍ରତି ୩ ଜଣରୁ ଜଣେ ଗ୍ରାହକ ଆମାଜନ ପେ' ୟୁପିଆଇର ବ୍ୟବହାର କରି ପେମେଣ୍ଟ କରିଥିଲେ। ଏପରିକି ଏଜିଆଇଏଫ-୨୦୨୪ ପ୍ରଥମ ୪୮ଘଣ୍ଟା ମଧ୍ୟରେ ସର୍ବାଧିକ ସଂଖ୍ୟକ ପ୍ରାଇମ ସାଇନ୍ ଅପ୍ ହାସଲ କରିଥିଲାବେଳେ ପାର୍ବଣ ସମୟରେ ସପିଙ୍ଗ କରିଥିବା ୭୦% ପ୍ରାଇମ ମେମ୍ବର ଟାୟାର ୨ ଓ ୩ ସହରଗୁଡ଼ିକରୁ ଥିଲେ। ଭାରତର ୯୦୦୦ରୁ ଅଧିକ ପିନକୋଡରେ ପ୍ରାଇମ ମେମ୍ବରମାନେ ଅର୍ଡର ପ୍ଲେସ୍ କରିବାର ୪୮ଘଣ୍ଟା ମଧ୍ୟରେ ଡେଲିଭରି ପାଇଥିଲେ। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କ୍ୟାଟାଗୋରିଜ୍ ବିଭାଗର ଉପାଧ୍ୟକ୍ଷ ସୌରଭ ଶ୍ରୀବାସ୍ତବ କହିଛନ୍ତି, ଏଜିଆଇଏଫ ୨୦୨୪ ବାସ୍ତବରେ ଭାରତର ସବୁଠାରୁ ବଡ ସପିଙ୍ଗ୍ ଇଭେଣ୍ଟରେ ପରିଣତ ହୋଇଛି, ଯାହା ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। ଏପରିକି ଦୈନନ୍ଦିନ ସାମଗ୍ରୀଠାରୁ ଆରମ୍ଭ କରି ଅଧିକ ମୂଲ୍ୟର କ୍ରୟ ପର୍ଯ୍ୟନ୍ତ ସବୁକିଛି ପାଇଁ ସମଗ୍ର ଦେଶରୁ ମିଳିଥିବା ଏହି ଉତ୍ସାହଜନକ ପ୍ରତିକ୍ରିୟା ଆମାଜନ ଇଣ୍ଡିଆ ଉପରେ ଗ୍ରାହକଙ୍କ ଗଭୀର ବିଶ୍ୱାସକୁ ସୂଚିତ କରୁଛି। ଏହି ସେଲ ସମୟରେ ଉତ୍ସାହଜନକ ବ୍ୟାଙ୍କ ରିହାତି ଓ ରିୱାର୍ଡ ସପିଙ୍ଗକୁ ଅଧିକ ସୁଲଭ ଓ ସୁବିଧାଜନକ କରିଥିଲା। ପ୍ରତି ୪ଜଣରୁ ଜଣେ ଗ୍ରାହକ ଆକର୍ଷଣୀୟ ଇଏମ୍‌ଆଇ ଅଫର୍‌ର ଉପଯୋଗ କରିଥିବାବେଳେ ୮୦% ଗ୍ରାହକ ନୋ କଷ୍ଟ ଇଏମଆଇ ଟ୍ରାଞ୍ଜାକ୍ସନର ବ୍ୟବହାର କରିଥିଲେ।

## ଅଭିନେତ୍ରୀଙ୍କୁ ବାଛନ୍ତି ଅଭିନେତା



ତାପସୀ ପନ୍ନୁ

**ମୁମ୍ବାଇ:** ଅଭିନେତ୍ରୀ ତାପସୀ ପନ୍ନୁ ଅନେକ ସୁପରଷ୍ଟାରଙ୍କ ସହ କାର୍ଯ୍ୟ କରିଛନ୍ତି। ଅଭିନେତା ଅମିତାଭ ବଚ୍ଚନଙ୍କ ସହ 'ବଦଲା', ଶାହରୁଖ ଖାନ୍‌ଙ୍କ ସହ 'ଡଙ୍କି' ଆଦି ବହୁ ଫିଲ୍ମରେ ସେ ସୁପରଷ୍ଟାର ଅଭିନେତାଙ୍କ ମୁଖ୍ୟ ନାୟିକା ଭାବେ କାର୍ଯ୍ୟ କରିଛନ୍ତି। ତେବେ ରବିବାର ଏକ ସାକ୍ଷାତ୍‌କାରରେ ତାପସୀଙ୍କର ଏକ ବୟାନକୁ ନେଇ ବଲିଉଡ୍‌ରେ ହଇଚଇ ସୃଷ୍ଟି ହୋଇଛି। ସେ କହିଛନ୍ତି, ସାଧାରଣତଃ ନିର୍ଦ୍ଦେଶକମାନେ ସେମାନଙ୍କ ଫିଲ୍ମକୁ ହିଟ୍ କରାଇବା ପାଇଁ ଷ୍ଟାର୍ ଅଭିନେତାମାନଙ୍କର ଆବଶ୍ୟକ କରିଥାନ୍ତି। ସେମାନେ ବଡ଼ ଅଭିନେତାଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ରୁହନ୍ତି ଓ ତାଙ୍କ କଥାରେ କାର୍ଯ୍ୟ କରନ୍ତି। ବଲିଉଡ୍‌ର ପ୍ରାୟ ୭୫% ଫିଲ୍ମରେ ନାୟିକା କିଏ ହେବେ, ସେନେଇ ଷ୍ଟାର୍ ଅଭିନେତାଙ୍କର ପ୍ରଭାବ ଥାଏ। ସାଧାରଣତଃ ଅଧିକ ଟ୍ରେଣ୍ଡ୍‌ରେ ଥିବା କିମ୍ବା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିପାରୁଥିବା ଅଭିନେତ୍ରୀମାନଙ୍କୁ ଷ୍ଟାର ଅଭିନେତାମାନେ ଚୟନ କରିଥାନ୍ତି। ତେବେ କିଛି ଅଭିନେତ୍ରୀଙ୍କୁ ନେଇ ଷ୍ଟାର୍ ଅଭିନେତାମାନେ ନିଜକୁ ଅସୁରକ୍ଷିତ ମଣିଥାନ୍ତି। ସେମାନେ ଏପରି ଅଭିନେତ୍ରୀଙ୍କ ଚୟନ କରନ୍ତି, ଯେଉଁମାନେ ନିଜ ଅଭିନୟ ମାଧ୍ୟମରେ ପ୍ରାଧାନ୍ୟ ବିସ୍ତାର କରିପାରନ୍ତି ନାହିଁ। ଯେଉଁ ଫିଲ୍ମରେ ଜଣେ ବଡ଼ ଷ୍ଟାର୍ ଅଭିନେତା ରହିଥାନ୍ତି, ସେଥିରେ ଅନ୍ୟ ଅଭିନେତ୍ରୀ ଓ ଅଭିନେତାମାନଙ୍କ ଭୂମିକା ଗୌଣ ହୋଇଯାଇଥାଏ। ବଲିଉଡ୍‌ର ଏପ୍ରକାର ମାନସିକତା ବିରୋଧରେ ପ୍ରତି ଦିନ ଲଢ଼ିବାକୁ ପଡ଼ିଥାଏ ବୋଲି ତାପସୀ ଏହି ସାକ୍ଷାତ୍‌କାରରେ କହିଛନ୍ତି।

### ଫୁର୍‌ସତ୍

## ତାଜ୍ ଫଲକ୍‌ନୁମା ପ୍ୟାଲେସ୍‌ରେ 'ସିକନ୍ଦର'ର ଶୁଟିଂ

ହାଇଦ୍ରାବାଦ

ଲରେନ୍ସ ବିଷ୍ଣୁ ଗ୍ୟାଙ୍ଗ୍ ପକ୍ଷରୁ ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କୁ କ୍ରମାଗତ ଭାବରେ ହତ୍ୟା ଧମକ ଦିଆଯାଉଛି । ତେବେ ଏହାରି ମଧ୍ୟରେ ସେ ସାହସର ସହ ନିଜର ସମସ୍ତ ପୂର୍ବ କାର୍ଯ୍ୟ ସମ୍ବନ୍ଧିତ ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରୁଛନ୍ତି। ଶନିବାର ସଲମାନଙ୍କୁ ମୁମ୍ବାଇ ବିମାନବନ୍ଦରରେ ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲାଙ୍କ ସହ ଦେଖିବାକୁ ମିଳିଥିଲା। ରିପୋର୍ଟ ଅନୁଯାୟୀ, ସଲମାନ ତାଙ୍କ ଫିଲ୍ମ 'ସିକନ୍ଦର'ର ଶୁଟିଂ ପାଇଁ ହାଇଦ୍ରାବାଦ ଯାଇଛନ୍ତି। ସଲମାନ ହାଇଦ୍ରାବାଦର ଐତିହାସିକ ତାଜ୍ ଫଲକ୍‌ନୁମା ପ୍ୟାଲେସ୍‌ରେ ଖୁବ୍ ଶୀଘ୍ର ଏହି ଫିଲ୍ମର ଶୁଟିଂ କରିବେ। ରବିବାର ଜଣେ ଏକ୍ସ' ୟୁଜର୍ ମଧ୍ୟ ତାଜ୍ ଫଲକ୍‌ନୁମା ପ୍ୟାଲେସ୍‌ର କିଛି ଫଟୋ ଏବଂ ଭିଡିଓ ପୋଷ୍ଟ କରି ଏଠାରେ 'ସିକନ୍ଦର' ଶୁଟିଂ ଚାଲିଥିବା ନେଇ କହିଛନ୍ତି। ତେବେ ହାଇଦ୍ରାବାଦର ତାଜ୍ ଫଲକ୍‌ନୁମା ପ୍ୟାଲେସ୍ ସଲମାନଙ୍କ ପାଇଁ ବହୁତ ମହତ୍ତ୍ୱପୂର୍ଣ୍ଣ ରହିଛି। ୨୦୧୪ରେ ଏଠାରେ ତାଙ୍କ ଭଉଣୀ ଅର୍ପିତା ଖାନ୍‌ଙ୍କର ବିବାହ ଅନୁଷ୍ଠିତ ହୋଇଥିଲା।

'ସିକନ୍ଦର' ଫିଲ୍ମରେ ସଲମାନଙ୍କ ସହ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର ଯୋଡ଼ିକୁ ପ୍ରଥମ ଥର ପାଇଁ ଦେଖିବାକୁ ମିଳିବ। ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ସୁନିଲ ଶେଟ୍ଟୀ, ଶର୍ମନ ଜୋଷୀ ଓ ଅଭିନେତ୍ରୀ କାଜଲ ଅଗ୍ରୱାଲ ନଜରକୁ ଆସିବେ। ସାଜିଦ ନାଡିଆଡ୍‌ୱାଲାଙ୍କ ଦ୍ୱାରା ନିର୍ମିତ ଓ ଏ.ଆର୍. ମୁରୁଗାଡୋସ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ବର୍ଷ ମୁକ୍ତିଲାଭ କରିବ। ପ୍ରକାଶ ଯେ, ଗତ ମାସରେ ସଲମାନଙ୍କ ନିକଟତମ ବନ୍ଧୁ ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଥିଲା। ଉକ୍ତ ହତ୍ୟାକାଣ୍ଡ ପରେ ସଲମାନଙ୍କ ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଏବେ ସେ ୱାଇ ପ୍ଲସ୍ ସିକ୍ୟୁରିଟି ସହ କାର୍ଯ୍ୟ କରୁଛନ୍ତି।



ରଶ୍ମିକା ମନ୍ଦାନା

ସଲମାନ ଖାନ୍

## ବୃହତ୍ ଡାଇନୋସର କଙ୍କାଳର ନିଲାମି ହେବ

ପ୍ୟାରିସ୍

ଆସନ୍ତା ୧୬ରେ ଫ୍ରାନ୍ସର ପ୍ୟାରିସ୍‌ରେ ବିଶ୍ୱର ସବୁଠୁ ବଡ଼ ଡାଇନୋସରଙ୍କ ମଧ୍ୟରୁ ଅନ୍ୟତମ ଭଲ୍‌କେନ୍‌ର କଙ୍କାଳର ନିଲାମ କରାଯିବ। ଏନେଇ ଫରାସୀ ଅକ୍ସନ ହାଉସ୍ 'କୋଲିନ୍ ଡୁ ବୋକେଜ ଓ ବାରବ୍ରୋସା' ପକ୍ଷରୁ ଘୋଷଣା କରାଯାଇଛି। ୨୦୧୮ରେ ଆମେରିକାର ୱ୍ୟୋମିଙ୍ଗଠାରେ ଉକ୍ତ କଙ୍କାଳର ଆବିଷ୍କାର କରାଯାଇଥିଲା। ଏହାର ମାପ ୨୦.୫୦ ମିଟର ରହିଥିଲା। ନିଲାମକାରୀ ଓଲିଭିୟର କୋଲିନ୍ ଡୁ ବୋକେଜ କହିଛନ୍ତି, ନିଲାମ ପରେ ଯେଉଁ ବ୍ୟକ୍ତି ଏହି କଙ୍କାଳକୁ କିଣିବେ, ତାଙ୍କୁ ଜିପିଏସ୍ ପଏଣ୍ଟ, ଖନନ ଯୋଜନା ସହ ଏକ ଆର୍କିଓଲୋଜିକାଲ ମାନଚିତ୍ର ଏବଂ ଡାଇନୋସରର ଆନୁଷ୍ଠାନିକ ଭାବେ ପୁନଃ ନାମକରଣ କରିବାର ଅଧିକାର ତଥା ନମୁନାର କପି ରାଇଟ ମଧ୍ୟ ପ୍ରଦାନ କରାଯିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ଖେଳାଳିମାନେ ପ୍ରକୃତ ହିରୋ’




ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଏମ୍‌ପି ବୈଜୟନ୍ତ ପଣ୍ଡା ଓ ଅନ୍ୟ ଅତିଥିମାନେ ପ୍ରତ୍ୟାଶା ରାୟଙ୍କୁ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ■ ପ୍ରତ୍ୟାଶାଙ୍କୁ ଏକଲବ୍ୟ ପୁରସ୍କାର
## ■ ଜୟରାମ ଓ ତନଭି ସମ୍ମାନିତ

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

“ଖେଳାଳିମାନେ ହେଉଛନ୍ତି ପ୍ରକୃତ ହିରୋ। ଏକନିଷ୍ଠ ସାଧନା ଓ କଠିନ ପରିଶ୍ରମ ଦ୍ୱାରା ସେମାନେ ରାଜ୍ୟ ଓ ଦେଶକୁ ଗର୍ବିତ କରିଥାନ୍ତି। ତେବେ ସଫଳତା ପାଇଁ ଏକାଗ୍ରତା ନିହାତି ଆବଶ୍ୟକ। କୃତିତ୍ୱ ଅର୍ଜନ କରୁଥିବା ଖେଳାଳିଙ୍କ ପରିବାରବର୍ଗଙ୍କୁ ମଧ୍ୟ ଅଶେଷ ଧନ୍ୟବାଦ। କାରଣ ସେମାନଙ୍କ ଉଦ୍ୟମ ଦ୍ୱାରା ହିଁ ଖେଳାଳିମାନେ ଆଗକୁ ବଢ଼ିଥାନ୍ତି” ବୋଲି ରବିବାର ୩୨ତମ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରକାଶ କରିଛନ୍ତି। ପୂର୍ବରୁ ତ୍ରୁଟିପୂର୍ଣ୍ଣ ଚୟନ ଯୋଗୁ ଭାରତ ବଡ଼ କ୍ରୀଡ଼ା ପ୍ରତିଯୋଗିତା ଗୁଡ଼ିକରେ ସେପରି ସଫଳତା ପାଇପାରୁ ନ ଥିଲା। ମାତ୍ର ଏବେ ସବୁକିଛି ଠିକ୍ ରହିଥିବାରୁ ଅଧିକ ସଫଳତା ମିଳିପାରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ଅଲିମ୍ପିକ୍ସରେ ଜଣେ ଆଥଲେଟ୍ ଆହତ ହେବା ସତ୍ତ୍ୱେ କିପରି ୧୦,୦୦୦ ମିଟର ରେସ୍ ଫିନିଶ୍ କରିଥିଲେ ଏବଂ ଷ୍ଟ୍ରେଚରରେ ବାହାରକୁ ଆସି ଡାକ୍ତରଖାନା ଯାଇଥିଲେ ତାହାର ସେ ଅବତାରଣା କରିଥିଲେ। ଆହତ ହେବାସତ୍ତ୍ୱେ ସେ କାହିଁକି ଦୌଡ଼ିଥିଲେ ବୋଲି ତାଙ୍କୁ ପଚରା ଯିବାରୁ ସେ କହିଥିଲେ ଯେ, ‘ମୋ ପାଇଁ ପଦକ ଜିତିବା ଯେତେ ବଡ଼ ନ ଥିଲା, ଦେଶପାଇଁ ରେସ୍ ଫିନିଶ୍ କରିବା ସେତେ ଜରୁରୀ ଥିଲା’।

### ଅଲିମ୍ପିକ୍ସରେ ଅଂଶଗ୍ରହଣ ଲକ୍ଷ୍ୟ

ଭଲ ପ୍ରଦର୍ଶନ ଜାରି ରଖି ଆଗାମୀ ଦିନରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ମୋର ମୁଖ୍ୟ ଲକ୍ଷ୍ୟ ବୋଲି ଏକଲବ୍ୟ ପୁରସ୍କାର ଗ୍ରହଣ କରିବାପରେ ପ୍ରକାଶ କରିଛନ୍ତି ରାଜ୍ୟର ତାରକା ସୁଇମର ପ୍ରତ୍ୟାଶା ରାୟ। ଏପରି ଏକ ପୁରସ୍କାର ହାସଲ ପଛରେ ତାଙ୍କ ପରିବାର, କୋଚ୍ ଏବଂ ସାଥି ସୁଇମରଙ୍କର ଅନେକ ଅବଦାନ ରହିଛି। ଏହି ପୁରସ୍କାର ତାଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଛି ବୋଲି ସେ କହିଛନ୍ତି। ପୁରସ୍କାର ଆକାରରେ ପ୍ରତ୍ୟାଶାଙ୍କୁ ୭ ଲକ୍ଷ ଟଙ୍କା, ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଛି। ପ୍ରତିଭା ସମ୍ପନ୍ନ ଆଥଲେଟ୍ ଦଣ୍ଡପତି ମୃତ୍ୟୁମ ଜୟରାମ ଓ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭି ପତ୍ରିଙ୍କୁ ୧,୫୦,୦୦୦ ଟଙ୍କା ଲେଖାଏ ଏବଂ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଟ୍ରଷ୍ଟି ଓ ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ତଥା ଏମ୍‌ପି ବୈଜୟନ୍ତ ପଣ୍ଡା ପୁରସ୍କାରର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରିଚାଳନା ପରାମର୍ଶଦାତା ସୟଦ ମକବୁଲ ଅଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଇମ୍ପାକ୍ଟ ଟ୍ରଷ୍ଟି ପାରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆବାହକ ଶଶାଙ୍କ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ଭୁବନେଶ୍ୱରରେ ୱାଇଏସ୍‌ସିଇର କ୍ରିକେଟ ଟ୍ୟାଲେଣ୍ଟ ହଣ୍ଟ

**ଭୁବନେଶ୍ୱର, ୩।୧୧ (ବିଜୟ ରଣା)**

ଯୁବରାଜ ସିଂ ସେଣ୍ଟର ଅଫ୍ ଏକ୍ସଲେନ୍ସ (ୱାଇଏସ୍‌ସିଇ) ଓ ମର୍ଲିନ ଗ୍ରୁପ୍‌ର କ୍ରୀଡ଼ା ବିଭାଗ କ୍ଲବ ପାଭିଲିଅନ ସହଯୋଗିତାରେ ପୂର୍ବଭାରତରେ ସ୍ୱତନ୍ତ୍ର କ୍ରିକେଟ ଟ୍ୟାଲେଣ୍ଟ ହଣ୍ଟ (ପ୍ରତିଭା ଅନ୍ୱେଷଣ) ନଭେମ୍ବର ୯ରେ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ସେଦିନ ଏକଦିବସୀୟ ଟ୍ରାଏଲ ଆୟୋଜିତ ହେବାକୁ ଯାଉଛି। ଓଡ଼ିଶାରୁ ଉଦୀୟମାନ ଯୁବ କ୍ରିକେଟ ଖେଳାଳିଙ୍କୁ ଚିହ୍ନଟ କରିବା ଓ ପରିପୋଷଣ ଏହାର ଲକ୍ଷ୍ୟ ରହିଛି। ଏହା ବିଶାଲ ଭାଟିଆ (ବିସିସିଆଇ ଲେଭଲ-୧ କୋଚ୍ ତଥା ଯୁବରାଜ ସିଂ ସେଣ୍ଟର ଅଫ୍ ଏକ୍ସଲେନ୍ସ ମୁଖ୍ୟ କୋଚ୍) ଏବଂ ସତ୍ୟେନ୍ଦ୍ର ସିଂ (ବିସିସିଆଇ ଲେଭଲ-୨ କୋଚ୍ ଓ ୱାଇଏସ୍‌ସିଇ ଏଟିପି, କୋଲକାତାର ମୁଖ୍ୟ କୋଚ୍)ଙ୍କ ଦ୍ୱାରା ପରିଚାଳିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୦ରୁ ୧୯ବର୍ଷ ବୟସର ଯୁବ ଖେଳାଳିମାନଙ୍କର ନାମ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ଏକଦିବସୀୟ ଟ୍ରାଏଲରେ ମନୋନୀତ ଖେଳାଳିମାନଙ୍କୁ ୱାଇଏସ୍‌ସିଇର ଅଗ୍ରଣୀ ତାଲିମ କାର୍ଯ୍ୟକ୍ରମ ନିମନ୍ତେ ପୂର୍ଣ୍ଣାଙ୍ଗ ବୃତ୍ତିର ବ୍ୟବସ୍ଥା ରହିଛି; ଯାହାକି କୋଲକାତାରେ ଥିବା ଯୁବରାଜ ସିଂଙ୍କ ସେଣ୍ଟର ଅଫ୍ ଏକ୍ସଲେନ୍ସର ମର୍ଲିନ ରାଇଜ, କ୍ଲବ ପାଭିଲିଅନରେ ହେବ। ଭୁବନେଶ୍ୱର ଭଳି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପାଟନା, ସିଲିଗୁଡ଼ି ଓ କୋଲକାତାରେ ମଧ୍ୟ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ କ୍ରିକେଟର ଯୁବରାଜ ସିଂ କହିଛନ୍ତି, ସେ ଯେତେବେଳେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ସେତେବେଳେ ତାଙ୍କ ଚାରିପାଖରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଥିଲେ। ସେମାନଙ୍କ କ୍ଷେତ୍ରରେ ଆବଶ୍ୟକ ସୁବିଧା ସୁଯୋଗ ଓ ମାର୍ଗଦର୍ଶନ ଅଭାବ ରହିଥିଲା। ପ୍ରତିଭା ଅନ୍ୱେଷଣ ସହ ଏହି ସମସ୍ୟାର ସମାଧାନ ପାଇଁ ଆମର ଏହା ଏକ ପ୍ରୟାସ ବୋଲି ସେ କହିଛନ୍ତି।




ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସର ଦ୍ୱିତୀୟ ଦିବସରେ ଦୁଇ ଖେଳାଳିଙ୍କ ମଧ୍ୟରେ ମୁକାବିଲା।

# ଶ୍ୱେତପଦ୍ମା-ନେହାକୁମାରୀ ଫାଇନାଲ

## ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଲକ୍ଷ୍ମୀସାଗରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସ ଫାଇନାଲରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ଓ ଏଜିର ନେହାକୁମାରୀ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ଶ୍ୱେତପଦ୍ମା ୪-୦ରେ ଭଦ୍ରକର ମୟୂରୀ ଚାଟାର୍ଜୀଙ୍କୁ ଏବଂ ନେହାକୁମାରୀ ୪-୧ରେ ବିଟିଟିଏର ବର୍ଷା ବିସ୍ମୟୀ ପଣ୍ଡାଙ୍କୁ ପରାସ୍ତ କରିଛନ୍ତି। ୧୧ ବର୍ଷରୁ କମ୍ ବାଳିକାରେ ଆରାଧ୍ୟା ସାହୁ, ଗାୟତ୍ରୀ ପଟ୍ଟନାୟକ, ଅନୋଖି ମହାନ୍ତି ଓ ଅନ୍ୱେଷା ଅନିରୁଦ୍ଧ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ବାଳକରେ ସୁବିତ ପ୍ରଧାନ, କିର୍ତ୍ତୀମାନ ଦାସ, ଅଭନେଶ ସୁବ୍ରମଣ୍ୟମ ଓ ସ୍ୱସ୍ତିକ ସିଂ, ୧୫ ବର୍ଷରୁ କମ୍ ବାଳିକାରେ ଆରାଧ୍ୟା ସାହୁ, ଉର୍ଜା ବର୍ମା, ଅନୁସ୍କା ମହାନ୍ତି ଓ ଶ୍ୱେତା ବର୍ମା ସେମିଫାଇନାଲରେ ପହଞ୍ଚିଛନ୍ତି। ୧୫ ବର୍ଷରୁ କମ୍ ବାଳକରେ କ୍ୱାର୍ଟର ଫାଇନାଲ ଚୂଡ଼ାନ୍ତ ହୋଇଛି।

# କିଶୋର କ୍ଲବ, ଭଦ୍ରକ ଏକାଦଶ କ୍ୱାର୍ଟରରେ

**ରାଜକନିକା, ୩।୧୧**
**(ସଞ୍ଜୟ କୁମାର ଦାଶ)**

ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ରାଜେନ୍ଦ୍ର ନାରାୟଣ ଉଚ୍ଚବିଦ୍ୟାଳୟ ମିନି ଷ୍ଟାଡିୟମ୍‌ଠାରେ ଆୟୋଜିତ ୪୩ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରାଜକନିକା କପ୍-୨୦୨୪ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଆୟୋଜକ ରାଜକନିକା ଆଥଲେଟିକ୍ ଆସୋସିଏଶନ ଓ କିଶୋର କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର କ୍ଲବ ୫-୪ ଟାଇବ୍ରେକରରେ ରାଜକନିକା ଆଥ୍‌ଲେଟିକ ଆସୋସିଏଶନକୁ ହରାଇ ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚରେ ମୁଖ୍ୟଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ ଏବଂ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ପାତ୍ର ଓ ସାମାଜିକକର୍ମୀ ପ୍ରବୀର କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସର ଦ୍ୱିତୀୟ ମ୍ୟାଚ ଆଇଏଫ୍‌ସି ରାଉରକେଲା ଓ ଭଦ୍ରକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ୫-୦ ଗୋଲରେ ଆଇଏଫ୍‌ସି ରାଉରକେଲାକୁ ହରାଇ ଦ୍ୱିତୀୟ ଦଳ ଭାବେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚରେ ମୁଖ୍ୟଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସ୍ୱତନ୍ତ୍ର ଅତିଥି ଭାବେ ସାମାଜିକ କର୍ମୀ ବିରଞ୍ଚି ନାରାୟଣ ପଲାଇ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଚିରଞ୍ଜୀବୀ ଦାସ, ଜାଗୁଲାଇପଡ଼ା ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏଶନର ସଭାପତି ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା ଓ ଉପସଭାପତି ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ ନାୟକ, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଇଂ. ପ୍ରଶାନ୍ତ ବିଶ୍ୱାଳ ଓ ପ୍ରାଣବନ୍ଧୁ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ ଏବଂ ଅଜୟ ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ରାଜକନିକା ଆଥଲେଟିକ ଆସୋସିଏଶନର ଖେଳାଳି ଡି. ରାଉତଙ୍କୁ ଓ ଦ୍ୱିତୀୟ ଖେଳରେ ଭଦ୍ରକ ଟିମ୍‌ର ଖେଳାଳି ବିକି ସେଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦୁଇଟି ମ୍ୟାଚକୁ ଜ୍ୟୋତିରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ବାହିନୀପତି, ଏମ.ଡି. ସାକଲିନ ଓ ଶରତ କୁମାର ଜେନା ରେଫରି ଭାବେ ପରିଚାଳନା କରିଥିଲେ। ସୋମବାର ପ୍ରଥମ ମ୍ୟାଚ ଜଗା ୟୁନାଇଟେଡ୍ ଭୁବନେଶ୍ୱର ବନାମ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ଏବଂ ଦ୍ୱିତୀୟ ମ୍ୟାଚ କ୍ରୀଡ଼ା ଛାତ୍ରାବାସ, କଟକ ବନାମ ବୌଦ୍ଧ ଫୁଲବାଣୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ କିଶୋର କ୍ଲବ ଓ ରାଜକନିକା ଆଥ୍‌ଲେଟିକ ଆସୋସିଏଶନର ଖେଳାଳିମାନେ।

## Classified Everyday 0674-2580101, 2549949



REAL ESTATE
SALE

1BHK Ready to move in flats available in Hi-Tech Brundaban Project near Bata-mangala Temple, Puri Town. 9938015048, 9040023313. D-1832

Duplex sale at Bhubaneswar and apartment Kalinganagar DAV School- 9777433701. D-76202

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grand Bazar (NH-16)** ସମ୍ମୁଖରୁ ଅଳ୍ପଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **9658562429.** D-76201




Newly open health benefits spa special offer @799 Bapujinagar. 8 0 1 8 4 2 9 8 0 9 D-76167

Newly open health benefits spa by expert therapist. Contact- 6371861658. D-76165

AFFIDAVIT

I, Mr. Sanjay Kumar Mishra, S/o- Late Rama Chandra Mishra, R/o- Karan Sahi, Kotpad, P.S.- Kotpad, Dist.- Koraput, Odisha, PIN-764058 declare by this affidavit No.-1632 dated 02.11.2024, that now onwards my father name shall be known as ‘RAMA CHANDRA MISHRA’ for all future purposes. D-1830

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Affidavit No.-2750, dt 21.10.2024 before Executive Magistrate, Banki, I, do hereby declare that Premalata Dash, At- Karadapalli, P.O.- Bania, P.S.- Baideswar, Dist.- Cuttack, that I have changed my old name Pramila Dash to Premalata Dash as for same address. I shall be known as new name Premalata Dash for all purposes. D-1831

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦିବାକର ରଥ
୨୬୭/୩୩୫୫, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୬
ତିରୋଧାନ: ୨୧।୧୦।୨୦୦୯
ପୂଜନୀୟ ନନା, ଆଜି ଆପଣଙ୍କର ପଞ୍ଚଦଶତମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ଚଲାପଥରେ ପ୍ରେରଣା ହୋଇ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ।

# ସେମି ଲାଇନଅପ ଚୂଡ଼ାନ୍ତ




ରବିବାର ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲ୍ ମ୍ୟାଚ୍।

## ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ

**ଭୁବନେଶ୍ୱର, ୩।୧୧ (ସରୋଜ ଜେନା)**

ଭୁବନେଶ୍ୱର ନୀଳାଦ୍ରୀବିହାର ସ୍ଥିତ ବିଜୁପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଠାରେ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଙ୍ଘ ଆନୁକୂଲ୍ୟରେ ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପର ସେମି ଫାଇନାଲ ଲାଇନ ଅପ୍ ଚୂଡାନ୍ତ ହୋଇଛି। ପୁରୁଷ ବର୍ଗରେ ପାରସ ମାଥୁର, ଆୟୁଷ ଦାସ, କଲଗା ଜଗଦୀଶ, ଆର୍ଯ୍ୟା ମାଝୀ ଓ ମହିଳା ବର୍ଗରେ ହର୍ଷିତା, ଅଲ୍ୟାଶା, ଶ୍ୱେତାଙ୍ଗି ଓ ଲିଜୁନ ସ୍ୱାଇଁ ସେମିରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଟପ ସିଡ ଭୁବନେଶ୍ୱର୍‌ର ପାରସ ମାଥୁର ୨୧-୧୩, ୨୧-୧୨ ସେଟରେ ବଲାଙ୍ଗୀରର ଅରବିନ୍ଦ ସାହୁଙ୍କୁ, ଅନୁଗୁଳର ଆୟୁଷ ଦାସ ୨୧-୧୪, ୨୧-୧୫ ସେଟରେ ବାଲେଶ୍ୱରର ଅମୟ କୁମାର ନାୟକଙ୍କୁ, ଭୁବନେଶ୍ୱରର କଲଗା ଜଗଦିଶ ୨୧-୧୧, ୨୧-୮ ସେଟରେ ସୁନ୍ଦରଗଡ଼ର ଶ୍ରେୟଂଶ ପରିଡାଙ୍କୁ ଓ ବାଲେଶ୍ୱରର ଆର୍ଯ୍ୟା ମାଝୀ ୨୧-୧୧, ୨୧-୧୧ ସେଟରେ ଖୋର୍ଦ୍ଧାର କେ. ମୁରଲୀ କ୍ରିଷ୍ଣାଙ୍କୁ ହରାଇ ସେମିରେ ପହଞ୍ଚି ଯାଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ହର୍ଷିତା ରାଉତ ୨୧-୧, ୨୧-୩ ସେଟରେ ଭୁବନେଶ୍ୱରର ସୌରକାନ୍ତି ନାଥଙ୍କୁ, ସମ୍ବଲପୁରର ଅଲ୍ୟାଶା ପ୍ରଧାନ ୧୨-୨୧, ୨୧-୧୮ ଓ ୨୧-୧୧ ସେଟରେ କଟକର ବୈଷ୍ଣବୀ କାନୁନଗୋଙ୍କୁ, ବାଲେଶ୍ୱରର ଶ୍ୱେତାଙ୍ଗି ହୋତା ୨୧-୧୫, ୨୧-୧୯ ସେଟରେ କଟକର ଆଦ୍ୟାଶା ମହାପାତ୍ରଙ୍କୁ, ସମ୍ବଲପୁରର ଲିଜୁନ ସ୍ୱାଇଁ ୨୧-୮, ୨୧-୧୪ ପଏଣ୍ଟରେ ଭୁବନେଶ୍ୱରର ଶିବାଙ୍ଗୀ ଦାସଙ୍କୁ ହରାଇଛନ୍ତି।


## ନୋବେଲ ପୁରସ୍କାର-୨୦୨୪/ରସାୟନ ବିଜ୍ଞାନ

# ପ୍ରୋଟିନ୍ ଗବେଷଣାରେ ନୂତନ ଦିଗନ୍ତ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ପ୍ରୋଟିନ୍ ବିକାଶ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଲାଗି ଇଂଲଣ୍ଡର ଗୁଗୁଲ୍ ଡିପ୍ ମାଇଣ୍ଡର ଡେମିସ୍ ହାସାବିସ୍ ଓ ଜନ୍ ଜୁମ୍ପର ଏବଂ ୱାଂଶିଟନ୍ ବିଶ୍ୱବିଦ୍ୟାଳୟର ଡାଭିଡ୍ ବେକର୍ ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ତାଙ୍କ ଗବେଷଣା ମାଧମରେ କୃତ୍ରିମ ମେଧା ସମେତ ଅନ୍ୟାନ୍ୟ ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାର କରି ପ୍ରୋଟିନ୍‌ମାନ ଉଦ୍ଭାବନ କରିବାରେ ସଫଳ ହୋଇପାରିଛନ୍ତି। ଏହାଫଳରେ ପ୍ରୋଟିନ୍ ଗବେଷଣାରେ ସୃଷ୍ଟି ହୋଇଛି ଏକ ନୂତନ ଦିଗନ୍ତ। ନୋବେଲ ପୁରସ୍କାର କମିଟିର ଘୋଷଣା ଅନୁସାରେ ଏହି ପୁରସ୍କାର ରାଶିର ଅର୍ଦ୍ଧେକ ରାଶି ହାସାବିସ୍ ଏବଂ ଜୁମ୍ପର ଏବଂ ଅପର ଅର୍ଦ୍ଧେକ ରାଶି ବେକର୍ ପ୍ରାପ୍ତ ହେବେ।"






ଡାଭିଡ୍ ବେକର୍



ଡେମିସ୍ ହାସାବିସ୍



ଜନ୍ ଏମ୍. ଜୁମ୍ପର

ପ୍ରୋଟିନ୍‌ଗୁଡ଼ିକ ହେଲେ ବିଶାଳ ଏବଂ ଜଟିଳ ଅଣୁ, ଯାହାକି ପ୍ରାୟ ସମସ୍ତ ଜୈବିକ କ୍ରିୟା ପ୍ରକ୍ରିୟା ଲାଗି ଅତ୍ୟାବଶ୍ୟକ। ଏହା ହର୍‌ମୋନ୍, ଏଞ୍ଜାଇମ୍, ପ୍ରତିପିଣ୍ଡ, ଶରୀରର ବିଭିନ୍ନ ତନ୍ତୁ ଗଠନକାରୀ ଉପାଦାନ ଆଦି ରୂପେ କାର୍ଯ୍ୟ କରି ସାମଗ୍ରିକ ଭାବେ ଜୀବନର ମୂଳଭିତ୍ତି ହୋଇଥିବା ରାସାୟନିକ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ ଓ ପରିଚାଳନା କରନ୍ତି। ମାତ୍ର ୨୦ଟି ଆମିନୋ ଅମ୍ଳରୁ ଗଠିତ ହଜାର ହଜାର ସଂଖ୍ୟକ ପ୍ରୋଟିନ୍ କ୍ରିୟାକଳାପ ସେଗୁଡ଼ିକର ସଂରଚନା ଉପରେ ନିର୍ଭର କରେ। ତେଣୁ ତାହାର ଅଧ୍ୟୟନ ଅତି ଗୁରୁତ୍ୱପୂର୍ଣ୍ଣ। ଦୀର୍ଘବର୍ଷ ଧରି ବୈଜ୍ଞାନିକମାନେ ଏହା କରି ଆସୁଛନ୍ତି। ପ୍ରୋଟିନ୍ ବିକାଶ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଲାଗି ଇଂଲଣ୍ଡର ଗୁଗୁଲ୍ ଡିପ୍ ମାଇଣ୍ଡର ଡେମିସ୍ ହାସାବିସ୍ ଓ ଜନ୍ ଜୁମ୍ପର ଏବଂ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଡାଭିଡ୍ ବେକର୍ ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ତାଙ୍କ ଗବେଷଣା ମାଧମରେ କୃତ୍ରିମ ମେଧା ସମେତ ଅନ୍ୟାନ୍ୟ ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାର କରି ପ୍ରୋଟିନ୍‌ମାନ ଉଦ୍ଭାବନ କରିବାରେ ସଫଳ ହୋଇପାରିଛନ୍ତି। ଏହାଫଳରେ ପ୍ରୋଟିନ୍ ଗବେଷଣାରେ ସୃଷ୍ଟି ହୋଇଛି ଏକ ନୂତନ ଦିଗନ୍ତ। ନୋବେଲ ପୁରସ୍କାର କମିଟିର ଘୋଷଣା ଅନୁସାରେ ଏହି ପୁରସ୍କାର ରାଶିର ଅର୍ଦ୍ଧେକ ରାଶି ହାସାବିସ୍ ଏବଂ ଜୁମ୍ପର ଏବଂ ଅପର ଅର୍ଦ୍ଧେକ ରାଶି ବେକର୍ ପ୍ରାପ୍ତ ହେବେ।

**ପୁରସ୍କାର ବିଜୟୀ ଗବେଷଣା :** ହାସାବିସ୍ ଏବଂ ଜୁମ୍ପର ଗୁଗୁଲ ଡିପ୍ ମାଇଣ୍ଡର କୃତ୍ରିମ ମେଧା ବିଜ୍ଞାନାଗାରରେ କାର୍ଯ୍ୟକରି 'ଆଲ୍‌ଫା ଫୋଲ୍‌ଡ' ନାମକ ପ୍ରଯୁକ୍ତିବିଦ୍ୟାର ବିକାଶ ଘଟାଇଛନ୍ତି। ଏହାର ପ୍ରୟୋଗ ହେତୁ ଖୁବ୍ କମ୍ ସମୟ ମଧ୍ୟରେ ଏବଂ ନିର୍ଭରଯୋଗ୍ୟ ଭାବେ ପ୍ରୋଟିନ୍‌ର ଭୌତିକ ସଂରଚନା ନିର୍ଦ୍ଧାରଣ ହୋଇପାରୁଛି। ଜୀବବିଜ୍ଞାନୀମାନେ ଏହାକୁ ବ୍ୟବହାର କରି ବହୁସଂଖ୍ୟକ ଏଞ୍ଜାଇମ, ହର୍‌ମୋନ୍ ଆଦି ଜୈବ ଅଣୁ ଆବିଷ୍କାର କରୁଛନ୍ତି, ଯାହାକି ଜୀବବିଜ୍ଞାନ ଓ ଗବେଷଣା ତଥା ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହୋଇପାରୁଛି।

ଅନ୍ୟପକ୍ଷରେ ବେକର୍ ପ୍ରୋଟିନ୍‌ର ସଂରଚନା ସମ୍ପର୍କରେ ଆଗତ ସୂଚନା ଦେବା ପାଇଁ 'ରୋସେଟା' ନାମକ ଏକ ସଫ୍ଟୱେର ବିକାଶ ଘଟାଇଛନ୍ତି। ଏ ସଫଳତାରୁ ତାଙ୍କ ମନକୁ ଆସିଥିଲା ଏକ ନୂତନ ଚିନ୍ତାଧାରା। ସେ ଏବଂ ତାଙ୍କ ସହଯୋଗୀମାନେ ଏହାକୁ ବିପରୀତ ଦିଗରେ ବ୍ୟବହାର କରି ପରୀକ୍ଷାଟିଏ କରିବାକୁ ଲାଗିଲେ। ସେମାନେ ପ୍ରୋଟିନ୍ ସଂରଚନା ନିର୍ଦ୍ଧାରଣ ଲାଗି 'ରୋସେଟା' ମଧ୍ୟକୁ ଆମିନୋ ଅମ୍ଳଗୁଡ଼ିକର କ୍ରମ ପ୍ରବେଶ ନ କରାଇ ତହିଁରେ ପ୍ରବେଶ କରାଇଲେ ସେମାନଙ୍କ ଚାହିଁବା ମୁତାବକ ଏକ ପ୍ରୋଟିନ୍‌ର ସଂରଚନା ସମ୍ପର୍କରେ ନିର୍ଦ୍ଦେଶ ଏବଂ ଆମିନୋ ଅମ୍ଳ ଫଳରେ ସେଥିରୁ ସମ୍ପୂର୍ଣ୍ଣ ନୂତନ ପ୍ରୋଟିନ୍‌ମାନ ସୃଷ୍ଟି ହେଲା। ଅତଏବ ତାହାକୁ ଅନୁସରଣ କରି ଏବେ ବିଜ୍ଞାନାଗାରମାନଙ୍କରେ ବିଭିନ୍ନ ଜୈବିକ କ୍ରିୟା ସମ୍ପାଦନକ୍ଷମ ନୂତନ ପ୍ରୋଟିନ୍‌ମାନ ପ୍ରସ୍ତୁତ କରିବା ସମ୍ଭବ ହେଉଛି। ଏଗୁଡ଼ିକରେ ରହିଛି ଔଷଧ ଓ ଟିକା ପ୍ରସ୍ତୁତିଠାରୁ ବିବିଧ ଜୈବ ରସାୟନ ଗବେଷଣା କ୍ଷେତ୍ରରେ ପ୍ରୟୋଗ।

**ପୁରସ୍କୃତଙ୍କ ସଂକ୍ଷିପ୍ତ ଜୀବନୀ :** ହାସାବିସ୍ ୧୯୭୬ ମସିହାରେ ଲଣ୍ଡନଠାରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ସେ ଚେସ୍ ଖେଳରେ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିପାରିଥିଲେ। ସେ ୟୁନିଭର୍ସିଟି ଅଫ୍ ଲଣ୍ଡନରୁ ୨୦୦୯ ମସିହାରେ ପିଏଚ୍.ଡି. ଡିଗ୍ରୀ ହାସଲ କରିବା ପରେ ୨୦୧୦ ମସିହାରେ କିଛି ସହଯୋଗୀଙ୍କ ସହିତ ମିଶି 'ଡିପ୍ ମାଇଣ୍ଡ' ନାମକ କୃତ୍ରିମ ମେଧା ଅନୁଷ୍ଠାନ ପ୍ରତିଷ୍ଠା କଲେ। ପରେ ଏହାକୁ କ୍ରୟ କଲା ଗୁଗୁଲ୍। ଆମେରିକାର ଲିଟଲ୍‌ରକ୍‌ଠାରେ ୧୯୮୫ ମସିହାରେ ଜନ୍ମଲାଭ କରିଥିବା ଏବଂ ୨୦୧୭ରେ ଚିକାଗୋ ବିଶ୍ୱବିଦ୍ୟାଳୟାରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିବା ଜୁମ୍ପର ସେହିବର୍ଷ ତାଙ୍କ ସହଯୋଗୀ ଭାବେ ଯୋଗଦେଲେ। ସେଠାରେ ସେମାନେ 'ଆଲ୍‌ଫା ଫୋଲ୍‌ଡ' (Alfa Fold)ର ବିକାଶ ଘଟାଇଥିଲେ।

ଅନ୍ୟପକ୍ଷରେ ବେକର୍ ୧୯୬୨ ମସିହାରେ ଜନ୍ମ ହୋଇଥିଲେ ଆମେରିକାର ୱାଶିଂଟନ୍‌ର ସିଟ୍ଟଲଠାରେ। ସେ ୧୯୮୯ ମସିହାରେ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ଏହାପରେ ସେ ନୂଆ ପ୍ରୋଟିନ୍ ଅଣୁ ଡିଜାଇନ୍ କରିବା ଏବଂ ତାହାର ତ୍ରିସ୍ତରୀୟ ସଂରଚନା ସମ୍ପର୍କରେ ପୂର୍ବ ସୂଚନା ଦେବା ସମ୍ପର୍କରେ ଗବେଷଣା ଚଳାଇଥିଲେ। ଫଳରେ 'ରୋସେଟା'ର ବିକାଶ ଲାଗି ସଫଳତା ମିଳିଲା। ସେ ଏବେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବାଇଓକେମିଷ୍ଟ୍ରି ପ୍ରଫେସର ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରୋଟିନ୍ ଡିଜାଇନ୍‌ର ମୁଖ୍ୟ ରୂପେ କାର୍ଯ୍ୟରତ।

-ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

## ହଜମକ୍ରିୟାକୁ ସକ୍ରିୟ କରେ ଖଜୁରି



ଶରୀର ପାଇଁ ଖଜୁରି ବେଶ୍ ଲାଭଦାୟକ। ଏଥିରେ ଫାଇବର୍, କ୍ୟାଲ୍‌ସିୟମ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ବ୍ୟତୀତ ଅନ୍ୟାନ୍ୟ ଧାତୁ ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା, କିନ୍ତୁ ମୁଖ୍ୟତଃ ଏହାକୁ ସକାଳ ଜଳଖିଆ ଓ ଉପାସ କରିଥିବା ସମୟରେ ଖାଦ୍ୟ ରୂପେ ଖାଇଥାଉ। ଏହା ଭୋକକୁ ଜଲ୍‌ଦି କମାଇବା ସହ ଖାଦ୍ୟ ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏଥିରେ ପ୍ରାକୃତିକ ମିଠା ଭରି ରହିଛି, ଯାହା ଉଭୟ ସ୍ନାୟୁ କୋଷ ଓ ମସ୍ତିଷ୍କ କୋଷକୁ ପୋଷକ ତତ୍ତ୍ୱ ଯୋଗାଏ। ସାଧାରଣତଃ ଉପାସ କରିଥିବା ସମୟରେ ଖାଦ୍ୟ ନ ଖାଇବାରୁ ପେଟରେ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଦେଇଥାଏ। ଏପରି ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେବା ସହ କୋଷ୍ଠକାଠିନ୍ୟ ହେବାରୁ ରକ୍ଷା କରିଥାଏ। ଶରୀରର ହାଡ଼ଗୁଡ଼ିକୁ ଶକ୍ତ କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାକୁ ନିୟମିତ ଖାଇଲେ ତାହା ଓଜନ କମାଇବାରେ ସହାୟକ ହୋଇଥାଏ।

## ସୁସ୍ଥ ମାନସିକତା ଓ ବ୍ରେକ୍‌ଫାଷ୍ଟ



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ଶରୀର ପାଇଁ ବେଶ୍ ଉପକାରୀ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ମାନସିକତାକୁ ସୁସ୍ଥ ରଖିବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ବ୍ରେକ୍‌ଫାଷ୍ଟ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ସବୁବେଳେ ଏହାର ତାଲିକାରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ସାମିଲ କରନ୍ତୁ। ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଆପଣଙ୍କ ମନକୁ ଦିନତମାମ ଭାରାକ୍ରାନ୍ତ କରି ରଖିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ବ୍ୟାୟାମ କରିବାର କିଛି ସମୟ ପରେ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ଏଥିରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ୍, ବିସ୍କୁଟ ବି ଖାଇପାରିବେ।

## ବାତ ମାରିବା ସମୟରେ...




ମନେରଖିବା କଥା ଯେ ବାତମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ। ବାତମାରିଲେ ରୋଗୀ ଢୁଲ୍‌କରି ପଡ଼ିଯାଇପାରେ। ଏହି ସମୟରେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ଏହି ସମୟରେ ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ତା'ର ପାଟିରେ କୌଣସି କାଠି କି ଚାମଚ ରଖନ୍ତୁ ନାହିଁ। ପାଟି ଭିତରେ ହାତ ପୁରାନ୍ତୁ ନାହିଁ। ଏହି ସମୟରେ ନିଜେ ଶାନ୍ତ ରୁହନ୍ତୁ। ରୋଗୀର ବାତମାରିବା ବନ୍ଦ ହୋଇ ଚେତା ଫେରିଆସିଲେ ତା'କୁ ସାନ୍ତ୍ୱନା ଦିଅନ୍ତୁ। କିନ୍ତୁ ବାତମାରିବା ବନ୍ଦ ନ ହେଲେ, ବାରମ୍ବାର ବାତମାରିଲେ କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ। ହେଲେ ମନେରଖନ୍ତୁ, ପ୍ରଥମ ଥର ବାତମାରିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଅପରିହାର୍ଯ୍ୟ।

## କିପରି ହୁଏ କିଡ୍‌ନୀ ଡାୟାଲିସିସ୍



ଡାୟାଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇ ପଡ଼ିଲେ ଡାୟାଲିସିସ୍ ପଦ୍ଧତି ଅନୁସରଣ କରାଯାଏ। ଏହା ରକ୍ତରେ ଥିବା କୋଷିକା ଓ ପ୍ରୋଟିନ୍ ଅଣୁ ଇତ୍ୟାଦିକୁ ରକ୍ତରୁ ବାହାର କରି ନ ଦେଇ ରକ୍ତରେ ଜମି ଯାଇଥିବା ଅଦରକାରୀ ତଥା କ୍ଷତିକାରୀ ଉପାଦାନଗୁଡ଼ିକୁ ରକ୍ତରୁ ନିଷ୍କାସନ କରିଦିଏ। ଡାୟାଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିପର୍‌ମିଏବଲ୍ ପରଦା। ଏହି ପରଦାଟି ସେଲ୍ୟୁଲୋଜ୍ ଏସିଟେଟ୍ କିମ୍ବା ପଲି ୟୁରେଥେନ୍ କିମ୍ବା ନାଇଟ୍ରୋ ସେଲ୍ୟୁଲୋଜ୍ ନାମକ ଉପାଦାନରେ ତିଆରି। ପରଦାଟିରେ ରହିଥାଏ ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ। ସେହି ଛିଦ୍ରଗୁଡ଼ିକ ମଧ୍ୟ ଦେଇ ରକ୍ତରେ ଜମିଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାୟାଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ। ରକ୍ତ କୋଷିକା ଓ ପ୍ରୋଟିନ୍ ଅଣୁ ଭଳି ବଡ଼ ଆକାରର ଉପାଦାନମାନ ଉକ୍ତ ସେମିପର୍‌ମିଏବଲ୍ ପରଦାକୁ ଭେଦି ଅନ୍ୟପଟକୁ ଯାଇପାରନ୍ତିନି। ଆକ୍ୟୁଟ୍ ରେନାଲ୍ ଫେଲ୍ୟୁଓର୍‌ରେ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ସମ୍ଭବ ହୋଇ ପାରୁନଥିବା ରୋଗୀମାନଙ୍କ ପାଇଁ ଡାୟାଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।

## ସ୍କିଜୋଫ୍ରେନିୟାର ଲକ୍ଷଣ



ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀର ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ନିଜେ ମନେମନେ କଥା ହୁଅନ୍ତି। ଶୂନ୍ୟରେ ଜବାବ ଦିଅନ୍ତି, ମନକୁ ମନ ହସନ୍ତି ଓ କାନ୍ଦନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥାନ୍ତି। ଅନେକ ରୋଗୀ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନ ମଧ୍ୟ କରିଥାନ୍ତି। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ।

## ସ୍ୱା ସ୍ଥ୍ୟ ସୂ ଚ ନା

➤ବୟସ ବଢ଼ିବା ସହ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ, ଯୋଗ ଏବଂ ପ୍ରାଣାୟାମ ଆଦି ସାମିଲ କରନ୍ତୁ। ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।


➤ବ୍ୟାୟାମ କରିବା ସମୟରେ ଯଦି ଅଧିକ ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ। ବ୍ୟାୟାମ କରିବା ଭିତରେ ଅଧିକ ପାଣି ଆଦୌ ପିଅନ୍ତୁ ନାହିଁ।

➤ନିୟମିତ ସମୟ ବ୍ୟବଧାନରେ ନିଜର ଦୃଷ୍ଟିଶକ୍ତି ପରୀକ୍ଷା କରାଇ ନିଅନ୍ତୁ। ବୟସ ଅଧିକ ହୋଇଥିଲେ ମୋତିଆ ବିନ୍ଦୁ ଏବଂ ରେଟିନା ପରି ସମସ୍ୟାର ପରୀକ୍ଷା କରାଇ ନେବା ନିହାତି ଦରକାର।

➤ଯଦି ଆପଣ ନିୟମିତ ଔଷଧ ଖାଉଛନ୍ତି ତେବେ ସେଗୁଡ଼ିକୁ ଏପରି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ସାଙ୍ଗେ ସାଙ୍ଗେ ପାଇପାରିବେ।

➤ନିଜକୁ ସୁସ୍ଥ ରଖିବା ଲାଗି କେତୋଟି ସାଧାରଣ କଥା ପ୍ରତି ନଜର ଦେବାକୁ ପଡ଼ିଥାଏ। ନିଜକୁ ଅବସାଦ, ଟେନ୍‌ସନ୍ ଆଦିଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।

➤କୌଣସି ରୋଗ କିମ୍ବା ମେଡିସିନ୍ ଉପରେ ଯଥେଷ୍ଟ ଅଭିଜ୍ଞତା ନ ଥାଇ କାହାକୁ ସେ ବିଷୟରେ ଆଦୌ ଉପଦେଶ ଦିଅନ୍ତୁ ନାହିଁ। ଏ ବିଷୟରେ ସବୁବେଳେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ସ୍ୱାସ୍ଥ୍ୟୋପକାରୀ ଅମୃତଭଣ୍ଡା



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ଆମର ଦୈନନ୍ଦିନ ତରକାରିରେ ବ୍ୟବହାର କରୁଥିବା ପରିବା ମଧ୍ୟରେ ଅମୃତଭଣ୍ଡା ଅନ୍ୟତମ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ। ଏହାର ପତ୍ରରେ ଜୀବନ ରକ୍ଷାକାରୀ ଔଷଧୀୟ ଗୁଣବତ୍ତା ଭରପୂର ହୋଇ ରହିଛି। ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଅମୃତଭଣ୍ଡା ପତ୍ର ଓ ଫଳ ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ ବୋଲି ଉଲ୍ଲେଖ ରହିଛି। ଅମୃତଭଣ୍ଡା ପତ୍ରର ସ୍ୱରସରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି। ଏହାର ପତ୍ରରେ ଭିଟାମିନ୍-ଏ, ବି, ସି, ଡି, ଇ ପୋଷକତତ୍ତ୍ୱ, ଖଣିଜପଦାର୍ଥ ଓ କ୍ୟାଲସିୟମ ରହିଛି। ଅମୃତଭଣ୍ଡା ପତ୍ରର ସ୍ୱରସ ସେବନ କରିବାର ୨୪ ଘଣ୍ଟା ଭିତରେ, ଶରୀରରେ ଡବ୍ଲ୍ୟୁବିସି (ଶ୍ୱେତ ରକ୍ତକଣିକା) ଓ 'ପ୍ଲେଟଲେଟ'ର ମାତ୍ରା ତୁରନ୍ତ ବୃଦ୍ଧି ପାଇଥାଏ। ଏହି ସ୍ୱରସ ପ୍ରାୟତଃ ୩-୫ ଦିନ ସେବନ କରିବା ଦ୍ୱାରା ରୋଗୀ ଶୀଘ୍ର ସୁସ୍ଥ ହୋଇଥାଏ। ବୟସ୍କ ଓ ପିଲା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେଲେ ଉଭୟେ ଅମୃତଭଣ୍ଡା ପତ୍ର ସ୍ୱରସକୁ ଔଷଧ ରୂପେ ସେବନ କରିପାରିବେ। ବର୍ତ୍ତମାନ ଅମୃତଭଣ୍ଡା ପତ୍ର ସ୍ୱରସରୁ ବଟିକା ପ୍ରସ୍ତୁତ କରାଯାଇ ଚରକ, ଡାବର, ହିମାଳୟ, ଆଦି ବିଭିନ୍ନ ଔଷଧ କମ୍ପାନୀଙ୍କ ଦ୍ୱାରା ବଜାରରେ ବିକ୍ରି ହେଲାଣି। ଅମୃତଭଣ୍ଡା ପତ୍ର ସ୍ୱରସ ସେବନ ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀକୁ ଉପଶମ କରିବା ସହ କର୍କଟ, ସ୍ତନ କର୍କଟ, ହୃଦ୍‌ରୋଗ, ମଧୁମେହ ରୋଗୀଙ୍କ ପାଇଁ ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ଶରୀରରେ ଇନ୍‌ସୁଲିନ୍‌ର ମାତ୍ରାକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ଥଣ୍ଡା କାଶରୁ ଏହା ଉପଶମ ଦେବା ସହ ଉଚ୍ଚ ରକ୍ତ ଚାପକୁ ସନ୍ତୁଳିତ ରଖିଥାଏ। ଏହାର ପତ୍ରକୁ ଶୁଖାଇ ଉଷୁମ ପାଣିରେ ବାଟି ପେଷ୍ଟ କରି ମୁହଁରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ। ଅମୃତଭଣ୍ଡା ପତ୍ରର ସ୍ୱରସ ଟିକେ କଡ଼ା, କିନ୍ତୁ ଆମ ସ୍ୱାସ୍ଥ୍ୟ ପାଇଁ ଏହା ଅନେକାଂଶରେ ଉପକାରୀ। ଏହା ଶରୀରରେ ଓଜନ ହ୍ରାସ କରାଇଥାଏ। ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତି ପ୍ରତିଦିନ ଖାଲି ପେଟରେ ଅମୃତଭଣ୍ଡାକୁ ସିଝାଇ ସକାଳୁ ଖାଇପାରନ୍ତି।



ଅମୃତଭଣ୍ଡାରେ ଶରୀରରେ ହେଉଥିବା ମାରାତ୍ମକ ରୋଗକୁ ପ୍ରତିରୋଧ କରିବା କ୍ଷମତା ଏଥିରେ ରହିଛି। ପେଟରେ ସୃଷ୍ଟି ହେଉଥିବା ଅମ୍ଳକୁ ହ୍ରାସ କରାଇବା, ପେଟ ସଫା ରଖିବା, ହଜମ ପ୍ରକ୍ରିୟାକୁ କ୍ରିୟାଶୀଳ କରାଇବା ସହ ମଳକଣ୍ଟକ, ଅତ୍ୟଧିକ ରକ୍ତସ୍ରାବକୁ କମାଇବା, ନାରୀମାନଙ୍କ ମାସିକ ଋତୁସ୍ରାବ ଅନିୟମିତତାକୁ ନିୟମିତ କରିବା ସହ ଶରୀରରେ ପୀଡ଼ାକୁ ପ୍ରଶମିତ କରିଥାଏ। ଏହା ପେଟର ଯାବତୀୟ ରୋଗ ଉପଶମ କରିବା ସହ ତ୍ୱଚାକୁ ସତେଜ ରଖିଥାଏ। ଅମୃତଭଣ୍ଡାରେ ତନ୍ତୁଜାତୀୟ ପଦାର୍ଥ ରହିଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅମୃତଭଣ୍ଡାକୁ ବିଭିନ୍ନ ପ୍ରକାର ତରକାରି କରି ଖିଆଯାଇଥାଏ। ପାଚିଲା ଅମୃତଭଣ୍ଡା ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏଥିରେ ବହୁମାତ୍ରାରେ ଜୀବନୀ ଶକ୍ତି ରହିଛି। ଅମୃତଭଣ୍ଡାକୁ କଞ୍ଚା ଓ ପାଚିଲାରେ ବହୁ ମାତ୍ରାରେ ଖାଦ୍ୟ ଭାବେ ଖାଇବା ନିତାନ୍ତ ଜରୁରୀ। ଏପରି ସ୍ୱାସ୍ଥ୍ୟୋପଯୋଗୀ ଅମୃତଭଣ୍ଡାକୁ ଆମେ ନିଜ ନିଜର ବାଡ଼ିବଗିଚାରେ ଲଗାଇବା ଉଚିତ, ଯଦ୍ୱାରା ଆମେ କିଛି ମୁକ୍ତ ଅମ୍ଳଜାନ ପାଇବା ସହ ସହଜରେ ଏହି ଫଳ ପାଇପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

ଧରିତ୍ରୀ
DHARITRI



# ଟିକେଟର ମୂଲ୍ୟ ୮୦୦ରୁ ୨୦,୦୦୦ ଟଙ୍କା



ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ**

ଭୁବନେଶ୍ୱର, ୩।୧୧ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ରବିବାର କଟକସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷକରି ଆସନ୍ତାବର୍ଷ ଫେବୃଆରୀ ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତିକୁ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ମ୍ୟାଚ ବେଳେ ସେ ସମସ୍ତ ପ୍ରକାର ନିଷ୍ପତ୍ତି ନେଇପାରିବେ। ମ୍ୟାଚର ସୁପରିଚାଳନା ପାଇଁ ସେ ବିଭିନ୍ନ କମିଟି ଓ ସବ୍-କମିଟି ଗଠନ କରିପାରିବେ। ବୈଠରେ ଷ୍ଟାଡିୟମର ମୋଟ ଆସନ କ୍ଷମତା ୪୪, ୫୨୪ ବୋଲି ସ୍ପଷ୍ଟ କରାଯାଇଛି। ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନ ହେଟେଲରେ ଉଭୟ ଭାରତ ଓ ଇଂଲଣ୍ଡ ଦଳର ଖେଳାଳିମାନଙ୍କ ରହଣି ବ୍ୟବସ୍ଥା କରାଯାଇଛି। ଏହି ଅନ୍ତର୍ଜାତୀୟ ମ୍ୟାଚ ପାଇଁ ବିଭିନ୍ନ ଷ୍ଟାଣ୍ଡ ଲାଗି ଟିକେଟର ମୂଲ୍ୟ ଘୋଷଣା କରାଯାଇଛି। ତଦନୁସାରେ ଗ୍ୟାଲେରି-୧ ଟିକେଟର ମୂଲ୍ୟ ୧୨୦୦ ଟଙ୍କା ରଖାଯାଇଛି। ସେହିପରି ଗ୍ୟାଲେରି-୨ର ୧୦୦୦ ଟଙ୍କା, ଗ୍ୟାଲେରି-୩ର ୧୨୦୦ ଟଙ୍କା, ଗ୍ୟାଲେରି-୪ର ୧୦୦୦ ଟଙ୍କା, ଗ୍ୟାଲେରି ୫ର ୧୫୦୦ ଟଙ୍କା, ଗ୍ୟାଲେରି-୬ର ୧୨୦୦ ଟଙ୍କା ଏବଂ ଗ୍ୟାଲେରି ୭ର ଟିକେଟ ମୂଲ୍ୟ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ସ୍ପେସାଲ ଏନ୍‌କ୍ଲୋଜର ଟିକେଟ ମୂଲ୍ୟ ୭,୦୦୦ ଟଙ୍କା ରଖାଯାଇଥିବା ବେଳେ ଏସି ଗ୍ୟାଲେରି ବକ୍ସ ୯,୦୦୦ ଟଙ୍କା, ନ୍ୟୁପାଭିଲିଅନ ୧୦,୦୦୦ ଟଙ୍କା ଏବଂ କର୍ପୋରେଟ୍ ବକ୍ସ ପାଇଁ ସର୍ବାଧିକ ୨୦,୦୦୦ ଟଙ୍କା ରଖାଯାଇଛି। ଏସ୍‌ଜିଏମ୍‌ରେ ଉପସ୍ଥିତ ଥିବା ଓସିଏ କର୍ମକର୍ତ୍ତାମାନେ ହେଲେ ଉପ-ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଓସିଏର ସଦସ୍ୟଗଣ ଉପସ୍ଥିତ ଥିଲେ।

# ଭାରତର ଲଜ୍ଜାଜନକ ହ୍ୱାଇଟ୍‌ୱାଶ୍

■ ଅନ୍ତିମ ଟେଷ୍ଟ ଜିତିଲା ନ୍ୟୁଜିଲାଣ୍ଡ
■ ୧୯୩୪ ପରେ ସବୁଠୁ ଖରାପ ପ୍ରଦର୍ଶନ

ମୁମ୍ବାଇ,୩।୧୧(ପି.ଟି.)

ଭାରତ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟକୁ ୨୫ ରନ୍‌ରେ ଜିତିବା ସହ ସିରିଜ୍ ହ୍ୱାଇଟ୍‌ୱାଶ୍ କରିଛି ନ୍ୟୁଜିଲାଣ୍ଡ। ପ୍ରଥମ ଥର ଭାରତ ମାଟିରେ ନ୍ୟୁଜିଲାଣ୍ଡ ୩-୦ରେ ସିରିଜ୍ ଜିତି କ୍ଲିନ୍ ସୁଇପ୍ ରେକର୍ଡ କରିଛି। ଭାରତକୁ ବିଜୟ ପାଇଁ ମାତ୍ର ୧୪୭ ରନ ଆବଶ୍ୟକ ଥିବାବେଳେ ବ୍ୟାଟରଙ୍କ ବିଫଳତା କାରଣରୁ ଦଳ ମାତ୍ର ୧୨୧ ରନ୍‌ରେ ଅଲଆଉଟ ହୋଇଥିଲା। ଏହା ସହ ଭାରତୀୟ ଟେଷ୍ଟ ଇତିହାସରେ ଏହା ସବୁଠାରୁ ଖରାପ ପ୍ରଦର୍ଶନ ରହିଛି। ୧୯୩୪ରେ ଟେଷ୍ଟ ଖେଳିବା ପରଠାରୁ ଭାରତ କେବେ ହେଲେ ୩-୦ରେ ପରାଜିତ ହୋଇ ନ ଥିଲା।




ଟ୍ରଫି ସହ ଉଲ୍ଲସିତ ନ୍ୟୁଜିଲାଣ୍ଡ ଦଳ।

ପ୍ରଥମ ଦୁଇ ଦିନରେ ୨୯ ଉଇକେଟର ପତନ ଘଟିଥିବା ବେଳେ ତୃତୀୟ ଦିନରେ ୧୧ ଉଇକେଟ ଖସିଥିଲା। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୭୧/୯ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ମାତ୍ର ୩ ରନ୍ ଯୋଡ଼ି ଅନ୍ତିମ ଉଇକେଟ ହରାଇଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୫ ଉଇକେଟ ନେଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ୩, ୱାଶିଂଟନ୍ ସୁନ୍ଦର ଓ ଆକାଶ ଦୀପ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ସମ୍ମୁଖରେ ୧୪୭ ରନ୍‌ର ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ପୁନର୍ବାର ସ୍ପିନ୍ ଖେଳିବାର ଦୁର୍ବଳତା ସାମ୍ନାକୁ ଆସିଥିଲା।

ଭାରତୀୟ ବ୍ୟାଟରମାନେ ମାତ୍ର ୨୯.୧ ଓଭରରେ ୧୨୧ ରନ୍ କରି ଅଲଆଉଟ ହୋଇଥିଲେ। ନ୍ୟୁଜିଲାଣ୍ଡ ସ୍ପିନରମାନେ ୯ ଉଇକେଟ ନେଇଥିବା ବେଳେ କେବଳ ରୋହିତ ଶର୍ମା ମ୍ୟାଟ୍ ହେନରୀଙ୍କ ବଲ୍‌ରେ ଆଉଟ ହୋଇଥିଲେ। ୨୯ ରନ୍‌ରେ ଭାରତ ଏହାର ଟପ୍ -୫ ବ୍ୟାଟରଙ୍କୁ ହରାଇ ସାରିଥିଲା। ରୋହିତ ଶର୍ମା(୧୧), ଯଶସ୍ୱୀ ଜୟସ୍ୱାଲ(୫), ବିରାଟ କୋହଲି(୧), ଶୁବମନ ଗିଲ୍(୧) ଓ ସର୍ଫରାଜ ଖାଁ(୧) ରନ୍ କରିଥିଲେ। ପରାଜୟ କେବଳ ଔପଚାରିକତା ଥିବାବେଳେ ରିଷଭ ପନ୍ତ ଲଢୁଆ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ରବୀନ୍ଦ୍ର ଜାଡେଜା(୬)ଙ୍କୁ ସାଥୀ କରି ପନ୍ତ ଷଷ୍ଠ ଉଇକେଟରେ ୪୨ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୭୧ରେ ଜାଡେଜା ଓ ୧୦୭ରେ ସପ୍ତମ ଖେଳାଳି ଭାବରେ ପନ୍ତ ଆଉଟ ହୋଇଥିଲେ। ପନ୍ତ ଆଉଟ ହେବା ଆଗରୁ ୫୭ ବଲ୍ ଖେଳି ୯ ଚୌକା ଓ ୧ ଛକା ସହାୟତାରେ ୬୪ ରନ୍ କରିଥିଲେ। ଭାରତର ୮ ଜଣ ଖେଳାଳି ଦୁଇଅଙ୍କ ଛୁଇଁପାରି ନ ଥିଲେ। କେବଳ ରିଷଭ ପନ୍ତ, ରୋହିତ ଶର୍ମା ଓ ୱାଶିଂଟନ ସୁନ୍ଦର ୨ ଅଙ୍କରେ ପହଞ୍ଚିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଏଜାଜ୍ ପଟେଲ ୬, ଗ୍ଲେନ୍ ଫିଲିପ୍ସ ୩ ଓ ମ୍ୟାଟ୍ ହେନରୀ ୧ ଉଇକେଟ ନେଇଥିଲେ। ଏଜାଜ୍ ପଟେଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ୱିଲ ୟଙ୍ଗଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୨୩୫/୧୦। ଭାରତ ପ୍ରଥମ ଇନିଂସ ୨୬୩/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୪୫.୫ ଓଭରରେ ୧୭୪/୧୦ (ୱିଲ ୟଙ୍ଗ-୫୧, ଗ୍ଲେନ୍ ଫିଲିପ୍ସ-୨୬, ଡେଭନ୍ କନ୍‌ୱେ-୨୨, ରବୀନ୍ଦ୍ର ଜାଡେଜା-୫/୫୫, ରବିଚନ୍ଦ୍ରନ ଅଶ୍ୱିନ୍-୩/୬୩, ଆକାଶ ଦୀପ୍-୧/୧୦, ୱାଶିଂଟନ୍ ସୁନ୍ଦର-୧/୩୦)। ଭାରତ ଦ୍ୱିତୀୟ ଇନିଂସ ୨୯.୧ ଓଭରରେ ୧୨୧/୧୦ (ରିଷଭ ପନ୍ତ-୬୪, ୱାଶିଂଟନ୍ ସୁନ୍ଦର-୧୨, ରୋହିତ ଶର୍ମା-୧୧, ଏଜାଜ ପଟେଲ-୬/୫୭, ଗ୍ଲେନ୍ ଫିଲିପ୍ସ-୩/୪୨, ମ୍ୟାଟ ହେନରୀ-୧/୧୦)।




ଆଇଟିଏଫ୍ ଟେନିସ ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଆଇଟିଏଫ୍ ଟେନିସ୍ ଟୁର୍ନାମେଣ୍ଟ ଆରମ୍ଭ

ଭୁବନେଶ୍ୱର,୩।୧୧
(ସରୋଜ ଜେନା)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଟେନିସ ଆସୋସିଏଶନ ତରଫରୁ ରାଜ୍ୟରେ ଆଇଟିଏଫ୍ ପୁରୁଷ ଟେନିସ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ୧୦ ତାରିଖ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ୧୦ ଦେଶରୁ ୮୮ ପ୍ରଫେଶନାଲ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳା ଯାଇଥିଲା। ବିଷ୍ଣୁ ବର୍ଦ୍ଧନ ୬-୧, ୬-୧ରେ ଓମାର ରେହାନ ସୁମାରଙ୍କୁ, ଭିକି ସାଗୋଲଶେମ ୦-୬, ୬-୧ ଓ ୧୦-୫ ଟାଇବ୍ରେକରରେ ପ୍ରଜ୍ୱଳ ତିୱାରୀଙ୍କୁ ପରାସ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାନ୍ତ ବନ୍ଥିଆ ୬-୦, ୬-୧ରେ ଆଦିତ୍ୟ ଶତପଥୀଙ୍କୁ ଓ ଅଜୟ ମଲିକ ୬-୨, ୬-୩ରେ କାହିର୍ ୱାରିକଙ୍କୁ ପରାସ୍ତ କରିଥିଲେ। ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ଦିମିତି ବାସକୋଭ ଓ ବିକ୍ରମଜିତ ସିଂ ଚାୱଲା ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବାସକୋଭ ୬-୦, ୬-୦ରେ ପରମ ଚନ୍ଦ୍ରାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ବିକ୍ରମଜିତ ୭-୬(୮) ଓ ୬-୩ ସେଟରେ ସୌର୍ଯ୍ୟ ମାଣିକଙ୍କ ବିପକ୍ଷରେ ବିଜୟୀ ହୋଇଥିଲେ।

# ବ୍ୟାଟରଙ୍କ ଖରାପ ପ୍ରଦର୍ଶନ ଚିନ୍ତା ବଢ଼ାଇଛି: ରୋହିତ

ମୁମ୍ବାଇ,୩।୧୧(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ହ୍ୱାଇଟ ୱାଶ୍ ପରେ ବ୍ୟାଟରଙ୍କ ପ୍ରଦର୍ଶନକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା। ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ପୂର୍ବରୁ ଏହା ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇଛି ବୋଲି ରୋହିତ କହିଛନ୍ତି। ତେବେ ଅଷ୍ଟ୍ରେଲିଆରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରୋହିତ ଶର୍ମା ନିଜେ ଏହି ସିରିଜ୍‌ରେ ୯୧ ରନ୍ କରିଥିବା ବେଳେ ବିରାଟ କୋହଲି ମାତ୍ର ୯୩ ରନ୍ କରିଥିଲେ। ଦୁଇ ସିନିୟର ବ୍ୟାଟର ଖରାପ ପ୍ରଦର୍ଶନ କରିବା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ରୋହିତ କହିଛନ୍ତି, ଯାହା ହେବା କଥା ହୋଇ ସାରିଲାଣି। ବର୍ତ୍ତମାନ ଏହାକୁ ଚିନ୍ତା ନ କରି କିଭଳି ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିବାକୁ ହେବ ତା' ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ ।

**ବିସିସିଆଇ ଟାର୍ଗେଟରେ ସିନିୟର**


ସିରିଜ୍ ହ୍ୱାଇଟ୍ ୱାଶ୍ ପରେ ବିସିସିଆଇର ନଜର କିଛି ସିନିୟର ଖେଳାଳିଙ୍କ ଉପରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଶେଷ ହେବା ପରେ ସିନିୟର ଖେଳାଳି ଦଳରୁ ବାହାର ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ବିରାଟ କୋହଲି, ରୋହିତ ଶର୍ମା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟରୁ ଅନ୍ୟୂନ ୨ ଜଣ ଖେଳାଳିଙ୍କୁ ଅବସର ଦେବାର ଯୋଜନା ରହିଛି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ ଏକ ବୈଠକ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ଦ୍ୱିତୀୟ ସ୍ଥାନକୁ ଖସିଲା ଭାରତ

**ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂ**

ଦୁବାଇ, ୩।୧୧ (ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୩-୦ରେ ଲଜ୍ଜାଜନକ ପରାଜୟ ପରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି)ରେ ପ୍ରଥମରୁ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ମୁମ୍ବାଇରେ ଅନୁଷ୍ଠିତ ତୃତୀୟ ତଥା ଫାଇନାଲ ଟେଷ୍ଟରେ ଭାରତ ରବିବାର ନ୍ୟୁଜିଲାଣ୍ଡଠାରୁ ୨୫ ରନରେ ପରାଜୟ ସହ ୦-୩ରେ ହ୍ୱାଇଟ୍ ୱାଶ ହୋଇଛି। ଫଳରେ ୧୯୯୯-୨୦୦୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜ ୨-୦ରେ ହାରିବା ପରଠାରୁ ଏହା ଭାରତର ପ୍ରଥମ ପରାଜୟ। ପୁନଶ୍ଚ ଭାରତ ପ୍ରଥମ ଥର ନିଜ ମାଟିରେ ଏକ ଟେଷ୍ଟ ସିରିଜ ୩-୦ରେ ପରାଜିତ ହୋଇଛି। ଡବ୍ଲୁଟିସି ସାଇକେଲରେ ଭାରତର ଏହା ହେଉଛି ୫ମ ପରାଜୟ। ଫଳତଃ ଦଳର ପଏଣ୍ଟ ପ୍ରତିଶତ ୬୨. ୮୨ରୁ ୫୮.୩୩କୁ ହ୍ରାସ ପାଇଛି। ଏଥିସହିତ ଦଳ ବର୍ତ୍ତମାନର ଚାମ୍ପିୟନ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ଅଷ୍ଟ୍ରେଲିଆ ୬୨.୫୦ ପ୍ରତିଶତ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିନେଇଛି। ଭାରତ ବର୍ତ୍ତମାନ ଡାଉନ୍ ଅଣ୍ଡରରେ ୫ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଖେଳିବ। ପ୍ରଥମ ଦୁଇ ସ୍ଥାନ ପାଇଁ ଉଭୟ ଦଳ ଲାଗି ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହାର ଅବଶିଷ୍ଟ ମ୍ୟାଚଗୁଡ଼ିକ ମଧ୍ୟରୁ ଅଧିକାଂଶରେ ବିଜୟ ଲାଭ କରିବ ବୋଲି ମନେ କରାଯାଉଥିଲା। ଏଥିସହିତ ଦଳ କ୍ରମାଗତ ତୃତୀୟ ଥର ପାଇଁ ଡବ୍ଲୁଟିସି ଫାଇନାଲରେ ପ୍ରବେଶ କରିବ ବୋଲି ମଧ୍ୟ ଆଶା କରାଯାଉଥିଲା। ମାତ୍ର ପରିସ୍ଥିତି ବଦଳି ଯାଇଛି। ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଭାରତକୁ ଅବଶିଷ୍ଟ ୫ ମ୍ୟାଚରୁ ୪ଟିରେ ବିଜୟ ହାସଲ କରିବାକୁ ପଡ଼ିବ; ଯାହାକି ଅଷ୍ଟ୍ରେଲିଆରେ ଚ୍ୟାଲେଞ୍ଜପୂର୍ଣ୍ଣ ହେବ।




# ସଂଘର୍ଷ କରି ହାରିଲା ଓଏଫ୍‌ସି

**ଇଣ୍ଡିଆନ୍ ସୁପର ଲିଗ୍**
**ଆଜାରେଙ୍କ ଡବଲ୍ ଗୋଲ୍**

ଭୁବନେଶ୍ୱର,୩।୧୧(ସରୋଜ ଜେନା)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ୩-୨ରେ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଆସାମର ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ପ୍ରଥମ ଆୱେ ବିଜୟ ସନ୍ଧାନରେ ଥିବା ଓଏଫ୍‌ସି ପ୍ରଥମାର୍ଦ୍ଧରେ ୨ଟି ଗୋଲ ବରଣ କରିଥିଲା। ନର୍ଥଇଷ୍ଟ ପକ୍ଷରୁ ଆଲାଦିନ୍ ଆଜାରେ (୧୨ ଓ ୪୦) ମିନିଟରେ ଡବଲ୍ ଗୋଲ ସ୍କୋର କରିଥିଲେ। ଗୁଇଲେର୍ମୋ ଫର୍ନାଣ୍ଡେଜ ୭୧ ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଅନ୍ୟପକ୍ଷରେ ଓଏଫ୍‌ସି ପକ୍ଷରୁ ହ୍ୟୁଗୋ ବ୍ୟୁମୋସ(୬୦) ଓ ଡିଏଗୋ ମରିସିଓ(୮୩) ମିନିଟରେ ଓଏଫ୍‌ସି ପକ୍ଷରୁ ଗୋଲ ସ୍କୋର କରିଥିଲେ।

ଉଭୟ ଦଳ ୪-୩-୨-୧ କମ୍ବିନେଶନରେ ଓହ୍ଲାଇଥିଲେ। ଓଏଫ୍‌ସି ମ୍ୟାଚ୍‌ର ୬୪ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଏପରି କି ଦଳର ୧୫ଟି ଶଟ୍ ଟାର୍ଗେଟରେ ରହିଥିଲେ ମଧ୍ୟ ଦଳ ବିଜୟୀ ହୋଇପାରି ନ ଥିଲା। ପୂର୍ବ ମ୍ୟାଚ୍‌ରେ ରେଡ୍‌କାର୍ଡ ପାଇ ଏହି ମ୍ୟାଚ୍‌ରେ ଖେଳୁ ନ ଥିବା ଅହମଦ୍ ଜାହୋହୋଙ୍କୁ ଓଏଫ୍‌ସି ମିସ୍ କରିଥିଲା। ମ୍ୟାଚ୍‌ର ୧୨ତମ ମିନିଟରେ ମରକ୍କୋର ଆଲାଦିନ୍ ଆଜାରେ ନର୍ଥଇଷ୍ଟ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଓଏଫ୍‌ସି ଡିଫେଣ୍ଡରଙ୍କ ସାମାନ୍ୟ ତ୍ରୁଟିର ଫାଇଦା ଉଠାଇ ସେ ଗୋଲ୍ ଦେଇଥିଲେ। ଯୁବ ଫରୱାର୍ଡ ଖେଳାଳି ପାର୍ଥିବ ଗୋଗୋଇ ଏହି ଗୋଲରେ ଆସିଷ୍ଟ କରିଥିଲେ। ୪୦ତମ ମିନିଟରେ ନର୍ଥଇଷ୍ଟ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ ଆଜାରେ। ମାଦାଥିଲ ସୁବ୍ରାନଙ୍କ ଆସିଷ୍ଟରେ ଡି ବାହାରୁ ଏକ ଶକ୍ତିଶାଳୀ ଶଟ୍‌ରେ ସେ ଓଏଫ୍‌ସି ଗୋଲକିପର ଅମରିନ୍ଦର ସିଂଙ୍କୁ ପରାସ୍ତ କରିଥିଲେ। ପ୍ରଥମାର୍ଦ୍ଧ ୦-୨ରେ ପଛୁଆ ରହିବା ପରେ ଓଏଫ୍‌ସି ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିବା ହ୍ୟୁଗୋ ବ୍ୟୁମୋସ୍ ଓଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ସାଭିଏର ଗାମାଙ୍କ ଆସିଷ୍ଟରେ ବ୍ୟୁମୋସ୍ ଗୋଲ ଦେଇଥିଲେ। ୭୧ ତମ ମିନିଟରେ ଆଲାଦିନ୍ ଆଜାରେଙ୍କ ଆସିଷ୍ଟରେ ଗୁଇଲେର୍ମୋ ଫର୍ନାଣ୍ଡେଜ ନର୍ଥଇଷ୍ଟ ପକ୍ଷରୁ ଆଉ ଏକ ଗୋଲ ଦେଇ ଦଳକୁ ୩-୧ରେ ଆଗୁଆ କରିଥିଲେ। ଓଏଫ୍‌ସି ଗୋଲ ପରିଶୋଧ ପାଇଁ ନିରନ୍ତର ପ୍ରୟାସ କରିବା ସହ ୮୩ତମ ମିନିଟରେ ଡିଏଗୋ ମରିସିଓ ଏକ ଗୋଲ ସ୍କୋର କରିଥିଲେ। ଫ୍ରି କିକ୍‌କୁ ମରିସିଓ ଗୋଲରେ ପରିଣତ କରିଥିଲେ। ଇଞ୍ଜୁରୀ ଟାଇମରେ ମ୍ୟାଚକୁ ସମାନ୍ତର କରିବା ପାଇଁ ଓଏଫ୍‌ସି ନିକଟରେ ସୁଯୋଗ ରହିଥିଲା। ତେବେ ହ୍ୟୁଗୋ ବ୍ୟୁମୋସଙ୍କ ଏକ ଶକ୍ତିଶାଳୀ ଶଟ୍‌କୁ ଅଟକାଇବାରେ ସକ୍ଷମ ହୋଇଥିଲେ ନର୍ଥଇଷ୍ଟ ଗୋଲ କିପର ଗୁରମିତ୍ ସିଂ। ଏହି ମ୍ୟାଚ୍‌ର ଫଳାଫଳ ସହିତ ନର୍ଥଇଷ୍ଟ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ନବମ ସ୍ଥାନକୁ ଖସି ଯାଇଛି।



ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ